# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୩୧/୨୦୨୧ (୧୬ ପୃଷ୍ଠା) | Bhubaneswar, Wednesday, March 31/2021 | ★★★★

୪୭ଶ ଭାଗ ୧୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଅକ୍ଷୟଙ୍କ ଖୁସି କହିଲେ ନ ସରେ**

ବଲିଉଡ୍ ଅଭିନେତା ଅକ୍ଷୟ କୁମାର ନିଜ ଆଗାମୀ ଚଳଚ୍ଚିତ୍ର 'ରାମ ସେତୁ'ର ଶୁଟିଂ ଆରମ୍ଭ କରିଛନ୍ତି। ଏଥିପାଇଁ ତାଙ୍କ ଖୁସି କହିଲେ ନ ସରେ।

୧୪

୧୬

**ଭାରତୀୟ ଦଳକୁ ଫେରିଲେ ମନପ୍ରୀତ**

ଆର୍ଜେଣ୍ଟିନା ବିପକ୍ଷ ଏଫ୍ଆଇଏଚ୍ ପ୍ରୋଲିଗ୍ ମ୍ୟାଚ ପାଇଁ ଭାରତୀୟ ହକି ଦଳକୁ ଅଧିନାୟକ ମନପ୍ରୀତ ସିଂ ପ୍ରତ୍ୟାବର୍ତ୍ତନ କରିଛନ୍ତି ।





# ଖୋଲିଲା ସୁଏଜ କେନାଲ

କାଇରୋ, ୩୦।୩

- ସପ୍ତାହେ ହେଲା ଫସିଥିଲା ବିଶାଳ ଜାହାଜ
- କାମ ସହଜ କଲା ପୂର୍ଣ୍ଣିମା ଜୁଆର
- ଟଳିଲା ବିଶ୍ୱ ପରିବହନ ସଙ୍କଟ

ଇଜିପ୍ଟର ୧୯୨ କିଲୋମିଟର ପରିବ୍ୟାପ୍ତ ସାମୁଦ୍ରିକ ପଥ ସୁଏଜ କେନାଲରେ ଗତ ୨୩ ତାରିଖରୁ ଫସି ରହିଥିବା ବିଶାଳ ମାଲବାହୀ ଜାହାଜ 'ଏଭର ଗିଭେନ୍'କୁ ସୋମବାର ସଫଳତାର ସହ ମୁକୁଳାଯାଇଛି। ଏସିଆ ଓ ୟୁରୋପକୁ ମାଲ ପରିବହନ କରୁଥିବା ଦୀର୍ଘ ୪ ଶହ ମିଟର ଲମ୍ବର ଏହି ଜାହାଜ ଏବେ ନିଜ ଗନ୍ତବ୍ୟସ୍ଥଳ ଅଭିମୁଖେ ବାହାରିଛି। ସୁଏଜ୍ କେନାଲ ପ୍ରାଧିକରଣ ଏବଂ ଡଚ୍ କମ୍ପାନୀ ବୋସ୍କାଲିସ୍ କର୍ମଚାରୀ ଫସିଥିବା ଜାହାଜକୁ ବାହାର କରିବାକୁ ଉଦ୍ୟମ ଜାରି ରଖିଥିଲେ। କ୍ରମାଗତ ୫ ଦିନ ଧରି କେନାଲ କୂଳରେ ଜେସିବି ମେସିନ, ଡୋଜର ଆଦି ଲଗାଯାଇ ଜାହାଜ ପାର୍ଶ୍ୱ ଏବଂ ତଳୁ ଲକ୍ଷ ଲକ୍ଷ ଟନ୍‌ର ବାଲି, ମାଟି ଖୋଳି ବାହାର କରାଯାଇଥିଲା। ତେବେ ଏହି ଉଦ୍ୟମକୁ ସହଜ କରିଥିଲା ସମୁଦ୍ର ଜୁଆର। ରବିବାର ପୂର୍ଣ୍ଣିମା ଥିବାବେଳେ ବଡ଼ ଜୁଆର ଆସିବା ପରେ ଜଳସ୍ତର ବଢ଼ିଯାଇଥିଲା। ଏଥିଯୋଗୁ ଫସିଥିବା ଜାହାଜ ଭାସି ଉଠିଥିଲା।
ଗତ ସପ୍ତାହରେ ଜାହାଜ ଏଭର ଗିଭେନ୍ ସୁଏଜ କେନାଲରେ ଫସିଯିବା ପରେ ବିଶ୍ୱ ପରିବହନ ☞ପୃଷ୍ଠା-୧୩

# ସ୍ଥିତି ଉଦ୍‌ବେଗଜନକ

## ଦେଶରେ ୨୪ ଘଣ୍ଟାରେ ୫୬,୨୧୧ ସଂକ୍ରମିତ

ନୂଆଦିଲ୍ଲୀ,୩୦।୩

କରୋନା ଭୂତାଣୁର ଦ୍ୱିତୀୟ ଲହର ଆସିବା ପରେ ଭାରତରେ ସ୍ଥିତି ଖରାପରୁ ଅତି ଖରାପ ଅବସ୍ଥାକୁ ଯିବାରେ ଲାଗିଛି। ବିଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୫୬,୨୧୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଫଳରେ ଭାରତରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧ କୋଟି ୨୦ ଲକ୍ଷ ଟପିଛି। ତେଣୁ ସାରା ଦେଶ ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ଏ ହା । ସ ହ ଅବହେଳା ନ କରି ସତର୍କ ରହିବାକୁ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। କୋଭିଡ୍ ସଂକ୍ରମଣରେ ଆମେରିକା ଓ ବ୍ରାଜିଲ ପରେ ଭାରତ ତୃତୀୟ ସ୍ଥାନରେ ରହିଛି। ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୨,୦୯୫,୮୫୫ ଥିବାବେଳେ ମୃତକଙ୍କ ସଂଖ୍ୟା ୧୬୨,୧୪୭ ଛୁଇଁଛି। ☞ପୃଷ୍ଠା-୧୩



## ଚିନ୍ତା ବଢ଼ାଇଲା ଛତିଶଗଡ଼

ଭୁବନେଶ୍ୱର, ୩୦।୩(ବ୍ୟୁରୋ)

ରାଜ୍ୟକୁ ପୁଣି ଲେଉଟାଣି ମାରିଛି କରୋନା। ବିଭିନ୍ନ ଜିଲାରେ ଏହା ପୁଣି ସକ୍ରିୟ ହୋଇପଡିଛି। ଗତ ସପ୍ତାହେ ହେଲାଣି ରାଜ୍ୟରେ ଦୁଇଶହ ଉପରେ ସଂକ୍ରମିତ ହେଉଛନ୍ତି। ଶେଷ ୨୪ ଘଣ୍ଟାରେ ୨୧୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ପଡୋଶୀ ଛତିଶଗଡ଼ ପାଇଁ ନୂଆପଡ଼ା ଜିଲାରେ ସଂକ୍ରମଣ ହୁହୁ ହୋଇ ବଢୁଥିବାରୁ ସରକାରଙ୍କ ଚିନ୍ତା ବଢ଼ିଛି। ତେଣୁ ନୂଆପଡ଼ାବାସୀଙ୍କୁ ଛତିଶଗଡ଼ ଯିବାକୁ ମନା କରାଯାଇଛି ବୋଲି ଜନସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି। ପଡ଼ୋଶୀ ରାଜ୍ୟରୁ ଓଡ଼ିଶାକୁ ସଂକ୍ରମଣ ବ୍ୟାପୁଛି।

- ନୂଆପଡ଼ା ଲୋକଙ୍କୁ ଛତିଶଗଡ଼ ମନା
- ବନ୍ଦ ହୋଇପାରେ ବସ୍ ସେବା
- ରାଜ୍ୟରେ ଆଉ ୨୧୮ ପଜିଟିଭ୍ ଚିହ୍ନଟ

ଏବେ ନୂଆପଡ଼ାରୁ ଛତିଶଗଡ଼କୁ ବସ୍ ସେବା ବନ୍ଦ ହୋଇପାରେ। ଛତିଶଗଡ଼ରେ ଏବେ ସଂକ୍ରମଣ ଅଧିକ ରହିଛି। ନୂଆପଡ଼ାର ଲୋକେ ମାର୍କେଟିଂ ଓ ବିଭିନ୍ନ କାର୍ଯ୍ୟରେ ଛତିଶଗଡ଼କୁ ଯାଇ ସଂକ୍ରମିତ ହୋଇ ଫେରୁଛନ୍ତି। ତେଣୁ ଲୋକଙ୍କୁ ସଚେତନ କରିବା ପାଇଁ ମାଇକ୍ ଯୋଗେ ପ୍ରଚାର କରାଯାଉଛି। ବସ୍ ଚଳାଚଳ ବନ୍ଦ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। ☞ପୃଷ୍ଠା-୧୩

## ଟିକା: ହାଇରିସ୍କ ଗ୍ରୁପ୍‌କୁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୩୦।୩(ବ୍ୟୁରୋ)

ରାଜ୍ୟରେ ଏପ୍ରିଲ ୧ରୁ ୪୫ ବର୍ଷରୁ ଅଧିକ ବୟସର ଲୋକଙ୍କୁ କୋଭିଡ୍ ଟିକା ପ୍ରଦାନ କରାଯିବ। ଏହି ଟିକାକରଣରେ ହାଇରିସ୍କ ଗ୍ରୁପ୍ ଯଥା ରାସ୍ତାକଡ଼ ଦୋକାନୀ, ମାଛ ଓ ମାଂସ ବିକ୍ରେତା, ଅଟୋ ଓ ବସ୍ ଡ୍ରାଇଭର, ସ୍କୁଲ ଓ କଲେଜ ଶିକ୍ଷକ, ସେଲୁନ କାରିଗର, ସିକ୍ୟୁରିଟି ଗାର୍ଡ, ରେଷ୍ଟୁରାଣ୍ଟ କର୍ମଚାରୀ, ମନ୍ଦିର, ଚର୍ଚ୍ଚ ଓ ମସଜିଦ୍ କର୍ମଚାରୀଙ୍କୁ ପ୍ରାଥମିକତା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ସେ କହିଛନ୍ତି, ପୂର୍ବରୁ ଦୈନିକ ୧ଲକ୍ଷ ଲୋକଙ୍କୁ ଟିକା ଦେବା ପାଇଁ ବ୍ୟବସ୍ଥା ଥିବାବେଳେ ଏପ୍ରିଲ ପହିଲାରୁ ରାଜ୍ୟବ୍ୟାପୀ ଦୈନିକ ☞ପୃଷ୍ଠା-୧୩

## ଆଜିଠୁ ଟିଟିପିଏସ୍ ବନ୍ଦ: ଏନ୍‌ଟିପିସି

ତାଳଚେର,୩୦।୩(ନି.ପ୍ର.)

ଏନ୍‌ଟିପିସି ପରିଚାଳନାଧୀନ ଅନୁଗୋଳ ଜିଲା ତାଳଚେର ଥର୍ମାଲ ପାୱାର ଷ୍ଟେଶନ(ଟିଟିପିଏସ୍)କୁ ନେଇ ଲାଗି ରହିଥିବା ନାନା କଳ୍ପନାଜଳ୍ପନାର ମଙ୍ଗଳବାର ଅନ୍ତଃ ଘଟାଇଛନ୍ତି ଏନ୍‌ଟିପିସି କର୍ତ୍ତୃପକ୍ଷ। ପୂର୍ବ ନିର୍ଦ୍ଧାରିତ ତାରିଖ ତଥା ଆସନ୍ତା ୩୧(ବୁଧବାର)ରୁ ୫୪ ବର୍ଷର ଏହି ପୁରୁଣା ତାପଜ ବିଦ୍ୟୁତ୍ କେନ୍ଦ୍ରର ୟୁନିଟ୍‌ଗୁଡ଼ିକୁ ବିଧିବଦ୍ଧ ଭାବେ ବନ୍ଦ କରାଯିବ ବୋଲି କମ୍ପାନୀ ନିଷ୍ପତ୍ତି ନେଇଛି। ଏ ନେଇ ଏନ୍‌ଟିପିସି ସେକ୍ରେଟାରୀ ନନ୍ଦିନୀ ସରକାର କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ଟିଟିପିଏସ୍ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଜଣାଇ ଦେଇଛନ୍ତି। ତେବେ ଟିଟିପିଏସ୍‌ରେ ଷ୍ଟେଜ-୩ ୟୁନିଟ୍ ସ୍ଥାପନ ସମ୍ପର୍କରେ ଏନ୍‌ଟିପିସି କର୍ତ୍ତୃପକ୍ଷ କିଛି ଉଲ୍ଲେଖ କରି ନ ଥିବା ସୂଚନା ମିଳିଛି। ☞ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

**ନୂତନ ନନ୍ଦିଗ୍ରାମ**

# ୪୪ ଡିଗ୍ରୀ ଡେଇଁଲା ତାତି

ଭୁବନେଶ୍ୱର, ୩୦।୩(ବ୍ୟୁରୋ)





ପ୍ରଚଣ୍ଡ ଖରା ତାତିରେ ଜଳୁଛି ସାରା ଓଡ଼ିଶା। ତତଲା ପବନ ଲୋକଙ୍କୁ କଲବଲ କରୁଥିବାବେଳେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ସକାଳ ୮ଟାରୁ ଟାଇଁ ଟାଇଁ ଖରା ଆରମ୍ଭ ହେଉଥିବାବେଳେ ପୂର୍ବାହ୍ନ ୧୧ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ତାତି ଅନୁଭୂତ ହେଉଛି। ମଙ୍ଗଳବାର ରାଜ୍ୟର ୧୬ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ସର୍ବାଧିକ ୪୪.୬ ଡିଗ୍ରୀ ସହ ବାରିପଦା ସବୁଠୁ ଉତ୍ତପ୍ତ ସହର ପାଲଟିଥିବାବେଳେ ତାଳଚେର ୪୨.୭, ବୌଦ୍ଧ ୪୨.୫, ବଲାଙ୍ଗୀର ୪୨.୨, ଟିଟିଲାଗଡ଼ ୪୨, ଅନୁଗୋଳ ୪୧.୯, ସୋନପୁର ୪୧.୮, ବାଲେଶ୍ୱର ୪୧.୪, କଟକ ୪୦.୫ ଓ ଭୁବନେଶ୍ୱରରେ ୩୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୨ ତାରିଖ ଯାଏ ସତର୍କ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ପଶ୍ଚିମ ଦିଗରୁ ବାୟୁମଣ୍ଡଳର ତଳ ଭାଗରେ ଓଡ଼ିଶା ମଧ୍ୟକୁ ପ୍ରବାହିତ ହେଉଥିବା ଶୁଷ୍କ ଓ ଗରମ ବାୟୁ ପ୍ରଭାବରୁ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ସମସ୍ତ ଜିଲା, ସଂଲଗ୍ନ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଓ ଉପକୂଳବର୍ତ୍ତୀ କେତେକ ଜିଲାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିବ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଦିନ ତାପମାତ୍ରା ୨ ଡିଗ୍ରୀ ଯାଏ ବୃଦ୍ଧି ହେବା ସମ୍ଭାବନା ରହିଛି। ଏହାର ୩ଦିନ ପରେ ୨ରୁ ୩ ଡିଗ୍ରୀ ଯାଏ ହ୍ରାସ ପାଇବା ଆଶଙ୍କା ରହିଛି। ତେବେ ଆଗାମୀ ୩ଦିନ ଯାଏ ରାଜ୍ୟରେ ସର୍ବୋଚ୍ଚ ଦିନ ତାପମାତ୍ରା ସ୍ୱାଭାବିକଠାରୁ ୪ରୁ ୬ଡିଗ୍ରୀ ଯାଏ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ତେଣୁ ୨ ତାରିଖ ଯାଏ ୨୦ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହି ଜିଲାଗୁଡ଼ିକ ହେଲା ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼, ବରଗଡ଼, ଅନୁଗୋଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନୟାଗଡ଼, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ ଓ ବାଲେଶ୍ୱର। ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ☞ପୃଷ୍ଠା-୧୩

**ପିପିଲି ଉପନିର୍ବାଚନ**

# ସରିଲା ନାମାଙ୍କନ

ପୁରୀ ଅଫିସ/ପିପିଲି(ସ୍ୱ.ପ୍ର.),୩୦।୩

- ବିଜେଡିରୁ ରୁଦ୍ର, କଂଗ୍ରେସରୁ ଅଜିତ
- ରଣାଙ୍ଗନରେ ୭ ଦଳୀୟ, ୮ ସ୍ୱାଧୀନ ପ୍ରାର୍ଥୀ

ପିପିଲି ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ମଙ୍ଗଳବାର ଶେଷ ହୋଇଛି। ଶେଷ ଦିନରେ ବିଜେଡି ଓ କଂଗ୍ରେସ ପ୍ରାର୍ଥୀଙ୍କ ସମେତ ୧୨ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥିସହିତ ସର୍ବମୋଟ ୧୫ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବିଜେଡିରୁ ରୁଦ୍ରପ୍ରସାଦ ମହାରଥୀ, କଂଗ୍ରେସରୁ ଅଜିତ ମଙ୍ଗରାଜ, ☞ପୃଷ୍ଠା-୧୩

ପିପିଲି ନିର୍ବାଚନ ପ୍ରଚାର।





# ଦଣ୍ଡ ପରିବର୍ତ୍ତେ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

କେନ୍ଦ୍ରାପଡ଼ା ଅଫିସ, ୩୦।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ରବିବାର 'ମନ୍ କି ବାତ୍'ରେ ଆପୱା (ଆକସନ ଫର ପ୍ରୋଟେକ୍ସନ ଅଫ୍ ୱାଇଲ୍ଡ ଆନିମଲସ୍) ସଂସ୍ଥାକୁ ପ୍ରଶଂସା କରିଥିଲେ। ଏହାର ନିର୍ଦ୍ଦେଶକ ବିଜୟ କବି କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବଡକୋଟଠାରେ ୨୫ ଏକର ଅଞ୍ଚଳରେ ହେନ୍ତାଳ ବଣ ସୃଷ୍ଟି କରିଥିବା ଉଦାହରଣ ଦେଇଥିଲେ। ସମୁଦ୍ର ତଟକ୍ଷୟକୁ ରୋକିବାରେ ହେନ୍ତାଳ ବଣ ସକ୍ଷମ ହେଉଥିବାରୁ ଏହି କାର୍ଯ୍ୟ ପାଇଁ ସାମାଜିକ କର୍ମୀମାନେ ଆଗେଇ ଆସିବା ଦରକାର ବୋଲି ପ୍ରଧାନମନ୍ତ୍ରୀ ମୋଦି ମତ ଦେଇଥିଲେ। ତେବେ ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରଶଂସା କେନ୍ଦ୍ରାପଡ଼ା ଜିଲାରେ ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଛି।



ଲକ୍ଷ୍ୟରୁ ନାହିଁ ୯୯ ପ୍ରତିଶତ ଗଛ

କେନ୍ଦ୍ରାପଡ଼ା ଅଫିସ, ୨୬।୩

ଭିତରକନିକାର ହେନ୍ତାଳବଣ

ଭିତରକନିକା ଭିତିରି ସମସ୍ୟା
- ବନୀକରଣ ପାଇଁ ଖର୍ଚ୍ଚ ହୋଇଛି ୧୦.୭୨ ଲକ୍ଷ
- କାଗଜପତ୍ରରେ ହୋଇଛି ବନୀକରଣ
- ତଦନ୍ତ ପାଇଁ ପ୍ରସ୍ତୁତ ହେଉଛନ୍ତି ବନବିଭାଗ

୧୦.୭୨ ଲକ୍ଷ ଟଙ୍କା ନେଇ ଏହି ସଂସ୍ଥା ଗଛ ଲଗାଇଥିବା କାଗଜପତ୍ରରେ ଦର୍ଶାଇଥିଲା। ୪ ଗାଁରେ ୯୯ ପ୍ରତିଶତରୁ ଅଧିକ ଗଛ ନ ଥିବା ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟରୁ ଜଣାପଡିଛି। ଏ ନେଇ ଗତ ୨୭ ତାରିଖରେ ଧରିତ୍ରୀରେ 'ଲକ୍ଷ୍ୟରୁ ନାହିଁ ୯୯ ପ୍ରତିଶତ ଗଛ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ସ୍ଥିତି ଏଭଳି ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ 'ମନ କି ବାତ୍'ରେ ସମ୍ପୃକ୍ତ ସଂସ୍ଥାକୁ ପ୍ରଶଂସା କରିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଏଥିସହ ବଡକୋଟରେ ୨୫ ଏକର ପରିବର୍ତ୍ତେ ୨ ଏକର ଜମିରେ ସ୍ଥାନୀୟ ଯୁବବର୍ଗଙ୍କ ଗଛ ଲଗା ଉଦ୍ୟମକୁ ଆପୱାର ନିର୍ଦ୍ଦେଶକ ବିଜୟ କବି ନିଜେ ବାହାବା ନେବା ନେଇ ଆଲୋଚନା ମଧ୍ୟ ହେଉଛି। ତେବେ ଏହି ସଂସ୍ଥାକୁ ଦଣ୍ଡ ପରିବର୍ତ୍ତେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଶଂସା ଠିକ୍ ଲାଗୁନାହିଁ ବୋଲି ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରଚାର ସହ ପରିବେଶବିତ୍ ଓ ବୁଦ୍ଧିଜୀବୀମାନେ ଏପରି ମତ ଦେଇଛନ୍ତି।
ବଡ଼କୋଟର ସୁଦର୍ଶନ ଦାଶ, ଉଦୟନାଥ ରାଉତ, ☞ପୃଷ୍ଠା-୧୩

# ଖାଇବା ତେଲ ମହଙ୍ଗା, ବଢୁଛି ଭେଜାଲ

## ଅପମିଶ୍ରଣକାରୀ-ସରକାର ସଲାସୁତରା: ବିରୋଧୀ

ଭୁବନେଶ୍ୱର,୩୦।୩(ବ୍ୟୁରୋ)



ତେଲ ଭେଜାଲ, ଘିଅ ଭେଜାଲ, ମସଲା ଭେଜାଲ, କୋଲ୍ଡଡ୍ରିଙ୍କ୍ସ ଭେଜାଲ। ଅପମିଶ୍ରଣକାରୀ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଭିତିରିଆ ସମ୍ପର୍କ ରହିଛି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଜଗତପୁରଠାରୁ ଆରମ୍ଭ କରି ଚନ୍ଦକା, ଜଟଣୀ ଶିଳ୍ପାଞ୍ଚଳରେ ହଜାର କୁଇଣ୍ଟାଲ ତେଲ ଭେଜାଲ ହେଉଛି। କାହାରିକୁ ଦଣ୍ଡବିଧାନ ନାହିଁ। ରାଜ୍ୟରେ ଖାଉଟି ସୁରକ୍ଷା ଫୋରମ ସ୍ଥାଣୁ ପାଲଟିଯାଇଛି। ସରକାର କିଛି ପଦକ୍ଷେପ ନେଉନାହାନ୍ତି। ରାଜ୍ୟରେ କଳାବଜାରୀ, ଭେଜାଲ ବଢ଼ିଚାଲିଛି। ତେଲ ଦର ବୃଦ୍ଧି, ଭେଜାଲ ଓ କଳାବଜାରୀକୁ ନେଇ କଂଗ୍ରେସ ସଦସ୍ୟ ନରସିଂହ ମିଶ୍ର ଓ ତାରା ପ୍ରସାଦ ବାହିନୀପତିଙ୍କ ଦ୍ୱାରା ଆଗତ ଖାଇବା ତେଲ.... ଜନତା ହନ୍ତସନ୍ତ' ☞ପୃଷ୍ଠା-୧୩

## କେନ୍ଦ୍ରୀୟ ଟିକସ ବଢ଼ାଇଛି ମୂଲ୍ୟ: ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର,୩୦।୩(ବ୍ୟୁରୋ)

ରାଜ୍ୟରେ ଖାଇବା ତେଲ ଦର ବୃଦ୍ଧି ପାଇଛି। ସୋରିଷ ତେଲ ମହଙ୍ଗା ହୋଇଛି। ଲୋକମାନେ ପାମ୍ ଅଏଲକୁ ବାଧ୍ୟ ହୋଇ ନେଉଛନ୍ତି। ଭାରତ ଏକ ମୁକ୍ତ ବଜାର ଅର୍ଥନୀତି। ଚାହିଦା ଓ ଯୋଗାଣ ଉପରେ ସାମଗ୍ରୀର ଦରଦାମ ନିର୍ଭର କରିଥାଏ। ଗତ ଦୁଇବର୍ଷ ହେବ ଦେଶରେ ଖାଇବା ତେଲ ଆମଦାନୀ କମିବାରେ ଲାଗିଛି। ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ସାଙ୍ଗକୁ ଖାଇବା ତେଲ ଉପରେ ଟିକସ ଓ ଜିଏସ୍‌ଟି ଲଗାଯିବା ଦ୍ୱାରା ଦର ବଢ଼ିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ☞ପୃଷ୍ଠା-୧୩



ଜମ୍ମୁ କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନଫରେନ୍ସ ନେତା ଫାରୁକ୍ ଅବଦୁଲ୍ଲା କରୋନାରେ ସଂକ୍ରମିତ ହୋଇଛନ୍ତି। ଏ ନେଇ ତାଙ୍କ ପୁଅ ଓମାର ଅବଦୁଲ୍ଲା ଟୁଇଟ କରି ସୂଚନା ଦେଇଛନ୍ତି। କୋଭିଡ୍ ଲକ୍ଷଣ ଦେଖାଯିବା ପରେ ତାଙ୍କର ଟେଷ୍ଟ ହୋଇଥିଲା ଏବଂ ରିପୋର୍ଟ ପଜିଟିଭ୍ ଆସିଥିଲା ବୋଲି ଓମାର କହିଛନ୍ତି। କିଛି ଦିନ ମଧ୍ୟରେ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ ନିଜର କରୋନା ଟେଷ୍ଟ କରାଇନେବାକୁ ସେ କହିଛନ୍ତି।

## ସଂକ୍ଷେପରେ

### ୬ ଶିଶୁ ଦଗ୍ଧ

ପାଟନା,୩୦।୩: ବିହାରର ଅରାରିଆ ଜିଲାରେ ଅଗ୍ନିକାଣ୍ଡ ଘଟି ୬ ଶିଶୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ପଲାସି ଥାନା ଅଧୀନ କରଓ୍ବାରି ଗ୍ରାମରେ ଚଷୁ ରଖାଯାଇଥିବା ଏକ ଘରେ ମଙ୍ଗଳବାର ନିଆଁ ଲାଗିଯାଇଥିଲା। ସେହି ସମୟରେ ଉକ୍ତ ଘର ପାଖରେ ୮ ଶିଶୁ ଖେଳୁଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣ ଦଗ୍ଧ ହୋଇଯାଇଥିବାବେଳେ ଅନ୍ୟ ୨ ଜଣଙ୍କ ପତ୍ତା ମିଳୁନାହିଁ। ନିଆଁ ଲାଗିବାବେଳେ ପରିବାର ଲୋକେ ଗହମ ଅମଳ କରିବାକୁ ବିଲକୁ ଯାଇଥିବାରୁ ଅଗ୍ନିକାଣ୍ଡ ସମ୍ପର୍କରେ କେହି ଜାଣିପାରି ନ ଥିଲେ। କେଉଁ କାରଣରୁ ନିଆଁ ଲାଗିଲା ତାହା ଅତ୍ୟାବଧି ଅସ୍ପଷ୍ଟ।

### ରାଷ୍ଟ୍ରପତିଙ୍କ ବାଇପାସ୍ ସର୍ଜରି ସଫଳ



ନୂଆଦିଲ୍ଲୀ, ୩୦।୩: ରାଷ୍ଟ୍ରପତି ରାମ ନାଥ କୋବିନ୍ଦ(୭୫)ଙ୍କ ବାଇପାସ୍ ସର୍ଜରି ମଙ୍ଗଳବାର ଦିଲ୍ଲୀସ୍ଥିତ ଏମ୍ସ ହସ୍ପିଟାଲରେ ହୋଇଛି। ସର୍ଜରି ସଫଳ ହୋଇଥିବା ଏବଂ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ରାଷ୍ଟ୍ରପତି ଭବନରୁ ଏକ ବିବୃତିରେ କୁହାଯାଇଛି। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଶୁକ୍ରବାର ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ଡାକ୍ତର ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ପରେ ବାଇପାସ୍ ସର୍ଜରି ପାଇଁ ପରାମର୍ଶ ଦେଇଥିଲେ। ନିକଟରେ ସେ କରୋନା ଟିକା ନେଇଥିଲେ।

### ଆତଙ୍କବାଦୀ ଆକ୍ରମଣ: ୩ ନିହତ

ଶ୍ରୀନଗର, ୩୦।୩: ଜମ୍ମୁ କଶ୍ମୀର ସୋପୁରଠାରେ ସୋମବାର ଆତଙ୍କବାଦୀଙ୍କ ଆକ୍ରମଣରେ ଦୁଇ କାଉନସିଲରଙ୍କ ସମେତ ଜଣେ ପୋଲିସ କର୍ମୀ ନିହତ ହୋଇଛନ୍ତି। ଟିଆର୍ଏଫ ସଙ୍ଗଠନ ଏହି ଘଟଣା ପାଇଁ ନିଜକୁ ଦାୟୀ କରିଛି। ମ୍ୟୁନିସିପାଲ ଅଫିସ୍‌ରେ ବ୍ଲକ ଉନ୍ନୟନ କାଉନସିଲ୍ ଚେୟାରମ୍ୟାନ ଫରିଦା ଖାନଙ୍କ ଅଧ୍ୟକ୍ଷତାରେ ବୈଠକ ବସିଥିବାବେଳେ ଆତଙ୍କବାଦୀମାନେ ଗୁଳି ଚଳାଇଥିଲେ। ଘଟଣାରେ ଜଣଙ୍କୁ ପୋଲିସ ଗିରଫ କରିଛି। ସୁରକ୍ଷାରେ ଅବହେଳା ପାଇଁ ୪ ସୁରକ୍ଷା କର୍ମୀଙ୍କୁ ନିଲମ୍ବନ ନିର୍ଦ୍ଦେଶ ଦିଆଯାଇଥିବା କଶ୍ମୀର ଆଇଜି ବିଜୟ୍ କୁମାର କହିଛନ୍ତି।

# ୱେବ୍‌ସାଇଟ ଖୋଲିଲେ ଟ୍ରମ୍ପ୍



ଆମେରିକା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ତାଙ୍କ ସ୍ତ୍ରୀ ମେଲାନିଆ ଟ୍ରମ୍ପ୍ ସୋମବାର ଏକ ନୂଆ ୱେବ୍‌ସାଇଟ୍ ଲଞ୍ଚ୍ କରିଛନ୍ତି। ଏହା ଆମେରିକାର ୪୫ତମ ରାଷ୍ଟ୍ରପତିଙ୍କ ଅଫିସିଆଲ ୱେବସାଇଟ୍ ବୋଲି ଟ୍ରମ୍ପ୍ ଘୋଷଣା କରିଛନ୍ତି। ଏହାର ନାଁ '୪୫ଅଫିସ୍‌ଡଟ୍‌କମ୍' ରହିଛି। ଏହି ସାଇଟ୍ ମାଧ୍ୟମରେ ସମର୍ଥକମାନେ ତାଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ତାଙ୍କୁ ଚିଠି ଲେଖିପାରିବେ ଏବଂ ବ୍ୟକ୍ତିଗତ ଅଭିବାଦନ ଜଣାଇପାରିବେ। ଜାନୁୟାରୀ ୬ରେ ଆମେରିକାର କ୍ୟାପିଟୋଲ ହିଂସା ପାଇଁ ଟ୍ରମ୍ପ୍‌ଙ୍କୁ ଦାୟୀ କରାଯିବା ସହ ତାଙ୍କ ଫେସ୍‌ବୁକ୍ ଓ ଟୁଇଟର ଆକାଉଣ୍ଟଙ୍କୁ ବ୍ୟାନ କରାଯାଇଥିଲା। ଏହା ପରେ ସେ ନିଜର ଏକ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଖୋଲିବେ ବୋଲି ଘୋଷଣା କରିଥିଲେ।

# ଚାପୁଡ଼ା ମାରି ବିବାଦରେ ବାବୁଲ ସୁପ୍ରିଓ



ପଶ୍ଚିମବଙ୍ଗର ଟୋଲିଗଞ୍ଜରୁ ନିର୍ବାଚନ ଲଢୁଥିବା ଭାଜପା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିଓ କୋଲକାତାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଜଣେ କାର୍ଯ୍ୟକର୍ତ୍ତାଙ୍କୁ ଚାପୁଡ଼ା ମାରିଥିବା ଅଭିଯୋଗ ଆସିଛି। ଏହାକୁ ନେଇ ନୂଆ ବିବାଦ ଆରମ୍ଭ ହୋଇଛି। ସୋମବାର ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରାଯାଇଛି। କର୍ମୀ ଜଣକ ତାଙ୍କୁ ଟିଭି କ୍ୟାମେରା ଆଗରେ ମତ ରଖିବା ପରିବର୍ତ୍ତେ କ୍ୟାମ୍ପେନିଂ ଜୋରଦାର କରିବାକୁ କହୁଥିବା ଶୁଣିବାକୁ ମିଳିଛି। ତେବେ ଅଭିଯୋଗକୁ ଖଣ୍ଡନ କରି ବାବୁଲ ସୁପ୍ରିଓ କହିଛନ୍ତି ସେ ସମ୍ପୃକ୍ତ କାର୍ଯ୍ୟକର୍ତ୍ତାଙ୍କୁ ମାଡ଼ ମାରିନାହାନ୍ତି, କେବଳ ଚାପୁଡ଼ା ମାରିବା ପାଇଁ ହାତ ଉଠାଇ ଇସାରା କରିଥିଲେ।

# ବିଜୟ ଆଶାରେ ବିଜୟନ




କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କୁ ଫସାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସୁନା ଚାଲାଣ ମାମଲାର ଷଡ଼ଯନ୍ତ୍ର ରଚିଛନ୍ତି। ଏହାସତ୍ତ୍ୱେ ବିଜୟନଙ୍କ ପ୍ରତି ସମ୍ପୂର୍ଣ୍ଣ ଆସ୍ଥା ରହିଛି ବୋଲି ତାଙ୍କ ସମର୍ଥକମାନେ କହିଛନ୍ତି।

ଥିରୁଭାନନ୍ତପୁରମ/ନୂଆଦିଲ୍ଲୀ,୩୦।୩

ପିନାରାୟୀ ହେଉଛି ଉତ୍ତର କେରଳର ନଡ଼ିଆଗଛ ପରିବେଷ୍ଟିତ ଏକ ଗ୍ରାମ, ଯାହା ୧୯୩୦ ଦଶକରୁ ବାମପନ୍ଥୀଙ୍କ ଗଡ଼ ରହିଆସିଛି। କନ୍ନୁର ଜିଲାର ଏହି ଗାଁ 'ମିନି ମସ୍କୋ' ନାମରେ ପରିଚିତ। ସେଠାରେ ବାମପନ୍ଥୀଙ୍କ ଛଡ଼ା ଅନ୍ୟ କୌଣସି ଦଳର ପୋଷ୍ଟର ପ୍ରାୟତଃ ଦେଖିବାକୁ ମିଳି ନ ଥାଏ। ଏହା ହେଉଛି ବିଜୟଓନ ନାମରେ ପରିଚିତ ୭୬ ବର୍ଷୀୟ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଏବଂ ସିପିଆଇଏମ୍‌ର ପ୍ରତିଷ୍ଠାତା ସଦସ୍ୟ ଏ.କେ. ଗୋପାଳନ୍‌ଙ୍କ ଭଳି ବାମପନ୍ଥୀ ନେତାଙ୍କ ଜନ୍ମସ୍ଥାନ। ମୁଖ୍ୟମନ୍ତ୍ରୀ ପୁଣିଥରେ କ୍ଷମତାକୁ ଫେରିବେ ବୋଲି ସ୍ଥାନୀୟ ଲୋକେ ଆଶାବାଦୀ। କେରଳବାସୀ ଏଲ୍‌ଡିଏଫ୍ ଏବଂ ୟୁଡିଏଫ୍‌କୁ ପାଳି କରି ସରକାର ଚଳାଇବାର ସୁଯୋଗ ଦେଉଥିଲେ ହେଁ ପୁଣି ବିଜୟୀ ହୋଇ ରେକର୍ଡ ସୃଷ୍ଟି କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ବିଜୟନ।

**କୋଭିଡ୍-୧୯ ଚ୍ୟାଲେଞ୍ଜ:** କେରଳ ବିଧାନସଭାର ୧୪୦ ଆସନ ପାଇଁ ଏପ୍ରିଲ ୬ରେ ନିର୍ବାଚନ ହେବ। ଦେଶରେ କରୋନା ଭାଇରସ୍‌ର ଦ୍ୱିତୀୟ ଲହର ଲାଗିରହିଥିବାବେଳେ ସର୍ବାଧିକ ସଂକ୍ରମିତ ୭ ରାଜ୍ୟ ମଧ୍ୟରୁ ଅନ୍ୟତମ କେରଳରେ ନିର୍ବାଚନ ପରିଚାଳନା ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି କୋଭିଡ୍-୧୯ ପ୍ରୋଟୋକଲକୁ କଡ଼ାକଡ଼ି କରାଯାଇଛି। ପୋଲିଂ ବୁଥ୍‌ରେ ରହିବାକୁ ଥିବା ଅଧିକାରୀମାନେ ମାସ୍କ, ଫେସ୍ ଶିଲ୍ଡସ୍ ଓ ଗ୍ଲୋଭ୍ ପିନ୍ଧିବା ସହ ସାନିଟାଇଜର ବ୍ୟବହାର କରିବେ ବୋଲି ଭାରତର ନିର୍ବାଚନ କମିଶନ (ଇସିଆଇ) ନିର୍ଦ୍ଦେଶ ଦେଇଛନ୍ତି।

**ଓପିନିୟନ୍ ପୋଲ:** କେରଳରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୭୧। ଏଠାରେ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ଏବଂ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍) ମଧ୍ୟରେ କଡ଼ା ଟକ୍କର ହେବାକୁ ଯାଉଛି। ଟାଇମ୍ସ ନାଓ-ସି ଭୋଟର ଅନୁସାରେ ଶାସକ ଏଲ୍‌ଡିଏଫ୍ କ୍ଷମତା ବଜାୟ ରଖିବ। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ନେତୃତ୍ୱାଧୀନ ବାମ ସାମ୍ମୁଖ୍ୟ ୨୦୧୬ରେ ଏଲ୍‌ଡିଏଫ୍‌କୁ ୯୧ ସିଟ୍‌ରେ ସଫଳତା ପାଇଥିବାବେଳେ ଏଥର ୭୭ ଆସନ ଦଖଲ କରିବାରେ ସକ୍ଷମ ହେବ। ସେହିପରି କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ୬୨ ଆସନ ଜିତିପାରେ। ଭାଜପା ପୂର୍ବ ଭଳି ମାତ୍ର ଗୋଟିଏ ଆସନରେ ସନ୍ତୁଷ୍ଟ ରହିବ ବୋଲି ଆକଳନ କରାଯାଇଛି।

**ଦଳ ଓ ମେଣ୍ଟ:** ପ୍ରାୟ ୪ ଦଶନ୍ଧି ଧରି କେରଳର ଭୋଟର ଏଲ୍‌ଡିଏଫ୍ ଏବଂ ୟୁଡିଏଫ୍‌କୁ ପାଳିକରି କ୍ଷମତା ବାଣ୍ଟିଛନ୍ତି। ରାଜ୍ୟରେ ବର୍ତ୍ତମାନ ଭାରତର ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ୍ ସରକାର ଚାଲିଛି। ଶାସକ ମେଣ୍ଟରେ ଭାରତର କମ୍ୟୁନିଷ୍ଟ ପାର୍ଟି (ସିପିଆଇ), କେରଳ କଂଗ୍ରେସ (ଏମ୍), ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି), ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍), ଇଣ୍ଡିଆନ୍ ନ୍ୟାଶନାଲ ଲିଗ୍ ଓ ଅନ୍ୟ କେତେକ ଆଞ୍ଚଳିକ ଦଳ ସାମିଲ ଅଛନ୍ତି।ଅନ୍ୟପକ୍ଷେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ୟୁଡିଏଫ୍‌ରେ ଇଣ୍ଡିଆନ୍ ୟୁନିୟନ୍ ମୁସ୍‌ଲିମ୍ ଲିଗ୍, କେରଳ କଂଗ୍ରେସ, ରିଭୋଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି, ଫରଓ୍ବାର୍ଡ ବ୍ଲକ୍ ଓ ଅନ୍ୟ କିଛି ଛୋଟ ଦଳ ରହିଛନ୍ତି। ୧୯୭୮ରେ କଂଗ୍ରେସ ନେତା କେ. କରୁଣାକରନ୍ ଏହି ସାମ୍ମୁଖ୍ୟ ପ୍ରତିଷ୍ଠା କରିଥିଲେ। ଇତିମଧ୍ୟରେ କେନ୍ଦ୍ରରେ କ୍ଷମତାସୀନ ଥିବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ରାଜ୍ୟରେ ନିଜ ସ୍ଥିତି ସୁଦୃଢ଼ କରିବା ଲାଗି କେତେକ ଦକ୍ଷିଣପନ୍ଥୀ ଦଳ ସହ ମେଣ୍ଟ କରିଛି। ଭାଜପା ନେତୃତ୍ୱାଧୀନ ଏହି ମେଣ୍ଟରେ ଭାରତ ଧର୍ମ ଜନ ସେନା ସମେତ କେତେକ ଛୋଟ ଦଳ ସାମିଲ ହୋଇଛନ୍ତି।

**ନେତାଙ୍କ ସମ୍ପର୍କୀୟଙ୍କୁ ଟିକେଟ:** ୨୦ରୁ ଅଧିକ ଆସନରେ ପୂର୍ବତନ ମନ୍ତ୍ରୀ ଓ ବିଧାୟକଙ୍କ ଝିଅପୁଅ ତଥା ସମ୍ପର୍କୀୟଙ୍କୁ ଏଲ୍‌ଡିଏଫ୍ ଅଥବା ୟୁଡିଏଫ୍‌ରୁ ଟିକେଟ ମିଳିଛି। ଡେମୋକ୍ରାଟିକ୍ ୟୁଥ୍ ଫେଡେରେଶନ୍ ଅଫ୍ ଇଣ୍ଡିଆ (ୟୁଡିଏଫ୍‌ଆଇ)ର ରାଷ୍ଟ୍ରୀୟ ଅଧ୍ୟକ୍ଷ ମହମ୍ମଦ ରିୟାସ ପ୍ରଥମ ଥର ପାଇଁ ଭାଗ୍ୟ ପରୀକ୍ଷା କରୁଛନ୍ତି। ରିୟାସ୍ ହେଉଛନ୍ତି ମୁଖ୍ୟମନ୍ତ୍ରୀ ପି. ବିଜୟନ୍‌ଙ୍କ ଜ୍ୱାଇଁ। ସେ ସିପିଆଇଏମ୍‌ର ସୁରକ୍ଷିତ ଆସନ ବେୟପୋରରୁ ଲଢୁଛନ୍ତି। ସେହିପରି ୩ ପୂର୍ବତନ ମନ୍ତ୍ରୀଙ୍କ ପୁଅଙ୍କୁ ମଧ୍ୟ ଟିକେଟ ମିଳିଛି। ସେମାନେ ହେଲେ ଇବ୍ରାହିମ୍ କୁଞ୍ଜୁଙ୍କ ପୁଅ ଅବ୍‌ଦୁଲ ଗଫର, କେ. ଅଚ୍ୟୁତନଙ୍କ ପୁଅ ସୁମେଶ କେ. ଅଚ୍ୟୁତନ ଏବଂ ଏନ୍. ବିଜୟନ୍‌ଙ୍କ ପୁଅ ଡ. ଭି. ସୁଜିତ।

> ଏଲ୍‌ଡିଏଫ୍ ସରକାର କେନ୍ଦ୍ରର ମୋଦି ସରକାରଙ୍କ ଭଳି ଏକ କର୍ପୋରେଟ୍ ଇସ୍ତାହାରକୁ ଅନୁସରଣ କରି ଠକେଇ ଓ ଦୁର୍ନୀତିର ପ୍ରତିନିଧିତ୍ୱ କରୁଛନ୍ତି। ବିଜୟନ୍‌ଙ୍କ ନେତୃତ୍ୱାଧୀନ ସରକାର କେରଳର ପ୍ରକୃତ ସୁନା (ରାଜ୍ୟବାସୀ)ଙ୍କୁ ଚିହ୍ନିବାରେ ବିଫଳ ହୋଇଛନ୍ତି।
>
> -ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ




କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କେରଳର କରୁଣାଗପଲ୍ଲୀରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରୁଛନ୍ତି।

> କିଛି ଖଣ୍ଡ ରୁପା ପାଇଁ ଭଗବାନ ଯୀଶୁଙ୍କ ସହ ତାଙ୍କ ଦୂତ ଜୁଦାସ୍ ଇସ୍କାରିଓଟ୍ ବିଶ୍ୱାସଘାତ କରିଥିଲେ। ଠିକ୍ ସେହିପରି ଏଲ୍‌ଡିଏଫ୍ ସରକାର କିଛି ସୁନା ପାଇଁ କେରଳବାସୀଙ୍କୁ ପ୍ରତାରଣା କରିଛନ୍ତି।
>
> -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



> ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍ ଯଦି ଗୋଲ୍ଡ ସ୍କାମ୍‌ରେ ଲିପ୍ତ ନୁହନ୍ତି, ତେବେ ତାଙ୍କ ପ୍ରଧାନ ସଚିବ କାହିଁକି ଇସ୍ତଫା ଦେଲେ ତା' ଉତ୍ତର ଦିଅନ୍ତୁ।
>
> -ଅମିତ୍ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ



> ବିଜୟନ୍ ବିନା ଇନ୍ଧନର କାର୍ ଚଳାଉଛନ୍ତି। କାର୍‌ରେ ତେଲ ଭରିବା ପାଇଁ ତାଙ୍କ ପାଖରେ ପାଣ୍ଠି ନାହିଁ। ରାଜ୍ୟର ଅର୍ଥନୀତି ତଳକୁ ଖସିବାରେ ଲାଗିଥିବାବେଳେ ଏଲ୍‌ଡିଏଫ୍ ସରକାର ଏହାକୁ ଉଦ୍ଧାର କରିବା ପରିବର୍ତ୍ତେ ତେଲ ନ ଥିବା କାର୍ ଚଳାଇବା କେତେ ଯୁକ୍ତିଯୁକ୍ତ ?
>
> -ରାହୁଲ ଗାନ୍ଧୀ, କଂଗ୍ରେସ ନେତା



# ମେହବୁବାଙ୍କ ପାସ୍‌ପୋର୍ଟ ଆବେଦନ ଖାରଜ

ଶ୍ରୀନଗର, ୩୦।୩



ଜମ୍ମୁ କଶ୍ମୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ଅଧ୍ୟକ୍ଷ ମେହବୁବା ମୁଫ୍‌ତିଙ୍କ ପାସପୋର୍ଟ ଆବେଦନକୁ ସ୍ଥାନୀୟ ହାଇକୋର୍ଟ ଖାରଜ କରିଦେଇଛନ୍ତି। ପାସ୍‌ପୋର୍ଟ ଅଥରିଟି ତାଙ୍କ ପାଇଁ ପାସ୍‌ପୋର୍ଟ ଜାରି କରିବାକୁ କୋର୍ଟ ନିର୍ଦ୍ଦେଶ ଦେବାକୁ ମେହବୁବା ଆବେଦନ କରିଥିଲେ। ପୋଲିସ ଭେରିଫିକେଶନ ରିପୋର୍ଟ ମେହବୁବାଙ୍କ ପାସପୋର୍ଟ ପ୍ରସ୍ତୁତ ବିରୋଧରେ ଯାଉଥିବାରୁ ଶ୍ରୀନଗର ଅଫିସ୍ ଏଥିପାଇଁ ମନା କରିଥିବା କୋର୍ଟ କହିଛନ୍ତି। ଏପରିସ୍ଥିତିରେ ତାଙ୍କ ପାଇଁ ପାସପୋର୍ଟ ଜାରି କରିବାକୁ କୌଣସି ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ବିଚାରପତି ଶୁଣାଣିରେ କହିଥିଲେ। ସମାନ କାରଣ ଯୋଗୁ ମେହବୁବାଙ୍କ ମା' ଗୁଲ୍‌ସନ୍ ନାଜିରଙ୍କ ପାସପୋର୍ଟ ଆବେଦନ ମଧ୍ୟ ଖାରଜ ହୋଇଛି।

ପାସପୋର୍ଟର ନବୀକରଣ ପାଇଁ ମେହବୁବା ଶ୍ରୀନଗରସ୍ଥିତ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ହେଲେ ପାସ୍‌ପୋର୍ଟ ଆକ୍ଟ ୧୯୬୭ ସେକ୍ସନ ୬(ସି) ଅନୁଯାୟୀ ଆବେଦନକାରୀ ଭାରତ ଛାଡ଼ିବା ଦେଶ ପାଇଁ କ୍ଷତିକାରକ ହୋଇପାରେ ଦର୍ଶାଇ କାର୍ଯ୍ୟାଳୟ ପକ୍ଷରୁ ତାଙ୍କ ପାସପୋର୍ଟ ପ୍ରସ୍ତୁତ କରିବାକୁ ମନା କରିଥିଲା। ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ପାସପୋର୍ଟ ମିଳିଲେ ତାହା ଦେଶ ପାଇଁ କିପରି କ୍ଷତିକାରଣ ସେ ନେଇ ମେହବୁବା ପ୍ରଶ୍ନ ଉଠାଇଥିଲେ। ଏହା ସହ ଜମ୍ମୁ-କଶ୍ମୀର ଅପରାଧ ତଦନ୍ତ ବିଭାଗର ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ପାସପୋର୍ଟ ପ୍ରଦାନ ବିରୋଧରେ ସୁପାରିସ କରିଥିବା ସମ୍ପର୍କିତ ଏକ ଚିଠି ସୋସିଆଲ ମିଡିଆରେ ମେହବୁବା ଶେୟାର କରିଥିଲେ।

# ନାବାଳିକା ପୀଡ଼ିତାଙ୍କୁ ଅଭିଯୁକ୍ତଙ୍କ ସହ ବାନ୍ଧି ପିଟିଲେ

ଆଲିରାଜପୁର,୩୦।୩

- ଗାଁରେ ବୁଲାଇଲେ: ୬ ଗିରଫ
- ରିପୋର୍ଟ ମାଗିଲେ ଏନ୍‌ସିପିସିଆର୍

ବଳାତ୍କାର ପୀଡ଼ିତା ନାବାଳିକାଙ୍କୁ ଅଭିଯୁକ୍ତଙ୍କ ସହ ଦଉଡ଼ିରେ ବାନ୍ଧି ପିଟିଲେ। ଦୁହିଁଙ୍କୁ ଗାଁରେ ବୁଲାଇଲେ। ପୀଡ଼ିତାଙ୍କ ପରିବାର ଓ ଗ୍ରାମବାସୀ ଏହି କାଣ୍ଡ ଭିଆଇବାବେଳେ ସ୍ଲୋଗାନ ଦେଉଥିଲେ, ଭାରତ ମାତା କୀ ଜୟ। ସଭ୍ୟ ସମାଜର ମୁଣ୍ଡ ତଳକୁ କରିଦେବା ଭଳି ଅଭାବନୀୟ ଘଟଣାଟି ଘଟିଛି ମଧ୍ୟପ୍ରଦେଶର ଆଲିରାଜପୁର ଜିଲାରେ। ଶିଶୁ ଅଧିକାର ସୁରକ୍ଷା ପାଇଁ ଜାତୀୟ କମିଶନ (ଏନ୍‌ସିପିସିଆର୍) ଏନେଇ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କୁ ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜୋବାଟ ଥାନା ଅଧୀନ ଏକ ଗ୍ରାମରେ ମାର୍ଚ୍ଚ ୨୮ରେ ୧୬ ବର୍ଷୀୟା ଝିଅଙ୍କୁ ଜଣେ ୨୧ ବର୍ଷୀୟ ଯୁବକ ବଳାତ୍କାର କରିଥିଲେ। ନାବାଳିକାଙ୍କ ପରିବାର ଲୋକଙ୍କ ସହ ମିଶି ଗ୍ରାମବାସୀ ଉଭୟଙ୍କୁ ରଶିରେ ବାନ୍ଧି ମାଡ଼ ମାରିଥିଲେ। ଏହାସହ ଗାଁରେ ପରେଡ୍ କରାଇବା ବେଳର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ପୋକ୍ସୋ ଆଇନ ବଳରେ ମାମଲା ରୁଜୁ କରିଛି। ପୀଡ଼ିତାଙ୍କ ପରିବାର ଲୋକଙ୍କ ସମେତ ୫ ଜଣ ଗିରଫ ହୋଇଛନ୍ତି।

# ବାଂଲାଦେଶରେ ମନ୍ଦିରକୁ ଟାର୍ଗେଟ

## ମୋଦିଙ୍କ ଗସ୍ତ ପରେ ହିଂସା

କକ୍ସ ବଜାର, ୩୦।୩

ବାଂଲାଦେଶ ସ୍ୱାଧୀନତାକୁ ୫୦ ବର୍ଷ ପୂର୍ତ୍ତି ଅବସରରେ ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତକୁ କେତେକ ଇସ୍‌ଲାମିକ୍ ଗୋଷ୍ଠୀ ପକ୍ଷରୁ ବିରୋଧ କରାଯାଇଥିଲା। ଏହାକୁ କେନ୍ଦ୍ର କରି ସେଠାରେ ହିଂସା ଜାରି ରହିଛି। ତେବେ ରବିବାର ଆକ୍ରମଣକାରୀ ଉଗ୍ର ହୋଇଉଠିଥିଲେ। ଚରମପନ୍ଥୀ ଇସ୍‌ଲାମିଷ୍ଟ ଗୋଷ୍ଠୀର ହଜାର ହଜାର ସଦସ୍ୟ ରାସ୍ତାକୁ ଓହ୍ଲାଇଥିଲେ। ଏକାଧିକ ହିନ୍ଦୁ ମନ୍ଦିର ଏବଂ ଏକ ଟ୍ରେନ୍‌କୁ ଆକ୍ରମଣ କରାଯାଇଥିଲା। ପୋଲିସ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ ସହ ଗୁଳିଚାଳନା କରିଥିଲା। ସେହି ସମୟରେ ଜଣେ ୧୯ ବର୍ଷୀୟ ଯୁବକଙ୍କ ସମେତ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଏହାସହ ଅନେକେ ଆହତ ହୋଇଛନ୍ତି। ହିଂସାକାଣ୍ଡରେ ଶୁକ୍ରବାର ୫, ଶନିବାର ୬ ବିକ୍ଷୋଭକାରୀ ନିହତ ହୋଇଥିଲେ।



# ନନ୍ଦିଗ୍ରାମ ପ୍ରଚାର ଥମିଲା

## ପଶ୍ଚିମବଙ୍ଗର ୩୦, ଆସାମର ୩୯ ଆସନରେ ଗୁରୁବାର ଭୋଟ



ଅଭିନେତାରୁ ନେତା ପାଲଟିଥିବା ମିଥୁନ ଚକ୍ରବର୍ତ୍ତୀ ନନ୍ଦିଗ୍ରାମର ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ ପାଇଁ ହେଲିକପ୍ଟରରେ ପ୍ରଚାର କରୁଛନ୍ତି।

କୋଲକାତା/ଗୁଆହାଟୀ,୩୦।୩

ପଶ୍ଚିମବଙ୍ଗର ୩୦ ଓ ଆସାମର ୩୯ ଆସନ ପାଇଁ ଗୁରୁବାର ଭୋଟ ଗ୍ରହଣ କରାଯିବ। ଏଥିଲାଗି ମଙ୍ଗଳବାର ହାଇଭୋଲ୍ଟେଜ ପ୍ରଚାର ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ସବୁଠୁ ହଟ୍‌ସିଟ୍ ଭାବେ ପରିଚିତ ନନ୍ଦିଗ୍ରାମ ଆସନ ଉପରେ ସମସ୍ତଙ୍କ ନଜର ରହିଛି। କାରଣ ଏହି ହାଇପ୍ରୋଫାଇଲ ଆସନରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ବାନାର୍ଜୀଙ୍କୁ କଡ଼ା ଟକ୍କର ଦେଉଛନ୍ତି ତାଙ୍କର ପୂର୍ବତନ ସେନାପତି ତଥା ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ। ଦ୍ୱିତୀୟ ପର୍ଯ୍ୟାୟରେ ପଶ୍ଚିମବଙ୍ଗସ୍ଥିତ ବାଙ୍କୁରା, ପୂର୍ବ ମେଦିନୀପୁର, ପଶ୍ଚିମ ମେଦିନୀପୁରର (ଦ୍ୱିତୀୟ ଭାଗ) ଏବଂ ଦକ୍ଷିଣ ୨୪ ପ୍ରଗଣା (ପ୍ରଥମ ଭାଗ)ର ୩୦ ଆସନ ଲାଗି ୧୦,୬୨୦ ପୋଲିଂ ବୁଥ୍‌ରେ ଗୁରୁବାର ମତଦାନ ହେବ। ମଇଦାନରେ ଥିବା ୧୭୧ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୭୫,୯୪,୫୪୯ ଭୋଟର। ଏଥିପାଇଁ ୬୫୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ମୁତୟନ ହୋଇଛନ୍ତି। ମଙ୍ଗଳବାର ପ୍ରଚାର ଶେଷ ଦିନରେ ପୂର୍ବ ମେଦିନୀପୁର ଜିଲା ନନ୍ଦିଗ୍ରାମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ହରାଇବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରୋଡ୍‌ଶୋ କରିଛନ୍ତି। ଶୁଭେନ୍ଦୁଙ୍କ ପାଇଁ ଶାହାଙ୍କ ସହ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ମଧ୍ୟ ନନ୍ଦିଗ୍ରାମରେ ପ୍ରଚାର କରିଛନ୍ତି। ମମତା ହୁଇଲ୍ ଚେୟାରରେ ବସି ଅନେକ ସ୍ଥାନରେ ରାଲି କରିଛନ୍ତି। ଏକଦା ବାମପନ୍ଥୀଙ୍କ ଗଡ଼ ରୂପେ ପରିଚିତ ଏହି ଆସନରେ ସିପିଆଇଏମ୍‌ରୁ ମୀନାକ୍ଷୀ ମୁଖାର୍ଜୀ ନିର୍ବାଚନ ଲଢୁଛନ୍ତି।

ସେହିପରି ଏପ୍ରିଲ ୧ରେ ଆସାମର ୩୯ ଆସନରେ ୨୬ ମହିଳାଙ୍କ ସମେତ ୩୪୫ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ଏହି ପର୍ଯ୍ୟାୟରେ ୭୩,୪୪,୬୩୧ ଭୋଟର ମତଦାନ କରିବେ। ସେମାନଙ୍କ ମଧ୍ୟରୁ ୩୭,୩୪,୫୩୭ ପୁରୁଷ, ୩୬,୦୯,୯୫୯ ମହିଳା ଓ ୧୩୫ କିନ୍ନର। ମଙ୍ଗଳବାର ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ, ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋଓ୍ବାଲ ଓ ମୁଖ୍ୟମନ୍ତ୍ରୀ ପଦବୀ ପାଇଁ ପ୍ରବଳ ଦାବିଦାର କୁହାଯାଉଥିବା ହିମନ୍ତ ବିଶ୍ୱଶର୍ମା ପ୍ରଚାର କରିଛନ୍ତି।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ହୁଇଲ ଚେୟାରରେ ବସି ନନ୍ଦିଗ୍ରାମରେ ପ୍ରଚାର କରୁଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୮୫,୧୩,୫୭୭ | ୨୮,୦୮,୬୮୨ | ୧୦,୩୬,୬୬,୪୦୧ |
| ଭାରତ | ୧,୨୧,୪୩,୯୫୫ | ୧,୬୨,୪୫୪ | ୧,୧୪,୩୦,୩୧୯ |
| ଓଡ଼ିଶା | ୩,୪୦,୪୨୦ | ୧୯୨୧(+୫୩) | ୩,୩୬,୯୩୦ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଚଳଚ୍ଚିତ୍ର ନିର୍ଦ୍ଦେଶକ ଜଲାଲ ଆଦେନୀଙ୍କ ପରଲୋକ

**କଟକ ଅଫିସ, ୩୦।୩**

ଚଳଚ୍ଚିତ୍ର ନିର୍ଦ୍ଦେଶକ ଇଂ. ଜଲାଲ ଆଦେନୀଙ୍କ ପରଲୋକ ଘଟିଛି। ତାଙ୍କୁ ୮୫ ବର୍ଷ ହୋଇଥିଲା। କିଛିଦିନ ପୂର୍ବେ ଏକ ଘରୋଇ ନର୍ସିଂହୋମ୍‌ରେ ତାଙ୍କର ପ୍ରୋଷ୍ଟେଟ୍ ଅପରେଶନ ହୋଇଥିଲା। ପରେ ସେ ସୁସ୍ଥ ହୋଇ ଘରକୁ ଆସିଥିଲେ। ଗତ ରବିବାର ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଭୋର ୪ଟାରେ ତାଙ୍କର ପରଲୋକ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ଝିଅ ଓ ପୁଅଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ପରେ କେଶରପୁରସ୍ଥିତ କବରୀସ୍ଥାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି। ୧୯୩୬ ଜୁନ୍ ୨୩ରେ ଗଞ୍ଜାମ ଜିଲା ଭଞ୍ଜନଗରଠାରେ ଆଦେନୀ ଜନ୍ମଗ୍ରହଣ କରିଥିଲେ। ୧୯୭୭ରେ ପ୍ରଥମେ ସେ ନିଜର ଏକ ଚଳଚ୍ଚିତ୍ର 'ଅନୁତାପ' ନିର୍ମାଣ କରିଥିଲେ। ଏହି ଚଳଚ୍ଚିତ୍ରରେ ସେ ନିର୍ଦ୍ଦେଶନା ଦେବା ସହ ଅଭିନୟ କରିଥିଲେ। ପରେ 'ହୀରାମୋତି ମାଣିକ', 'ପୂଜାରିଣୀ' ଚଳଚ୍ଚିତ୍ର ନିର୍ମାଣ କରିଥିଲେ। 'ନିଦଭରା ରାତି ମଧୁଝରା ଜହ୍ନ', 'ନୂପୁର କାହିଁକି ମୁଁ ବାନ୍ଧିଲି', 'ମୁଁ ତୁମକୁ ଭଲ ପାଏ ଲୁଚିଲୁଚିକା', 'ଆଜିବି ମନେ ଅଛି ଟିକେ ଟିକେ କଥା', 'ଆଖି ଯେବେ କଥା କହେ' ଭଳି ବହୁ ଲୋକପ୍ରିୟ ଗୀତ ସେ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ୧୯୮୨ରେ 'ଜମାନା କିୟା କହେଗା', ୧୯୯୨ରେ 'ହାମ୍‌ନେ ପ୍ୟାର କିୟା', ୧୯୯୪ରେ 'ପ୍ରେମ ଉପହାର' ଓ 'ପ୍ରେମ କୁମାର' ପରି ବଲିଉଡ୍ ଚଳଚ୍ଚିତ୍ରରେ ସେ ନିର୍ଦ୍ଦେଶନା ଦେଇଥିଲେ। ଏହାପରେ ସେ ପୁନର୍ବାର ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଫେରି ଆସି ଅନେକ ଗୀତ ଲେଖିବା ସହ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରିଥିଲେ। ଏଥିସହ ସେ ଜଣେ ସାମାଜିକ କର୍ମୀ ଥିଲେ। ତାଙ୍କର ଗୋଟିଏ ଝିଅ କଣ୍ଠଶିଳ୍ପୀ ଓ ପୁଅ ତବଲା ବାଦକ ଭାବେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ କାର୍ଯ୍ୟରତ ଅଛନ୍ତି।



ଇଂ. ଜଲାଲ ଆଦେନୀ

# ବନ୍ୟା ବିପନ୍ନଙ୍କ ଚୁଡ଼ା ପୋଡ଼ାଗଲା

**ବରୀ,୩୦।୩(ଡି.ଏନ.ଏ.)**

ଯାଜପୁର ଜିଲାର ବରୀ ବ୍ଲକ ଏକ ବନ୍ୟା ବାତ୍ୟା ପ୍ରଭାବିତ ଅଞ୍ଚଳ। ବିଭିନ୍ନ ସମୟରେ ଏଠି ପ୍ରାକୃତିକ ବିପର୍ଯ୍ୟୟ ଆସି ଲୋକଙ୍କର କ୍ଷତି କରିଥାଏ। ସେହି ଅନୁସାରେ ସରକାରଙ୍କ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଚୁଡ଼ାଗୁଡ଼ ମହଜୁଦ ରଖାଯାଇଥାଏ। ବନ୍ୟାବାତ୍ୟା ସମୟରେ ଏସବୁ ଲୋକଙ୍କୁ ବଣ୍ଟନ କରାଯାଏ। ତେବେ ପ୍ରଶାସନିକ ଅଧିକାରୀଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ ବିପନ୍ନଙ୍କ ପାଇଁ ବରୀ ବ୍ଲକ ଅଞ୍ଚଳକୁ ଆସିଥିବା ୨୦ କୁଇଣ୍ଟାଲ ଚୁଡ଼ାକୁ ଶେଷରେ ପୋଡ଼ି ଦିଆଯାଇଛି। ୨୯ ତାରିଖ (ସୋମବାର)ସରକାରୀ ଛୁଟିଦିନରେ ବରୀ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଚୁଡ଼ାକୁ ଗୋଦାମରୁ କଢ଼ାଯାଇ ନିଆଁ ଲଗାଇ ଦିଆଯାଇଛି। ଫଳରେ ଏହାକୁ ନେଇ ସାଧାରଣରେ ନାନା ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶ୍ନ ଉଠେ ବନ୍ୟା ପ୍ରଭାବିତ ଲୋକେ ନିରାଶ୍ରୟ ହୋଇ ଛାତ ଉପରେ, ନଦୀ ବନ୍ଧରେ ଭୋକ ଉପାସରେ ଦିନ କାଟୁଥିବା ବେଳେ ଏତେ ଚୁଡା ଗଚ୍ଛିତ ରଖାଯାଇଥିଲା କାହିଁକି। ବ୍ଲକର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସ୍ୱଚ୍ଛତା ବଜାଇ ରଖିବା କ୍ଷେତ୍ରରେ ଗୁରୁତ୍ୱ ଦେଉଥିବା ବିଡିଓ କିପରି କୌଣସି ଲୋକ ପ୍ରତିନିଧିଙ୍କୁ ସୂଚନା ନ ଦେଇ ଏଭଳି କାର୍ଯ୍ୟ କଲେ ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଶିବାନନ୍ଦ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ଚୁଡ଼ା ୨୦୧୧ରୁ ଗଚ୍ଛିତ ଥିଲା। ତେବେ ଏହା ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିବାରୁ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଜିଲାପାଳ ଏହାକୁ ନଷ୍ଟ କରିଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ଚୁଡ଼ାବସ୍ତାଗୁଡ଼ିକୁ ପୋଡ଼ିଦିଆଯାଇଛି ବୋଲି ବିଡିଓ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଘଟଣାକୁ ନେଇ ବରୀ ଭାଜପା ପ୍ରତିକ୍ରିୟାଶୀଳ ହୋଇଛି। ଦଳ ପକ୍ଷରୁ ମଙ୍ଗଳବାର ବିଶ୍ୱରଞ୍ଜନ ମଲ୍ଲିକ ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଏହା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ତେଣୁ ସରକାରଙ୍କ ତରଫରୁ ଦିଆଯାଇଥିବା ଏହି ସାହାଯ୍ୟର ଦୁରୁପଯୋଗ କରିଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ୧୦ଦିନ ମଧ୍ୟରେ ଜିଲାପାଳ ଏ ଦିଗରେ ତଦନ୍ତ କରି ଯଦି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ବରୀ ଭାଜପା ରାଜରାସ୍ତାକୁ ଓହ୍ଲାଇବ ବୋଲି ମଲ୍ଲିକ ଚେତାବନୀ ଦେଇଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ବରୀ ବ୍ଲକ ଅଧ୍ୟକ୍ଷା ସୁବାସିନୀ ଶର୍ମା, ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ପୋଡ଼ା ଯାଉଥିବା ଚୁଡ଼ା।

# ଆନ୍ଧ୍ରର ଅନୁପ୍ରବେଶ ରୋକିପାରୁନି ଓଡ଼ିଶା

## ତଳଗଞ୍ଜେଇପଦରରେ ଆନ୍ଧ୍ର କଲା ଗ୍ରାମସଭା

**ପଟ୍ଟାଙ୍ଗୀ,୩୦।୩(ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ କୋଟିଆ ପଞ୍ଚାୟତରେ ଆନ୍ଧ୍ରର ଅନୁପ୍ରବେଶ ଜାରି ରହିଛି। ଏ ଦିଗରେ ଓଡ଼ିଶା ଜିଲା ପ୍ରଶାସନ ରୋକେ ଲଗାଇବାକୁ ବିଫଳ ହେଉଥିବାରୁ ଆନ୍ଧ୍ର ଫାଇଦା ଉଠାଉଛି। କୋଟିଆ ପଞ୍ଚାୟତର ତିନି ଗ୍ରାମ ଯଥା ତଳଗଞ୍ଜେଇପଦର, ଫଗୁଣ ସିନେରି ଓ ଫାଟୁସିନେରି ଗ୍ରାମକୁ ନିଜ ପଞ୍ଚାୟତ ଭାବେ ନାମିତ କରି ସରକାରୀ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇ କିପରି କୋଟିଆ ପଞ୍ଚାୟତକୁ ସମ୍ପୂର୍ଣ୍ଣ ନିଜ ଅଧୀନରେ ଆନ୍ଧ୍ର ରଖିପାରିବ ସେନେଇ ସମୟରେ ଯୋଜନା ପ୍ରସ୍ତୁତ କରିଆସୁଛି। ସୋମବାର ବିଜୟନଗରମ ଜିଲାର ସାଲୁର ବ୍ଲକ କାର୍ଯ୍ୟାଳୟର ଭିଆର୍‌ଓ ଗୁମ୍ମେଶ୍ୱର ରାଓ ତଳ ଗଞ୍ଜେଇପଦର ପଞ୍ଚାୟତର ସେକ୍ରେଟାରି ସୁରି ନାରାୟଣ ଏବଂ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ଆସିଷ୍ଟାଣ୍ଟ ଶ୍ରୀନୁ ପ୍ରମୁଖ ତଳ ଗଞ୍ଜେଇପଦର ଗ୍ରାମରେ ପହଞ୍ଚି ଏକ ଗ୍ରାମସଭା କରି ଆନ୍ଧ୍ର ସରକାରଙ୍କ ସେମାନଙ୍କ ପ୍ରତି କାର୍ଯ୍ୟକାରୀ ହେଉଥିବା ସମସ୍ତ ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଏହି ସମୟରେ ଆନ୍ଧ୍ର ପକ୍ଷରୁ ନିକଟରେ ଶେଷ ହୋଇଥିବା ତଳ ଗଞ୍ଜେଇପଦର ପଞ୍ଚାୟତ ନବ ନିର୍ବାଚିତ ସରପଞ୍ଚ ଗେମେଲ ଦିବାକର ମୁଖ୍ୟ ଅତିଥି ଭାବେ ରହି ୫୩ ଜଣଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ । ଏହାକୁ ଗେମେଲ ବିଶ୍ୱ ଏବଂ ଗେମେଲ ଦାସୁ ପରିଚାଳନା କରିଥିଲେ।



ଆନ୍ଧ୍ର ପକ୍ଷରୁ ତଳଗଞ୍ଜେଇପଦରରେ ଚାଲିଥିବା ଗ୍ରାମସଭା।

# ଗର୍ଭବତୀଙ୍କୁ ୩ କି.ମି. ଚଲାଇ ଥାନା ଅଧିକାରିଣୀ ନିଲମ୍ବିତ





ଥାନା ସମ୍ମୁଖରେ ବିକ୍ରମ ଓ ତାଙ୍କ ସ୍ତ୍ରୀ ଗୁରୁବାରୀ। ଶରତ ଥାନା ଅଧିକାରିଣୀ ରୀନା ବକ୍ସଲ।

- ପୋଲିସ ଭୁଲିଗଲା ମାନବିକତା
- ବଦଳିଲେ ୨ କନ୍‌ଷ୍ଟେବଲ

**ବାରିପଦା ଅଫିସ/ଉଦଳା, ୩୦।୩(ଡି.ଏନ.ଏ.)**

ହେଲ୍‌ମେଟ ଚେକିଂ ବେଳେ ଜଣେ ଗର୍ଭବତୀଙ୍କ ପ୍ରତି ସମବେଦନା ବଦଳରେ ଦବଙ୍ଗଗିରି ଦେଖାଇବା ମୟୂରଭଞ୍ଜ ଜିଲା ଶରତ ଥାନା ଅଧିକାରିଣୀ ରୀନା ବକ୍ସଲଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ତାଙ୍କୁ ନିଲମ୍ବିତ କରିଥିବା ବେଳେ ଉକ୍ତ ଥାନାର ଦୁଇ କନ୍‌ଷ୍ଟେବଲ ସିଲୁ ମଲ୍ଲିକ ଏବଂ ରାଜଲକ୍ଷ୍ମୀ ଲେଙ୍କାଙ୍କୁ ଅନ୍ୟତ୍ର ବଦଳି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ୨୮ ତାରିଖରେ ଶରତ ଥାନା ଅଧୀନ ବେଗୁନିଆ ଛକରେ ପୋଲିସ ପକ୍ଷରୁ ଗାଡ଼ି ଚେକିଂ ହେଉଥିଲା। ଏହି ସମୟରେ ନଟୋ ପଞ୍ଚାୟତ ମାତକମ ସାହିର ବିକ୍ରମ ବିରୁଲି ବାଇକ୍‌ରେ ତାଙ୍କ ୮ ମାସର ଗର୍ଭବତୀ ସ୍ତ୍ରୀ ଗୁରୁବାରୀଙ୍କୁ ନେଇ ଉଦଳା ଡାକ୍ତରଖାନା ଯାଉଥିଲେ। ଉଭୟ ସ୍ତ୍ରୀ, ସ୍ୱାମୀ ମାସ୍କ ପିନ୍ଧିଥିବା ବେଳେ ବିକ୍ରମ ହେଲ୍‌ମେଟ ପିନ୍ଧିଥିଲେ। ମାତ୍ର ଗୁରୁବାରୀ ହେଲ୍‌ମେଟ ପିନ୍ଧି ନ ଥିବାରୁ ସେମାନେ ଚେକିଂ ବେଳେ ପୋଲିସ ରୋଷର ଶିକାର ହୋଇଥିଲେ। ପୋଲିସ ଫାଇନ୍ କାଟିଥିଲା। ଫାଇନ୍ ଦେବା ପାଇଁ ବିକ୍ରମଙ୍କ ପାଖରେ ଟଙ୍କା ନ ଥିଲା । ତେଣୁ ସେ ଅନ୍‌ଲାଇନରେ ପୈଠ କରିବେ ବୋଲି କହିଥିଲେ ମଧ୍ୟ ପୋଲିସ କିଛି ଶୁଣି ନ ଥିଲା। ଏନେଇ ଯୁକ୍ତିତର୍କ ହେବାରୁ ବିକ୍ରମଙ୍କୁ ଜିପ୍‌ରେ ବସାଇ ଥାନାକୁ ନିଆଯାଇଥିଲା। ସ୍ତ୍ରୀ ଗର୍ଭବତୀ ଥିବାରୁ ତାଙ୍କୁ ସାଙ୍ଗରେ ନେବା ପାଇଁ ଯେତେ ଅନୁରୋଧ କଲେ ମଧ୍ୟ ପୋଲିସ ବିକ୍ରମଙ୍କୁ ଅଭିଯୁକ୍ତଙ୍କ ଭଳି ଥାନାକୁ ଉଠାଇ ନେଇଥିଲା। ଥାନାରେ ସେ ୩ ଘଣ୍ଟା ଅଟକ ରହିଥିଲେ। ଅନ୍ୟପକ୍ଷେ ସ୍ୱାମୀଙ୍କୁ ଖୋଜିଖୋଜି ଗୁରୁବାରୀ ପ୍ରଚଣ୍ଡ ଖରାରେ ୩ କି.ମି ଚାଲିଚାଲି ଥାନାରେ ପହଞ୍ଚିଥିଲେ। ସେତେବେଳକୁ ସେ ଅସୁସ୍ଥ ହୋଇ ପଡ଼ିବା ସହ ତାଙ୍କ ପାଦ ଫୁଲି ଯାଇଥିଲା। ପରିବାର ଲୋକଙ୍କ ସହାୟତାରେ ବିକ୍ରମ ଥାନାରୁ ମୁକୁଳିବା ପରେ ଉଦଳା ଆସି ଏସ୍‌ଡିପିଓ କେଦାରନାଥ ସାହୁଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଏସ୍‌ପି ତାଙ୍କ କାର୍ଯ୍ୟାଳୟ ଚିଠି ନଂ. ୫୬୧ ତା.୨୮।୩।୨୦୨୧ରେ ଥାନା ଅଧିକାରିଣୀ ବକ୍ସଲଙ୍କୁ ଦାୟିତ୍ୱରେ ଅବହେଳା କାରଣରୁ ନିଲମ୍ବନ କରିବା ସହ ଦୁଇ କନ୍‌ଷ୍ଟେବଲଙ୍କୁ ବଦଳି କରିଛନ୍ତି। କପ୍ତିପଦା ଥାନା ଅଧିକାରୀ ସଞ୍ଜୟ କୁମାର ପ୍ରଧାନ ଶରତ ଥାନା ଦାୟିତ୍ୱରେ ରହିବେ ବୋଲି ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଈଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜଙ୍ଗଲରୁ ହାତୀର ଗଳିତ ମୃତଦେହ ଜବତ

**ଖୁଣ୍ଟୁଣୀ,୩୦।୩(ଡି.ଏନ.ଏ)**

ଖୁଣ୍ଟୁଣୀ ବନାଞ୍ଚଳର ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲ ଓ ଢେଙ୍କାନାଳ ସୀମାନ୍ତ ମଧ୍ୟବର୍ତ୍ତୀ ସ୍ଥାନରୁ ଏକ ହାତୀର ଗଳିତ ମୃତଦେହକୁ ବନବିଭାଗ ଜବତ କରିଛି। ପରେ ବ୍ୟବଚ୍ଛେଦ କରି ସେହି ସ୍ଥାନରେ ପୋତି ଦିଆଯାଇଥିବା ଆଠଗଡ଼ ଡିଏଫଓ ଗୋପୀନାଥ ସୁଦର୍ଶନ ଯାଦବ ସୂଚନା ଦେଇଛନ୍ତି। ଉକ୍ତ ସ୍ଥାନରେ ହାତୀ ମରି ପଡିଥିବା ମଙ୍ଗଳବାର ଅପରାହ୍ଣରେ ଖବର ପାଇବା ପରେ ଡିଏଫଓ ଯାଦବ, ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର୍, ଆଠଗଡ଼ ଏସିଏଫ, ଆଠଗଡ ବ୍ଲକ ଭେଟେରନାରୀ ସର୍ଜନ ଶୁସାନ୍ତ ବେହେରା ପ୍ରମୁଖ ପହଞ୍ଚିଥିଲେ। ହାତୀର ମୃତଦେହ ପରିଯାଇଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିଲା। ହାତୀର ବୟସ ୪୫ ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଭେଟେରନାରୀ ସର୍ଜନ ବେହେରା କହିଛନ୍ତି। ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଆଘାତ କାରଣରୁ ତାହାର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଅଧିକ ପରୀକ୍ଷା ପାଇଁ ହାତୀର ଲିଭର, ହାର୍ଟ ଓ କିଡ୍‌ନୀରୁ ମାଂସକୁ ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଓୟୁଏଟିକୁ ପଠାଯାଇଛି। ଖୁଣ୍ଟୁଣୀ ବନାଞ୍ଚଳରେ ହାତୀ ମୃତ୍ୟୁ ବିଭାଗୀୟ ଅବହେଳା ଓ ଦାୟିତ୍ୱହୀନତା ଯୋଗୁ ହୋଇଥିବାରୁ ଏହା ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବ ଯାଦବ କହିଛନ୍ତି। ଓୟୁଏଟିରୁ ରିପୋର୍ଟ ଆସିବା ପରେ ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକା ଚାହାଳିର ଚାଟ
ଏକା ଅବଧାନ ପାଠ।**

ଉଭୟ କ୍ଷେତ୍ରରେ ଶିକ୍ଷାଦାନ ପ୍ରଣାଳୀ ତଥା ଶିକ୍ଷା ଦୀକ୍ଷା ସବୁ ସମାନ। ପରୋକ୍ଷରେ ସମସ୍ତେ ଏକା ଭଳିଆ, ଏକା ପ୍ରକାର। କେତେଜଣ ବ୍ୟକ୍ତି ସମ ପ୍ରକୃତିର ହୋଇଥାନ୍ତି। ତାଙ୍କ ନୀତି ଓ ସ୍ୱଭାବରେ କୌଣସି ପ୍ରଭେଦ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏକୁଟିଆ ବାଆଁରା
ମୁଣ୍ଡି ମୁଣ୍ଡି ଚାଆଁରା।**

କାହା ସାଙ୍ଗରେ ମିଳାମିଶା ନାହିଁ କି କାହାକୁ ସାହାଯ୍ୟ କରିବାକୁ ମନୋବୃତ୍ତି ନାହିଁ। ତେବେ ସହଯୋଗ ଓ ସଂହତି ବିନା ମାନବ ଜୀବନର ପରିପୂର୍ଣ୍ଣତା ଅସମ୍ଭବ। ସବୁବେଳେ ଏକୁଟିଆ ହୋଇ ବସି ରହୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ .କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

# ସୁନ୍ଦରଗଡ଼ରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପ୍ରସ୍ତାବ

## କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବ ଦାସ

**ଭୁବନେଶ୍ୱର, ୩୦।୩(ବ୍ୟୁରୋ)**

ସୁନ୍ଦରଗଡ଼ରେ ରାଜ୍ୟର ଦ୍ୱିତୀୟ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ୍ (ଏମ୍ସ) ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡା. ହର୍ଷ ବର୍ଦ୍ଧନଙ୍କୁ ଚିଠି ଲେଖିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଭୁବନେଶ୍ୱର ଏମ୍ସ ବର୍ତ୍ତମାନ ମେଡିକାଲ ପାଠ୍ୟକ୍ରମ ପ୍ରଦାନ ଓ ଚିକିତ୍ସା ସେବା ଯୋଗାଇବା କ୍ଷେତ୍ରରେ ଦେଶର ଅଗ୍ରଣୀ ଅନୁଷ୍ଠାନ। ଏହାଦ୍ୱାରା କେବଳ ଓଡ଼ିଶା ନୁହେଁ, ପଡ଼ୋଶୀ ରାଜ୍ୟଗୁଡ଼ିକ ମଧ୍ୟ ଚିକିତ୍ସା କ୍ଷେତ୍ରରେ ଉପକୃତ ହେଉଛନ୍ତି। ନିକଟରେ ବିହାରରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ହୋଇଥିବାବେଳେ ଅନ୍ୟ ରାଜ୍ୟରେ ଏମ୍ସର ଦ୍ୱିତୀୟ ଶାଖା ପାଇଁ ଭାରତ ସରକାରଙ୍କ ନିକଟରେ ପ୍ରସ୍ତାବ ବିଚାରାଧୀନ ରହିଛି। ଓଡ଼ିଶାର ପଶ୍ଚିମାଞ୍ଚଳ ଏକ ଜନବହୁଳ ଅଞ୍ଚଳ ହୋଇଥିବାବେଳେ ସୁନ୍ଦରଗଡ଼ରେ ଏମ୍ସ ପ୍ରତିଷ୍ଠା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ସୁନ୍ଦରଗଡ଼ରେ ଏକ ମେଡିକାଲ କଲେଜ ଓ ହସ୍ପିଟାଲ ଖୋଲିବା ପାଇଁ ଭିତ୍ତିଭୂମି ପ୍ରସ୍ତୁତ ରହିଛି। ଏଥିପାଇଁ କର୍ପୋରେଟ୍ ସୋସିଆଲ ରେସ୍‌ପନସିବିଲିଟି ମାଧ୍ୟମରେ ରାଜ୍ୟ ସରକାର ଓ ଜାତୀୟ ତାପଜ ଶକ୍ତି କର୍ପୋରେଶନ ମଧ୍ୟରେ ଏମ୍‌ଓୟୁ ହୋଇଥିଲା। ଏବେ ଏହି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିବାବେଳେ ବିଭିନ୍ନ ଯନ୍ତ୍ରାଂଶ କ୍ରୟ ଚାଲିଛି। ଏହି ହସ୍ପିଟାଲରେ ୫୦୦ ରୋଗୀଙ୍କ ଚିକିତ୍ସା ପାଇଁ ସୁବିଧା ଥିବାବେଳେ ପ୍ରତିବର୍ଷ ୧୦୦ ଏମ୍‌ବିବିଏସ୍ ଛାତ୍ରୀଛାତ୍ର ପାଠ ପଢ଼ିବାର ସୁବିଧା ମଧ୍ୟ ରହିଛି। ଓଡ଼ିଶାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ଏହି ଭିତ୍ତିଭୂମି ବ୍ୟବହାର ହୋଇପାରିବ। ଏହା ଫଳରେ ଜନବହୁଳ ପଶ୍ଚିମ ଓଡ଼ିଶାର ଜନସାଧାରଣ ନିଜ ଅଞ୍ଚଳରେ ଉନ୍ନତମାନର ଚିକିତ୍ସା ସେବା ପାଇପାରିବେ। ଏଠାକୁ ସଡ଼କ ପଥ, ରେଳ ଯୋଗାଯୋଗ ସହ ନିକଟବର୍ତ୍ତୀ ଝାରସୁଗୁଡ଼ାକୁ ମଧ୍ୟ ବିମାନ ଚଳାଚଳର ସୁବିଧା ରହିଛି। ତେଣୁ ଏସବୁ ସୁବିଧାକୁ ଦୃଷ୍ଟିରେ ରଖି ସୁନ୍ଦରଗଡ଼ରେ ଏମ୍ସର ଦ୍ୱିତୀୟ ଶାଖା ପ୍ରତିଷ୍ଠା ପାଇଁ ନବ ଦାସ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

# ଶିକ୍ଷାନୁଷ୍ଠାନରେ ସଂକ୍ରମଣ ବଢୁଛି

**ଭୁବନେଶ୍ୱର, ୩୦।୩(ବ୍ୟୁରୋ)**

- ଭବାନୀପାଟଣା ପ୍ରଗତି କଲେଜ କଣ୍ଟେନମେଣ୍ଟ ଜୋନ୍
- ଏନ୍‌ଆଇଟି ରାଉରକେଲାରୁ ଆଉ ୭ ଚିହ୍ନଟ



ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପରେ ଗୋଟିଏ ଶିକ୍ଷାନୁଷ୍ଠାନକୁ ମାଡ଼ିଚାଲିଛି ସଂକ୍ରମଣ। ଭବାନିପାଟଣାର ପ୍ରଗତି କଲେଜରେ ପୂର୍ବରୁ ୩୨ଜଣ ଆକ୍ରାନ୍ତ ହୋଇଥିଲେ। ମଙ୍ଗଳବାର ଆଉ ୪ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ କଲେଜକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ସେହିପରି ଏନ୍‌ଆଇଟି ରାଉରକେଲାରେ ଆଉ ୭ଜଣ ଚିହ୍ନଟ ହୋଇଛନ୍ତି। ସ୍ଥିତି ବିଗୁଡୁଥିବାବେଳେ ଛାତ୍ରୀଛାତ୍ରଙ୍କୁ ହଷ୍ଟେଲ ଛାଡ଼ିବା ପାଇଁ କୁହାଯାଇଛି। ରାଜ୍ୟରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ସଂକ୍ରମଣ ବଢ଼ିବା ନେଇ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଯାଇଛି। ନୂଆପଡ଼ା, ବରଗଡ଼, ଖୋର୍ଦ୍ଧା ଜିଲାରେ ଛାତ୍ରୀଛାତ୍ରଙ୍କ ସଂକ୍ରମଣ ସଂଖ୍ୟା ଅଧିକ ରହିଛି। ଏହା ଉପରେ ନଜର ରଖିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ କରି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିବା ପାଇଁ କୁହାଯାଇଛି। ହଷ୍ଟେଲ ଥିବା ସ୍ଥାନରେ ଅଧିକ ଟେଷ୍ଟ ପାଇଁ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ କଟକର ଏକ ଘରୋଇ କଲେଜ, ରେଭେନ୍‌ଶା, ଭୁବନେଶ୍ୱରସ୍ଥିତ ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ସମେତ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବହୁ ଛାତ୍ରୀଛାତ୍ର ସଂକ୍ରମିତ ହୋଇଛନ୍ତି।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ ପ୍ରକାଶ

# କନିଷ୍ଠ କିରାଣିଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ

**ଭବାନୀପାଟଣା, ୩୦।୩ (ଡି.ଏନ.ଏ.)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। କଳାହାଣ୍ଡି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରସନ୍ନ କୁମାର କର୍ଣ୍ଣ ଏହି ମାମଲାର ବିଚାର କରି ଅଭିଯୁକ୍ତ କନିଷ୍ଠ କିରାଣି ପ୍ରଦୀପ କୁମାର ସାହୁଙ୍କୁ ଦୋଷୀ ସାବ୍ୟସ୍ତ କରି ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୨୮ ଲକ୍ଷ ୫୭ ହଜାର ୩୩୮ ଟଙ୍କା ୨୨ ପଇସା (ଜବତ ଆୟ ବହିର୍ଭୂତ ସମ୍ପତ୍ତି ମୂଲ୍ୟ) ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଯେ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ବିଭାଗ ତଦନ୍ତ କରି ଏହା ସତ୍ୟାସତ୍ୟ ଥିବା ଜଣିବାକୁ ପାଇଥିଲା। କୋରାପୁଟ ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଭବାନୀପାଟଣା ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ୍ ମହାନନ୍ଦଙ୍କ ନେତୃତ୍ୱରେ ଭିଜିଲାନ୍ସ ଇନ୍‌ସ୍ପେକ୍ଟର ସଦାନନ୍ଦ ପାଣି ଓ ଅନ୍ୟ କର୍ମଚାରୀମାନେ ଗତ ତା ୧୫।୭।୨୦୧୪ ରିଖରେ କନିଷ୍ଠ କିରାଣି ସାହୁଙ୍କ ଧର୍ମଗଡସ୍ଥିତ କାବେଡିଗାଁର ଘର, କଲେଜ କାର୍ଯ୍ୟାଳୟ ଓ ଅନ୍ୟ ସ୍ଥାନରେ ଚଢ଼ାଉ କରିଥିଲେ। ଚଢାଉ ସମୟରେ ସାହୁ ୨୮ ଲକ୍ଷ ୫୭ ହଜାର ୩୩୮ ଟଙ୍କା ୨୨ ପଇସା ମୂଲ୍ୟର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ବିଭାଗ ଜବତ କରିଥିଲେ। ଏ ନେଇ ଭବାନୀପାଟଣା ଭିଜିଲାନ୍ସ ବିଭାଗ ପକ୍ଷରୁ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଆଶୁତୋଷ ମିଶ୍ର କେସ୍ ପରିଚାଳନା କରିଥିଲେ।

### ଆଜିର ମନ୍ତବ୍ୟ

ଆଇନ ଶୃଙ୍ଖଳା ବଜାୟ ରଖିବାକୁ କେନ୍ଦ୍ରୀୟ ଫୋର୍ସ ମୁତୟନ ସତ୍ତ୍ୱେ ନନ୍ଦିଗ୍ରାମରେ ଭୋଟ ହାତେଇବା ପାଇଁ ଭାଜପା ନେତା ଗୁଣ୍ଡାଗର୍ଦ୍ଦି କରୁଛନ୍ତି।
–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଶୁକ୍ରଙ୍କ ପ୍ରଭାବରେ ଅର୍ଥର ଅଭାବ ଥିଲେ କ'ଣ ହେଲା ବନ୍ଧୁଙ୍କ ସଦ୍‌ଭାବ ସହକର୍ମୀମାନଙ୍କ ସହଯୋଗ ପାଇବେ। ଆଜି ଦିନଟିରେ ମନ ଅନୁଯାୟୀ କାମ ଗୁଡ଼ିକ ସମ୍ପନ୍ନ ହେବ। ଦର୍ଶନୀୟ ସ୍ଥାନ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ପରିବାର ପାଇଁ ପରିସ୍ଥିତିବଶତଃ ଧାରକରଜ କରି କାମ ଚଳାଇ ନେବେ।

**ବୃଷ** – ରାଶିରେ ରାହୁଯୁକ୍ତ ମଙ୍ଗଳ ଯୋଗୁ ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। କିନ୍ତୁ କର୍ମକ୍ଷେତ୍ରରେ ଟେନସନ୍ କିଛି ମାତ୍ରାରେ ବଢ଼ିଯିବ। ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବା ସହ ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ସହକର୍ମୀଙ୍କ ସାହାଯ୍ୟର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**ମିଥୁନ** – ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସମ୍ମୁଖରେ ନିଜର ମନକଥା ପ୍ରକାଶ କରିପାରିବେ ନାହିଁ। ପାରିବାରିକ ଦିଗରୁ ଭୋଗବିଳାସରେ ବାଧାବିଘ୍ନ ଘଟିପାରେ। ବନ୍ଧୁବର୍ଗରେ ଶ୍ରଦ୍ଧାଭାଜନ ହେବେ କିନ୍ତୁ ମାନସିକ ଅସ୍ଥିରତା ମଧ୍ୟରେ ସମୟ କାଟିବେ।

**କର୍କଟ** – ଅବସ୍ଥାରେ ବିଶେଷ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ରାସ୍ତାରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ପରିବାର ପାଇଁ ମନଲାଖି ଜିନିଷ ଗୁଡାଏ କିଣିପାରନ୍ତି। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ସିଂହ** – ଅଧିକାଂଶ ସମୟ ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିବେ। ବନ୍ଧୁଙ୍କୁ ବହୁତ କଥା କହିବାକୁ ଇଚ୍ଛାଥିଲେ ମଧ୍ୟ କିଛି କହିପାରିବେ ନାହିଁ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଏଜେନ୍ସି, ସାମ୍ବାଦିକତା, ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**କନ୍ୟା** – ଆକସ୍ମିକ ଭାବରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ତୁଳା** – ଯେଉଁ କାମ ପାଇଁ ଚେଷ୍ଟା କରୁଛନ୍ତି ସେଥିରେ ବିଳମ୍ବରେ ସଫଳତା ପାଇବେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ଘର କଥାନେଇ ପରିବାର ସହ ଆଲୋଚନା କଲେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି।

**ବିଛା** – ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବେ ଏବଂ ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରୁ ଫେରିବାରେ ବିଳମ୍ବ ଘଟିବ। ସାମାଜିକ ସ୍ତରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହେବେ। ଅବଶ୍ୟ କୌଶଳ ପ୍ରୟୋଗ କରି କାମ ହାସଲ କରିବେ।

**ଧନୁ** – ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ବନ୍ଧୁ ଗହଣରେ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବା ସହ ପ୍ରଶାସନିକ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**ମକର** – ଆଜି ଦିନଟିରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। କଥାକହିବା ସମୟରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ଆକସ୍ମିକ ଭାବରେ ସୁଖଭ୍ରମଣ ଯୋଗ ରହିଛି ଏବଂ କଳା, ସାହିତ୍ୟରେ ଉନ୍ନତି କରିବେ। ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** – ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ମୀନ** – ନକାରାତ୍ମକ ଚିନ୍ତାଧାରା ମନକୁ ବେଶି ବିବ୍ରତ କରିପାରିବ ନାହିଁ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ କିମ୍ବା ରାଜନୀତି, ସଂଗଠନ, ସଭାସମିତିରେ ଆଶାଜନକ ଫଳ ପାଇବେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ।

ଚୈତ୍ର କୃଷ୍ଣ ତୃତୀୟାଯୁକ୍ତ ଚତୁର୍ଥୀ ବୁଧବାର, ମାର୍ଚ୍ଚ ୩୧ ତାରିଖ, ଆର୍ଥିକବର୍ଷ ଶେଷ। ରାଶିନକ୍ଷତ୍ର ଦିବା ଘ.୦୯.୪୫ମି. ଗତେ ବିଶାଖା/ତୁଳା, କର୍କଟ ରାଶିର ଘାତବାର। ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଥୀର ପାର୍ବଣଶ୍ରାଦ୍ଧ। ଦିବା ଘ.୦୫.୪୪ମି. ଗତେ ଘ.୦୭.୨୨ମି. ମଧ୍ୟେ, ଘ.୦୯.୪୮ମି. ଗତେ ଘ.୧୧.୨୬ମି. ମଧ୍ୟେ, ଘ.୦୩.୩୦ମି. ଗତେ ଘ.୦୫.୦୮ମି. ମଧ୍ୟେ ଅମୃତବେଳା। ଅପରାହ୍ଣ ଘ.୦୧.୫୨ମି. ଗତେ ଘ.୦୩.୩୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୫୦ମି. ଗତେ ଘ.୦୧.୨୨ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**BRIDE WANTED**

**Wanted Khandayat Bride, 5'5", 30years, Fair, Slim, Post Graduate Qualification for the Khandayat Groom, 44years, 5'8", MBA, LLB, having Construction Business in Bhubaneswar. Contact- 9861022055, 9938219397.** D-20359

Brahmin groom 53yrs, 5ft.3 inch, Central Govt. service, caste no bar, widow and divorced allowed. Mob/ Whatsapp. 7205806557. D-20367

**GROOM WANTED**

47ବର୍ଷର ବିଧବା ମହିଳା Govt. Hospitalରେ Nurse ଅଛନ୍ତି, ଉପଯୁକ୍ତ ବୟସର ବ୍ୟକ୍ତି ଯୋଗାଯୋଗ କରନ୍ତୁ। ଅବିବାହିତା ବ୍ୟକ୍ତି ଗ୍ରହଣୀୟ ନୁହନ୍ତି। 9078166327. D-70818

Beautiful Khandayat girl 36 Charted Accountant, govt. service Orissa, 7377203805. D-20356




**SALE**

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରିହେବ। Near Rabi Talkies ଘରବାରି ପାଚେରି ଲାଇନ୍ ସହିତ। 9178660666. D-70570

**Residential cum commercial gharabari plot 12000sft. with boundarywall touching to road at Brahmanjharilo, Cuttack 11km. to Bhubaneswar, 18km to Cuttack.** D-70442

Shree Krishna Developer, 55acres township plotting project near Sum Hospital for enquiry. 8337900881. D-70571

**Plot for sale near Pipili Toll Gate, just 16 kms from Bhubaneswar, Kalpana Square. Contact: 9937446498.** D-70562

Book a duplex house at Sree Vihar, Damana, Bhubaneswar. Price 76lakhs. Contact: 8260595320. D-70573

NH-16 ପିତାପଲ୍ଲୀ ରେ 750/ରେ 1200/- sqft.ରେ ପ୍ଲଟ୍ ମିଳୁଛି। 9348444368. D-70809

**Bhubaneswar, Hanspal residential Colonyରେ 1500sqft. @ 23,25,000ରେ plot ମିଳୁଛି। 9853415415, 7008351926.** D-20248

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70820

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ପିତାପଲ୍ଲୀ bypass ପାଖରେ 4,80,000/- (outright). 9348232008, 9668344479. D-70817

**ଭୁବନେଶ୍ୱର ଗଙ୍ଗପଡ଼ା NH-16ରୁ 400mtr ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 7978676652.** D-70819




**Commercial Office space available on rent 2nd floor 3500sqft. and 3rd floor 500sqft. & 1500sqft. at Master Canteen Square, Bhubaneswar. Contact: Mobile No.- 9437690565.** D-70574

Rent for Office/ Shop/ Others 2000sqft. area. Prime location on NH-Cosmopolis Chhaka, near Khandagiri, Bhubaneswar-751019. Contact: 9871816986. D-59984

**(For Shop/ Office/ ETC) 2BHK ground floor house (prime location) on main road beside BPCL filling station, Chandrasekharpur, Bhubaneswar. Contact: 7630918401.** D-70572




Refreshing your mind your body with the best therapy at Lotus Spa. 9801811949. D-70441

Ayurvedic full body massage by experienced (M/F) therapist. 9861193818, 8018656899. D-59985

New opening Saikrupa Panchakarma and Spa jointpain, fullbody massage, 8984068077. D-65914

Swarna SPA newly open positively health benefits with expert therapist. 9556978408. D-70566

Get good massage for your health the best therapy. 7749997224. D-70440

Zen SPA positively health benefits with experts therapeutic genuinely massage. 7205084157. D-70568

**LOST**

Lost my CISCE 10th Pass certificate and Marksheet Index No.T/2364/007 (Name: Arogya Anthony S/o D.S.Raju) around Rayagada on 16.03.21. If found contact: 7892554066. D-20364

I Soumya Ranjan Das, S/o- Krushna Chandra Das FE in Sri Ananta Multisolution Pvt. Ltd. I have lost my ID Card of HDFC Bank ID Card No.- 200312381500019 I will not be held responsible for any misuse. 9853305030. D-20369

It is notified for information that original pass certificate and Marksheet of main SSC of year 2014 and Rollno.6609272 issued by CBSE are lost. If Found Contact:7892554066. D-20365

By virtue of an Affidavit before Notary Public, I declare that my Sale Deed No. 5980 bearing Khata No. 296/30, Plot No. 531 of Mouza – Bhoinagar has been lost somewhere. If found please return to Bamadev Biswal, Mob.– 9437386484. D-69983

**ଜନ୍ମଦିନ ଶୁଭେଚ୍ଛା**




(ଈଶୁ)
**ଅଭନୀଶ ନନ୍ଦ**
S/O- ଗାୟତ୍ରୀ ଓ ସମ୍ବିତ
ପାର୍କଉଡସ୍, ଥାନେ, ମହାରାଷ୍ଟ୍ର
ଆଜି ତୋର ''ଚତୁର୍ଥ'' ବାର୍ଷିକୀ ଜନ୍ମଦିନ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ଜେଜେ ବାପା, ଜେଜେମାଆ, ସାନ ବାପା ଓ ସାନ ମାଆ ସମୂହ ତଥା ମୋନା ଓ ଗୁଗୁଲି ନାନୀ
କଟକ ରୋଡ୍, ଭୁବନେଶ୍ୱର
ଧ-୬୭୪୦୯

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ପେଟ୍ରୋଲ ୨୨, ଡିଜେଲ ୨୬ ପଇସା ହ୍ରାସ

**ଭୁବନେଶ୍ୱର,୩୦।୩:** ଗୋଟିଏ ସପ୍ତାହ ମଧ୍ୟରେ ଲଗାତର ତୃତୀୟ ଥର ଲାଗି ତେଲ ଦର ହ୍ରାସ ହୋଇଛି। ମଙ୍ଗଳବାର ପେଟ୍ରୋଲ ୨୨ ପଇସା ଏବଂ ଡିଜେଲ ଦର ୨୬ ପଇସା କମିଛି। ଫଳରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ଦର ୯୧.୨୮ ଟଙ୍କା ଏବଂ ଡିଜେଲ ୮୮.୧୩ ଟଙ୍କାକୁ ଖସିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ହ୍ରାସ ହେବା ଫଳରେ ଘରୋଇ ବଜାରରେ ଏହାର ସକାରାତ୍ମକ ପ୍ରଭାବ ପଡ଼ିଛି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଏବଂ ଡିଜେଲ ଦର ଯଥାକ୍ରମେ ୨୨ ଏବଂ ୨୩ ପଇସା କମିଛି। ଫଳରେ ଏହି ସହରରେ ଇନ୍ଧନ ଦର ୯୦.୫୬ ଟଙ୍କା ଏବଂ ୮୦.୮୭ ଟଙ୍କାରେ ବିକ୍ରି ହେଉଛି। ରାଜ୍ୟଗୁଡ଼ିକ ସ୍ତରରେ ଲାଗୁ ହେଉଥିବା ଭାଟ୍‌ରେ ଭିନ୍ନତା ଯୋଗୁ ତେଲ ଦର ଭିନ୍ନ ରହୁଛି। ମୁମ୍ବାଇରେ ପେଟ୍ରୋଲ ୯୬.୯୮ ଟଙ୍କା ଏବଂ ଡିଜେଲ ୮୭.୯୬ ଟଙ୍କାରେ ବିକ୍ରି ହେଉଛି। କୋଭିଡ୍ ମାମଲା ବଢ଼ିବା ଯୋଗୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର ମାର୍ଚ୍ଚ ୨୪ରେ ପ୍ରଥମେ ହ୍ରାସ ହୋଇଥିଲା। ସେହିଭଳି ମାର୍ଚ୍ଚ ୨୫ରେ ପୁଣି ଥରେ ଦରରେ ହ୍ରାସ ପରିଲକ୍ଷିତ ହୋଇଛି। ମୋଟ ୩ ଥର ଦର ହ୍ରାସ ହେବା ଯୋଗୁ ପେଟ୍ରୋଲ ୬୧ ଏବଂ ଡିଜେଲ ୬୦ ପଇସା ଖସିଛି। ଦର ହ୍ରାସ ହୋଇଥିଲେ ମଧ ଗତବର୍ଷ ମାର୍ଚ୍ଚରେ ସରକାର ଟିକସ ବଢ଼ାଇବା ପରଠାରୁ ପେଟ୍ରୋଲ ୨୧.୫୮ ଟଙ୍କା ଏବଂ ଡିଜେଲ ୧୯.୮୧ ଟଙ୍କା ଉର୍ଦ୍ଧ୍ୱରେ ରହିଛି। ଅନ୍ତର୍ଜାତୀୟ ବଜାରରେ ଦର ଖସିବା ଯୋଗୁ କମ୍ପାନୀ ଦରରେ କିଛିଟା ହ୍ରାସ କରୁଛନ୍ତି। ମାତ୍ର ଟିକସ ହ୍ରାସ ଦ୍ୱାରା ଖାଉଟିଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଦିଗରେ ସରକାର ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଇନାହାନ୍ତି। ଏ ନେଇ ବିଭିନ୍ନ ମହଲରୁ ଦାବି ହୋଇ ଆସୁଥିଲେ ମଧ ସରକାର ଏହାକୁ କର୍ଣ୍ଣପାତ କରୁନାହାନ୍ତି।

# ବିଷ ପିଆଇଲେ ମା’, ୨ ଶିଶୁପୁତ୍ର ମୃତ

**ରାଜଧାନୀରେ ଛାତିଥରା ଘଟଣା**
- ଶିଶୁଭବନରେ ଗୁରୁତର ଶିଶୁକନ୍ୟା
- ଏସ୍‌ସିବି ଆଇସିୟୁରେ ମା’
- ହତ୍ୟା ମାମଲା ରୁଜୁ କଲା ପୋଲିସ

**ଭୁବନେଶ୍ୱର,୩୦।୩(ବ୍ୟୁରୋ)**

ଚନ୍ଦକା ଥାନା ଅନ୍ତର୍ଗତ ବିଞ୍ଝଗିରି କନ୍ଦଲେଇ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ମା’ ନିଜ ୩ ପିଲାଙ୍କୁ ବିଷ ପିଆଇବା ପରେ ନିଜେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତେବେ ୨ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ଦେଢ଼ ବର୍ଷର ଶିଶୁକନ୍ୟା ଗୁରୁତର ଅବସ୍ଥାରେ କଟକ ଶିଶୁ ଭବନରେ ଚିକିତ୍ସିତ ହେଉଛନ୍ତି। ଏପଟେ ମା’ ମଧ ଏସ୍‌ସିବି ମେଡିକାଲ ଭେଷଜ ବିଭାଗ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ମୃତ ଦୁଇ ଶିଶୁ ହେଲେ ଜାନକୀ ଗାଗରେଇଙ୍କ ପୁଅ ରାଜୁ (୪) ଓ ବିଜୁ (୩)। ଏହି ଛାତିଥରା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପୋଲିସ ଏକ ହତ୍ୟା ମାମଲା (ନଂ. ୭୦/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। କାହିଁକି ଜଣେ ମା’ ଏତେ ନିଷ୍ଠୁର ପାଲଟିଲେ, ତାହାର ଖୋଳତାଡ଼ କରୁଛି ପୋଲିସ।

ପୋଲିସ ସୂଚନା ମୁତାବକ, କିଛି ଦିନ ତଳେ ସ୍ୱାମୀଙ୍କ ମୃତ୍ୟୁ ପରେ ଜାନକୀଙ୍କ କାନ୍ଧରେ ପରିବାର ଚଳାଇବା ଦାୟିତ୍ୱ ପଡ଼ିଥିଲା। ସେ ମୂଲ ଲାଗିବା ସହ ହାଣ୍ଡିଆ ବିକ୍ରି କରି ବହୁ କଷ୍ଟରେ ପରିବାର ଚଳାଉଥିଲେ। କିନ୍ତୁ ଅର୍ଜିତ ରୋଜଗାର ପର୍ଯ୍ୟାପ୍ତ ନ ଥିବାରୁ ସର୍ବଦା ମାନସିକ ଚାପଗ୍ରସ୍ତ ରହୁଥିଲେ। ତାଙ୍କ ଦିଅର ବିଭିନ୍ନ କାର୍ଯ୍ୟରେ ସହାୟତା କରୁଥିଲେ। ରବିବାର ଦିଅର କାମକୁ ଯାଇଥିବାବେଳେ ଜାନକୀ ପୋକମରା ଔଷଧ ଯୋଗାଡ କରି ପ୍ରଥମେ ୨ ଶିଶୁ ପୁତ୍ର ଓ କୁନି ଝିଅକୁ ପିଆଇ ନିଜେ ପିଇ ଦେଇଥିଲେ। ୩ ପିଲା ଅଚେତ ହୋଇପଡିବା ଦେଖି ଜାନକୀ ଚିତ୍କାର କରିଥିଲେ। ପଡୋଶୀ ଲୋକେ ପହଞ୍ଚି ସେମାନଙ୍କ ଅବସ୍ଥା ଦେଖି ଆମ୍ବୁଲାନ୍ସକୁ ଡାକି ସମସ୍ତଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ୨ ଶିଶୁ ପୁତ୍ରଙ୍କୁ ମୃତ ଘୋଷଣା କରିଥିଲେ।

ହସ୍ପିଟାଲରେ ଜାନକୀଙ୍କ ଦିଅର କହିଥିଲେ, ସେ ମୂଲ ଲାଗିବାକୁ ବାହାରକୁ ଯାଇଥିଲେ। ପଡୋଶୀଙ୍କଠାରୁ ଖବରପାଇ ଆସିଥିଲେ। ବଡଭାଇ ଚାଲିଯିବାପରେ ଭାଉଜ ମୂଲ ଲାଗି ପରିବାର ଭରଣପୋଷଣ କରୁଥିଲେ। ହେଲେ ଦିନକୁ ଦିନ ଘୋର ଅଭାବ ଦେଖାଦେବାପରେ ସେ ବଳକା ସମୟରେ ହାଣ୍ଡିଆ ବିକ୍ରି କରି ଦି ପଇସା ରୋଜଗାର କରୁଥିଲେ। ଦୁଃଖ କଷ୍ଟରେ ଜୀବନ ବିତୁଥିବାବେଳେ ସେ ଏପରି ଚରମ ନିଷ୍ପତ୍ତି କେଉଁ କାରଣରୁ ନେଲେ ସେ ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି ସେ କହିଥିଲେ। ଚନ୍ଦକା ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ କହିଛନ୍ତି, ୩୦୨ ଦଫା ଲଗାଇ ମାମଲା ରୁଜୁ କରାଯାଇଛି। ତେବେ ମା’ ଗୁରୁତର ଥିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାପରେ ପ୍ରକୃତ ଘଟଣା ଜଣାପଡିବ। ପ୍ରମାଣ ଆଧାରରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ଅଭାବୀ ନୁହେଁ, ମାନସିକ ରୋଗ**

ଅଭାବ ଏକ ସାମାଜିକ ପ୍ରକ୍ରିୟା। ଅଭାବୀ ଯୋଗୁ କୌଣସି ଜନ୍ମଦାତ୍ରୀ ମା’ ନିଜ ସନ୍ତାନଙ୍କୁ ହତ୍ୟା କରିପାରିବ ନାହିଁ। ଏହା ଏକ ମାନସିକ ରୋଗ, ରୁଗ୍ଣ ମାନସିକତା। ସୁସ୍ଥ ମଣିଷ ଏହିପରି ଚରମ ନିଷ୍ପତ୍ତି ନେଇପାରିବ ନାହିଁ। ଏହି କାର୍ଯ୍ୟ କରିଥିବା ମା’ ଅଭାବଯୋଗୁ ନିଜ ଛୁଆକୁ କାହାକୁ ଦେଇପାରିଥାନ୍ତା। ଶିଶୁ ମଙ୍ଗଳ କମିଟିରେ ଜଣାଇପାରିଥାନ୍ତା। କିନ୍ତୁ ତାହା ନକରି ହତ୍ୟା କରିବା କେବଳ ଜଣେ ମାନସିକ ରୋଗଧାରୀ ହିଁ କରିପାରେ।

**–ବେଣୁଧର ସେନାପତି, ନିର୍ଦ୍ଦେଶକ, ଚାଇଲ୍ଡ ଲାଇନ।**

# ଉଦୟପୁର ବେଳାଭୂମିରେ ମୃତ ଡଲଫିନ୍

**ଭୋଗରାଇ, ୩୦।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଉଦୟପୁର ବେଳାଭୂମିରୁ ଗତ ସୋମବାର ଏକ ମୃତ ଡଲଫିନ୍ ବନବିଭାଗ ଦ୍ୱାରା ଉଦ୍ଧାର କରାଯାଇଛି। ଡଲଫିନ୍‌ର ଲମ୍ବ ସାଢ଼େ ୩ ଫୁଟ୍ ହେବ। ସୁବର୍ଣ୍ଣରେଖା ନଦୀ ମୁହାଣକୁ ସଂଯୋଗ କରୁଥିବା ବଙ୍ଗୋପସାଗରରେ କେତେକ ଡଲଫିନ୍ ନଦୀମୁହାଁ ହେଉଛନ୍ତି। ଅବାଧ ଟ୍ରଲର ଚଳାଚଳ ଯୋଗୁ ଦୁର୍ଘଟଣା ଘଟି ଡଲଫିନର ମୃତ୍ୟୁ ହେଉଥିବା କୁହାଯାଉଛି।



# ‘ଭାରତ-ଆମେରିକା ମଧ୍ୟରେ ପୁନଃ ପ୍ରତିଷ୍ଠା ହେବ ରଣନୈତିକ ଉର୍ଜା ସମ୍ପର୍କ’





**ଭୁବନେଶ୍ୱର, ୩୦।୩(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଆମେରିକାର ନୂଆ ଉର୍ଜା ସଚିବ ଜେନିଫର ଗ୍ରାନ୍‌ହୋଲମଙ୍କ ମଧ୍ୟରେ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସରେ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଧର୍ମେନ୍ଦ୍ର ଗ୍ରାନ୍‌ହୋଲମଙ୍କୁ ନୂଆ ପଦରେ ଅବସ୍ଥାପିତ ପାଇଁ ଅଭିନନ୍ଦନ ଜଣାଇବା ସହ ଭାରତ ଓ ଆମେରିକା ମଧ୍ୟରେ ରଣନୈତିକ ଉର୍ଜା ସମ୍ପର୍କ ଉପରେ ସମୀକ୍ଷା କରିଛନ୍ତି। ଉଭୟ ନେତୃତ୍ୱ ଭାରତ-ଆମେରିକା ମଧ୍ୟରେ ରଣନୈତିକ ଉର୍ଜା ସମ୍ପର୍କର ପୁନଃ ପ୍ରତିଷ୍ଠାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କ ନୂଆ ପ୍ରାଥମିକତାରେ ପ୍ରତିଫଳିତ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ସ୍ୱଚ୍ଛ ଉର୍ଜାର ପ୍ରଚାରପ୍ରସାର କରିବା, କମ୍ ପ୍ରଦୂଷଣଯୁକ୍ତ ମାର୍ଗ ଆପଣାଇବା ଏବଂ ସବୁଜ ଉର୍ଜା ସହଯୋଗକୁ ତ୍ୱରାନ୍ୱିତ କରିବା ଦିଗରେ କାମ କରିବା ପାଇଁ ଧର୍ମେନ୍ଦ୍ର ଏବଂ ଗ୍ରାନ୍‌ହୋଲମ ସହମତି ପ୍ରକାଶ କରିଛନ୍ତି। ସେହିପରି ଅନ୍ୟାନ୍ୟ ପଦକ୍ଷେପ ମଧ୍ୟରେ ସ୍ୱଚ୍ଛ ଉର୍ଜା କ୍ଷେତ୍ର ଯଥା ଜୈବ ଇନ୍ଧନ, କାର୍ବନ କ୍ୟାପ୍‌ଚର ଆଣ୍ଡ ଷ୍ଟୋରେଜ(ସିସିୟୁଏସ୍), ହାଇଡ୍ରୋଜେନ ଉତ୍ପାଦନ ଏବଂ କାର୍ବନ ଅଧିଗ୍ରହଣ ଏବଂ ଆଡଭାନ୍ସ କ୍ଲିନ୍ ଏନର୍ଜି ରିସର୍ଚ୍ଚ (ପିଏସିଇ-ଆର୍)ରେ ମିଳିତ ସହଯୋଗକୁ ପ୍ରାଥମିକତା ଦେବାକୁ ଉଭୟ ମନ୍ତ୍ରୀ ସହମତି ହୋଇଛନ୍ତି। ଶୀଘ୍ର ଭାରତ-ଆମେରିକାର ରଣନୈତିକ ଉର୍ଜା ସମ୍ପର୍କର ତୃତୀୟ ବୈଠକ ଅନୁଷ୍ଠିତ ହେବା ନେଇ ମଧ ଉଭୟ ପକ୍ଷ ସହମତି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଗତ ଫେବୃୟାରୀରେ ଜେନିଫର ଗ୍ରାନ୍‌ହୋଲମ ଆମେରିକାର ଉର୍ଜା ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# ସାପ ବିଷ ଜବତ ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ

**ବିଦେଶ ଲିଙ୍କ୍‌ର ଖୋଳତାଡ଼ ହେବ**



- ଡବ୍ଲ୍ୟୁସିସିବିରୁ ଆସିବ ଏକ ଟିମ୍
- ଫେରାର ମୁଖ୍ୟ ଅଭିଯୁକ୍ତଙ୍କ ନାଁରେ ଏନ୍‌ବିଡବ୍ଲ୍ୟୁ ଜାରି ହେବ

**ଭୁବନେଶ୍ୱର, ୩୦।୩(ବ୍ୟୁରୋ)**

ଭୁବନେଶ୍ୱରରୁ ସାପ ବିଷ ଜବତ ଘଟଣାରେ ବଡ଼ ର୍‍ୟାକେଟ କାର୍ଯ୍ୟ କରୁଛି। ଏହାର ଚେର ବାହାର ରାଜ୍ୟ ଓ ଦେଶକୁ ଲମ୍ବିଛି। ଖୋଳତାଡ଼ ପାଇଁ କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ଦିଆଯିବ। ଏ ନେଇ ମଙ୍ଗଳବାର ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ଏହି ଘଟଣା ସମ୍ପର୍କରେ ୱାଇଲ୍ଡଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ(ଡବ୍ଲ୍ୟୁସିସିବି)କୁ ମଧ ଅବଗତ କରାଯାଇଛି। ଅଧିକ ତଦନ୍ତ ପାଇଁ ଖୁବ୍‌ଶୀଘ୍ର ଡବ୍ଲ୍ୟୁସିସିବିରୁ ଏକ ଟିମ୍ ଓଡ଼ିଶା ଆସିବ ବୋଲି ଡବ୍ଲ୍ୟୁସିସିବିର ଅଭିଜିତ୍ ରାୟ ଚୌଧୁରୀ କହିଛନ୍ତି।

ଗତ ଶନିବାର ବନ ବିଭାଗର ଦୁଇଟି ଟିମ୍ ଭୁବନେଶ୍ୱରର ଦୁଇଟି ସ୍ଥାନରେ ଚଢ଼ାଉ କରି ଦୁଇ ବୋତଲ ସାପ ବିଷ ଜବତ କରିବା ସହିତ ୬ଜଣଙ୍କୁ ଗିରଫ କରିଥିଲା। ଜବତ ବିଷର ଅନ୍ତର୍ଜାତୀୟ ବଜାର ମୂଲ୍ୟ ପ୍ରାୟ ୧୦କୋଟି ହେବ। ଏହାକୁ ଚାଇନା ଓ ଅନ୍ୟ ଦେଶକୁ ପଠାଯାଉଥିବା ସନ୍ଦେହ କରାଯାଉଥିବାବେଳେ ଏହାର ମୁଖ୍ୟ ପେଣ୍ଠସ୍ଥଳ କୋଲକାତା ବୋଲି ଜଣାପଡ଼ିଛି। ତେବେ ର୍‍ୟାକେଟର ମାଷ୍ଟର ମାଇଣ୍ଡ ବଲାଙ୍ଗୀରର ସତ୍ୟ ନାରାୟଣ ଦାଶଙ୍କ ପୁଅ ସୁରଜ କୁମାର ଦାଶ(୨୧) ଫେରାର ଥିବାରୁ ତାଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରିବାକୁ କୋର୍ଟରେ ଆବେଦନ କରାଯିବ ବୋଲି ଭୁବନେଶ୍ୱର ସିଟି ଡିଏଫ୍‌ଓ ଅଶୋକ ମିଶ୍ର କହିଛନ୍ତି। ପୂରା ର୍‍ୟାକେଟର ଖୋଳତାଡ଼ ସହ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଯୋଜନା ଚାଲିଛି। ଏଥିପାଇଁ ଅଭିଯୁକ୍ତଙ୍କ କଲ୍ ଡିଟେଲ୍ସ ପାଇଁ ମୋବାଇଲ୍ କମ୍ପାନୀଗୁଡିକୁ ମଗାଯାଇଛି। ଅପରପକ୍ଷେ ଜବତ ବିଷର ସାମ୍ପୁଲ ଟେଷ୍ଟ ପାଇଁ ବିଭିନ୍ନ ଲାବରେଟୋରିକୁ ପଠାଯିବ ବୋଲି ସୂଚନା ମିଳିଛି।

# ୩ ଦିନ ପରେ ବି ପୋଲିସ ହାତ ଖାଲି

**ସୂଚନା ଅଧିକାର କର୍ମୀ ସର୍ବେଶ୍ୱରଙ୍କୁ ବୋମାମାଡ଼ ଘଟଣା**
- ସ୍ତ୍ରୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ନ ଥିଲା ପୋଲିସ

**ଯାଜପୁର ଅଫିସ,୩୦।୩**

ସୂଚନା ଅଧିକାର କର୍ମୀ ତଥା ଭାଜପା ନେତା ସର୍ବେଶ୍ୱର ବେହୁରାଙ୍କୁ ଶୁକ୍ରବାର ରାତିରେ ଆକ୍ରମଣ ହୋଇଥିଲା । ଇତିମଧ୍ୟରେ ୩ ଦିନ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ୍ୟ ଧର୍ମଶାଳା ଥାନା ପୋଲିସ ହାତ ଖାଲି ରହିଛି। ଏପରି କି ରବିବାର ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରିଥିଲେ ହେଁ ଗୁରୁତର ଆହତ ବେହୁରାଙ୍କ ସ୍ତ୍ରୀ ରିଲୁଙ୍କ ଅଭିଯୋଗକୁ ପ୍ରାଧାନ୍ୟ ଦିଆଯାଉ ନ ଥିବା ଆଇନଜୀବୀ ଉଦୟନାଥ ସାହୁ ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି, ଘଟଣାରେ ସଂପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ବେହୁରାଙ୍କ ସ୍ତ୍ରୀ ରିଲୁ ଶନିବାର ଅପରାହ୍ନ ପ୍ରାୟ ୩ଟାରେ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଯାଜପୁରରୋଡ ଏସ୍‌ଡିପିଓ ଚିନ୍ମୟକୁମାର ନାୟକ ଗ୍ରହଣ କରିଥିବାବେଳେ ଅଭିଯୋଗ ପତ୍ରରେ ଧର୍ମଶାଳା ଥାନା ଆଇଆଇସିଙ୍କ ସ୍ୱାକ୍ଷର ରହିଛି। ଏହାପୂର୍ବରୁ ପୋଲିସ ନିଜ ଆଡୁ ଶନିବାର ଅପରାହ୍ନ ୨ଟା ୫୮ ମିନିଟରେ ଏକ ମାମଲା ରୁଜୁ କରିଛି। ଏଠାରେ ପ୍ରଶ୍ନ ଉଠେ ଯେ, ପୋଲିସ ଯଦି ନିଜ ଆଡୁ ମାମଲା ରୁଜୁ କରିଥିଲା ତେବେ ରିଲୁଙ୍କ ଅଭିଯୋଗକୁ କାହିଁକି ପୁଣି ଗ୍ରହଣ କରିଛି। ଏପରି ପରିସ୍ଥିତିରେ ପୋଲିସ ନିଜ ଆଡୁ ମାମଲା ରୁଜୁ କରିଥିବା ନେଇ ରିଲୁଙ୍କୁ ସୂଚନା ପ୍ରଦାନ କରି ଏଫ୍‌ଆଇଆର କପି ଦେଇ ପାରିଥାନ୍ତେ।



ସର୍ବେଶ୍ୱରଙ୍କ ସ୍ତ୍ରୀ ରିଲୁ ପୋଲିସକୁ ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି।

ପୋଲିସର ମାମଲା ଉପରେ ଯଦି ଅଧିକ ଅଭିଯୋଗ ରହିଛି ତେବେ ରିଲୁଙ୍କ ବୟାନ ରେକର୍ଡ କରି ପାରିଥାନ୍ତେ ବୋଲି ଆଇନଜୀବୀ ସାହୁ କହିଛନ୍ତି।

ରିଲୁଙ୍କ ଅଭିଯୋଗ ଅନୁସାରେ ଧର୍ମଶାଳା ବ୍ଲକ ଇମାମନଗର ଗ୍ରାମରେ ଅନୁଷ୍ଠିତ ଅଷ୍ଟପ୍ରହରୀରେ ତାଙ୍କ ସ୍ୱାମୀ ସର୍ବେଶ୍ୱର ଯୋଗଦେବାକୁ ଯାଇଥିଲେ। ସେଠାରେ କିଛି ସମୟ ଅତିବାହିତ କରି ଘରକୁ ଫେରୁଥିବା ସମୟରେ ରାତି ପ୍ରାୟ ୯ ଟା ୧୦ ମିନିଟ ସମୟରେ ଇମାମନଗର ଗଡାଣିଠାରେ ୧୦ଫୁଟ ଦୂରରେ ଅନ୍ଧାରରେ ଠିଆ ହୋଇଥିବା ୨ ଜଣ ଦୁର୍ବୃତ୍ତ ଲଗାତାର ୪ଟି ବୋମା ସର୍ବେଶ୍ୱରଙ୍କ କାର ଉପରକୁ ଫିଙ୍ଗିଥିଲେ। ଏହାପରେ ସେମାନେ ଏକ ନମ୍ବର ବିହୀନ ବାଇକ୍‌ରେ ଦ୍ରୁତଗତିରେ ଖସି ପଳାଇଥିଲେ। ଅନ୍ଧାର ହୋଇଥିବାରୁ ସେମାନଙ୍କୁ ଚିହ୍ନିବା ସମ୍ଭବ ହେଲା ନାହିଁ। ଏଥିରେ ତାଙ୍କ ସ୍ୱାମୀ ସର୍ବେଶ୍ୱର ସୌଭାଗ୍ୟବଶତଃ ବଞ୍ଚିଗଲେ ସିନା ତାଙ୍କ ଶରୀରରେ କାଚ ଓ ଲୁହା ଖଣ୍ଡ ପଶି ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି କରିଛି। ତାଙ୍କ ସ୍ୱାମୀଙ୍କ ସହ ଥିବା ସୁଶାନ୍ତ ବେହେରା ବି ଆହତ ହୋଇଛନ୍ତି । ଜିଲାର ବିଭିନ୍ନ ଦୁର୍ନୀତି ପ୍ରସଙ୍ଗ ଉଠାଇ ତାଙ୍କ ସ୍ୱାମୀ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ, ହାଇକୋର୍ଟ, ଲୋକାୟୁକ୍ତ ପ୍ରମୁଖ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଛାଖଣ୍ଡି, ଡଙ୍କାରୀ, ଆରୁହା ଆଦି ପାହାଡ଼ରେ ହୋଇଥବା ବିପୁଳ ପରିମାଣ ଟଙ୍କାର ଖଣିଲୁଟ ଦୁର୍ନୀତିର ତଦନ୍ତ ପାଇଁ ମଧ ସେ ପଦକ୍ଷେପ ନେଇଛନ୍ତି। ଗତ ୧୪।୩।୨୦୨୧ରେ ମୁକୁନ୍ଦପୁରଠାରେ ୫୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ଏହାକୁ ନେଇ ତାଙ୍କ ସ୍ୱାମୀ ଗଣମାଧ୍ୟମରେ ମୁହଁ ଖୋଲିବା ସହ ତଦନ୍ତ ପାଇଁ ଦାବି କରିଥିଲେ। ଗତ ବନ୍ୟା ସମୟରେ କେଲୁଅ ନଦୀବନ୍ଧ ନିର୍ମାଣରେ ହୋଇଥିବା ଦୁର୍ନୀତିକୁ ଚାପି ଦେବା ପାଇଁ ଷଡଯନ୍ତ୍ର କରି ଡିନାମାଇଟ ଲଗାଇ ବନ୍ଧକୁ ଭାଙ୍ଗି ଦିଆଯାଇଥିଲା । ଏ ସମ୍ପର୍କରେ ତାଙ୍କ ସ୍ୱାମୀ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହିସବୁ ଘଟଣାରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଓ ଖଣି ମାଫିଆମାନେ ସମ୍ପୃକ୍ତ ଥିବାର ଅଭିଯୋଗ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ତାଙ୍କ ସ୍ୱାମୀ ଦାବି କରି ଆସୁଛନ୍ତି। ଲୋକାୟୁକ୍ତରୁ କେଶ ପ୍ରତ୍ୟାହାର କରିବା ପାଇଁ ଖଣି ମାଫିଆ ଓ ବିଧାୟକ ପ୍ରଣବଙ୍କ ଦଳୀୟ ଗୁଣ୍ଡାମାନେ ତାଙ୍କ ସ୍ୱାମୀଙ୍କୁ ଚାପ ପ୍ରୟୋଗ ସହ ଧମକ ଦେଇ ଆସୁଥିଲେ। ତେଣୁ ଏହି ଘଟଣାରେ ବିଧାୟକ ପ୍ରଣବ ବଳବନ୍ତରାୟ ଓ ଖଣି ମାଫିଆଙ୍କ ଷଡଯନ୍ତ୍ର ବୋଲି ରିଲୁ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ।

ଅନ୍ୟପକ୍ଷେ ଧର୍ମଶାଳା ଥାନାର ଏସ୍‌ଆଇ ଅକ୍ଷୟ କୁମାର ନାୟକଙ୍କ ଅଭିଯୋଗ ଅନୁସାରେ ୨ ଜଣଙ୍କ ଦୁର୍ବୃତ୍ତଙ୍କ ବୋମାମାଡରେ ସର୍ବେଶ୍ୱର, ସୁଶାନ୍ତ ଗୁରୁତର ଆହତ ହୋଇଛନ୍ତି। ତାଙ୍କ କାର(ନଂ.ଓଆର ୦୪ ଏନ ୦୦୪୯) ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ତଦନୁସାରେ ଧର୍ମଶାଳା ଥାନାରେ ଏକ ମାମଲା(ନଂ. ୧୬୨/୨୦୨୧) ମାମଲା ରୁଜୁ ହୋଇଛି। ଯାଜପୁର ଏସ୍‌ପି ରାହୁଲ ପିଆରଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଘଟଣାର ତଦନ୍ତ ଚାଲିଛି। ଏଯାଏ କାହାରିକୁ ଗିରଫ କରାଯାଇ ନାହିଁ। ତେବେ ପୋଲିସର ଏତଲା ଉପରେ ମାମଲା ରୁଜୁ ହୋଇଛି। ସୂଚନାକୁ ନେଇ ତଦନ୍ତ ହେଉଥିବାରୁ ତାଙ୍କ ସ୍ତ୍ରୀଙ୍କ ଅଭିଯୋଗ ଉପରେ ମାମଲା କରିବାର କୌଣସି ଆବଶ୍ୟକତା ନାହିଁ।



ଆଧୁନିକ ମନୁଷ୍ୟର ସବୁକିଛି ସମସ୍ୟା ଓ ସଙ୍କଟର ପ୍ରତୀକ ପ୍ରତିନିଧି ହେଉଛି ଭାରତ। ଏହି ଭାରତରେ ହିଁ ଘଟିବ ଏକ ଅଭିନବ ଅଭ୍ୟୁଦୟ। ଏହି ଅଭ୍ୟୁଦୟ ହେବ ଏକ ଉଚ୍ଚତର ଓ ସତ୍ୟରେ ଜୀବନ ଆଡକୁ। –ଶ୍ରୀମା

# ନୂତନ ନନ୍ଦିଗ୍ରାମ

ପଶ୍ଚିମବଙ୍ଗର ନନ୍ଦିଗ୍ରାମ କହିଲେ ଅନେକ ଇତିହାସ ମନେପଡ଼େ। ଟାଟାର ନାନୋ ଗାଡ଼ି ସଙ୍ଗୁରରେ ହେବ ବୋଲି ବାମପନ୍ଥୀ ସରକାର ନିଷ୍ପତ୍ତି ନେବାବେଳକୁ ଠିକ୍ ସେହି ସମୟରେ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ସୃଷ୍ଟି କରାଯିବ ବୋଲି ତତ୍କାଳୀନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ନିଷ୍ପତ୍ତି ନେଇଥିଲେ। ନନ୍ଦିଗ୍ରାମରେ ପୋଲିସ ଗୁଳିରେ ୧୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଓଡ଼ିଶାରେ ମଧ୍ୟ ପାଖାପାଖି ସେହି ସମୟରେ କଳିଙ୍ଗନଗରରେ ଟାଟା କମ୍ପାନୀ ସପକ୍ଷରେ ଯାଇ ପୋଲିସ ୧୩ ଆଦିବାସୀଙ୍କୁ ହତ୍ୟା କରିଥିଲା। ଭାରତର କର୍ପୋରେଟ୍ ଜଗତର ସମ୍ଭବତଃ ଏହା ଥିଲା ପ୍ରଥମ ଆଖିଦୃଶିଆ ଆକ୍ରମଣ। ସେହି ଆକ୍ରମଣକୁ ବିରୋଧ କରିବାକୁ ଓଡ଼ିଶାରେ କେହି ବାହାରି ନ ଥିବାବେଳ ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ତତ୍କାଳୀନ ବାମପନ୍ଥୀ ସରକାର ବିରୋଧରେ ଆନ୍ଦୋଳନ ବଢ଼ାଇଥିଲେ। ଏହି ଆନ୍ଦୋଳନ ଶୀର୍ଷରେ ପହଞ୍ଚିବାବେଳକୁ ପଶ୍ଚିମବଙ୍ଗରେ ନିର୍ବାଚନ ହେଲା। ୩୪ ବର୍ଷରୁ ଅଧିକ ସମୟ ଧରି ଶାସନ କରୁଥିବା ବାମପନ୍ଥୀଙ୍କ ପତନ ଘଟି ତୃଣମୂଳ କଂଗ୍ରେସ ୨୦୧୧ରେ ମମତା ବାନାର୍ଜୀଙ୍କ ନେତୃତ୍ୱରେ ସରକାର ଗଠନ କଲା। ଏବେ ମମତାଙ୍କ ଶାସନର ୧୦ ବର୍ଷ ପୂର୍ତ୍ତି ହେବାକୁ ଯାଉଛି ଓ ପୁନର୍ବାର ନନ୍ଦିଗ୍ରାମ ଆଲୋଚନାକୁ ଆସିଛି।

ଦେଶର ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଥିବା ନିର୍ବାଚନରେ ପଶ୍ଚିମବଙ୍ଗ ଅନ୍ୟତମ। କେବଳ ଏହି ରାଜ୍ୟରେ ୮ଟି ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯାଉଛି। ଏପ୍ରିଲ ପହିଲାରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ନିର୍ବାଚନ ପ୍ରଚାର ୩୦ ମାର୍ଚ୍ଚରେ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ନନ୍ଦିଗ୍ରାମରୁ ମମତା ବାନାର୍ଜୀ ଏବଂ ଟିଏମ୍‌ସି ଛାଡ଼ି ଭାଜପାରେ ଯୋଗ ଦେଇଥିବା ଶୁଭେନ୍ଦୁ ଅଧିକାରୀଙ୍କ ମଧ୍ୟରେ କଡ଼ା ମୁକାବିଲା ହେବାକୁ ଯାଉଥିବା କୁହାଯାଉଛି। ଭାଜପା ତରଫରୁ ପ୍ରଚାର କରାଯାଉଛି ଯେ, ବଙ୍ଗାଲ କି ବେଟି ମମତା ଓ ଭୂମିପୁତ୍ର ଶୁଭେନ୍ଦୁ। ଏହାର ଅର୍ଥ ହେଲା ଅତି ଚତୁରତାର ସହ ମମତାଙ୍କୁ ସମ୍ମାନ ଦେଇ ସମଗ୍ର ବଙ୍ଗାଳୀ ଜାତିର 'କନ୍ୟା'ର ଆଖ୍ୟା ଦେଲାବେଳେ ନିଜର ସନ୍ତାନ କିମ୍ବା ଭୂମିପୁତ୍ରର ଆଖ୍ୟା ଦେଇ ଶୁଭେନ୍ଦୁଙ୍କୁ ଆଗୁଆ ରଖିବାର ଚେଷ୍ଟା କରାଯାଉଛି। କେବଳ ଅସୁବିଧାଟି ହେଲା ଯେ, ବଙ୍ଗଳୀ ଭାଷାରେ କନ୍ୟାକୁ କେହି 'ବେଟି' କହନ୍ତି ନାହିଁ। ସେଠାକାର ଶବ୍ଦ ହେଉଛି 'ମେ'। କିନ୍ତୁ ଭାଜପାରେ ଅଧିକାଂଶ ନେତା ହିନ୍ଦୀ ଭାଷାଭାଷୀ ଥିବା ହେତୁ ସ୍ଲୋଗାନ ଲେଖୁଥିବା ଲୋକ ମଧ୍ୟ ବଙ୍ଗାଳୀ ବେଟି ବୋଲି ଉଲ୍ଲେଖ କରିଛନ୍ତି। ପୂର୍ବରୁ ଶୁଭେନ୍ଦୁ ଥିଲେ ତୃଣମୂଳ କଂଗ୍ରେସର ଟାଣୁଆ ନେତା। ଡିସେମ୍ବର ୨୦୨୦ରେ ଅମିତ ଶାହାଙ୍କ ଦ୍ୱାରା ଆୟୋଜିତ ସଭାରେ ଶୁଭେନ୍ଦୁ ଭାଜପାରେ ଯୋଗ ଦେଇ ନନ୍ଦିଗ୍ରାମରୁ ନିର୍ବାଚନ ଲଢ଼ିବା ଘୋଷଣା କରିଥିଲେ। ମମତା ଏଠାରୁ ଲଢ଼ିଲେ ତାଙ୍କୁ ୫୦,୦୦୦ ଭୋଟରେ ହରାଇବେ ବୋଲି ଶୁଭେନ୍ଦୁ ଉକ୍ତ ସଭାରେ ଦୃଢ଼ତା ପ୍ରକାଶ କରିଥିଲେ। ଅଧିକାରୀଙ୍କ ଆହ୍ୱାନକୁ ଗ୍ରହଣ କରି ମମତା ନନ୍ଦିଗ୍ରାମରୁ ନିର୍ବାଚନ ଲଢ଼ିବା ଲାଗି ଘୋଷଣା କଲେ। ଶୁଭେନ୍ଦୁଙ୍କ ପରିବାରର ରାଜନୈତିକ ଗଡ଼ କୁହାଯାଉଥିବା ନନ୍ଦିଗ୍ରାମରୁ ୨୦୧୬ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଭାବେ ସେ ୬୭% ଭୋଟ ପାଇ ବିଜୟୀ ହୋଇଥିଲେ। ଅର୍ଥାତ୍ ଶୁଭେନ୍ଦୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟିର ଅବଦୁଲ କାଦିର ଶେଖଙ୍କ ଠାରୁ ୮୧,୨୩୦ ଭୋଟ ବ୍ୟବଧାନରେ ଜିଣିଥିଲେ।

ନନ୍ଦିଗ୍ରାମ ଲଢ଼େଇର ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଏଡ଼ାଇ ହେବ ନାହିଁ। କ୍ଷମତାସୀନ ତୃଣମୂଳ କଂଗ୍ରେସକୁ ପ୍ରତାରଣା କରି ଭାଜପାରେ ଯୋଗ ଦେଇଥିବା କେତେକ ବିଧାୟକ, ମନ୍ତ୍ରୀ ଏବଂ ନେତାଙ୍କ ମଧ୍ୟରୁ ଶୁଭେନ୍ଦୁ ଅଧିକାରୀ ଥିଲେ ସବୁଠାରୁ ଆଗୁଆ। ଏକ ସମୟରେ ଶୁଭେନ୍ଦୁଙ୍କୁ ତୃଣମୂଳ କଂଗ୍ରେସ ଭିତରେ ମମତାଙ୍କର ଉତ୍ତରାଧିକାରୀ ଭାବେ ଦେଖାଯାଉଥିଲା। ପରବର୍ତ୍ତୀ ସମୟରେ ଯେତେବେଳେ ମମତାଙ୍କ ପୁତୁରା ଦଳରେ ଆଧିପତ୍ୟ ଜାହିର କଲେ ସେତେବେଳେ ଶୁଭେନ୍ଦୁଙ୍କ ଗୁରୁତ୍ୱ ହ୍ରାସ ପାଇଲା। ନିଜର ଭବିଷ୍ୟତ ଦେଖି ନ ପାରି ଶୁଭେନ୍ଦୁ ଦଳବଦଳ କରିଥିଲେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମତ ଦିଅନ୍ତି। ସେଭଳି ବିଶ୍ୱାସଘାତକଙ୍କୁ ଉଚିତ ଶିକ୍ଷା ଦେବା ଲାଗି ମମତାଙ୍କର ନିଷ୍ପତ୍ତି ନନ୍ଦିଗ୍ରାମକୁ କରିଦେଲା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୋଟ ରଣକ୍ଷେତ୍ର। ପ୍ରଚାରର ଶେଷ ଦିନରେ ଅନୁଷ୍ଠିତ ସମାବେଶରେ ଉଦ୍‌ବୋଧନ ଦେଇ ମମତା ଘୋଷଣା କରିଛନ୍ତି ଯେ, ତାଙ୍କର ନନ୍ଦିଗ୍ରାମରେ ପ୍ରବେଶ କରିବା ଅର୍ଥ ହେଲା ସେଠାରେ ମମତା ରହିବେ। ସିଙ୍ଗୁରଠାରୁ ନନ୍ଦିଗ୍ରାମକୁ ଅଧିକ ଗୁରୁତ୍ୱ ଦେବେ ଏବଂ ସେଠାକାର ମହିଳାଙ୍କୁ ସମ୍ମାନ ଜଣାଇବା ସହିତ ବାମପନ୍ଥୀ ଭୋଟରଙ୍କୁ ଭାଜପାକୁ ଭୋଟ ନ ଦେବା ପାଇଁ ଅନୁରୋଧ କରିଛନ୍ତି।

ରାଜନୀତି ଓ ନିର୍ବାଚନ ବ୍ୟତୀତ ନନ୍ଦିଗ୍ରାମର ଏକ କୌତୂହଳ ଦିଗ ମଧ୍ୟ ସୃଷ୍ଟି ହେଲାଣି। ଆଜି ପର୍ଯ୍ୟନ୍ତ ନିଜକୁ ଧର୍ମନିରପେକ୍ଷ କହି ଆସୁଥିବା ମମତା ବାନାର୍ଜୀ ଏବେ ଏକ ବ୍ରାହ୍ମଣ ପରିବାରର କନ୍ୟା ବୋଲି କହି ନନ୍ଦିଗ୍ରାମର ଅନେକ ଛୋଟବଡ଼ ମନ୍ଦିର ଦର୍ଶନ କରୁଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଶୁଭେନ୍ଦୁ ଅଧିକାରୀ ମଧ୍ୟ ବ୍ରାହ୍ମଣ ହୋଇଥିବାରୁ ମମତାଙ୍କୁ ନିଜର ହିନ୍ଦୁପଣିଆ ଦର୍ଶାଇବାକୁ ପଡୁଛି। କେବଳ ସେତିକି ନୁହେଁ, ଭାଜପାର ଆକ୍ରମଣରେ ମମତାଙ୍କ ଭଳି ଟାଣୁଆ ନେତାଙ୍କୁ ମଧ୍ୟ ନିଜର ଉଚ୍ଚଜାତି ପରିଚୟ ଦେବାକୁ ବାଧ୍ୟ କରୁଛି। ଏହା ହେଉଛି ଆଧୁନିକ ଭାରତୀୟ ରାଜନୀତିରେ ମୋଡ଼। ଯେତେବେଳେ ସମଗ୍ର ପୃଥିବୀ ବୈଜ୍ଞାନିକ ଏବଂ ଅର୍ଥନୈତିକ ଚିନ୍ତାଧାରାରେ ଆଧୁନିକ ହେବାକୁ ଚେଷ୍ଟା କରୁଛନ୍ତି, ସେତେବେଳେ ଭାରତୀୟଙ୍କ ଦୃଷ୍ଟିକୁ ଜୋର ଜବରଦସ୍ତ ପୁରାତନ ଚିନ୍ତା ଆଡ଼କୁ ମୋଡ଼ି ଦିଆଯାଉଛି।

# ଏ କି ଆତ୍ମନିର୍ଭର ଭାରତ



ଡ. ସନ୍ତୋଷ କୁମାର ମହାପାତ୍ର

ବହୁ ସମୟରେ ଶାସକ ଶ୍ରେଣୀ ଯେତେବେଳେ ପୁଞ୍ଜିପତିଙ୍କୁ ସନ୍ତୁଷ୍ଟ କରିବା ପାଇଁ କିଛି ଜନବିରୋଧୀ ପଦକ୍ଷେପ ନିଅନ୍ତି, ସେତେବେଳେ ସିଧାସଳଖ ନ କହି ମନଭୁଲାଣିଆ ସ୍ଲୋଗାନର ଖୋଳପା ମାଧ୍ୟମରେ କହିଥାନ୍ତି। ବର୍ତ୍ତମାନ ସବୁଠାରୁ ଚର୍ଚ୍ଚିତ ସ୍ଲୋଗାନ ହେଉଛି 'ଆତ୍ମନିର୍ଭର ଭାରତ'। ପ୍ରଥମ କଥା ଯେତେବେଳେ କରୋନା ମହାମାରୀ ପୂର୍ବରୁ ଏହି ସରକାର ୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଶାସନ କରିଥିଲେ, ସେତେବେଳେ 'ଆତ୍ମନିର୍ଭର ଭାରତ' ପାଇଁ କାହିଁକି ପ୍ରୟାସ କଲେ ନାହିଁ। କିନ୍ତୁ କରୋନା ମହାମାରୀ ଦ୍ୱାରା ଯେତେବେଳେ ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ, ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ଜନତା ପ୍ରାଣ ହରାଇଛନ୍ତି, କୋଟି କୋଟି ଜୀବିକାର ଉତ୍ସ ହରାଇଛନ୍ତି, ସେତେବେଳେ ନିଯୁକ୍ତି ସୃଷ୍ଟିକରିବା ପରିବର୍ତ୍ତେ, ଲୋକଙ୍କ କ୍ରୟଶକ୍ତି ବୃଦ୍ଧି ପାଇଁ ଚେଷ୍ଟାକରିବା ପରିବର୍ତ୍ତେ 'ପାଞ୍ଚ ଟ୍ରିଲିୟନ ଅର୍ଥନୀତି 'ର ସ୍ୱପ୍ନ ଦୋହରାଇବା ଏବଂ 'ଆତ୍ମନିର୍ଭର ଭାରତ' କଥା କହିବା କେତେ ଯଥାର୍ଥ। ଏହାଦ୍ୱାରା ସାଧାରଣ ଜନତା କେତେ ଉପକୃତ ହେବେ ସେ ବିଷୟରେ ସରକାର ନୀରବ।

ସରକାର ଯେତେବେଳେ 'ଆତ୍ମନିର୍ଭର ଭାରତ' କଥା କହୁଛନ୍ତି, ସେତେବେଳେ ଏହାର ସ୍ୱରୂପ କିପରି ହେବ, କେଉଁ କେଉଁ କ୍ଷେତ୍ରରେ ଆମେ ସ୍ୱାବଲମ୍ବନ ନୁହଁ ଏବଂ ତାହା କିପରି ହାସଲ କରିବା ସେ ସମ୍ପର୍କରେ ସରକାର ସମ୍ପୂର୍ଣ୍ଣ ନୀରବ। କିନ୍ତୁ ସରକାର ରାଷ୍ଟ୍ରାୟତ୍ତ ଶିଳ୍ପର ଘରୋଇକରଣ ବା ସେଥିରୁ ପୁଞ୍ଜି ପ୍ରତ୍ୟାହାର, ଦେଶର ସମ୍ପତ୍ତି ବିକ୍ରିକରି ସମ୍ବଳ ସଂଗ୍ରହ କରିବା, ବିଦେଶୀ ପୁଞ୍ଜିକୁ ଅଧିକ ପ୍ରାଧାନ୍ୟ ଦେବା 'ଆତ୍ମନିର୍ଭର ଭାରତ' ଗଠନରେ ସହାୟକ ହେବ ବୋଲି ସରକାର କହୁଛନ୍ତି। କିନ୍ତୁ ଏହାଦ୍ୱାରା ଦେଶୀବିଦେଶୀ କମ୍ପାନୀ, ନିବେଶକଙ୍କ ସ୍ୱାର୍ଥସାଧନ ହେବା ସହିତ ତାଙ୍କ ଉପରେ ଅର୍ଥନୀତି ଅଧିକ ନିର୍ଭରଶୀଳ ହେବ।

ଘରୋଇ କମ୍ପାନୀଗୁଡ଼ିକ କେବଳ ଲାଭକୁ ଗୁରୁତ୍ୱ ଦିଅନ୍ତି। ସେମାନେ ଶସ୍ତାଦରରେ ଲୋକଙ୍କୁ ସାମଗ୍ରୀ ଏବଂ ସେବା ଯୋଗାଇବାକୁ ଚେଷ୍ଟା କରନ୍ତି ନାହିଁ। ପ୍ରାରମ୍ଭରେ, ସେମାନେ ବଜାରକୁ କାବୁ କରିବା, କିନ୍ତୁ ବଜାର ନିଜ ନିୟନ୍ତ୍ରଣକୁ ଆସିବା ପରେ ସେମାନେ ଏକ କାର୍ଟେଲ ଗଠନ କରି ମୂଲ୍ୟ ବୃଦ୍ଧି କରିଥାନ୍ତି। ଏକ କାର୍ଟେଲ ହେଉଛି ବ୍ୟବସାୟୀମାନେ ଏକ ଉତ୍ପାଦ କିମ୍ବା ସେବାର ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ ଏକତ୍ରିତ ହେବା। କାର୍ଟେଲଗୁଡ଼ିକ ସମାନ ଶିଳ୍ପରେ ପ୍ରତିଯୋଗୀ ଏବଂ ପରସ୍ପର ସହ ଚୁକ୍ତି ବା ବୁଝାମଣା ଦ୍ୱାରା ମୂଲ୍ୟ ନିୟନ୍ତ୍ରଣ କରି ପରସ୍ପର ମଧ୍ୟରେ ପ୍ରତିଯୋଗିତାକୁ ହ୍ରାସ କରିବାକୁ ଚେଷ୍ଟା କରନ୍ତି। ବ୍ୟକ୍ତିଗତ ଘରୋଇ ଏକଚାଟିଆ ସର୍ବଦା ବିପଜ୍ଜନକ। ଘରୋଇକରଣ ଯେତେ ଅଧିକ ହେବ, ଦ୍ରବ୍ୟ ଏବଂ ସେବାମୂଲ୍ୟ ସେତେ ଅଧିକ ବୃଦ୍ଧିପାଇବ। ଜୀବନଶୈଳୀ ମୁଦ୍ରାସ୍ଫୀତି ବୃଦ୍ଧିପାଇ ଲୋକଙ୍କ କ୍ରୟ କ୍ଷମତାକୁ ହ୍ରାସ କରିବ। ଶିକ୍ଷା ଓ ସ୍ୱାସ୍ଥ୍ୟର ଘରୋଇକରଣ ଯୋଗୁ ସେହି ସେବାଗୁଡ଼ିକ ପାଇବା ପାଇଁ ଆମର ଖର୍ଚ୍ଚର ମୁଖ୍ୟ ଅଂଶ କିପରି ସେହି ବାବଦରେ ବ୍ୟୟ ହେଉଛି ତାହା ସମସ୍ତଙ୍କୁ ଜଣା। ଜଣେ ଅଭାବ ଅସୁବିଧାରେ ପଡ଼ିଲେ ନିଜ ସମ୍ପତ୍ତି ବିକ୍ରି କରିଥାଏ। ସେହିପରି ସରକାର ଧନିକ ଶ୍ରେଣୀ, ବୃହତ୍ କର୍ପୋରେଟମାନଙ୍କଠାରୁ ଆବଶ୍ୟକ ଟିକସ ଆଦାୟ କରିବାରେ ବିଫଳ ହେବା ଯୋଗୁ, ଦେଶ ଚଳାଇବା ପାଇଁ ଆବଶ୍ୟକ ସମ୍ବଳର କିଛିଅଂଶ ରାଷ୍ଟ୍ରର ସମ୍ପତ୍ତି ବିକ୍ରିକରି (ଯାହାକୁ ମନିଟାଇଜେଶନ ଅଫ ଆସେଟ କହୁଛନ୍ତି) ଏବଂ ରାଷ୍ଟ୍ରାୟତ୍ତ ଶିଳ୍ପରୁ ପୁଞ୍ଜି ପ୍ରତ୍ୟାହାର କରିବା ଘରୋଇକରଣ କରି ସଂଗ୍ରହ କରୁଛନ୍ତି। ଏହାଦ୍ୱାରା ରାଷ୍ଟ୍ରର ସମ୍ପତ୍ତିର ମାଲିକାନା ରାଷ୍ଟ୍ର ହାତରୁ ବ୍ୟକ୍ତିଗତ ଲୋକଙ୍କ ନିକଟକୁ ଚାଲିଯାଉଛି। ରାଷ୍ଟ୍ରର କ୍ଷମତା ହ୍ରାସ ପାଇବା ସହିତ ପୁଞ୍ଜିପତି, କର୍ପୋରେଟମାନଙ୍କ କ୍ଷମତା, କର୍ତ୍ତୃତ୍ୱ ଆହୁରି ବୃଦ୍ଧି ପାଉଛି। ପରୋକ୍ଷରେ ଗରିବର ସ୍ୱର ନିଷ୍ପ୍ରଭ ହୋଇଯାଉଛି। ପୁନଶ୍ଚ ରାଷ୍ଟ୍ରାୟତ୍ତ ଶିଳ୍ପରୁ ସରକାର ଯେଉଁ ଲାଭାଂଶ ପାଉଥିଲେ, ତାହା ସରକାରଙ୍କ ଅଂଶ ହ୍ରାସ ଅନୁସାରେ କମିଯିବ।

ସରକାର କହୁଛନ୍ତି ଯେ, ବ୍ୟବସାୟ କରିବା ସରକାରଙ୍କର କାର୍ଯ୍ୟ ନୁହେଁ। ଏହାର ଅର୍ଥ ସରକାର ରାଷ୍ଟ୍ରାୟତ୍ତ ଶିଳ୍ପ ଘରୋଇ କମ୍ପାନୀଙ୍କୁ ସମର୍ପି ଦେବେ। ନିଜ ଦାୟିତ୍ୱରୁ ଓହରି ଆସିବେ। କିନ୍ତୁ ଏକ ରାଷ୍ଟ୍ର କାର୍ଯ୍ୟ କେବଳ ସମ୍ବଳ ସଂଗ୍ରହ ଏବଂ ଆବଣ୍ଟନ ନୁହେଁ ବରଂ ସମ୍ବଳର ସୁଷମ ବଣ୍ଟନ ଏବଂ ବଣ୍ଟନକାରୀ ନ୍ୟାୟ ପ୍ରଦାନ କରିବା। ବଣ୍ଟନକାରୀ ନ୍ୟାୟପ୍ରଦାନ ଅର୍ଥ ଧନିକ ଶ୍ରେଣୀଙ୍କଠାରୁ ଅଧିକ ଟିକସ ଆଦାୟକରି ତାକୁ ବିଭିନ୍ନ ଜନହିତକର କାର୍ଯ୍ୟରେ ବ୍ୟୟକରି ଦାରିଦ୍ର୍ୟ, କ୍ଷୁଧା, ବୈଷମ୍ୟ ଅସମାନତା ଦୂର କରିବା। ଏହି କାର୍ଯ୍ୟ ପାଇଁ ରାଷ୍ଟ୍ରାୟତ୍ତ ଶିଳ୍ପ ଅଧିକ ଶକ୍ତିଶାଳୀ ହେବା ଉଚିତ, ଘରୋଇକରଣ ନୁହେଁ। ଏପରି କି ୨୦୦୮ର ବିଶ୍ୱ ଆର୍ଥିକସଙ୍କଟର କୁପ୍ରଭାବ ଭାରତ ଉପରେ କମ୍ ପଡିଥିଲା କାରଣ ଭାରତରେ ଏକ ଶକ୍ତିଶାଳୀ ରାଷ୍ଟ୍ରାୟତ୍ତ ଶିଳ୍ପ ଥିଲ। ବାସ୍ତବରେ ସରକାର ବ୍ୟବସାୟ ବା ନିଜ ଦାୟିତ୍ୱରୁ ସିନା ଅପସରି ଯିବା କଥା କହୁଛନ୍ତି, କିନ୍ତୁ ଶିଳ୍ପପତି, ପୁଞ୍ଜିପତିଙ୍କ ସ୍ୱାର୍ଥ ପାଇଁ ହସ୍ତକ୍ଷେପ କରୁଛନ୍ତି। ୨୦୧୯ରେ କର୍ପୋରେଟ ଟିକସ ଅହେତୁକ ହ୍ରାସକରିବା, ତାହାର ଏକ ଜ୍ୱଳନ୍ତ ଉଦାହରଣ। ମହାମାରୀ ସମୟରେ ଯେତେବେଳେ କୋଟି କୋଟି ଲୋକ ଚାକିରି ହରାଇଲେ ସେତେବେଳେ ୧୦୦ ଅରବପତିଙ୍କ ସମ୍ପଦ କିପରି ୩୫% ବୃଦ୍ଧି ପାଇଲା।

ସେହିପରି ଲଗାମହୀନ ଏଫଡିଆଇ ପ୍ରବେଶକୁ 'ଆତ୍ମନିର୍ଭର ଭାରତ' ର ଏକ ପ୍ରକ୍ରିୟା ଭାବେ ଧରାଯାଉଛି। କିନ୍ତୁ ଉପା ସରକାର ଅମଳରେ ଭାଜପା ଏହାକୁ ଦୃଢ଼ ବିରୋଧ କରିଥିଲା। ଆମେ ଭୁଲିବା ଅନୁଚିତ ଯେ ଏକଦା ବ୍ୟବସାୟ କରିବାକୁ ଆସି ବ୍ରିଟିଶ ଆମ ଦେଶକୁ ଶାସନ କରିଥିଲା। ଏଫଡିଆଇକୁ ଆମେ ସମ୍ପୂର୍ଣ୍ଣ ବିରୋଧ କରୁନାହୁଁ, କିନ୍ତୁ ଏହାର ଲଗାମହୀନ ପ୍ରବେଶ ଅର୍ଥନୀତି ପାଇଁ ଶୁଭଙ୍କରୀ ନୁହେଁ। ଏହା ଉପରେ ଅଙ୍କୁଶ ରହିବା ଉଚିତ। ବିଶେଷକରି ଆର୍ଥିକ କ୍ଷେତ୍ର ଯଥା ବ୍ୟାଙ୍କ୍, ବୀମା ତଥା ପ୍ରତିରକ୍ଷାରେ ଏହା ସର୍ବଦା ବର୍ଜନୀୟ। ଯେଉଁ କ୍ଷେତ୍ରରେ ଆସୁଛି ତାହା ଯେପରି ନୂତନ ଶିଳ୍ପ ପ୍ରତିଷ୍ଠା କରେ, ଅଧିକ ନିଯୁକ୍ତି ସୃଷ୍ଟିକରେ, ନୂତନ ବୈଷୟିକ ଜ୍ଞାନକୌଶଳ ପ୍ରଦାନ କରେ ତାହା ପ୍ରତି ଧ୍ୟାନଦେବା ଉଚିତ। କିନ୍ତୁ ସେପରି ଆଖିଦୃଶିଆ ନିଯୁକ୍ତି ସୃଷ୍ଟି ହେଉନାହିଁ। ଆମ ଦେଶର ଆର୍ଥିକ ଅଭିବୃଦ୍ଧି ମୁଖ୍ୟତଃ ଘରୋଇ ସଞ୍ଚୟ ଉପରେ ନିର୍ଭରଶୀଳ। ଏଫଡିଆଇର ଭୂମିକା ଅତ୍ୟନ୍ତ ନ୍ୟୂନ। ବର୍ତ୍ତମାନ ସରକାର ମାଲିକମାନଙ୍କୁ ସୁହାଇଲା ପରିଶ୍ରମ ଆଇନରେ ପରିବର୍ତ୍ତନ ଆଣିଛନ୍ତି। ମଜୁରି ସଂହିତାରେ ପରିବର୍ତ୍ତନ କରୁଛନ୍ତି। ଏହାଦ୍ୱାରା ଅନ୍ୟାୟ, ଅତ୍ୟାଚାର ବିରୋଧରେ ଶ୍ରମିକମାନଙ୍କ ପ୍ରତିବାଦ ବା ଧର୍ମଘଟ କରିବାର ଅଧିକାର ସଙ୍କୁଚିତ ହେବ। ଶ୍ରମିକମାନେ ମାଲିକମାନଙ୍କ ଦାସତ୍ୱ ସ୍ୱୀକାର କରିବାକୁ ପଡ଼ିବ। ଶ୍ରମିକମାନଙ୍କ ଗଣତାନ୍ତ୍ରିକ ଅଧିକାର କ୍ଷୁଣ୍ଣ କରି କିପରି 'ଆତ୍ମନିର୍ଭର ଭାରତ' ଗଠନ ହେବ ତାହା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଉଲ୍ଲେଖଯୋଗ୍ୟ ଯେ, ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଅନୁଯାୟୀ ଭାରତରେ ଶ୍ରମିକମାନେ ବିଶ୍ୱରେ ସର୍ବାଧିକ ସମୟ ଖଟିଥାନ୍ତି, କମ୍ ମଜୁରି ଏବଂ କମ୍ ଅବକାଶ ପାଇଥାନ୍ତି।

କେତେକ ଅର୍ଥନୀତିଜ୍ଞଙ୍କ ମତରେ 'ଆତ୍ମନିର୍ଭର ଭାରତ' ଏବଂ 'ସ୍ୱାବଲମ୍ବନଶୀଳତା' ସମାନ ନୁହେଁ ଏବଂ ଭିନ୍ନ ଭିନ୍ନ ସମ୍ପର୍କ ରହିଛି। ଆତ୍ମନିର୍ଭରଶୀଳତାର ଅର୍ଥ ହେଉଛି, ଆମଦାନୀ କରୁଥିବା ଅର୍ଥ ପାଇଁ ଆମ ପାଖରେ ପର୍ଯ୍ୟାପ୍ତ ବିଦେଶୀମୁଦ୍ରା ସଂରକ୍ଷଣ ଅଛି। ସ୍ୱାବଲମ୍ବନଶୀଳତା ଅର୍ଥ ହେଉଛି, ଦେଶ ଚାହୁଁଥିବା ସମସ୍ତ ସାମଗ୍ରୀ ଏବଂ ସେବା ଉତ୍ପାଦନ କରେ ଓ ଅନ୍ୟ ଦେଶ ଉପରେ ନିର୍ଭର କରିବାର ଆବଶ୍ୟକତା ପଡ଼େ ନାହିଁ। କିନ୍ତୁ ଏଥିପାଇଁ ଆମକୁ ଗୁଣାତ୍ମକ ଦ୍ରବ୍ୟ ସେବା କମ୍ ମୂଲ୍ୟରେ ଉତ୍ପାଦନ କରିବାର ଆବଶ୍ୟକତା ରହିଛି। କିନ୍ତୁ ସେଥିପାଇଁ ପ୍ରଚେଷ୍ଟା ନାହିଁ। ଏବେ ବି ପ୍ରତିରକ୍ଷା ସାମଗ୍ରୀ, ଅସ୍ତ୍ରଶସ୍ତ୍ର ବିଦେଶରୁ କ୍ରୟ କରୁଛେ। ଏଥିରେ ପ୍ରଥମେ ଆତ୍ମନିର୍ଭରଶୀଳତା ହାସଲ କରିବା ଆବଶ୍ୟକ। ଭାରତରେ ତିଆରି କରନ୍ତୁ ସ୍ଲୋଗାନ ଏବଂ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଆମେ ଆମଦାନୀ ହ୍ରାସ ନ କରି ଆମର ରପ୍ତାନି ବୃଦ୍ଧି ପାଇଁ ପ୍ରୟାସ କରିବା ଉଚିତ।

ବାସ୍ତବରେ 'ଆତ୍ମନିର୍ଭର ଭାରତ'ର ପ୍ରଥମ ଲକ୍ଷ୍ୟ ହେଉଛି ତ ଯେପରି କେହି ଭୋକରେ ମରିବା ଉଚିତ ନୁହେଁ। ବାସହୀନ ହୋଇ ରାସ୍ତାରେ ନ ଶୋଉ, ଅର୍ଥ ଅଭାବରୁ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ସେବାରୁ ବଞ୍ଚିତ ନ ହେଉ। ଏହାସହିତ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ଯେତେ ସମ୍ଭବ ଯୁବତୀଯୁବକଙ୍କୁ ନିଯୁକ୍ତି ଯୋଗାଇ ଆତ୍ମନିର୍ଭର କରିବା। କିନ୍ତୁ ସରକାରଙ୍କ 'ଆତ୍ମନିର୍ଭରଶୀଳ ଭାରତ' କାର୍ଯ୍ୟକ୍ରମରେ ଏସବୁ କିଛି ନାହିଁ। କେବଳ କର୍ପୋରେଟଜଗତର ସ୍ୱାର୍ଥକୁ ପ୍ରାଧାନ୍ୟ ଦିଆଯାଇଛି। ପୁନଶ୍ଚ ଦରଦାମ ଏପରି ନିୟନ୍ତ୍ରଣ ରଖିବା ଉଚିତ ଯେ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେବେନାହିଁ। କିନ୍ତୁ ପେଟ୍ରୋଲିୟମ ସାମଗ୍ରୀ ଉପରେ ଅହେତୁକ ଟିକସ ଧାର୍ଯ୍ୟକରିବା ଯୋଗୁ ସବୁ ଦ୍ରବ୍ୟ ମହଙ୍ଗା ହେବା ସହିତ ଲୋକଙ୍କ କ୍ରୟଶକ୍ତି ହ୍ରାସପାଇଛି; ଯାହା 'ଆତ୍ମନିର୍ଭରଶୀଳ ଭାରତ'ର ସମ୍ପୂର୍ଣ୍ଣ ପରିପନ୍ଥୀ।

ଜଣେ ସ୍ୱାଧୀନ ମତ ଦେଇପାରିବା, ଗଣମାଧ୍ୟମ ସ୍ୱାଧୀନଭାବେ ମତଦେବା ଏବଂ ସରକାରଙ୍କ ବିଫଳତା ଦର୍ଶାଇବା, ଗଣତନ୍ତ୍ରକୁ ଅଧିକ ଶକ୍ତିଶାଳୀ କରିବା 'ଆତ୍ମନିର୍ଭର ଭାରତ' ପାଇଁ ଅତ୍ୟନ୍ତ ଜରୁରୀ। କିନ୍ତୁ ବାସ୍ତବରେ ବର୍ତ୍ତମାନ ଗଣମାଧ୍ୟମ ସ୍ୱାଧୀନଭାବେ ମତଦେଉନାହିଁ ଏବଂ ଗରିବର ସ୍ୱର ବହନ କରୁନାହିଁ। ସରକାର କିପରି ଅନ୍ୟଠାରୁ ଅଧିକ ସଫଳତା ପାଇବେ, ତାହା ପାଇଁ ଚେଷ୍ଟା ନ କରି ନିଜ ଦୋଷଘୋଡ଼ାଇବା ପାଇଁ ଅନ୍ୟ ସରକାର ବା ଅନ୍ୟ ଦେଶର ଦୁର୍ବଳତା ସହିତ ତୁଳନା କରୁଛନ୍ତି। ଏହାଦ୍ୱାରା ଆମର ପ୍ରଗତି ବାଧାପ୍ରାପ୍ତ ହେଉଛି।

ମୋ: ୯୪୩୭୨୦୮୭୬୨
skmohapatra୬୭@gmail.com

# ଖରାଦିନର ଆନନ୍ଦ



ଡ. କୁଳାଙ୍ଗାର

ଆଜିର ଖୋଲାମେଲା ଦୁନିଆରେ କେଉଁ ଋତୁ କେଉଁଦିନ ଆସି କେତେବେଳେ ଚାଲିଯାଏ ତାହାର ହିସାବ ରଖି ହୁଏନା। ତେବେ ଖରାଦିନ କେବେଠୁ ଆସିଲା ବୋଲି ଜାଣିବା ପାଇଁ ଆମେ ଆପଣଙ୍କୁ ଗୋଟିଏ ସରଳ ଉପାୟ ବିନାମୂଲ୍ୟରେ ବତାଉଛୁ! ଯେଉଁଦିନ ଖବରକାଗଜ ଓ ଟିଭିରେ ସିଏ ଆଦୌ ବିଜୁଳିକାଟ ହେବନାଇଁ ବୋଲି ବିଭାଗୀୟ ମନ୍ତ୍ରୀ ମହୋଦୟଙ୍କର ବିବୃତି ଦେଖିଲା ସେଇଦିନ ସିଏ ଜାଣିପାରିଲା କି ଭାଇ ଖରାଦିନ ଆସିଗଲା। ଏକଥାକୁ ବି ସିଏ ଗ୍ରହଣ କରିନେଲା କି ଆଜିଠାରୁ ହିଁ ବିଜୁଳିକାଟ ହେବ! ଜଳରୁ ବିଦ୍ୟୁତ୍ ତିଆରି ହୁଏ, ଖରା ଜଳ ପିଇ ଯାଉଥିବାରୁ ବିଜୁଳି ଉତ୍ପାଦନ କମ୍ ହୁଏ। ତେବେ ଅନ୍ୟଦିନରେ ମଧ୍ୟ ବିଜୁଳିକାଟ ହୋଇଥାଏ! ସେ ଦିନରେ ପାଣିସବୁ କିଏ ପିଇଯାଏ ତାହାର ଉତ୍ତର କାହା ପାଖରେ ନାହିଁ।

ଖରାଦିନ ସହ ବିଜୁଳିର ନିବିଡ ସମ୍ପର୍କ। ଖରାଦିନ ଆସିଲେ ବିଜୁଳିକାଟ ହୁଏ ଏବଂ ବିଜୁଳିକାଟ ହେଲେ ହିଁ ଖରାଦିନକୁ ଅନୁଭବ କରିହୁଏ। ପାଣିବିନା ସିନା ବିଜୁଳିକାଟ ହୁଏ। ଶରୀରରୁ କିନ୍ତୁ ଝାଳ ଆକାରରେ ଗମ୍‌ଗମ୍ ପାଣି ବୋହିଯାଏ। ତେଣୁ ଶରୀରରେ ପାଣିକୁ ଭରଣା କରିବା ପାଇଁ ମଣିଷ ପିଆପିଇରେ ବ୍ୟସ୍ତ ରହେ। କିଏ ପଣା ପିଇ ସନ୍ତୁଷ୍ଟ ରହେ ଆଉ କିଏ ନାଲିପାଣିକୁ ପିଇ ମତୁଆଲା ହୁଏ।

ତା' କଥା ତ ଆପଣ ଜାଣନ୍ତି। ଖରାଦିନ ଆସିଗଲେ ତା'ର ଦୁଃଖ ଯେତିକି ସୁଖ ସେତିକି। ଏଇ ଖରାଦିନରେ ହିଁ ତା'ର ବାହାଘର ହୋଇଥିଲା। ବାହାଘର ବର୍ଷଟି ତେଣୁ ତାକୁ ଖରାଦିନଟି ବେଶ୍ ଆନନ୍ଦମୟ ମନେ ହୋଇଥିଲା। ସେତେବେଳର ତାତି ତାକୁ ସକାଳର କଅଁଳ ଖରା ଭଳି ଲାଗୁଥିଲା। କିନ୍ତୁ ବର୍ଷପରେ ବର୍ଷ ଦାମ୍ପତ୍ୟର ଦାଦାଗିରି ଓ ପାରିବାରିକ ଜଞ୍ଜାଳରେ ଘାଣ୍ଟିହେଲା ପରେ ତାକୁ ଖରାଦିନ ବେଶ୍ ଭୟଙ୍କର ଲାଗେ। କାରଣ ଖରାଦିନ ଆସିଲେ ତା'ର ବାହାଘର କଥା ମନେ ପଡ଼ିଯାଏ।

ଅବଶ୍ୟ କିଛି ସୁଖର କଥା ମଧ୍ୟ ଅଛି। ସିଏ ତ ସରକାରୀ ଚାକିରିଆ। ଖରାଦିନ କାରଣରୁ ଏବେ ସକାଳୁଆ ଅଫିସି। ସକାଳୁଆ ବିଦ୍ୟାଳୟରେ ଯେମିତି ପାଠଶାଠ ନ ଥାଏ। ସକାଳୁଆ ଅଫିସିରେ ସେମିତି କାମଫାମ ନ ଥାଏ। ତେଣୁ ତା' ପରି ଯେତେ ସରକାରୀ କର୍ମଚାରୀ ଖରାଦିନ ଆସିଲେ ବିଶେଷ ଖୁସି ହୁଅନ୍ତି। ସକାଳୁଆ ଅଫିସିର ସମୟ ହେଲା ସକାଳ ସାତଟାରୁ ଗୋଟାଏ। କିନ୍ତୁ ସିଏ ସକାଳର କାମ ତୁଟେଇ ଆଠଟାରେ ଘରୁ ବାହାରେ। ପ୍ରାୟ ସାଢ଼େ ଆଠଟା ବେଳକୁ ଅଫିସିରେ ପହଞ୍ଚେ। ତଥାପି ସିଏ ସଗର୍ବେ ଅଫିସିରେ ପଦାର୍ପଣ କରେ କାରଣ ତା' ପୂର୍ବରୁ ଆଉ କେହି ଅଫିସିକୁ ଆସି ହିଁ ନ ଥାନ୍ତି।

ଅଫିସିରେ ପହଞ୍ଚୁ ପହଞ୍ଚୁ ତ କାମ ଆରମ୍ଭ ହେବନାଇଁ। ଆଗ ଟିକେ ଚାହା ପାନ ଖିଆ ହେବ। ତା' ପରେ ଖବରକାଗଜ ପଢ଼ା। ପରେ ପରେ ଖବରକୁ ନେଇ ଆଲୋଚନା, ଗୁଲିଖଟି। ବାସ୍ ଏମିତିରେ ଏଗାରଟା ବାଜିଯିବ। ଏତିକି ବେଳକୁ ବିଜୁଳିକାଟ। ଆଜିକାଲି ତ ସବୁକାମ କମ୍ପ୍ୟୁଟର ଜରିଆରେ ହେଉଛି। ସରକାରୀ କ୍ରୟବ୍ୟବସ୍ଥା ଜରିଆରେ ଆନୀତ ଅଫିସିରେ ଥିବା ଅଧିକାଂଶ ଇନ୍‌ଭର୍ଟରଗୁଡ଼ିକର ଆୟୁ ବେଶ୍ ସୀମିତ। ତେଣୁ ଗୋଟିଏ ଚିଠି ପୂରା ନ ହେଉଣୁ ସିଏ କୁଁ କୁଁ ଡାକଦେବା ଆରମ୍ଭ କରିଦେବ। ତା' ପରେ ସବୁ ବନ୍ଦ୍!

ପୁରାତନ ଇନଭର୍ଟରେ ଜରିଆରେ ଫ୍ୟାନ ସିନା ଘୂରେ ଏସି ଚାଲିବାର ପ୍ରଶ୍ନ ହିଁ ଉଠୁନାଇଁ। ଫଳରେ ଅଫିସର ମହୋଦୟ ଖରାଦିନେ ପ୍ରାୟ ଅଫିସିକୁ ନ ଆସି ତାଙ୍କ ଆବାସରେ ଫାଇଲିପତ୍ର କରିଦେଇଥାଆନ୍ତି। ଫଳସ୍ୱରୂପ ତା'ର ଅଧସ୍ତନ କର୍ମଚାରୀଏ ଅଫିସିରେ ସ୍ୱାଧୀନତାକୁ ବେଶ୍ ଉପଭୋଗ କରିଥାଆନ୍ତି। ଯେଉଁ ଲୋକଟି କିଛି କାମପାଇଁ ଆସିଥାଏ ତା'ଠାରୁ ମଧ୍ୟାହ୍ନ ଭୋଜନଟି ଆଦାୟ ହୋଇଯାଏ। ଠିକ୍ ଅଫିସି ବନ୍ଦ୍ ହେବା ସମୟ ବେଳକୁ ବିଜୁଳି ଲେଉଟେ। ତା' ପରେ ଅନେକ କର୍ମଚାରୀ ଦିପହର ଖାଦ୍ୟ ଖାଇବା ପରେ ଘରକୁ ଯାଆନ୍ତି ନାହିଁ। ଦିପହରେ ସୂର୍ଯ୍ୟଦେବ ନିଆଁ ବର୍ଷୁଥିଲା ବେଳେ ବିଚରାମାନେ ଯାଆନ୍ତେ ବା କେମିତି? ବିଜୁଳି ତ ଆସିଯାଇଥାଏ। ଏବେ ସାହେବଙ୍କର ଚାମ୍ବରରେ ଏସି ଚଲେଇ ଗାଲିଚା ଉପରେ ସମସ୍ତେ ଆନନ୍ଦରେ ଶୋଇଯାଆନ୍ତି। ଥଣ୍ଡାରେ ଶୟନର ଆନନ୍ଦ ତ ମିଳେ ତା' ସହ ଘରେ ଗେଜେଗେଜେ ଶୁଣିବାରୁ ମୁକ୍ତି ସହ ମୁଣ୍ଡ ଥଣ୍ଡା ରହେ।

ଖରାଦିନେ ସବୁ ମଣିଷଙ୍କ ପରି ସିଏ ଏକଦମ୍ ଦେଶୀ ପାଲଟିଯାଏ। ଦେଶୀ ସୂତା ପୋଷାକ ପିନ୍ଧେ। ମୁଣ୍ଡରେ ଗାମୁଛାଟିଏ ପକାଏ। ସକାଳୁ ପେଟ ଥଣ୍ଡା ରଖିବା ପାଇଁ ମାଣ୍ଡିଆ ଜାଉ ଖାଏ। ଗରମ ଛାଡ଼ି ପଖାଳ ଖାଏ, ତୋରାଣି ପିଏ। ପଇଡ଼, ଆମ୍ବ, ଛୋଟ ପିଆଜ ଆଦିର ଡିମାଣ୍ଡ ଦେଖିଲେ ମନେହୁଏ ଅନ୍ୟସବୁ ଦିନଗୁଡ଼ିକ ବିଦେଶୀ ହେଲେ ଏଇ ଖରାଦିନଟି ହିଁ କେବଳ ଦେଶୀ।

ଖରାଦିନେ ଦିନବେଳେ ମଣିଷ ବିଶେଷ କରି ମହିଳାମାନେ ବିଶେଷ ବାହାରକୁ ବାହାରନ୍ତି ନାହିଁ। ସେମିତି କିଛି କାମ ପଡ଼ିଲେ ବାହାରିଲେ ପୂରା ଶରୀରକୁ ଢାଙ୍କି ବାହାରି ଥାଆନ୍ତି। କାରଣ ଖରାର ତାପରେ ମେକଅପ୍ ଛାଡ଼ି ବୋହିଯିବାର ଭୟ ରହିଥାଏ। ଘରୁ କମ୍ ବାହାରୁ ଥିବାରୁ ଅନ୍ୟଠୁ ଦେଖି ଆମର ଅମୁକ କିଣ, ସମୁକ ଆଣ ବୋଲି ଘରଣୀଙ୍କର ଫରମାଇସ୍ କମ୍ ଶୁଣିବାକୁ ମିଳିଥାଏ। ରାତିରେ ବିଜୁଳି କଟିଲେ ସମସ୍ତେ ଛାତ ଉପରକୁ ପଳାନ୍ତି। ପରିବାରବର୍ଗ ନିଜ ନିଜ ଛାତ ଉପରେ ଗଡ଼ିବା ସହିତ ଯେବେ ଗପସପରେ ବ୍ୟସ୍ତ ରହନ୍ତି। କୋଳାହଳଟି ଖରା ମହୋତ୍ସବ ପରି ମନେହୁଏ। ଖରାଦିନ ଆସିଲେ ଉଭୟ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କର କଚେପୁଅ ବାର। ଖରାଛୁଟିରେ ଯେତେ ବୁଲୁଚ ବୁଲ। ପିଲାଏ ମାମୁଘରକୁ ପଳାନ୍ତି। ବିବାହର ବହୁବର୍ଷ ହୋଇଯାଇଥିଲେ ମଧ୍ୟ ବୁଢ଼ୀବୁଢ଼ାଙ୍କୁ ଟିକେ ଏକାନ୍ତରେ ବେଳକାଟିବାକୁ ଅବସର ଜୁଟେ।

ଖରାଦିନେ ଚାରିଆଡେ ନାନା ନାଟ ତାମ୍‌ସା। ଦେଖ ଏବଂ ମଜାନିଅ। ଏଇ ଖରାଦିନେ ତାଙ୍କ କଲୋନୀରେ ଆୟୋଜିତ ହୁଏ ବିଶ୍ୱଶାନ୍ତି ମହାଯଜ୍ଞ। ନାନା ଦୋକାନ ବସେ, ମାଇକି ବାଜେ, ନାମ ସଂକୀର୍ତ୍ତନ ହୁଏ। ଭଲ ଚାନ୍ଦା ଦେଇଥିବାରୁ ଏବଂ କୁହାଳିଆ ହୋଇଥିବାରୁ ସିଏ ହୁଏ ଯଜ୍ଞର ଉଦ୍ୟୋକ୍ତା। ଅବଶ୍ୟ ଯଜ୍ଞକୁଣ୍ଡ ନିକଟରେ ବସି ନିଆଁରେ ଘିଅ ଢାଳିଲାବେଳକୁ ତାତି ଅସହ୍ୟ ହୋଇଥାଏ। ତେବେ ନିଆଁର ତାପ ଯେବେ ଊର୍ଦ୍ଧ୍ୱକୁ ଗତି କରେ ସିଏ ମନେମନେ କହେ ହେ ପ୍ରଭୁ ହେ ଦେବତାମାନେ ତମେ ବି ଟିକେ ଅଗ୍ନିର ତାପକୁ ଅନୁଭବ କର। ଦେଖ ଆମେମାନେ କେତେ କଷ୍ଟ ସହୁଛୁ। ଈଶ୍ୱର ମଧ୍ୟ ସେ କଷ୍ଟକୁ ଅନୁଭବ କରି ଟିକେ ବର୍ଷା କରିଦିଅନ୍ତି ଆମେ ତାକୁ କହୁ କାଳବୈଶାଖୀ। କିଛି ସମୟ ପାଇଁ ଏହା ଆନନ୍ଦ ଦିଏ।

ଖରାଦିନେ ଗରିବ ସହ ଧନୀ ବି ଫୁଙ୍ଗୁଳା ହେବାକୁ ବାଧ୍ୟ ହୁଏ। ଶୋଷରେ ଆଉଟୁ ପାଉଟୁ ଥିଲାବାଲା ବି ନ ଥିଲାବାଲାଠୁ ପାଣିମୁନ୍ଦେ ମାଗି ପିଇଦିଏ। ତେଣୁ କଷ୍ଟକର ହେଲେ ମଧ୍ୟ ଖରାଦିନ ଆନନ୍ଦର ଦିନ!!

ନରସିଂହପୁର, କଟକ, ମୋ–୮୮୯୫୮୨୫୮୬୩

## ଏଇ ଭାରତରେ

ପୁରୁଣା ଆମ୍ବାସାଡର କାର୍ ଏବେ ଅଲୋଡ଼ା ହୋଇଗଲାଣି। କିନ୍ତୁ ତା'ଇଞ୍ଜିନକୁ ପୁନଃ ଉପଯୋଗ କରି ଏକ ୱିଡ୍ ରିମୁଭର (ଘାସ ବା ଦଳ ସଫା କରୁଥିବା ଯନ୍ତ୍ର) ନିର୍ମାଣ କରିଛନ୍ତି ବେଙ୍ଗାଲୁରୁର ମତ୍ସ୍ୟଜୀବୀ ଅରକ୍ଷସ୍ୱାମୀ ଶମାନ୍ନା। ଏହି ମେଶିନ୍‌ରେ ଅନ୍ୟ ପାର୍ଟ ସବୁ ବର୍ଜ୍ୟରୁ ତିଆରି କରାଯାଇଛି। ସେ ଏହା ସାହାଯ୍ୟରେ ହବ୍ବଲ ହ୍ରଦ ସଫା କରିବା ସହ ୧୦୦ ପରିବାରର ଜୀବିକା ପୁଣି ଫେରାଇବାରେ ସକ୍ଷମ ହୋଇଛନ୍ତି। ୧୫୦ ଏକର ବିଶିଷ୍ଟ ଏହି ହ୍ରଦ ବେଙ୍ଗାଲୁରୁର ସବୁଠୁ ପୁରୁଣା। କିଛିକତି ଦଳ ବଢ଼ି ଏହାର ପାଣିର ମାନ ଖରାପ କରିଦେଉଥିଲା। କିନ୍ତୁ ଶମାନ୍ନାଙ୍କ ୱିଡ୍ ରିମୁଭର ଏବେ ଏହି ଦଳ ଓ ଘାସ ସବୁ ସଫା କରିବା ଦ୍ୱାରା ମତ୍ସ୍ୟଜୀବୀମାନେ ହ୍ରଦର ଚାରିପାଖକୁ ଡଙ୍ଗାରେ ଯାଇ ମାଛ ଧରୁଛନ୍ତି। ସେ ଦୁଇ ମାସରେ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏହାକୁ ନିର୍ମାଣ କରିଛନ୍ତି। ଏହି ମେଶିନ ଦିନକୁ ହ୍ରଦର ୩–୪ ଏକର ପର୍ଯ୍ୟନ୍ତ ଦଳ ସଫା କରିପାରୁଛି। ଶମାନ୍ନାଙ୍କ ଏହି ଉଦ୍ଭାବନକୁ ମତ୍ସ୍ୟ ବିଭାଗ ଦେଖିବା ପରେ ଏହାକୁ କୃଷକ ଓ ଛାତ୍ରମାନଙ୍କୁ ପ୍ରଦର୍ଶିତ କରିବା ଲାଗି ଯୋଜନା କରିଛି। କମ୍ ଖର୍ଚ୍ଚ ଓ କମ୍ ସମୟରେ ଦଳ ସଫା କରୁଥିବା ଏଭଳି ମେଶିନ୍ ନିର୍ମାଣ କରିବା ଲାଗି ରେଭା ୟୁନିଭର୍ସିଟିର ଛାତ୍ରମାନେ ଶମାନ୍ନାଙ୍କଠାରୁ ଏହାର ନିର୍ମାଣ କୌଶଳ ଶିକ୍ଷା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୧ ମାର୍ଚ୍ଚ ୧୯୯୬

- ପୂର୍ବ ତିବ୍ବତର ବୋମୀ ଅଞ୍ଚଳରେ ଯାଇଥିବା ରାଜପଥରେ ୧୦୦ ମିଟର ଲମ୍ବ ଓ ୨୦ ମିଟର ଚଉଡ଼ା ବରଫ ଖଣ୍ଡ ଖସିବା ଫଳରେ ୫୬ ଜଣଙ୍କ ମୃତ୍ୟୁ।
- ରୁଷିଆ ବିଦେଶମନ୍ତ୍ରୀ ୟେଉଗେନୀ ପ୍ରିମାକୋଭ ଏବଂ ଭାରତୀୟ ବହିର୍ବ୍ୟାପାର ମନ୍ତ୍ରୀ ପ୍ରଣବ ମୁଖାର୍ଜୀଙ୍କ ମଧ୍ୟରେ ହଟଲାଇନ୍ ସଂଯୋଗ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ଊଷର ମୃତ୍ତିକା କର୍ଷି କଲ ସ୍ୱର୍ଣ୍ଣ–
ଉତ୍ପାଦନକ୍ଷମ
ଭବିଷ୍ୟର ଆଗନ୍ତୁକ ପାଇଁ ତାହା
କରିଲ ସୁଗମ।
–(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 2 | | | | | | | | | | | | | B |
| | | 0 | D | | | | | | | 2 | 3 | 9 | 1 | 7 |
| B | | 5 | | | 9 | | | | 0 | 4 | 8 | | A | |
| | | | | C | | | | 0 | | 5 | E | 4 | 6 | |
| | | 3 | | | | 6 | | | 9 | | | | | 8 |
| 9 | | | 0 | D | 5 | | | | | E | | 6 | C | |
| 1 | | | C | | | | D | | | | | 0 | | |
| | 5 | A | | 7 | | | 1 | 6 | | | | 8 | 2 | D |
| | 7 | | | | | | | 5 | | 6 | C | | | 4 |
| | | | | | | | 4 | | 2 | | | | | |
| 5 | | | | 8 | | E | | | B | | | | D | |
| 8 | | | | | | 9 | B | | C | | 5 | | 7 | |
| D | | | | 4 | C | | | | | 0 | | | | |
| 4 | 1 | | | 5 | 2 | | | | | 3 | D | | B | E |
| | | | 3 | E | 1 | | 2 | | 7 | A | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 8 | 1 | E | 7 | B | 3 | 0 | D | 4 | 6 | 2 | 9 | A | C |
| E | 3 | 0 | 9 | 8 | A | C | 4 | 5 | 7 | D | 1 | B | 2 | 6 |
| 4 | 9 | 7 | C | 1 | 0 | 2 | 6 | A | B | E | 3 | 8 | D | 5 |
| C | 2 | B | 4 | D | 6 | 1 | 8 | 9 | 0 | A | 5 | E | 3 | 7 |
| D | 6 | A | 2 | 5 | 3 | B | E | 7 | 9 | 8 | C | 1 | 4 | 0 |
| 0 | 5 | E | 3 | 9 | 1 | 6 | 2 | 8 | C | 7 | 4 | D | B | A |
| 8 | B | D | 6 | E | C | 5 | A | 4 | 2 | 1 | 0 | 3 | 7 | 9 |
| 9 | 7 | 4 | A | 2 | 5 | E | D | 3 | 6 | B | 8 | C | 0 | 1 |
| 6 | 1 | C | 0 | 4 | 8 | 9 | 7 | B | D | 3 | A | 5 | E | 2 |
| 2 | A | 3 | D | B | 7 | 0 | 1 | C | 5 | 9 | E | 6 | 8 | 4 |
| A | 4 | 9 | 5 | 3 | D | 7 | C | E | 8 | 2 | 6 | 0 | 1 | B |
| 3 | E | 5 | 1 | 0 | 2 | D | B | 6 | A | C | 7 | 4 | 9 | 8 |
| 7 | C | 8 | B | A | E | 4 | 3 | 0 | 1 | 5 | 9 | 2 | 6 | D |
| B | 0 | 2 | 7 | 6 | 9 | 8 | 5 | 1 | E | 4 | D | A | C | 3 |
| 1 | D | 6 | 8 | C | 4 | A | 9 | 2 | 3 | 0 | B | 7 | 5 | E |

ଗତ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବେପରୁଆଙ୍କୁ ସାବାଡ଼ କର

ମହାଶୟ,

ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳିତ ହୋଇଗଲା। ଉଦ୍ଦେଶ୍ୟ ଥିଲା ଦୁର୍ଘଟଣା ମୁକ୍ତ କରିବା ପାଇଁ ଜନସଚେତନତା। କିନ୍ତୁ ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ଦୁର୍ଘଟଣା ଘଟୁଛି। ବାଇକବାଲା ବେଶି ଦୁର୍ଘଟଣା ଘଟାଇ ଥିବା ନଜରକୁ ଆସିଛି। ତାହାର କାରଣ ହେଉଛି ଯେଉଁ ଅଞ୍ଚଳକୁ ଦିନେ ସାଇକେଲଟିଏ ଯିବା କାଠିକର ପାଠଥିଲା, ବର୍ତ୍ତମାନ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ପକ୍କା ରାସ୍ତା ନିର୍ମାଣ ହୋଇସାରିଛି। ବିଶେଷ କରି ଯୁବକମାନେ ବେପରୁଆ ହୋଇ ବାଇକ ଚାଳନା କରୁଛନ୍ତି। ତେଣୁ ସରକାର ଏମାନଙ୍କୁ ଜବତ କରନ୍ତୁ।

–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ

ରାଇରଙ୍ଗପୁର,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଞ୍ଚଳର ଜଣେ ୩ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୬୦/୨୧) ରୁଜୁ କରି ଜଣେ ନାବାଳକଙ୍କୁ ବାରିପଦାସ୍ଥିତ ଜୁଭେନାଇଲ କୋର୍ଟରେ ହାଜର କରିଛି। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି। ପରିବାର ଲୋକେ ଘରେ ଛାଡ଼ି ବାହାରକୁ ଯାଇଥିବା ବେଳେ ଏହାର ସୁଯୋଗ ଦେଖି ଶନିବାର ନାବାଳକ ଜଣକ ବଳାତ୍କାର କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ଘରକୁ ଫେରି ଘଟଣା ସମ୍ପର୍କରେ ଜାଣି ଶିଶୁକନ୍ୟାଙ୍କୁ ରାଇରଙ୍ଗପୁର ମେଡିକାଲରେ ଭର୍ତ୍ତି କରିଥିଲେ।

# ସଂକ୍ଷେପରେ

## ଭାଜପାର ୩୦ଜଣିଆ ଷ୍ଟାର୍ କ୍ୟାମ୍ପେନର ତାଲିକା

ଭୁବନେଶ୍ୱର,୩୦।୩(ବ୍ୟୁରୋ): ପିପିଲି ଉପନିର୍ବାଚନ ନେଇ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସବୁ ଦଳ ତୃଣମୂଳସ୍ତରରେ ନିର୍ବାଚନୀ ପ୍ରଚାର ଏବଂ ଭୋଟ ସଂଗ୍ରହ ଲାଗି ମଧ ସମ୍ପୂର୍ଣ୍ଣ ପ୍ରସ୍ତୁତି କରିସାରିଲେଣି। ବୁଧବାରଠାରୁ ୩ ଦଳ ନିଜ ନିଜର ପ୍ରାର୍ଥୀଙ୍କ ପାଇଁ ପ୍ରଚାରକୁ ଜୋର୍‌ଦାର କରିବେ। ଏହା ପୂର୍ବରୁ ମଙ୍ଗଳବାର ଭାଜପା ନିଜର ୩୦ ଜଣିଆ ଷ୍ଟାର୍ ପ୍ରଚାରକ ତାଲିକା ପ୍ରକାଶ କରିଛି। ଏହି ତାଲିକାରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ରାଜ୍ୟର ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବସନ୍ତ ପଣ୍ଡା, ବିଶ୍ୱେଶ୍ୱର ଟୁଡୁ, ଜୁଏଲ ଓରାମ, ସୁରେଶ ପୂଜାରୀ, ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦଳର ରାଜ୍ୟ ପ୍ରଭାରୀ ଡି.ପୁରନ୍ଦେଶ୍ୱରୀ, ସହପ୍ରଭାରୀ ବିଜୟ୍ ପାଲ ସିଂ ତୋମାର, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ବିଧାୟକ ବିଷ୍ଣୁଚରଣ ସେଠୀ, ଜୟନାରାୟଣ ମିଶ୍ର, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, କେ.ଭି. ସିଂ ଦେଓ, ବିଜୟ୍ ମହାପାତ୍ର, ସୁଷମା ପାଢ଼ୀ, ଖାରବେଳ ସ୍ୱାଇଁ, ପ୍ରକାଶ ମିଶ୍ର, ମାନସ କୁମାର ମହାନ୍ତି, ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ଲେଖାଶ୍ରୀ ସାମନ୍ତସିଂହାର, ଶ୍ରୀତମ ଦାସ, ପିଙ୍କି ପ୍ରଧାନ, ମନମୋହନ ସାମଲ, ହରିହର ମହାପାତ୍ର ଏବଂ ଅନୁ ଚୌଧୁରୀ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ତେବେ ବିଜେଡି ଏବଂ କଂଗ୍ରେସର ଷ୍ଟାର୍ କ୍ୟାମ୍ପେନର ତାଲିକା ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ।

## ହୋଲିରେ ଦୁର୍ଘଟଣା: ୨ ଜୀବନ ଗଲା

ସମ୍ବଲପୁର,୩୦।୩(ବ୍ୟୁରୋ): ସମ୍ବଲପୁର ଜିଲାରେ ହୋଲିରେ ଏକ ଅଘଟଣ ଘଟିଛି। ଶାସନ ଥାନା ନୂଆଁମୁଣ୍ଡା ପେଟ୍ରୋଲ ପମ୍ପ ସମ୍ମୁଖରେ ସଡ଼କ ଦୁର୍ଘଟଣାରେ ଦୁଇ ଯୁବକଙ୍କ ଜୀବନ ଯାଇଛି। ସେମାନେ ହେଲେ ପରମାଣପୁର ଗ୍ରାମର ଚିଣ୍ଟୁ ସାହୁ (୨୪) ଓ ଦୁଲ୍ଲଭ ମରେଇ (୨୩)।
ପରମାଣପୁରର ଏକ ଗ୍ୟାରେଜରେ କାମ କରୁଥିବା ଦୁଇସାଙ୍ଗ ଦୁଲ୍ଲଭ ଓ ଚିଣ୍ଟୁ ସୋମବାର ହୋଲି ଖେଳିବାକୁ ନୂଆଁମୁଣ୍ଡା ଗ୍ରାମକୁ ଯାଇଥିଲେ। ସେଠାରୁ ବାଇକ୍ (ଓଡି୧୫ଜି-୪୪୯୨)ରେ ନିଜ ଗ୍ରାମ ପରମାଣପୁର ଫେରୁଥିବାବେଳେ ସମ୍ମୁଖରୁ ଆସୁଥିବା ଟ୍ରେଲର (ଓଡି୨୩କେ-୮୨୧୫) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ୭୮/୨୧ରେ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ଘଟାଇଥିବା ଟ୍ରେଲରକୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ୧୧ ବର୍ଷରେ ୮୪୩ ହାତୀ ମୃତ

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ,୩୦।୩


ଯାଜପୁର ଜିଲା ବଳରାମପୁର ଗଡ଼ ସଂରକ୍ଷିତ ଜଙ୍ଗଲରେ ହାତୀଙ୍କ ପାଇଁ ଟ୍ରେଞ୍ଚ ଖୋଳାଚାଲିଛି।

ରାଜ୍ୟରେ ୨୦୧୦-୧୧ରୁ ୨୦୨୦-୨୧ ମାର୍ଚ୍ଚ ୨୨ ସୁଦ୍ଧା ୧୧ ବର୍ଷ ମଧ୍ୟରେ ୮୪୩ ହାତୀଙ୍କ ମୃତ୍ୟୁ ହୋଇଛି। ସେହି ବିଶାଳକାୟ ପ୍ରାଣୀଙ୍କ ମୃତ୍ୟୁକୁ ରୋକିବା ପାଇଁ ୧୪ ହାତୀ ଚଲାପଥ (ଏଲିଫ୍ୟାଣ୍ଟ କରିଡର) ଏବଂ ୩ ହାତୀ ସଂରକ୍ଷିତ ଅଞ୍ଚଳ (ଏଲିଫ୍ୟାଣ୍ଟ ରିଜର୍ଭ) ଯୋଜନା କାର୍ଯ୍ୟକାରୀ ହେଉଛି। ବିଗତ ୧୦ ବର୍ଷରେ ହାତୀ-ମଣିଷ ବିବାଦର ସମାଧାନ ପାଇଁ ବନ୍ୟପ୍ରାଣୀ ସଂସ୍ଥା ତରଫରୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବଜେଟ ଯୋଜନାରେ ୧୧୫୯୧.୨୨୪୨୯ ଲକ୍ଷ ଓ କାମ୍ପା ଯୋଜନାରେ ୧୦୭୦.୬୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। କେବଳ ଚିହ୍ନଟ କରିଡରର ପୁନରୁଦ୍ଧାର କାର୍ଯ୍ୟରେ ୩୧୪.୬୫୦୭୩୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ବିଧାୟକ ମୋହନଚରଣ ମାଝିଙ୍କ ଚଳିତ ବିଧାନସଭାର ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ମିଳିଛି। ହେଲେ ଯୋଜନା ଅନୁଯାୟୀ ଆବଣ୍ଟିତ ଅନୁଦାନ ଠିକ୍ ଭାବେ ଖର୍ଚ୍ଚ ହେଉ ନ ଥିବାରୁ ହାତୀ ମୃତ୍ୟୁ ଓ ଉପଦ୍ରବ ସଂଖ୍ୟା କମିବାର ନାଁ ଧରୁନାହିଁ ବୋଲି ମତପ୍ରକାଶ ପାଇଛି।

ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମକେଶରୀ ଆରୁଖଙ୍କ ତଥ୍ୟ ଅନୁସାରେ ହାତୀ-ମଣିଷ ବିବାଦର ସମାଧାନ ପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାରେ ସ୍ୱଳ୍ପ ଓ ଦୀର୍ଘମିଆଦୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସ୍ୱଳ୍ପମିଆଦୀ ଯୋଜନାରେ ୨୦୧୪-୧୫ରୁ ୨୦୨୦-୨୧ ମଧ୍ୟରେ ପ୍ରତିବର୍ଷ ସ୍ଥାନୀୟ ଲୋକଙ୍କୁ ବନ୍ୟଜନ୍ତୁ ଘଉଡାଇବା, ବନ୍ୟଜନ୍ତୁ ଶିକାର ନିରୋଧକ, ହସ୍ତୀ ସୁରକ୍ଷା ଦଳ ଗଠନ କରାଯାଇଛି। ଏଥିପାଇଁ ୧୨୨ ଜଣ ଗଜବନ୍ଧୁମାନଙ୍କୁ ନିୟୋଜିତ କରାଯାଇଛି। ଏହାସହ ସମସ୍ତ ବନଖଣ୍ଡ ଓ ବିଭାଗୀୟ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାମ କରୁଛି। ବିପଦ ଆଶଙ୍କା

■ କାମରେ ଲାଗୁ ନାହିଁ ହାତୀ ଚଲାପଥ
■ ସଂରକ୍ଷିତ ଅଞ୍ଚଳ ଯୋଜନା ଫେଲ୍

କରାଯାଉଥିବା ହାତୀମାନଙ୍କ ଗତିବିଧି ନିରୀକ୍ଷଣ ପାଇଁ ପଦକ୍ଷେପ ନିଆଯାଇଛି। ହାତୀଙ୍କ ବେକରେ ରେଡିଓକୋଲାର ଲଗାଯାଇ ସେମାନଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖାଯାଉଛି। ଜନବସତି ଅଞ୍ଚଳକୁ ବନ୍ୟଜନ୍ତୁ ପ୍ରବେଶ ନିରୋଧ ନିମନ୍ତେ ୧୦୪୭.୮୮ କିଲୋମିଟର ସୌରବାଡ଼ ଏବଂ ୧୨୫୦.୩୬ କିଲୋମିଟର ଖାଇ(ଟ୍ରେଞ୍ଚ) ହୋଇଛି। ଅନ୍ୟପକ୍ଷେ ଦୀର୍ଘମିଆଦୀ ଯୋଜନାରେ ଗତ ୬ ବର୍ଷରେ ୮୯୫ ଜଳାଶୟ ଖନନ ହୋଇଛି। ୨୦୨୦-୨୧ ବର୍ଷରେ ୨୨୩ ଜଳାଶୟ ଖନନ ଯୋଜନା ରହିଛି। ଏହାର ଚାରିପାର୍ଶ୍ୱରେ ୪୦୫୦ ଟି ଫଳ ଉପଯୋଗୀ ଚାରାରୋପଣ ବ୍ୟବସ୍ଥା ଅଛି। ଏହାସହ ୬୦୭ ହେକ୍ଟର ପରିମିତ ଜଙ୍ଗଲ ଜମିରେ ବନ୍ୟଜନ୍ତୁ ଖାଦ୍ୟ ଉପଯୋଗୀ ଚାରାରୋପଣ ଓ ୩୭୯୫ ହେକ୍ଟର ଜଙ୍ଗଲ ଜମିରେ ତୃଣଭୋଜି ପ୍ରାଣୀଙ୍କ ପାଇଁ ଘାସପଡ଼ିଆ ସୃଷ୍ଟି କରାଯାଇଛି। ଗତ ୬ ବର୍ଷ ମଧ୍ୟରେ ୧୨୫ ହେକ୍ଟର ଚଲାପଥର ପୁନରୁଦ୍ଧାର କାର୍ଯ୍ୟ ହୋଇଛି। ଏହାବାଦ୍ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଢେଙ୍କାନାଳ, ଅନୁଗୋଳ, ନୟାଗଡ଼, ସମ୍ବଲପୁର, ସୋନପୁର, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି ଓ ରାୟଗଡ଼ା ଜିଲା ଅଞ୍ଚଳରେ ୪୨୧ କିମି ଲମ୍ବ ଓ ୮୭୦.୬ ବର୍ଗକିମି ଚଲାପଥ ଚିହ୍ନଟ କରାଯାଇଛି। ହାତୀ ଚଲାପଥରେ ଜଳାଶୟ ଖନନ, ଜଳଉତ୍ସର ପୁନରୁଦ୍ଧାର, ବିଦ୍ୟୁତ୍ ତାରର ରକ୍ଷଣାବେକ୍ଷଣ, ହାତୀଙ୍କ ଖାଦ୍ୟ ଉପଯୋଗୀ ବୃକ୍ଷ ରୋପଣ, ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରେଞ୍ଚ ଖୋଳିବା ଓ ଗ୍ରାମରେ ସଚେତନତା ସୃଷ୍ଟି ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ତେବେ ଏହିସବୁ କାର୍ଯ୍ୟରେ ବିଭାଗୀୟ ଆନ୍ତରିକତା ଅଭାବରୁ ହାତୀଙ୍କ ଜୀବନ ସବୁବେଳେ ବିପଦରେ ଗତି କରୁଛି।

ମୟୂରଭଞ୍ଜ, ମହାନଦୀ ଓ ସମ୍ବଲପୁର ନାମରେ ୮୫୦୮.୯୫ ବର୍ଗକିମି ପରିସୀମାକୁ ନେଇ ହାତୀ ସଂରକ୍ଷିତ ଅଞ୍ଚଳ ହୋଇଛି। ତେବେ କରିଡର ପୁନରୁଦ୍ଧାର ନାମରେ ୧୦୮ ହେକ୍ଟରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମିରେ ୯,୧୭,୦୦୦ ବୃକ୍ଷରୋପଣ ହୋଇଥିବା ତଥ୍ୟରେ ଦର୍ଶାଯାଇଛି। ଏହିସବୁ କାର୍ଯ୍ୟରେ ଉପରୋକ୍ତ ଭାବେ ଅର୍ଥ ବିନିଯୋଗ ହୋଇଛି। ତେବେ ଏଥିରେ ବ୍ୟାପକ ଅନିୟମିତତା ତଥା ତୋସରପାତ ହୋଇଥିବା ଅଭିଯୋଗ ହୋଇଛି। ଏଥିପାଇଁ ବର୍ଷକୁ ବର୍ଷ ହାତୀ ମୃତ୍ୟୁସଂଖ୍ୟା ବୃଦ୍ଧିର କାରଣ ବୋଲି କୁହାଯାଉଛି। ୨୦୧୦-୧୧ରେ ୮୩, ୨୦୧୧-୧୨ରେ ୬୮,୨୦୧୨-୧୩ରେ ୮୨, ୨୦୧୩-୧୪ରେ ୭୦, ୨୦୧୪-୧୫ରେ ୫୪, ୨୦୧୫-୧୬ରେ ୮୬, ୨୦୧୬-୧୭ରେ ୭୫, ୨୦୧୭-୧୮ରେ ୭୮, ୨୦୧୮-୧୯ରେ ୯୩, ୨୦୧୯-୨୦ରେ ୮୨ ଓ ୨୦୨୦-୨୧ ମାର୍ଚ୍ଚ ୨୨ ସୁଦ୍ଧା ୭୨ ହାତୀର ମୃତ୍ୟୁ ହୋଇଛି। ଦିନକୁ ଦିନ ହାତୀ ଉପଦ୍ରବ ବୃଦ୍ଧି ପାଇବା ଯୋଗୁ ଚାଷୀଙ୍କ ଧାନ କ୍ଷେତ ଓ ବାଡି ବଗିଚା ଉଜୁଡିବାରେ ଲାଗିଛି। କେତେକାଂଶରେ ହାତୀ ଆକ୍ରମଣରେ ଲୋକଙ୍କ ଜୀବନ ମଧ୍ୟ ଯାଉଛି।

ରାଜ୍ୟରେ ହାତୀମାନଙ୍କ ଚଳପ୍ରଚଳ ନିମନ୍ତେ ପର୍ଯ୍ୟାପ୍ତ ସ୍ଥାନର ଅଭାବକୁ ଦୂର କରିବା ନିମନ୍ତେ ମହାନଦୀ ହାତୀ ସଂରକ୍ଷଣ ଅଞ୍ଚଳର ଆୟତନ ୧୦୩୮.୩ ବର୍ଗ କିମି ରୁ ୨୧୮୧.୫୨୧ବର୍ଗ କିମିକୁ ଏବଂ ସମ୍ବଲପୁର ହାତୀ ସଂରକ୍ଷଣ ଅଞ୍ଚଳ ୪୨୬.୯୧ ରୁ ୧୭୯୭.୦୪୮ ବର୍ଗ କିମିକୁ ବୃଦ୍ଧି କରିବା ପାଇଁ ପ୍ରସ୍ତାବ ଦିଆଯାଇଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ସୂଚନା ଦେଇଛନ୍ତି।

# ପାରଶନାଥ ଏମ୍ପୋରିୟମ୍‌ରେ ନିଆଁ

ନବରଙ୍ଗପୁର,୩୦।୩(ବି.ପ୍ର.)


ଦମକଳ ବାହିନୀ ନିଆଁ ଲିଭାଇବାକୁ ଚେଷ୍ଟା କରୁଛନ୍ତି।

ନବରଙ୍ଗପୁର ସହର ମୁଖ୍ୟ ରାସ୍ତା ତଥା ୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ପାରଶନାଥ ଏମ୍ପୋରିୟମ ଲୁଗାଦୋକାନରେ ନିଆଁ ଲାଗିଯାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ନିଆଁକୁ ଆୟତ୍ତ କରାଯାଇ ପାରି ନ ଥିଲା। ବର୍ତ୍ତମାନ ସୁଦ୍ଧା କ୍ଷୟକ୍ଷତି ସମ୍ପର୍କରେ ସୂଚନା ମିଳିପାରି ନାହିଁ। ପ୍ରକାଶ ଯେ, ଅପରାହ୍ନ ପ୍ରାୟ ୪ଟାରେ ଲୁଗା ଦୋକାନରେ ହଠାତ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛି। ନିଆଁ ଲାଗିବାଦ୍ୱାରା ସହର ଏବେ ଧୂଆଁ ବଳୟରେ ରହିଛି। ଜିଲାପାଳ ଅଜିତ୍ କୁମାର ମିଶ୍ର, ଏସ୍‌ପି ପ୍ରହ୍ଲାଦ ସାହଇ ମୀନା, ତହସିଲଦାର ରବୀନ୍ଦ୍ର ରାଉତଙ୍କ ସମେତ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏକତରଫା ରାସ୍ତା କରିବାକୁ ପୋଲିସ ବାଧ୍ୟ ହୋଇଥିଲା। ତେବେ ବିଦ୍ୟୁତ ଶର୍ଟ ସର୍କିଟ ହୋଇ ନିଆଁ ଲାଗିଥିବା ଅନୁମାନ କରାଯାଉଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ଭୁବନେଶ୍ୱରସ୍ଥିତ ପେଟ୍ରୋଲ ପମ୍ପ ପାଇଁ SUPERVISOR ଏବଂ SALESMAN ଆବଶ୍ୟକ।
Ph.-9437415530
7978975958

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଳାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୩୦୦୦/-
(ରହିବା ସୁବିଧା ଅଛି)
Ph : 9861925500
(Call Timing : 10.00 pm - 2.00 pm ମଧ୍ୟରେ)

DIRECT JOINING
~CALL CENTER
~DATA ENTRY
~TELE CALLER
~AUTOCAD
~BACK OFFICE
~SECURITY
Qual. : +2, +3, ITI, Diploma
Salary : Rs.(6500 To 16000)
Age Below 32 years
9937529015, 9938809488

JOBS IN AIRPORT
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
Air Hostees, Graund Staff, Supervisor, Checker, Loader, Helper
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
CONTACT : 9899166802

WANTED
ସିଙ୍ଗାପୁରରେ ରକ୍ଷଣା ବେକ୍ଷଣା, ନିର୍ମାଣ କାର୍ଯ୍ୟ, ୧ବର୍ଷର ପ୍ରକଳ୍ପ, ୪୫ ଦିନମଧ୍ୟରେ ତୁରନ୍ତ ଯିବା, ପାସପୋର୍ଟ ଧାରକ, ସମସ୍ତ ପ୍ରକାରର କର୍ମଚାରୀ, (ଫ୍ରେଶର ମଧ୍ୟ) ତୁରନ୍ତ ଆବେଦନ କରିପାରିବେ।
କମଲ ପ୍ଲେସ୍‌ମେଣ୍ଟ, ସୁରଟ୍, ଗୁଜୁରାଟ
CONTACT : 9157312448

OMI COMPANY
Institute ର Branch ବିସ୍ତାର ପାଇଁ ମ୍ୟାନେଜର, ଅଫିସ୍ ପୋଷ୍ଟ ପାଇଁ 49- ଜଣ ପୁଅ/ଝିଅ ର ଆବଶ୍ୟକତା ଅଛି। ଯୋଗ୍ୟତା- 10th to Post Graduate,ଟ୍ରେନିଙ୍ଗ୍ + ହଷ୍ଟେଲ ଫ୍ରି।
ଆୟ- 8500/- ରୁ 10,000/-, ଟ୍ରେନିଙ୍ଗ୍ ପରେ ଆୟ- 25,000/- ରୁ 35,000/-
Mob : 7008360189
Samantarpur,BBSR

WANTED DRIVER
For Ashok Leyland Dost Plus Vehicle
Please Contact:
Mr. Adil Karim
9438820370 & 7008512909

DHARITRI Career appointment Every Wednesday and Saturday

# ପୋଲିସ-ମାଓବାଦୀ ଗୁଳି ବିନିମୟ

ଫୁଲବାଣୀ ଅଫିସ, ୩୦।୩


ଜବତ ହୋଇଥିବା ମାଓବାଦୀଙ୍କ ବିଭିନ୍ନ ସାମଗ୍ରୀ।

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଅଞ୍ଚଳରେ ପୁଣି ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଜଙ୍ଗଲରେ ମାଓବାଦୀଙ୍କର ଏକ କ୍ୟାମ୍ପ ଠାବ କରାଯାଇଥିବା ବେଳେ ସେଠାରୁ ବହୁ ପରିମାଣର ମାଓବାଦୀଙ୍କ ସାମଗ୍ରୀ ଜବତ କରାଯାଇଛି। ଜିଲା ପୋଲିସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ କନ୍ଧମାଳ ଏସ୍‌ପି ଭିନୀତ ଅଗ୍ରୱାଲ ଏହି ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ଗତ ରବିବାର ଗୋଚ୍ଛାପଡା ଥାନା ରାଇଘରା ଗ୍ରାମ ନିକଟ ଜଙ୍ଗଲରେ କେତେଜଣ ମାଓବାଦୀ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଡିଭିଏଫ୍ ଓ ଏସ୍‌ଓଜି ପକ୍ଷରୁ ସମ୍ପୃକ୍ତ ଅଂଚଳରେ କୋମ୍ବିଂ ଅପରେଶନ ଆରମ୍ଭ କରାଯାଇଥିଲା। ସଶସ୍ତ୍ର ମାଓବାଦୀମାନେ ପ୍ରଥମେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଯବାନମାନେ ନିଜ ସୁରକ୍ଷା ପାଇଁ ପାଲଟା ଗୁଳି ଚଳାଇଥିଲେ। ମାଓବାଦୀମାନେ ଗ୍ରେନେଡ ପକାଇଥିଲେ ବି ସେଭଳି କିଛି କ୍ଷୟକ୍ଷତି ହୋଇନାହିଁ। କିଛି ସମୟ ଗୁଳି ବିନିମୟ ପରେ ମାଓବାଦୀ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲେ। ଜଙ୍ଗଲରେ ଠାବ କରାଯାଇଥିବା ମାଓବାଦୀଙ୍କ କ୍ୟାମ୍ପରୁ ବ୍ୟାଟେରୀ, ଡିଟୋନେଟର, ଛତା, ରୋଷେଇ ସାମଗ୍ରୀ, ପୋଷାକ, ଜୋତା ଏବଂ ବିଭିନ୍ନ ଘରୋଇ ଉପକରଣ ଜବତ କରାଯାଇଛି। ସଂପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି। କ୍ୟାମ୍ପରେ ୧୫ରୁ ୨୦ ମାଓବାଦୀ ଥିବା ଅନୁମାନ କରାଯାଉଛି। ସେମାନେ କେକେବିଏନ୍ ଓଡିଶା ଡିଭିଜନର ବୋଲି ଅନୁମାନ କରାଯାଉଥିବା ଏସ୍‌ପି କହିଛନ୍ତି।

# ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ବିରୋଧୀଙ୍କ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୩୦।୩(ବ୍ୟୁରୋ)

ରାଜ୍ୟରେ ବିଦ୍ୟୁତ୍ ଦର ବୃଦ୍ଧିକୁ ବିରୋଧୀ କଂଗ୍ରେସ ଓ ଭାଜପା ଜୋରଦାର ବିରୋଧ କରିଛନ୍ତି। ତୁରନ୍ତ ସରକାର ଏହା ପ୍ରତ୍ୟାହାର କରିନେବା ପାଇଁ ଉଭୟ ଦଳ ପକ୍ଷରୁ ଦାବି କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଖବରଦାତା ସମ୍ମିଳନୀ କରି ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିବା ବେଳେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଛି ଭାଜପା।

କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିରଞ୍ଜନ କହିଛନ୍ତି, ୨୦୧୬ର ଅପରିଣାମଦର୍ଶୀ ବିମୁଦ୍ରୀକରଣ ପରେ କରୋନା ମାଡ଼ରେ ସବୁ ବର୍ଗ ଲୋକ ଆର୍ଥିକ ଦୁର୍ଗତି ଭିତରକୁ ଠେଲିହୋଇଯାଇଛନ୍ତି। ପ୍ରତି ପରିବାରର ଆୟ କମିଛି। ଏଭଳି ସମୟରେ ଓଇଆର୍‌ସି ରାଜ୍ୟ ସରକାରଙ୍କ ସହାୟତାରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରି ଲୋକଙ୍କୁ ଆହୁରି କଷ୍ଟ ଭିତରକୁ ଠେଲିଦେଇଛି। ବର୍ଷକ ମଧ୍ୟରେ ଦୁଇ ଥର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପାଇଛି। ଗୋଟିଏ ଥର ୟୁନିଟ୍ ପିଛା ୨୦ ପଇସା ବଢ଼ିଥିଲା ଏବେ ପୁଣିଥରେ ୩୦ ପଇସା ବଢ଼ିବା ଖାଉଟିଙ୍କ ପାଇଁ ବୋଝ ଉପରେ ନଳିତାବଡା ସଦୃଶ। ସାତଦିନ ମଧ୍ୟରେ ସରକାର ବର୍ଦ୍ଧିତ ବିଦ୍ୟୁତ୍ ଶୁଳ୍କ ପ୍ରତ୍ୟାହାର ନ କଲେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ନିରଞ୍ଜନ ଚେତାବନୀ ଦେଇଛନ୍ତି।

ଭାଜପା ପକ୍ଷରୁ ମଧ୍ୟ ଜୋର୍‌ଦାର ବିରୋଧ କରାଯାଇଛି। କରୋନା ଯୋଗୁ ସମଗ୍ର ରାଜ୍ୟବାସୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଏଭଳି ସଙ୍କଟ ସମୟରେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ରାଜ୍ୟ ସରକାର ବିଦ୍ୟୁତ୍ ଦର ୟୁନିଟ୍ ପିଛା ୩୦ ପଇସା ବୃଦ୍ଧି କରି ରାଜ୍ୟବାସୀଙ୍କ ଉପରେ ବୋଝ ଲଦିବାକୁ ଯାଉଛନ୍ତି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଜନସ୍ୱାର୍ଥ ବିରୋଧୀ। ରାଜ୍ୟ ସରକାରଙ୍କ ମନମୁଖି ଶାସନ ବିରୋଧରେ ମଙ୍ଗଳବାର ଭୁବନେଶ୍ୱର ଜିଲା ଭାଜପା ପକ୍ଷରୁ ଓଇଆର୍‌ସି ଅଫିସ ଆଗରେ ବିକ୍ଷୋଭ କରାଯାଇଥିଲା। ସରକାର ନିଷ୍ପତ୍ତିକୁ ବଦଳାଇ ତୁରନ୍ତ ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର କରନ୍ତୁ ବୋଲି ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ ଦାବି କରିଛନ୍ତି। ଯଦି ସରକାର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନିଷ୍ପତ୍ତି ପ୍ରତ୍ୟାହାର ନ କରନ୍ତି ଆଗାମୀ ଦିନରେ ଜିଲା ଭାଜପା ରାଜଧାନୀ ଅଧୀନ ୮ଟି ସବ୍ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ଦଳ ଚେତାବନୀ ଦେଇଛି।

# ଜଙ୍ଗଲ ଜଗିବେ ହାତୀ

## କପିଳାସ ରେସ୍‌କ୍ୟୁ ସେଣ୍ଟରରେ ଦିଆଯାଉଛି ତାଲିମ

ଢେଙ୍କାନାଳ ଅଫିସ,୩୦।୩


କପିଳାସ ପ୍ରାଣୀ ଉଦ୍ୟାନ ପରିସର ରେସ୍‌କ୍ୟୁ ସେଣ୍ଟରରେ ଥିବା ଦନ୍ତାହାତୀ କାର୍ତ୍ତିକ।

ଢେଙ୍କାନାଳ ଜିଲା କପିଳାସ ଅଭୟାରଣ୍ୟକୁ ଜଗିବେ ହାତୀ। ଏଥିପାଇଁ କପିଳାସ ପ୍ରାଣୀ ଉଦ୍ୟାନରେ ଥିବା ୫ ହାତୀଙ୍କୁ ତାଲିମ ଦିଆଯିବା କାର୍ଯ୍ୟ ଆରମ୍ଭ ହୋଇଛି। ତାଲିମ ସମ୍ପୂର୍ଣ୍ଣ ହେଲେ ଉକ୍ତ ହାତୀଙ୍କୁ ଜଙ୍ଗଲ ଜଗିବା କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି।

୧୨୫୫୯.୫୯ ହେକ୍ଟର ବିଶିଷ୍ଟ କପିଳାସ ସଂରକ୍ଷିତ ଜଙ୍ଗଲକୁ ୨୦୧୧ ଏପ୍ରିଲ ୨ରେ ଅଭୟାରଣ୍ୟ ମାନ୍ୟତା ମିଳିଥିଲା। ଏହି ସଂରକ୍ଷିତ ଜଙ୍ଗଲରେ ଶାଳ, ଶାଗୁଆନ, କୁରୁମ, ଧଉରା, ଫାସି ଆଦି ଅନେକ ପ୍ରକାରର ମୂଲ୍ୟବାନ ଗଛ ଏବଂ ଔଷଧୀୟ ଉଦ୍ୟାନ ରହିଛି। ହାତୀ, ହରିଣ, ଭାଲୁ, ଶମ୍ବର, କୁଟୁରା, ବାର୍‌ହା, ପାହାଡ଼ିମୂଷା, ଝିଙ୍କ, ସରିସୃପ ଆଦି ବିଭିନ୍ନ ପ୍ରଜାତିର ଜୀବଜନ୍ତୁଙ୍କ ଏହା ଆବାସସ୍ଥଳି। କିନ୍ତୁ ଶିକାରୀ ଓ କାଠ ମାଫିଆଙ୍କ ଉପଦ୍ରବ ବଢ଼ୁଥିବାରୁ ଅଭୟାରଣ୍ୟକୁ ସୁରକ୍ଷିତ ରଖିବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ କପିଳାସ ପ୍ରାଣୀ ଉଦ୍ୟାନର ରେସ୍‌କ୍ୟୁ ସେଣ୍ଟରରେ ଗୋଟିଏ ଦନ୍ତା ହାତୀ (କାର୍ତ୍ତିକ) ଓ ୪ ଛୁଆଙ୍କୁ ମିଶାଇ ମୋଟ ୫ ହାତୀ ରହିଛନ୍ତି। ତନ୍ମଧ୍ୟରୁ ଦନ୍ତାହାତୀ କାର୍ତ୍ତିକକୁ ୨୦୧୦ ଜୁଲାଇ ୭ରେ କଟକ ଜିଲା ଆଠଗଡ ଡିଭିଜନରୁ ଉଦ୍ଧାର କରି ଅଣାଯାଇଥିଲା। ଛୁଆ ହାତୀ ଚନ୍ଦୁକୁ ବରଗଡ ଡିଭିଜନରୁ ୨୪ ଡିସେମ୍ବର ୨୦୧୧ରେ, ଉମାକୁ ୪ ସେପ୍ଟେମ୍ବର ୨୦୧୨ରେ ଢେଙ୍କାନାଳ ଷଡଙ୍ଗୀ ରେଞ୍ଜ, ହିରୋକୁ ୨୦୧୮ରେ ସମ୍ବଲପୁର ଜିଲା ବାମରା ସଂରକ୍ଷିତ ଜଙ୍ଗଲରୁ ଏବଂ ପଦ୍ମାକୁ ୨୦୨୦ ଡିସେମ୍ବର ୩୧ରେ ବ୍ରହ୍ମପୁର ଡିଭିଜନ ଟମଣା ସେକ୍ସନରୁ ଉଦ୍ଧାର କରାଯାଇଥିଲା। ଛତିଶଗଡ଼, ଆସାମ, କେରଳ ଆଦି ରାଜ୍ୟରେ ହାତୀମାନଙ୍କୁ ଦିଆଯାଉଥିବା ତାଲିମ ଢାଞ୍ଚାରେ କପିଳାସ ପ୍ରାଣୀ ଉଦ୍ୟାନର ରେସ୍‌କ୍ୟୁ ସେଣ୍ଟରରେ ଥିବା ଉକ୍ତ ୫ ହାତୀଙ୍କୁ ଜଙ୍ଗଲ ଜଗିବା ତାଲିମ ଦିଆଯିବା ଆରମ୍ଭ ହୋଇଛି। ଏଥିପାଇଁ ଆସାମରୁ ଆସିଥିବା ଦୁଇଜଣ ତାଲିମପ୍ରାପ୍ତ ମାହୁନ୍ତଙ୍କୁ ରେସ୍‌କ୍ୟୁ ସେଣ୍ଟରରେ ନିୟୋଜିତ କରାଯାଇଛି। ତାଲିମ ପରେ ମାହୁନ୍ତ ହାତୀଙ୍କୁ ଜଙ୍ଗଲର ବିଭିନ୍ନ ଅଞ୍ଚଳରେ ବୁଲାଇବେ। ଏପରିକି ଅନ୍ୟ ହାତୀ ଆକ୍ରମଣ ଉଦ୍ୟମ କଲେ ତାଲିମପ୍ରାପ୍ତ ହାତୀମାନେ କିପରି ଭୟଭୀତ ହେବେ ନାହିଁ, ଜଙ୍ଗଲର ଅପହଞ୍ଚ ସ୍ଥାନକୁ କିପରି ଯାଇହେବ, ଶିକାରୀ ଓ କାଠ ଚୋରଙ୍କ କବଳରୁ ଅଭୟାରଣ୍ୟକୁ ସୁରକ୍ଷିତ ରଖିହେବ ସେ ଦିଗରେ ତାଲିମ ପ୍ରଦାନ କରାଯାଉଛି। ବର୍ତ୍ତମାନ କାର୍ତ୍ତିକ ଓ ଚନ୍ଦୁ ତାଲିମ ନେଉଛନ୍ତି। ଖୁବ୍‌ଶୀଘ୍ର ଏହି ଦୁଇହାତୀ କପିଳାସ ଅଭୟାରଣ୍ୟକୁ ଜଗିବା ପାଇଁ ପାଟ୍ରୋଲିଂରେ ସାମିଲ ହେବେ। ଅନ୍ୟ ୩ ହାତୀଙ୍କୁ ମଧ୍ୟ ତାଲିମ ପ୍ରଦାନ କରାଯିବ। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନୀ କହିଛନ୍ତି, କପିଳାସ ଅଭୟାରଣ୍ୟକୁ ସୁରକ୍ଷିତ ରଖିବା ପାଇଁ ରେସ୍‌କ୍ୟୁ ସେଣ୍ଟରରେ ଥିବା ହାତୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ଆସନ୍ତା ଡିସେମ୍ବର ସୁଦ୍ଧା କାର୍ତ୍ତିକ ଓ ଚନ୍ଦୁ ଏହି କାର୍ଯ୍ୟରେ ନିୟୋଜିତ ହେବେ। ଆସାମରୁ ଦୁଇଜଣ ମାହୁନ୍ତ ସେମାନଙ୍କୁ ତାଲିମ ଦେଉଛନ୍ତି।

DISTRICT PROJECT OFFICE
SAMAGRA SHIKSHA {S.S.}
MALKANGIRI-764048
Ph.- (06861)-230481 (Off), E-mail: dpcmalkanssa.opepa@nic.in, stc.malkangiri@gmail.com
Letter No.1024/Civil/2021 Date: 30.03.2021

TENDER CALL NOTICE

Sealed tenders in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with Detailed Tender Call Notice are invited by the District Poroject Coordinator, Samagra Shiksha, Malkangiri, on behalf of Government of Odisha for tenders for construction of Building works as mentioned below from eligible contractors registered with the State Government and contractor of equivalent grade/class registered with Central Government/MES/Railways, having registration for Civil works on production of definite proof from the appropriate authority. The detailed of the works are available in the Website www.malkangiri.nic.in and Office Notice Board.

| | | |
|---|---|---|
| Name of work | : | Construction of Additional Class Room Building in different area of Malkangiri District under DMF 2019-20 |
| No. of works | : | 01 No. (One) No. |
| Estimated cost | : | As laid down in the DTCN |
| Amount put to tender | : | As laid down in the DTCN |
| Tender paper cost | : | As laid down in the DTCN |
| E.M.D. amount required | : | 1% of the amount put to tender (As laid down in the DTCN) |
| Period of completion | : | As laid down in the DTCN for each work |
| Date of sale of tender papers | : | The bid documents can be downloaded from the Govt. website www.malkangiri.nic.in only from 31.03.2021 to 13.04.2021. |
| Date of receipt of tender paper | : | From 31.03.2021 to 15.04.2021 upto 1.00 P.M. (in working days) through Registered Post/ Speed Post only. No tender paper will be received by hand or Courier services. |
| Date of opening of tender papers | : | At 10.00 A.M. on 16.04.2021 in the Office Chamber of Collector, Malkangiri in presence of tender finalisation Committee member, tenderers or their authorised representatives. |

N.B.: If the last date of sale/receipt of tender paper turns out be a holiday, it will automatically be extended to next working day.

By order Collector
Sd./- District Project Coordinator
SS, Malkangiri

**ନିଆଁଲାଗି ୮ ବଖରା ନଷ୍ଟ, ୫ ଆହତ**

**କେନ୍ଦ୍ରାପଡ଼ା ଅଫିସ:** କେନ୍ଦ୍ରାପଡ଼ା ସହରର ଇମାମମାବାଡାଠାରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ହୋଇଯାଇଛି। ଅଗ୍ନିଶମ ବାହିନୀ ଏହି ନିଆଁ ଲିଭାଇବା ପୂର୍ବରୁ ସେକ୍ ସାଇରୁଦ୍ଦିନ ଓରଫ ବାବୁ, ମଜ୍ଜୁ ଖାନ ଓ ତାଜୁ ଖାନଙ୍କ ୮ ବଖରା ପୋଡି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡରେ ଆହତ ହୋଇଥିବା ୫ ବ୍ୟକ୍ତି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ମାର୍ଶାଘାଇ,୩୦।୩(ଡି.ଏନ.ଏ.):** ୫ ନଂ. (କ) ଜାତୀୟ ରାଜପଥର ମାର୍ଶାଘାଇ ଥାନା ଲୁଣା ବ୍ରିଜଠାରେ ସୋମବାର ରାସ୍ତା ଦୁର୍ଘଟଣା ହୋଇଛି। ଏଥିରେ ତୁଳସୀପୁର ଗାଁର ନୀହାର ସୂତାରଙ୍କ ମୃତ୍ୟୁ ହୋଇଛି। ନୀହାର କେନ୍ଦ୍ରାପଡ଼ାରୁ ନିଜ ଗ୍ରାମକୁ ବାଇକ୍ ଯୋଗେ ଯାଉଥିବା ବେଳେ ପଛପଟୁ ଏକ ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଛି। ଘଟଣାସ୍ଥଳରେ ସେ ଅଚେତ ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀ ମର୍ମଚାରୀ ତାଙ୍କୁ ମାର୍ଶାଘାଇ ସିଏଚସିରେ ପହଞ୍ଚାଇଥିଲେ। ସେଠାରେ ଡାକ୍ତର ନୀହାରଙ୍କୁ ମୃତ ଘୋଷଣା କରିଛନ୍ତି। ପୋଲିସ ପହଞ୍ଚି ତଦନ୍ତ କରିଛନ୍ତି।

### ପ୍ଲାଷ୍ଟିକ ବିରୋଧରେ ସଚେତନତା

**କେନ୍ଦ୍ରାପଡ଼ା ଅଫିସ, ୩୦।୩:** ସହରର ଗୋପସ୍ଥିତ ଏକ ଆବାସିକ ବିଦ୍ୟାଳୟ ପରିସରରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ବିରୋଧରେ କେନ୍ଦ୍ରାପଡ଼ା ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନିରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ମନୋଜ କୁମାର ଶତପଥୀ, ଆଇନଜୀବୀ ତପନ କୁମାର ପଣ୍ଡା, ଶିକ୍ଷାବିତ୍ ସଞ୍ଜୟ କୁମାର ମଥାନ ଆଲୋଚକ ଭାବେ ଯୋଗ ଦେଇଥିଲେ। ଆଲୋଚକମାନେ ପ୍ଲାଷ୍ଟିକ ଏବେ ପୃଥିବୀକୁ ବନ୍ଧ୍ୟା କରୁଥିବା କହିବା ସହ ଏହି ବର୍ଜ୍ୟବସ୍ତୁ ପରିବେଶକୁ ନଷ୍ଟ କରୁଛି ବୋଲି ସେମାନେ ମତ ଦେଇଥିଲେ। ଛାତ୍ରୀ ସ୍ୱାତୀ ଦାସ ଏହି ସଭାକୁ ପରିଚାଳନା କରିଥିଲେ।

### ନିଆଁ ଲାଗି ଜଳିଗଲା ଡ୍ରେସ ଦୋକାନ

**ପଞ୍ଚାମୁଣ୍ଡାଇ, ୩୦।୩(ସ୍ୱ.ପ୍ର.):** ପଞ୍ଚାମୁଣ୍ଡାଇ ବଜାର ମୁଖ୍ୟ ରାସ୍ତାର ଏଲେକ୍ଟ୍ରିକ ଅଫିସ ସାମନାରେ ଥିବା ମୟୂରି ଡ୍ରେସ ଦୋକାନରେ ସୋମବାର ରାତି ପ୍ରାୟ ୯ଟାରେ ହଠାତ୍ ନିଆଁ ଲାଗି ଯାଇଥିଲା। ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। କିନ୍ତୁ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ଦୋକାନ ଗୃହ ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଦୋକାନ ଭିତରେ ଥିବା ସମସ୍ତ ଡ୍ରେସ ଆଦି ପୋଡ଼ି ଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ପାଖରେ ଥିବା ଦୋକାନ ଆଂଶିକ କ୍ଷତି ହୋଇଛି। ବିଦ୍ୟୁତ୍ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ପଞ୍ଚାମୁଣ୍ଡାଇ ପୌରାଞ୍ଚଳ ୧୧ ନଂ. ୱାର୍ଡ ମୁସଲମାନ ବସ୍ତିର ସେକ ଗୋଲାମ ଡ୍ରେସ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରି ଆସୁଥିଲେ।

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

**ରାଜନଗର, ୩୦।୩(ଡି.ଏନ.ଏ.):** ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ଗର୍ତ୍ତଗଣ୍ଡିଆ ଗାଁରେ ମଙ୍ଗଳବାର ଅପରାହ୍ନରେ ନିଆଁ ଲାଗି ୨ ବଖରା ଜଳିଯାଇଛି। ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିଲା। ଗାଁର ନଳିନୀ ମଣ୍ଡଳଙ୍କ ଘରେ ହଠାତ୍ ନିଆଁ ଲାଗି ୨ ବଖରା ସହ ସମସ୍ତ ଆସବାବପତ୍ର ପୋଡି ଯାଇଛି। ନଳିନୀ ଓ ତାଙ୍କ ସ୍ତ୍ରୀ ପାରାଦୀପରେ କାମ କରୁଥିବା ବେଳେ ଘରେ ୭୫ ବର୍ଷର ବୁଢ଼ୀ ମାଆ ଥିଲେ। ନିଆଁ ଦେଖି ପଡୋଶୀ ଘର ଭିତରୁ ବୃଦ୍ଧାଙ୍କୁ ଉଦ୍ଧାର କରିଥିଲେ।

### ଅଧ୍ୟାପକଙ୍କ ଘରୁ ଚୋରି: ଥାନାରେ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ, ୩୦।୩:** ଜଗତ୍‌ସିଂହପୁର ଥାନା ରମ୍ଭାଦେଈପୁର ପଞ୍ଚାୟତ ନରଣପୁରର ସଞ୍ଜୟ କୁମାର ମିଶ୍ରଙ୍କ ଘରୁ ମଙ୍ଗଳବାର ଚୋରି ହୋଇଛି । ସଞ୍ଜୟ ହେଉଛନ୍ତି ଅଳକା ମହାବିଦ୍ୟାଳୟର ଅଧ୍ୟାପକ। ପୂର୍ବାହ୍ନ ୯ଟାରେ ସେ ସ୍ତ୍ରୀଙ୍କୁ ତରିକୁନ୍ଦ ଛାଡ଼ିବାକୁ ଯାଇଥିଲେ। ଘରକୁ ଫେରିଲା ପରେ ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ଘରେ କେହି ନ ଥିବାର ଦେଖି କୌଣସି ଦୁର୍ବୃତ୍ତ ଘରେ ପଶି ଆଲମିରା ଖୋଲି ୨ଟି ହାର, ୨ଟି ଚେନ୍, ୧ ହଳ ଚୁଡ଼ି, ୧ ହଳ ଶଙ୍ଖା, ୮ ହଳ କାନଫୁଲ, ୮ ମୁଦି, ୨ଟି ମୋବାଇଲ ଓ ୫୦୦୦ ଟଙ୍କା ଚୋରି କରି ନେଇଛନ୍ତି। ଏ ସବୁର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅଧ୍ୟାପକ ସଞ୍ଜୟ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ନଂ.୧୬୩/୨୧ ରୁଜୁ କରି ତଦନ୍ତ ଚଳାଇଛି।

# ଧାନ ବିକ୍ରି ନ ହେବାରୁ ଚାଷୀଙ୍କ ରାସ୍ତାରୋକୋ

**ନାଉଗାଁ,୩୦।୩ (ସ୍ୱ.ପ୍ର.)**



ଶିଖର-ବାଲିଘୋରି ମୁଖ୍ୟ ରାସ୍ତାର ଅଲଣା ହାଟ ନିକଟରେ ଚାଷୀ ରାସ୍ତା ଅବରୋଧ କରିଛନ୍ତି।

ନାଉଗାଁ ବ୍ଲକର ବିଭିନ୍ନ ମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରୁ ନ ଥିବାରୁ ପ୍ରତିବାଦ କରିଛନ୍ତି। ଟୋକନ ପାଇବା ସତ୍ତ୍ୱେ ସେମାନଙ୍କ ଧାନ କିଣାଯାଉନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବ୍ଲକ ଅନ୍ତର୍ଗତ ଅଲଣା ମଣ୍ଡିରେ ଧାନ ବିକ୍ରି ହେଉ ନ ଥିବାରୁ ମଙ୍ଗଳବାର ଚାଷୀ ରାସ୍ତାରୋକୋ କରିଛନ୍ତି। ସେହିପରି ତିରୁଣା ମଣ୍ଡିରେ ମଧ ଚାଷୀ ଧାରଣାରେ ବସିଥିଲେ। ଏଠାରେ ଜଣେ ଚାଷୀ ମଣ୍ଡି କାର୍ଯ୍ୟାଳୟ ସମ୍ମୁଖରେ କୀଟନାଶକ ପିଇବାକୁ ଉଦ୍ୟମ କରିଥିଲେ। ମିଳିଥିବା ସୂଚନା ଅନୁସାରେ, ଧାନ ବିକ୍ରିକୁ କେନ୍ଦ୍ର କରି ଅଲଣା ସେବା ସମବାୟ ସମିତିର କେତେଜଣ ଚାଷୀ ଶିଖର-ବାଲିଭଉଁରୀ ମୁଖ୍ୟ ରାସ୍ତାର ଅଲଣାହାଟ ନିକଟରେ ରାସ୍ତା ଅବରୋଧ କରିଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ଏଥିରେ ସାମିଲ ହୋଇ ଧାରଣାରେ ବସିଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଜିଲା ପ୍ରଶାସନ ପକ୍ଷରୁ ଜିଲା ଯୋଗାଣ ଅଧିକାରୀ ବିବେକାନନ୍ଦ କୋରକୋରା, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ସଲ୍ଲା ଉଦ୍ଦିନ ଖାଁ, ବ୍ଲକ ଯୋଗାଣ ନିରୀକ୍ଷିକା ନିଳିମା ପ୍ରିୟଦର୍ଶୀନି ମହାନ୍ତି ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ସେମାନଙ୍କୁ ଗୋଟିଏ ଘରେ ତାଲା ବନ୍ଦ କରି ଚାଷୀମାନେ ରଖିଥିଲେ। ମଧ୍ୟାହ୍ନରେ ସେମାନଙ୍କୁ ଛାଡ଼ିବା ପରେ ଧାନ ବିକ୍ରି ସମ୍ପର୍କରେ ଆଲୋଚନା ହୋଇଥିଲା। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଅଲଣା ସେବା ସମବାୟ ସମିତି ମାଧ୍ୟମରେ ୪୫୬ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକୃତ କରିଥିଲେ। ସେଥିରୁ ୪୦୧ ଜଣଙ୍କୁ ଟୋକନ୍ ଦିଆଯାଇ ୧୪,୬୧୧ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ପୁଣି ୫୪୯ ଚାଷୀଙ୍କୁ ଟୋକନ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୪୨ଜଣଙ୍କ ଟୋକନ ଅବଧି ଶେଷ ହୋଇଯାଇଛି। ଏ ନେଇ ଚାଷୀ ଆନ୍ଦୋଳନ କରିଥିଲେ। ଆନ୍ଦୋଳନରେ ଅଶୋକ ସ୍ୱାଇଁ, ଅମୀୟ ପରିଡା, ଚତୁର୍ଭୁଜ ମହାନ୍ତି, ପ୍ରଭାତ ନଳିନୀ ସ୍ୱାଇଁ, ନବ କିଶୋର ମହାନ୍ତି, ଭାଗୀରଥି ସାହୁ, ସୁଶୀଲ କୁମାର

- ତିରୁଣାରେ କୀଟନାଶକ ପିଇବାକୁ ଉଦ୍ୟମ
- ପ୍ରଶାସନିକ ଅଧିକାରୀଙ୍କୁ ତାଲା ପକାଇ ରଖିଲେ

ଲେଙ୍କା, ତୁଷାରକାନ୍ତ ମହାନ୍ତି ଓ ରଞ୍ଜନ ପରିଡା ପ୍ରମୁଖ ସାମିଲ ହୋଇଥିଲେ। ଆସିଥିବା ଅଧିକାରୀଙ୍କ ସହ ସମାଧାନର ବାଟ ନ ବାହାରିବାରୁ ଶେଷରେ ବିଡିଓ ରଶ୍ମିରେଖା ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ବ୍ଲକର ୬ ସୋସାଇଟିର ସମ୍ପାଦକଙ୍କୁ ନେଇ ବୁଧବାର ଆଲୋଚନା କରାଯିବ। ଏଥିସହ ଧାନ ବିକ୍ରି କରିପାରି ନ ଥିବା ଚାଷୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ତହସିଲଦାର ଓ ଜିଲାପାଳଙ୍କ ଅବଗତି ନିମନ୍ତେ ପଠାଯିବ। ପରେ ଆବଶ୍ୟକ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ମଲ୍ଲିକ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସେହିପରି ତିରୁଣା ମଣ୍ଡି ସମ୍ମୁଖରେ ମଧ ଧାନ ବିକ୍ରିକୁ କେନ୍ଦ୍ରକରି ଚାଷୀ ଧାରଣା ଦେଇଥିଲେ। ଏହି ସମୟରେ ଦିଲୀପ ପାଢୀ ନାମକ ଚାଷୀ କୀଟନାଶକ ପିଇବାକୁ ଉଦ୍ୟମ କରିଥିଲେ। ସମିତିର ସମ୍ପାଦକ ରଞ୍ଜନ କୁମାର ବେହେରା ପହଞ୍ଚି ବୁଝାଶୁଝା କରିଥିଲେ। ସରକାରଙ୍କ ନିୟମନୁସାରେ ଧାନ ବିକ୍ରି କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ପରେ ଦିଲୀପ କୀଟନାଶକ ପିଇବାରୁ ନିବୃତ୍ତ ହେବା ସହ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଜାହାଜର ୧୫ ନାବିକ କରୋନା ପଜିଟିଭ୍

### ୨ ଜଣଙ୍କ ଅବସ୍ଥା ଗୁରୁତର

**ପାରାଦୀପ,୩୦।୩(ସ୍ୱ.ପ୍ର.)**

ପାରାଦୀପ ବନ୍ଦରକୁ ଆସିଥିବା ଏମଭି ଏପିଜେ କାୟର୍ସ ନାମକ ପଣ୍ୟବାହୀ ଜାହାଜର ୨୮ ଜଣ ନାବିକଙ୍କ ମଧ୍ୟରୁ ୧୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସମସ୍ତ ଭାରତୀୟ ହୋଇଥିବା ବେଳେ ଆକ୍ରାନ୍ତମାନଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ସୂଚନା ମିଳିଛି। ଜାହାଜଟି ଚେନ୍ନାଇସ୍ଥିତ ଟୁଟିକୋରିନ୍ ପୋର୍ଟରୁ ଆସିଥିଲା। ରବିବାର ସନ୍ଧ୍ୟାରେ ଜାହାଜ ଆଙ୍କରେଜ ଏରିଆରେ ଥିଲା। ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ବେଳେ ଏହି ଖବର ଜଣାପଡ଼ିଥିଲା। ଏହାପରେ ଅନ୍ୟ ୧୩ ଜଣଙ୍କୁ ଏବେ ସଙ୍ଗରୋଧରେ ରଖାଯାଇଛି। ଜାହାଜ କୋଷ୍ଟାଲ ପରିବହନରେ ନିୟୋଜିତ। ଟୁଟିକୋରିନ୍ ପୋର୍ଟ ଛାଡିବା ପୂର୍ବରୁ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ବୋଲି ଇମିଗ୍ରେସନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏବେ ଉକ୍ତ ଜାହାଜକୁ ସାନିଟାଇଜ କରାଯିବ। ତା'ପରେ ନୂଆ କ୍ରୀୟୁ ଚଢିବେ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏବେ ଜାହାଜ ସେହି ଆଙ୍କରେଜ ଏରିଆରେ ରହିବ। ଏନେଇ ବନ୍ଦର ଭିତରେ ଅନ୍ୟ କୌଣସି ଜାହାଜର ନାବିକ ଓ ଅନ୍ୟ କର୍ମଚାରୀ ଅବା ଶ୍ରମିକଙ୍କ ଠାରେ କୌଣସି ବିପଦ ନାହିଁ ବୋଲି ବନ୍ଦର ଚିକିତ୍ସାଳୟର ସିଏମ୍‌ଓ ଡା. ପ୍ରହ୍ଲାଦ ପଣ୍ଡା କହିଛନ୍ତି।

## ପ୍ରକୃତିର ନୀରବ ସାଧକ ଅମରେଶ

**ପାରାଦୀପ,୩୦।୩(ସ୍ୱ.ପ୍ର.)**

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ରେ ପ୍ରଶଂସା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ପାରାଦୀପ ଉପକଣ୍ଠ ବିଶ୍ୱାଳୀ ଗ୍ରାମର ବସନ୍ତ କୁମାର ସାମଲଙ୍କ ପୁତ୍ର ଅମରେଶ ନରେଶ ସାମନ୍ତଙ୍କୁ ପ୍ରଶଂସା କରିଛନ୍ତି। ସେ ପେସାରେ ଜଣେ ଇଞ୍ଜିନିୟର। ସେ ପାରାଦୀପ ବନ୍ଦରରେ ଚାକିରି କରନ୍ତି। ମାତ୍ର ୨୫ ବର୍ଷ ହେବ ନିରବଚ୍ଛିନ୍ନ ଭାବେ କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରିବାରେ ଲାଗିଛନ୍ତି। ତାଙ୍କ ପ୍ରୟାସରୁ ୨୫ଟି କ୍ଷୁଦ୍ର ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି ହୋଇପାରିଛି।

କମ୍ କଥାବାର୍ତ୍ତା କରୁଥିବା ଅମରେଶଙ୍କୁ ସ୍ଥାନୀୟ ଲୋକେ ପ୍ରକୃତିର ନୀରବ ସାଧକ ବୋଲି କହିଥାନ୍ତି। ଗଛ ଲଗା କାମ ପ୍ରଥମେ ସେ ନିଜ ଗାଁ ବିଶ୍ୱାଳୀରୁ ଆରମ୍ଭ କରିଥିଲେ। ଗାଁର ସାଙ୍ଗସାଥିଙ୍କୁ ଏକତ୍ର କରି ଉପାନ୍ତରେ ଥିବା ଗ୍ରାମ୍ୟଜଙ୍ଗଲ ପାଇଁ ଉଦ୍ଦିଷ୍ଟ ଜାଗାରେ ପ୍ରଥମେ ପୋଖରୀ ଖୋଳି ପାଖରେ ଗଛ ଲଗାଇ ଥିଲେ। ୩ ବର୍ଷରେ ଗଛ ବଡ଼ ହୋଇଯିବା ପରେ ସେଥିରେ ପକ୍ଷୀଙ୍କ ଆଶ୍ରୟ ପାଇଁ ବ୍ୟବସ୍ଥା କରିଥିଲେ। ଏହା ସଫଳ ହେବାପରେ ତାଙ୍କ ପ୍ରୟାସରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ମଧ୍ୟ ଏପରି ଅନେକ କ୍ଷୁଦ୍ର ଜଙ୍ଗଲ ସୃଷ୍ଟି କରାଗଲା। ଇତିମଧ୍ୟରେ ରାସ୍ତା ସମ୍ପ୍ରସାରଣ ଓ ବାତ୍ୟା ଯୋଗୁ ୪ରୁ ୫ଟି ଜଙ୍ଗଲ ନଷ୍ଟ ହୋଇଛି। ଏଥିରେ ସେ ଭାଙ୍ଗି ନ ପଡ଼ି ଆଗକୁ ବଢ଼ି ଚାଲିଛନ୍ତି।

ଗାଁ ଲୋକଙ୍କୁ ନେଇ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ଗଠନ କରି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଏଥିପାଇଁ ଅମରେଶ ଓ ସଙ୍ଗଠନକୁ ପୂର୍ବରୁ ପ୍ରକୃତିବନ୍ଧୁ, ପ୍ରକୃତିମିତ୍ର, ରାଜ୍ୟପାଳ ପୁରସ୍କାର, ମୁଖ୍ୟମନ୍ତ୍ରୀ ସମ୍ମାନ, ରାଜ୍ୟର ଶ୍ରେଷ୍ଠ କ୍ଲବ ଭଳି ଅନେକ ପୁରସ୍କାର ମିଳିଛି। ଏବେ ଓଡ଼ିଶାର ଉପକୂଳ ଓ ଆଭ୍ୟନ୍ତରୀଣ ଜିଲାରେ ଗଛ ଲଗା କାମ ଚାଲିଛି। ସେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଗଛ ଲଗାଇ ଥିବା ବେଳେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଚାରା ବଣ୍ଟନ କରିଛନ୍ତି ବୋଲି ଅମରେଶ କୁହନ୍ତି। ପ୍ରଧାନମନ୍ତ୍ରୀ ପ୍ରଶଂସା କରିବା ପରେ ମନବଳ ସୁଦୃଢ଼ ହୋଇଛି ବୋଲି ସେ କହିଛନ୍ତି। ତାଙ୍କ କହିବାନୁସାରେ, ପ୍ରଦୂଷଣ, ଧୂଳି, ଧୂଆଁ, ଉତ୍ତାପ, ଟେଲିକ୍ ଆସ୍ତରଣ ଆଦି ପ୍ରଭାବରେ ଦିନକୁଦିନ ଗାଁର ସ୍ଥିତି ବିଗିଡିବାରେ ଲାଗିଛି। ଏହି ଅବସ୍ଥା ବଳବତ୍ତର ରହିଲେ ଆଉ କିଛିବର୍ଷ ପରେ ଗଛଟିଏ ଦେଖିବା ସ୍ୱପ୍ନ ହୋଇଯିବ। ଯାହା ପରବର୍ତ୍ତୀ ବଂଶଧରଙ୍କ ପାଇଁ ନକରାତ୍ମକ ପରିବେଶ ଆଣିବ।

## ଜିଲାପାଳଙ୍କ କୁଶପୁତ୍ତଳିକା ଦାହ

**କୁଜଙ୍ଗ, ୩୦।୩ (ଡି.ଏନ.ଏ.)**

### ମହିଳାଙ୍କ ପ୍ରତି ମନ୍ତବ୍ୟକୁ ବିରୋଧ



କୁଞ୍ଜବିହାରୀଙ୍କ ବଡ଼ଦାଣ୍ଡରେ ଜିଲାପାଳଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

କୁଜଙ୍ଗ ସ୍ୱପ୍ନା ମହାସଂଘର ମହିଳାମାନେ କୁଞ୍ଜବିହାରୀଙ୍କ ବଡଦାଣ୍ଡରେ ମଙ୍ଗଳବାର ଅପରାହ୍ନରେ ଜିଲାପାଳଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ୨୭ ତାରିଖରେ, ଏରସମା ବ୍ଲକର ସୁଭଦ୍ରା କ୍ଷେତ୍ର ରୂପେ ପରିଚିତ ଗଡକୁଜଙ୍ଗର କୁଞ୍ଜବିହାରୀଙ୍କୁ ଦର୍ଶନ କରିବାକୁ ଆସିଥିଲେ। ଏହି ସମୟରେ ସେ ମହିଳାମାନଙ୍କୁ ଉପହାସ କରିବା ଭଳି ମନ୍ତବ୍ୟ ଦେଇଥିଲେ। ଜିଲାପାଳ ଏଠାରେ ଏକ ସଭାରେ ଯୋଗଦେଇ ମହିଳା ସଂଘର ସଦସ୍ୟାମାନଙ୍କୁ ବାନର ସହ ତୁଳନା କରି କହିଥିଲେ, ତାଙ୍କ ପଛରେ ପଡ଼ିଥିବା ବାନରମାନେ କିଛି କ୍ଷତି କରିପାରିବେ ନାହିଁ। ଏ ନେଇ ଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଂଘ ପକ୍ଷରୁ ଦାବି ହୋଇଛି। ଗଡକୁଜଙ୍ଗ ପଞ୍ଚାୟତର ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ନେଇ ସ୍ୱପ୍ନା ମହାସଂଘ ଗଠିତ ହୋଇଛି। ପ୍ରତି ୨ ବର୍ଷରେ ଥରେ ଏହି ମହାସଂଘର କାର୍ଯ୍ୟକର୍ତ୍ତା ନିର୍ବାଚନ ହେବାର ନିୟମ ରହିଛି। ମାତ୍ର ୫ ବର୍ଷ ହେବ ମହାସଂଘର ନିର୍ବାଚନ ହେଉନାହିଁ। ଯେଉଁମାନେ କାର୍ଯ୍ୟକର୍ତ୍ତା ଅଛନ୍ତି ସେମାନେ ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥିବା ଅଭିଯୋଗ କରି ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ବହୁବାର ମୁଖ୍ୟମନ୍ତ୍ରୀ, ଜିଲାପାଳ, ବିଡିଓ ଏବଂ ମିଶନ ଶକ୍ତିର ବ୍ଲକ ପରିଚାଳିକାଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଅଭିଯୋଗ କେହି ଶୁଣୁନାହାନ୍ତି। ଏଭଳିସ୍ଥିତିରେ ଜିଲାପାଳଙ୍କ ମନ୍ତବ୍ୟ ସେମାନଙ୍କୁ କଷ୍ଟ ଦେଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ମୋବାଇଲ୍‌କୁ ମତାମତ ପାଇଁ କଲ୍ କରାଯାଇଥିଲା। ସେ ଫୋନ ଉଠାଇ ନ ଥିଲେ। ଏହି କୁଶପୁତ୍ତଳିକା ଦାହ ସମୟରେ କଳ୍ପନା ନାୟକ, ମାତା ଭୋଇ, ବିନତା ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

## ବିଭିନ୍ନ ସ୍ଥାନରେ ଆକ୍ରମଣ: ଏକାଧିକ ଆହତ

**ଜଗତ୍‌ସିଂହପୁର ଅଫିସ, ୩୦।୩**

ଜଗତ୍‌ସିଂହପୁରସ୍ଥିତ ଖେରସ ବେଲପୋଖରୀର ଭବାନୀ ଶଙ୍କର ବେହେରା ଏବଂ ଓଡ଼ିଶୋ ବଣିଆସାହିଡିଅର ବନମାଳୀ ପାଳଙ୍କ ସମେତ ଏକାଧିକଙ୍କୁ ୨୯ ତାରିଖରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଭବାନୀଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ.୧୬୦/୨୧) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ସେ ୨ ବନ୍ଧୁଙ୍କ ସହ ଘରକୁ ଫେରୁଥିବା ବେଳେ ଖେରସପାଟଣା କୁକୁଡ଼ା ଫାର୍ମ ନିକଟରେ କୁନୁ, ହଡା, ପାପନ, ଗୋପାଳ ପ୍ରମୁଖ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେହିପରି ଓଡ଼ିଶୋ ବଣିଆସାହିଡିଅର ବନମାଳୀଙ୍କ ଅଭିଯୋଗକ୍ରମେ ମାମଲା (ନଂ.୧୬୧/୨୧) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ୨୯ ତାରିଖରେ ସେ ପାନ ଦୋକାନରେ ଥିବା ବେଳେ ଗାଁର ପ୍ରଶାନ୍ତ ପ୍ରଧାନ, ପହଲି ପ୍ରଧାନ, କାଳନ୍ଦୀ ପ୍ରଧାନ ପ୍ରମୁଖ ଆକ୍ରମଣ କରିଥିଲେ। ଏହି ସମୟରେ ଝିଅ ଓ ସ୍ତ୍ରୀଙ୍କୁ ମଧ ଅଭିଯୁକ୍ତମାନେ ମାଡ଼ ମାରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଥାନା ଅନ୍ତର୍ଗତ ଯୋରକୂଳ ଗ୍ରାମର ଅଞ୍ଜଳୀ ଦାସ ନାମକ ଭିନ୍ନକ୍ଷମଙ୍କୁ ଗାଁର ସୁବାସ ଦାସ, ତାଙ୍କ ପୁଅ ଓ ସ୍ତ୍ରୀ ମିଶି ମାଡ ମାରିଛନ୍ତି। ଅଞ୍ଜଳୀଙ୍କ ଅଭିଯୋଗକୁ ଗ୍ରହଣ କରି ପୋଲିସ ମାମଲା (ନଂ.୧୬୨/୨୧) ରୁଜୁ କରିଛି।

## ଆକ୍ରମଣ, ସୁନା ଚେନ୍ ଲୁଟ୍ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ, ୩୦।୩**

ସ୍ଥାନୀୟ ବଡ଼ବାଗର ରବୀନ୍ଦ୍ରନାଥ ସାହୁଙ୍କ ପୁଅଙ୍କୁ ଗତ ୨୯ ତାରିଖରେ ଇଟାରେ ଆକ୍ରମଣ କରିଯିବା ସହ ସୁନାଚେନ୍ ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତି କରି ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୧୫୮/୨୧) ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ, ରବୀନ୍ଦ୍ରଙ୍କ ପୁଅକୁ ଏହି ଗାଁର ରିଙ୍କୁ ଇଟାରେ ଆକ୍ରମଣ କରିଥିଲେ। ଏହି ସମୟରେ ତାଙ୍କ ପୁଅ ଆତ୍ମରକ୍ଷା ପାଇଁ ଠେଲାପେଲା କରିଥିଲେ। ଫଳରେ ରିଙ୍କୁଙ୍କ ଶରୀର ଆଘାତପ୍ରାପ୍ତ ହୋଇଥିଲା। ଏହାପରେ ଛବି ବେହେରା ନାମକ ଜଣେ ବ୍ୟକ୍ତି ରିଙ୍କୁଙ୍କ ସହ ରବୀନ୍ଦ୍ରଙ୍କ ଘରେ ପହଞ୍ଚି ଆକ୍ରମଣ କରିଥିଲେ। ଏହି ସମୟରେ ରିଙ୍କୁ ଏକ ସୁନା ଚେନ୍ (ପ୍ରାୟ ୧୦ ଗ୍ରାମ) ଛଡେଇ ନେଇଥିଲେ।

## ମଦ ବୋତଲ ଭାଙ୍ଗି ଆକ୍ରମଣ

**ଜଗତ୍‌ସିଂହପୁର ଅଫିସ, ୩୦।୩**

ଜଗତ୍‌ସିଂହପୁର ଥାନା ପୁନଙ୍ଗର ସୁବ୍ରତ ସାହୁଙ୍କୁ ଏହି ଗାଁର ପ୍ରତାପ କୁମାର ସାହୁ ଓରଫ ପପୁ ମଦ ବୋତଲରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ସୁବ୍ରତଙ୍କ ମା' ମଞ୍ଜୁଲତା ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୧୫୭/୨୧) ରୁଜୁ କରିଛି। ଅଭିଯୋଗ ଅନୁସାରେ, ଗତ ୨୯ ତାରିଖ ଅପରାହ୍ନରେ ତାଙ୍କ ପିତା ବନମାଳୀ ବେହେରା ଗାଈ ଚରାଇ ଫେରୁଥିଲେ। ଏହି ସମୟରେ ଗାଁର ପପୁ ଗାଳିଗୁଲଜ କରିବା ସହ ଏକ ମଦ ବୋତଲ ଭାଙ୍ଗି ପେଟରେ ପୁରାଇ ଦେବାକୁ ଚେଷ୍ଟା କରୁଥିଲେ। ପୁଅ ସୁବ୍ରତ ସେଠାରେ ପହଞ୍ଚି ପ୍ରତିବାଦ କରିଥିଲେ। ଏହି ସମୟରେ ପ୍ରତାପ ତାଙ୍କୁ ମଦ ବୋତଲରେ ପଛପଟୁ ଆକ୍ରମଣ କରିଥିଲେ। ଫଳରେ ସୁବ୍ରତ ଅଚେତ ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

## ଓଳକଣା ମେଳଣ ଶେଷ



ମେଳଣ ପଡିଆରେ ଠାକୁରଙ୍କ ବିମାନ।

**ଡେରାବିଶ, ୩୦।୩(ସ୍ୱ.ପ୍ର.)**

ଓଳକଣା ମେଳଣ ଶନିବାର ରାତ୍ରିରୁ ଆରମ୍ଭ ହୋଇ ରବିବାର ପ୍ରାତଃରେ ଶେଷ ହୋଇଛି। ଚଳିତବର୍ଷ ମେଳଣ କରୋନା କଟକଣା ଅନୁଯାୟୀ ବିଧି ବ୍ୟବସ୍ଥା ଓ ପରମ୍ପରାକୁ କେବଳ ପାଳନ ହୋଇଥିଲା। ଏହି ମେଳଣ ପଡ଼ିଆର ୪ ଦ୍ୱାର ଦେଇ ୧୨୦ରୁ ଊର୍ଦ୍ଧ୍ୱ ବିମାନ ଶନିବାର ରାତି ୪ଟାରେ ପ୍ରବେଶ କରିଥିଲେ। ବିଧି ଅନୁଯାୟୀ ମେଳଣ ପଡ଼ିଆକୁ ପ୍ରଥମେ ଆଳି ରାଜାଙ୍କର ଡେରାବିଶ ଅଧୀନ ରାଜନଗରରୁ ଏକ ପଞ୍ଚମୁଖି ବିମାନରେ ଶ୍ରୀରାଧାକୃଷ୍ଣ ଓ ଡେରାବିଶର ଶ୍ରୀଦଧିବାମନଙ୍କ ମନ୍ଦିରରୁ ଅନ୍ୟ ଏକ ବିମାନରେ ଆସୁଥିବା ମା' ଲକ୍ଷ୍ମୀ ପଡିଆରେ ପ୍ରବେଶ କରି କନକ ବେଦିରେ ଉପବେଶନ କରିଥିଲେ। ପରେ ଥାନପତି ଭାବେ ମଣ୍ଡୁଅରୁ ଆସୁଥିବା ବିମାନ ତାଙ୍କ ସ୍ଥାନରେ ଉପବେଶନ କଲା ପରେ ସମସ୍ତ ବିମାନ କ୍ରମାନ୍ୱୟରେ ପଡ଼ିଆ ମଧ୍ୟକୁ ପ୍ରବେଶ କରିଥିଲେ। ପ୍ରଶାସନିକ କଟକଣା ଅନୁଯାୟୀ, ବିମାନକୁ ନେଇ ଆସିଥିବା ସମସ୍ତ ସେବକ ପଡ଼ିଆ ମଧ୍ୟରେ ବିମାନକୁ ରଖି ବାହାରକୁ ଚାଲି ଯାଇଥିଲେ। କେବଳ ଜଣେ ମାତ୍ର ପ୍ରତିନିଧି ବିମାନ ପାଖରେ ରହିଥିଲେ। କଟକ ଜିଲା ମାହାଙ୍ଗା ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ଭଦ୍ରେଶ୍ୱରରୁ ଆସିଥିବା ବିମାନରେ ଶିବଶକ୍ତି ପଡ଼ିଆ ମଧ୍ୟକୁ ପ୍ରବେଶ କରିବା ପରେ ମହାପ୍ରଭୁ ବିଦୁରଙ୍କ ମନ୍ଦିରକୁ ଆଳତି ଯାଇଥିଲା। ପରମ୍ପରା ଅନୁଯାୟୀ, ଆସନ୍ତାବର୍ଷ ମେଳଣ ପାଇଁ ଆଳି ରାଜାଙ୍କ ବିମାନ ପକ୍ଷରୁ ସମସ୍ତ ବିମାନରେ ଫୁଲ, ଅବିର ପ୍ରଦାନ କରି ବରଣ କରିଥିଲେ। ପରେ ମେଳଣ ଶେଷ ହୋଇଥିଲା।

## ପୋଲିସ ବ୍ୟବହାରକୁ ନେଇ ଫାଣ୍ଡି ଘେରାଉ

**ବାଲିକୁଦା,୩୦।୩(ସ୍ୱ.ପ୍ର.)**

### ବ୍ରାଉନସୁଗାର ସହ ବେପାରୀଙ୍କୁ ଧରିଲେ ଯୁବଗୋଷ୍ଠୀ



ଯୁବକମାନେ ଅନନ୍ତପୁର ଫାଣ୍ଡିକୁ ଘେରାଉ କରିଛନ୍ତି।

ବ୍ରାଉନସୁଗାର ବେପାରୀଙ୍କୁ କାବୁ କରିଥିଲେ ଯୁବଗୋଷ୍ଠୀ। ପୋଲିସକୁ ଖବର ଦେଲେ, ମାତ୍ର ଆସିବାରେ ବିଳମ୍ବ ହେଲା। ଏହାରି ଭିତରେ ବେପାରୀ ଜଣକ ଫେରାର ହୋଇ ଯାଇଥିଲେ। ପୋଲିସ ସହଯୋଗ କରିବା ବଦଳରେ ଓଲଟା କିଛି ପ୍ରଶ୍ନ ପଚାରି ଯୁବକମାନଙ୍କୁ ଭୟଭିତ ସହ ବ୍ୟବହାର ଖରାପ କରିଥିଲେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ପୋଲିସର ଏଭଳି କଥା ଓ ବ୍ୟବହାରକୁ ନେଇ ଅନନ୍ତପୁର ଫାଣ୍ଡି ଘେରିଥିଲେ ସ୍ଥାନୀୟ ଲୋକେ।

ମିଳିଥିବା ସୂଚନା ମୁତାବକ, ଉକ୍ତ ଫାଣ୍ଡି ଅଧୀନ ବିଭିନ୍ନ ସ୍ଥାନରେ ନିଶା କାରବାର ସହ ସେବନକାରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସୋମବାର ଅନନ୍ତପୁର ପଞ୍ଚାୟତ ବ୍ରାହ୍ମଣଡିହି ଗାଁର ବାବୁ ନନା ନାମକ ବ୍ରାଉନସୁଗାର ବେପାରୀକୁ ଧରିବାକୁ ଅଞ୍ଚଳର କେତେଜଣ ଯୁବକ ନିସା ସେବନ କରିବା ଅଭିନୟ କରି ତାଙ୍କଠାରୁ କିଣୁ ଥିଲେ। ଗ୍ରାହକ ଭାବି ସେ ବ୍ରାଉନସୁଗାର ଧରାଇ ଦେବା କ୍ଷଣି ତାଙ୍କୁ ସେମାନେ ମାଡି ବସି ପୋଲିସକୁ ଖବର ଦେଇଥିଲେ। ହେଲେ ପୋଲିସ ପହଞ୍ଚିବାରେ ବିଳମ୍ବ କରିବାରୁ ବେପାରୀ ବାବୁ ନନା ଯୁବକଙ୍କଠାରୁ କୌଶଳ କରି ଖସି ପଳାଇ ଥିଲେ। ଘଟଣାର ଦୁଇଘଣ୍ଟା ପରେ ବାଲିକୁଦା ଥାନା ଅଧିକାରୀ ସର୍ବେଶ୍ୱର ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। ମାତ୍ର ବେହେରା କାଳେ ଏହି ଯୁବକମାନଙ୍କୁ ଠିକ୍ ବ୍ୟବହାର ପ୍ରଦର୍ଶନ କରି ନ ଥିବା ଅଭିଯୋଗ ଆଣିଥିଲେ ସ୍ଥାନୀୟ ଅଞ୍ଚଳବାସୀ। ଏହାର ପ୍ରତିବାଦରେ ଓ ଅଞ୍ଚଳରେ ନିଶା କାରବାର ଚଳାଇଥିବା ନିଶା ବେପାରୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ଦାବିରେ ତଳମାଳ ବିକାଶ ମଞ୍ଚ ସଭାପତି ଡା. ଶଶାଙ୍କ ଶେଖର ସାହାଣିଙ୍କ ନେତୃତ୍ୱରେ ସ୍ଥାନୀୟ ଯୁବଗୋଷ୍ଠୀ ଅନନ୍ତପୁର ଫାଣ୍ଡି ଘେରାଉ କରିଥିଲେ। ପରେ ବାଲିକୁଦା ଥାନା ଅଧିକାରୀ ବେହେରା ଆନ୍ଦୋଳନରତ ଯୁବଗୋଷ୍ଠୀର ନେତୃମଣ୍ଡଳୀଙ୍କ ସହ ଆଲୋଚନା କରିବା ସହ ଆସନ୍ତା ୭ ଦିନ ମଧ୍ୟରେ ନିଶା ବେପାରୀମାନଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷରେ ଉକ୍ତ ଫାଣ୍ଡିରେ ସ୍ଥାୟୀ ଅଧିକାରୀ ନିଯୁକ୍ତି ସହ ଆବଶ୍ୟକ କର୍ମଚାରୀ ଓ ପୋଲିସ ଭ୍ୟାନ ଯୋଗାଇ ଦେବାକୁ ମଧ ଦାବି ହୋଇଥିଲା। ଏହି ଆନ୍ଦୋଳନରେ ଜିଲା ଯୁବ କଂଗ୍ରେସ ଉପସଭାପତି ନିରଞ୍ଜନ ଦଳାଇ, ବନ୍ଧୁ କରଣ, ବିଜୟ ଦାସଙ୍କ ସମେତ ବୁଦ୍ଧିଜୀବୀ ସାମିଲ ଥିଲେ।

## ସ୍କୁଟିକୁ ଧକ୍କା ଦେଇ ବାଇକ୍ ଆରୋହୀ ଫେରାର

ଦଶରଥପୁର,(ଡି.ଏନ.ଏ.): ଦଶରଥପୁର ବ୍ଲକ୍ ମଙ୍ଗଳପୁର ମହିଳା ମହାବିଦ୍ୟାଳୟ ସମ୍ମୁଖରେ ସ୍କୁଟିରେ ଯାଉଥିବା ୨ ଯୁବତୀଙ୍କୁ ଜଣେ ବାଇକ୍ ଆରୋହୀ ଧକ୍କାଦେଇ ଫେରାର ହୋଇ ଯାଇଛନ୍ତି। ଏହି ଦୁର୍ଘଟଣାରେ ୨ ଯୁବତୀ ଗୁରୁତର ହୋଇଛନ୍ତି। ମଙ୍ଗଳପୁର ବଜାରର ବ୍ୟବସାୟୀମାନେ ସମ୍ପୃକ୍ତ ଯୁବତୀଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନେ ବିଞ୍ଝାରପୁର ଥାନା ଉତ୍ତରକୂଳ ଇଚ୍ଛାପୁର ଗ୍ରାମର ମାମାରାଣୀ ନାୟକ ଏବଂ ଏହି ଥାନା ଅଧୀନ ଚିକଣା ଗ୍ରାମର ପୁଷ୍ପାରାଣୀ ବେହେରା ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି।

## ଆଜି କ'ଣ କେଉଁଠି

ଧର୍ମଶାଳା

- ଐତିହାସିକ ମୁନସୀ ମେଳଣ, ଧର୍ମଶାଳା ହାଟପଡ଼ିଆ, ରାତ୍ର ୧୦ ଘଣ୍ଟିକା।

## ସଂକ୍ଷେପରେ

### ଅଷ୍ଟପ୍ରହର ଭୋଜିଖାଇ ୩୦ରୁ ଊର୍ଦ୍ଧ୍ୱ ଅସୁସ୍ଥ

**ଦଶରଥପୁର,୩୦।୩(ଡି.ଏନ.ଏ.):** ଦଶରଥପୁର ବ୍ଲକ୍ ଦଉପୁର ପଞ୍ଚାୟତ ହେମଟପୁର ଗ୍ରାମରେ ସୋମବାର ଅଷ୍ଟପ୍ରହରୀ ଭୋଜିଖାଇ ୩୦ ଊର୍ଦ୍ଧ୍ୱ ଲୋକ ଅସୁସ୍ଥ ହୋଇ ପଡ଼ିଛନ୍ତି। ସେମାନଙ୍କୁ ମଙ୍ଗଳପୁର ଓ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଦୋଳପୂର୍ଣ୍ଣିମୀ ଅବସରରେ ହୋଇଥିବା ଅଷ୍ଟପ୍ରହରୀରେ ଗ୍ରାମବାସୀଙ୍କ ଲାଗି ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ତେବେ ରାତି ୧୦ ଟାରେ ଗ୍ରାମବାସୀ ଅନ୍ନ ପ୍ରସାଦ ଖାଇବା ପରେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ଚିକିତ୍ସାପରେ ସମସ୍ତେ ସୁସ୍ଥ ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି।

### ବିଜେଡି ଜିଲା ସଭାପତିଙ୍କ ଗାଡ଼ିକୁ ଧକ୍କାଦେଇ ଅଙ୍ଗନୱାଡି କର୍ମୀ ଗୁରୁତର

**ଦଶରଥପୁର,୩୦।୩(ଡି.ଏନ.ଏ.):** ଯାଜପୁର ଜିଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ କାର୍‌କୁ ଧକ୍କା ଦେଇ ଜଣେ ଅଙ୍ଗନୱାଡି କର୍ମୀ ଓ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ସରୋଜ ସେମାନଙ୍କୁ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଦଶରଥପୁର ବ୍ଲକ ମଙ୍ଗଳପୁରଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ସରୋଜ ଯାଜପୁରକୁ ତାଙ୍କ କାର୍ ଯୋଗେ ଫେରୁଥିଲେ। ଏହି ସମୟରେ କାଟିଆଛକ ନିକଟରେ ବିପରୀତ ଦିଗରୁ ଅଙ୍ଗନୱାଡି କର୍ମୀ ଲିପା ଜେନା ଓ ତାଙ୍କ ସ୍ୱାମୀ ରଞ୍ଜନ ଫେରୁଥିଲେ। ସ୍କୁଟି ନିୟନ୍ତ୍ରଣ ହରାଇ ସରୋଜଙ୍କ ଗାଡ଼ି ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ସ୍କୁଟି ଭାଙ୍ଗିରୁଜିଯାଇଥିବାବେଳେ ଲିପା ଓ ରଞ୍ଜନ ଗୁରୁତର ହୋଇଥିଲେ।

### ଏସ୍‌ପିଙ୍କୁ ଭେଟିଲା ଆମ୍ବେଡକର ଲୋହିଆ ବିଚାର ମଞ୍ଚ

**ପାଣିକୋଇଲି,୩୦।୩(ଡି.ଏନ.ଏ.):** ଯାଜପୁର ଥାନା ଅଧୀନ ଅକରପଡ଼ା ଗ୍ରାମରେ ୨୬ ତାରିଖରେ ଘଟିଥିବା ସବର୍ଣ୍ଣ-ଅସବର୍ଣ୍ଣ ଗଣ୍ଡଗୋଳ ମାମଲା ଏବେ ଏସ୍‌ପିଙ୍କ ଅଫିସରେ ପହଞ୍ଚିଛି। ଉଭୟ ଗୋଷ୍ଠୀ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲେ ମଧ ପୋଲିସ ତଦନ୍ତ ପାଇଁ ଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଘଟଣାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ଦଳିତ ବସ୍ତିକୁ ସୁରକ୍ଷା ଦେବା ପାଇଁ ମଙ୍ଗଳବାର ଏସ୍‌ପି ରାହୁଲ ପିଆରଙ୍କୁ ଆମ୍ବେଡକର ଲୋହିଆ ବିଚାର ମଞ୍ଚ ସଦସ୍ୟ ଓ ଗ୍ରାମବାସୀ ଭେଟି ଦାବି ଜଣାଇଛନ୍ତି। ଗ୍ରାମରେ ପାଣି ପାଇପ ପାଇଁ ଖୋଳା ଯାଇଥିବା ରାସ୍ତା ପୋତା ଯାଇ ନ ଥିବାରୁ ଏକ ଧାନ ବୋଝେଇ ଟ୍ରକ୍ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇଥିଲା। ଏନେଇ ଖାଲ ଖୋଳିଥିବା ଠିକାଦାର ସେହି ଗ୍ରାମର ବିକାଶ ନାୟକଙ୍କୁ ଖାଲ ପୋତିବା ନିମନ୍ତେ ଦଳିତ ବସ୍ତିର ଲୋକେ କହିଥିଲେ। ଏହାକୁ ନେଇ ଗଣ୍ଡଗୋଳ ଘଟିଥିଲା। ବିକାଶ ତାଙ୍କ ସହଯୋଗୀଙ୍କ ମାଧ୍ୟମରେ ଦଳିତ ଲୋକଙ୍କୁ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି। ଏସ୍‌ପିଙ୍କୁ ମନୋରଞ୍ଜନ ଜେନା, ଯଶୋବନ୍ତ ଜେନା, ମନୋଜ ଜେନା, ନାରଣ ଜେନା, ମାମି ଦାସ, ସୁନୀ ଦାସ ଓ ମିନତୀ ଦାସ ପ୍ରମୁଖ ଭେଟି ଦାବି ଜଣାଇଛନ୍ତି।

### ମହିଳାଙ୍କ ସମେତ ଏକାଧିକଙ୍କୁ ମାଡ଼ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ,୩୦।୩:** ଜଗତ୍‌ସିଂହପୁର ଥାନା ଖେରସପାଟଣାର ଜଣେ ମହିଳାଙ୍କ ସମେତ ଏକାଧିକଙ୍କୁ ଦେଉଳୀଗ୍ରାମେଶ୍ୱରର କେତେଜଣ ବ୍ୟକ୍ତି ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗୀତାଞ୍ଜଳି ଖଟୁଆଙ୍କ ଅଭିଯୋଗକ୍ରମେ ମାମଲା (ନଂ.୧୫୯/୨୧) ରୁଜୁ ହୋଇଛି । ଅଭିଯୋଗ ଅନୁଯାୟୀ, ୨୯ ତାରିଖରେ ଗୀତାଞ୍ଜଳି ଓ ତାଙ୍କ ସ୍ୱାମୀ ନାରାୟଣ ଘରେ ଥିଲେ । ଏହି ଗାଁର ଶଙ୍କର୍ଷଣ ସାମଲଙ୍କ ଘର ନିକଟରେ ଗଣ୍ଡଗୋଳ ହେଉଥିବା ଜାଣି ଗୀତାଞ୍ଜଳି ଯାଇଥିଲେ । ସେଠାରେ ପୁଅ ସୁଦର୍ଶନ ଓ ତାଙ୍କ ସାଙ୍ଗ ପ୍ରଭାତ ସ୍ୱାଇଁଙ୍କୁ ଦେଉଳି ଗ୍ରାମେଶ୍ୱରର ଅନିରୁଦ୍ଧ ସ୍ୱାଇଁ ଓ ଅନ୍ୟ ୧୦ରୁ ୧୨ ଜଣ ପିଟୁଥିଲେ। ଏହାଦେଖି ଗୀତାଞ୍ଜଳି ଓ ଗାଁର ଅନ୍ୟକେତେଜଣ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ଅଭିଯୁକ୍ତମାନେ ସେମାନଙ୍କୁ ପିଟିଥିଲେ । ଏଥିସହ ତାଙ୍କ ଗାଁର କୁନୁଙ୍କ ବେକରୁ ଦେଢ଼ ଭରୀର ସୁନା ଚେନ୍ ଓ ୫୦ ହଜାରଟଙ୍କା ଛଡାଇ ନେଇଥିଲେ ବୋଲି ଗୀତାଞ୍ଜଳି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ଅନିୟମିତତା

- ଦୃଷ୍ଟି ଦେଉନାହାନ୍ତି ବିଭାଗୀୟ କର୍ତ୍ତୃପକ୍ଷ
- ଲୋକଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ

**ବରୀ,୩୦।୩(ଡି.ଏନ.ଏ.)**

ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଦାୟିତ୍ୱରେ ଥିବା ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ନିମ୍ନମାନର ହେଉଛି। ଯାହାର ଉଦାହରଣ ଦେଖିବାକୁ ମିଳିଛି ବରୀ ବ୍ଲକ୍ ଅଧୀନ ଗୋଳକୁଣ୍ଡ ପଞ୍ଚାୟତ ମେଣ୍ଢ ଗ୍ରାମରେ। ଏଠାରେ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣ ନିମନ୍ତେ ୫୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି। ମାତ୍ର ସାଧାରଣ ଲୋକଙ୍କୁ ସୂଚନା ପ୍ରଦାନ ନିମନ୍ତେ ଏଠାରେ ଫଳକ ନିର୍ମାଣ କରାଯାଇନାହିଁ। ଫଳରେ ଉକ୍ତ ପ୍ରକଳ୍ପ ସମ୍ପର୍କରେ ସ୍ଥାନୀୟ ଲୋକେ ଜାଣି ପାରୁନାହାନ୍ତି। ସୂଚନା ଫଳକ ଲଗାଇବାକୁ ଲୋକେ ସହକାରୀ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଉଥିଲେ ମଧ ସେମାନେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଦାୟିତ୍ୱରେ ଥିବା ଠିକାଦାର ବ୍ୟୟ ଅଟକଳକୁ ଗୁରୁତ୍ୱ ନ ଦେଇ ଏହି କାର୍ଯ୍ୟରେ ନିମ୍ନମାନର ଇଟା ଓ ଅନ୍ୟ ସାମଗ୍ରୀ ବ୍ୟବହାର କରୁଥିବାରୁ ପ୍ରକଳ୍ପର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରି କି ସ୍ଥାନୀୟ ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ବି କୌଣସି ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଆସୁ ନ ଥିବାରୁ ଠିକାଦାର ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ବିଶେଷକରି ଏଠାରେ ନିର୍ମାଣ ହେଉଥିବା ପ୍ରକଳ୍ପ ଦ୍ୱାରା ଲୋକେ ସ୍ୱଚ୍ଛ ଓ ଶୁଦ୍ଧ ପାନୀୟ ଜଳ ପାଇବେ ବୋଲି କୁହାଯାଉଛି। କିନ୍ତୁ ଯେଉଁଭଳି ନିମ୍ନମାନର କାର୍ଯ୍ୟ ହେଉଛି ତାହାକୁ ଦେଖିଲେ ସ୍ୱଚ୍ଛ ପାନୀୟ ଜଳ ମିଳିବ କି ନାହିଁ ବୋଲି ସନ୍ଦେହ ସୃଷ୍ଟି ହୋଇଛି। ତେଣୁ ଅଭିଯୋଗକୁ ଗୁରୁତ୍ୱ ଦେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ସ୍ଥାନ ପରିଦର୍ଶନ କରି ବହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏସମ୍ପର୍କରେ ପାନୀୟ ଜଳ ଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା କହିଛନ୍ତି, ଅଭିଯୋଗଗୁଡ଼ିକର ତଦନ୍ତ କରାଯିବ। ଯଦି ଠିକାଦର କିଛି ତ୍ରୁଟି କରିଥାନ୍ତି ତେବେ ତା'ର ସମାଧାନ କରାଯିବ।



ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଚାଲିଛି।

# ନାବାଳକ ଅଟକ, ମାଉସୀ ଗିରଫ

## ୧୩ ଲକ୍ଷ ଟଙ୍କା ଲୁଟ୍

**ଯାଜପୁର ଟାଉନ, ୩୦।୩ (ଡି.ଏନ.ଏ.)**

ଜଣେ ନାବାଳକଙ୍କ ଦ୍ୱାରା ୧୩ ଲକ୍ଷ ଟଙ୍କା ଲୁଟ୍ କରାଯାଇଥିବା ଯାଜପୁର ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ନାବାଳକଙ୍କୁ ଅଟକ ରଖିବା ସହ ତାଙ୍କ ମାଉସୀଙ୍କୁ ଗିରଫ କରିଛି। ଘଟଣାରେ ସମ୍ପୃକ୍ତ ନାବାଳକଙ୍କ ମା' ଫେରାର ଅଛନ୍ତି। ଅଟକ ପରେ ନାବାଳକଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ଯାଜପୁର ଟାଉନ ଥାନା ଶୀତଳେଶ୍ୱର ଗ୍ରାମର ଦୀପକ ବେହେରାଙ୍କୁ ଜମି ଅଧିଗ୍ରହଣ ବାବଦ ୩୦ ଲକ୍ଷ ୭୭ହଜାର ଟଙ୍କା ମିଳିଥିଲା। ଦୀପକ ତାଙ୍କ ପଡ଼ୋଶୀ ଭାବେ ରହୁଥିବା ଏକ ପରିବାର ସହ ମିଳାମିଶା କରୁଥିଲେ। ସମ୍ପୃକ୍ତ ପରିବାରର ଜଣେ ନାବାଳକ ଦୀପକଙ୍କ ମୋବାଇଲକୁ ବ୍ୟବହାର କରି ତାଙ୍କ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବା ସହ ଅନ୍‌ଲାଇନ ସପିଂ କରିଥିଲେ। ଯାହାକି ୧୩ଲକ୍ଷ ଟଙ୍କା କାରବାର ହୋଇଥିବା ଦୀପକ ବ୍ୟାଙ୍କ ଆକାଉଣ୍ଟ ଚେକ୍ କରିବା ପରେ ଜାଣିବାକୁ ପାଇଥିଲେ। ସେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧୨୧।୨୧) ରୁଜୁ କରି ତଦନ୍ତ ଚଳାଇଥିଲା। ନାବାଳକଙ୍କ ନିକଟରୁ ଏକ ଲାପ୍‌ଟପ୍, ମୋବାଇଲ ଓ ୨ ବାଇକ ଜବତ କରାଯାଇଛି। ଘଟଣାରେ ନାବାଳକଙ୍କ ସହ ତାଙ୍କ ମାଉସୀ ମମତା ବେହେରା ଓ ମା' ରିତା ଜୀ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। ନାବାଳକ ମା'ଙ୍କ ପୋଷ୍ଟାଲ୍ ଆକାଉଣ୍ଟରେ ୨ ଲକ୍ଷ ୧୦ହଜାର ଟଙ୍କା ୨ ମାସ ମଧ୍ୟରେ ଗଚ୍ଛିତ ଥିବା ପୋଲିସ ଜାଣିବାକୁପାଇଛି।


## ସର୍ବସାଧାରଣ ଘୋଷଣା

(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୩୨ ଓ ୩୩ ଅଧୀନରେ)

**ସମ୍ପର୍କିତ ବିବରଣୀ**

| | | |
|---|---|---|
| ୧ | କର୍ପୋରେଟ୍ ଋଣୀଙ୍କ ନାମ | ମା' ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ |
| ୨ | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩ | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – କଟକ |
| ୪ | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍‌୨୦୦୮ପିଏଲ୍‌ସି୦୧୦୫୦୧ |
| ୫ | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଡି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା – ୭୫୩୦୧୦ **କାରଖାନା ଅବସ୍ଥିତି:** ବଇଁଚୁଆ, ଟାଙ୍ଗୀ, କଟକ– ୭୫୪୦୨୨, ଓଡ଼ିଶା |
| ୬ | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୭ | ପରିସମାପକଙ୍କ ନାମ, ଠିକଣା, ଇମେଲ୍ ଠିକଣା, ଟେଲିଫୋନ ନମ୍ବର ଏବଂ ପଞ୍ଜୀକରଣ ନମ୍ବର | **ନାମ: ପଙ୍କଜ ଧାନୁକା** ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬ ପଞ୍ଜୀକୃତ ଇମେଲ୍ ଠିକଣା: pankajdhanuka@gmail.com ଟେଲିଫୋନ୍: +୯୧ ୯୮୩୦୦ ୧୮୧୨୮ ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ–୦୦୧/ଆଇପି–ପି୦୧୨୦୫/୨୦୧୮–୨୦୧୯/୧୧୯୧୧ **ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ ଯୋଗାଯୋଗ ଇମେଲ୍ ଠିକଣା: inmtpclip@deloitte.com |
| ୮ | ଇ–ନିଲାମର ତାରିଖ | **ନିଲାମ ଆରମ୍ଭ ତାରିଖ ଓ ସମୟ: ଏପ୍ରିଲ ୨୨, ୨୦୨୧ @ ପୂ. ୧୧.୦୦ ଘ. ନିଲାମ ସମାପ୍ତିର ତାରିଖ ଓ ସମୟ: ଏପ୍ରିଲ ୨୨, ୨୦୨୧ @ ଅ. ୦୪.୩୦ ଘ.** |
| ୯ | ପ୍ରକ୍ରିୟା ଦସ୍ତାବିଜ୍ ହାସଲର ପଦ୍ଧତି | ନିଲାମ ପ୍ରକ୍ରିୟାର ସବିଶେଷ ନିୟମ ଓ ସର୍ତ୍ତାବଳୀ ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ଅଟେ, ଯାହାକୁ ବିଡ଼ରମାନେ inmtpclip@deloitte.comକୁ ଇମେଲ୍ ଅନୁରୋଧ ପଠାଇ ହାସଲ କରିପାରିବେ। |
| ୧୦ | ପ୍ରକ୍ରିୟା ଦସ୍ତାବିଜ ହାସଲର ଶେଷ ତାରିଖ | ଏପ୍ରିଲ ୨୦, ୨୦୨୧ |
| ୧୧ | ନିଲାମ ପ୍ରକ୍ରିୟାର ବିଷୟବସ୍ତୁ | କର୍ପୋରେଟ୍ ଋଣୀଙ୍କୁ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା |
| ୧୨ | ବିଡ୍ ଦାଖଲର ପଦ୍ଧତି | ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ, ଯାହା କର୍ପୋରେଟ୍ ଋଣୀଙ୍କ ପରିସମାପକଙ୍କ ଦ୍ୱାରା ଜାରି ହେବ। |
| ୧୩ | ବିକ୍ରୟ ମାଧ୍ୟମ | ବିକ୍ରୟ ମାଧ୍ୟମ ହେଉଛି ଖୋଲା ଇ–ନିଲାମ, ଯେଉଁଠାରେ ବିଡ଼ରମାନେ ଖୋଲା ସମୟ ଅବଧି ମଧ୍ୟରେ ଅନ୍ୟାନ୍ୟ ବିଡ଼ରମାନଙ୍କର ପ୍ରତିଯୋଗିତାମୂଳକ ବିଡ୍ ଦେଖିପାରିବେ। କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା 'ଯେପରି ଅଛି ଯେଉଁଠାରେ ଅଛି' ଭିତ୍ତିରେ କରାଯିବ ଏବଂ କର୍ପୋରେଟ୍ ଋଣୀଙ୍କ ଅଥବା ପରିସମାପକଙ୍କ ଦ୍ୱାରା କୌଣସି ପ୍ରତିନିଧିତ୍ୱ, ୱାରେଣ୍ଟି ଅଥବା କ୍ଷତିପୂରଣ ଦିଆଯିବ ନାହିଁ । |
| ୧୪ | ସଂରକ୍ଷିତ ମୂଲ୍ୟ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ଏହି ଇ–ନିଲାମ ସଞ୍ଚାଳନ ଉଦ୍ଦେଶ୍ୟରେ ସଂରକ୍ଷିତ ମୂଲ୍ୟକୁ ଆଇଏନ୍‌ଆର୍ ୪୫ କୋଟି ଭାବେ ନିର୍ଦ୍ଧାରଣ କରାଯାଇଛି। |
| ୧୫ | ଅମାନତ ରାଶି ଜମାର ଆବଶ୍ୟକତା | କମ୍ପାନୀ ଏବଂ ଏକ ଚାଲୁ ବ୍ୟବସାୟ ଭାବେ ଏହାର ବ୍ୟବସାୟକୁ ଅଧିଗ୍ରହଣ କରିବା ନିମନ୍ତେ ବିଡ୍ କରିବା ପାଇଁ ବିଡର(ମାନ)ଙ୍କୁ ଆଇଏନ୍‌ଆର୍ ୫୦ ଲକ୍ଷର ଅମାନତ ରାଶି ଜମା ("ଇଏମ୍‌ଡି") ଦାଖଲ କରିବାକୁ ହେବ । |

**ଦ୍ରଷ୍ଟବ୍ୟ:** ଏଠାରେ ସନ୍ନିହିତ କୌଣସି ଲେଖା କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ କିମ୍ବା ଏହାର ପରିସମ୍ପତ୍ତିକୁ ବିକ୍ରି କରିବାର ଏକ ବାଧ୍ୟତାମୂଳକ ଯାଚନା କିମ୍ବା ପ୍ରତିବଦ୍ଧତା ନୁହେଁ ।
ବିଡରମାନେ ଏହା ଧ୍ୟାନରେ ରଖିବା ଜରୁରୀ ଯେ ଉପରଦର୍ଶିତ ନିଲାମ ପ୍ରକ୍ରିୟା ଇନସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରସି ସଂହିତା, ୨୦୧୬ ("ସଂହିତା") ଏବଂ ତାହା ଅଧୀନ ସମ୍ପର୍କିତ ବ୍ୟବସ୍ଥାପନ ଅନୁଯାୟୀ ସଞ୍ଚାଳିତ ହେଉଛି । ସଂହିତାର ଧାରା ୫୨ ସହିତ ପଠନପୂର୍ବକ ପ୍ରଯୁଜ୍ୟ ନିୟମାବଳୀର ନିୟମ ଅନୁଯାୟୀ ବିଦ୍ୟମାନ ପ୍ରଭାରୀଙ୍କ ଦ୍ୱାରା କର୍ପୋରେଟ ଋଣୀଙ୍କ କୌଣସି ପରିସମ୍ପତ୍ତି ଆଦାୟକରଣ କ୍ଷେତ୍ରରେ, ସମ୍ପୃକ୍ତ ପ୍ରଭାରୀଙ୍କ ଦ୍ୱାରା ଏପରି ବିକଳ୍ପର ପ୍ରୟୋଗ ଯେପରି ଓ ଯେବେ କରାଯିବ, ସେହି ପରିସମ୍ପତ୍ତି ପରିସମାପକଙ୍କ ଦ୍ୱାରା ସଞ୍ଚାଳନ କରାଯାଉଥିବା ନିଲାମ ପ୍ରକ୍ରିୟାର ପରିସରରୁ ବହିର୍ଭୂତ ହୋଇଯିବ।
ଏହି ଆମନ୍ତ୍ରଣ ସମେତ ସମୟରେଖା କିମ୍ବା ସେଥିରେ ଅନ୍ତର୍ଭୁକ୍ତ ପ୍ରକ୍ରିୟାଗୁଡ଼ିକୁ ବିନା କୌଣସି କାରଣ ଦର୍ଶାଇ, ଯେକୌଣସି ସମୟରେ ଓ ଯେକୌଣସି ଉପାୟରେ ସଂଶୋଧନ ଏବଂ/କିମ୍ବା ରଦ୍ଦ କରିବାର ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ। ଆମନ୍ତ୍ରଣ ସମେତ ଉପରଦର୍ଶିତ ସମୟରେଖାରେ ଏପରି କୌଣସି ସଂଶୋଧନ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ **www.mtpcl.in**ରେ ଅଧିସୂଚିତ ହେବ।

ମା' ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ ପାଇଁ
ସ୍ୱା./- ପଙ୍କଜ ଧାନୁକା
ମୀମାଂସା ବୃତ୍ତିଧାରୀ - ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
ଯୋଗାଯୋଗ ଠିକଣା:
ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ ଯୋଗାଯୋଗ ଇମେଲ୍: inmtpclip@deloitte.com
ତାରିଖ: ମାର୍ଚ୍ଚ ୩୧, ୨୦୨୧
ସ୍ଥାନ: କୋଲକାତା


# ପିଲାଙ୍କ ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱାରୋପ

## ପୋଷ୍ୟ ସ୍କୁଲ ପରିଦର୍ଶନ କଲେ ଆର୍ ବାଲ୍‌କ୍ରିଷ୍ଣନ୍



ଆର୍ ବାଲକ୍ରିଷ୍ଣନ ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ପୋଷ୍ୟ ସ୍କୁଲ ପରିଦର୍ଶନ କରୁଛନ୍ତି।

**ଯାଜପୁର ଟାଉନ,୩୦।୩(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ପରାମର୍ଶଦାତା ଆର୍ ବାଲକ୍ରିଷ୍ଣନ ମଙ୍ଗଳବାର ଯାଜପୁର ଜିଲା ଗସ୍ତରେ ଆସି ସ୍ଥାନୀୟ ଜିଲା ସ୍କୁଲ ପରିଦର୍ଶନ କରିଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନକୁ ସେ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଥିବାରୁ ସମ୍ପୃକ୍ତ ଶତାୟୁ ଶିକ୍ଷାନୁଷ୍ଠାନର ପିଲାଙ୍କ ପାଠପଢ଼ା, ବିଦ୍ୟାଳୟର ଭିତ୍ତିଭୂମି ଓ ଅନ୍ୟାନ୍ୟ ବିକାଶ କାର୍ଯ୍ୟକୁ ତଦାରଖ କରିଥିଲେ। ତାଙ୍କ ସହ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ପୁରାତନ ଛାତ୍ର ସଂସଦ(ଆଲୁମୁନି ଆସୋସିଏଶନ) ଅଧ୍ୟକ୍ଷ ତଥା ପୂର୍ବତନ ଜିଲାପରିଷଦ ଉପସଭାପତି ଦିଗମ୍ବର କର, ପ୍ରାକ୍ତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ଓ ପ୍ରଧାନଶିକ୍ଷକ ଆଲୋକ କୁମାର ବନ୍ଧ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସ୍କୁଲରେ ଏକ ସୂଚନାଫଳକ ରଖି ସେଥିରେ ପ୍ରତ୍ୟେକ ଦିନର ଦେଶ ଓ ବିଦେଶ ଏବଂ ସ୍ଥାନୀୟ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଖବରଗୁଡିକ ସ୍ଥାନିତ କରିବାକୁ ବାଲକ୍ରିଷ୍ଣନ ପରାମର୍ଶ ଦେଇଥିଲେ। ଏଥିସହିତ ସ୍କୁଲରେ ଶୈକ୍ଷିକ ବାତାବରଣ ସୃଷ୍ଟି ପ୍ରତି ବିଶେଷ ଧ୍ୟାନ ଦେବାକୁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ କହିବା ସହିତ ଅଭିଭାବକଙ୍କ ସହ ନିୟମିତ ସମ୍ପର୍କ ରକ୍ଷା କରି ପିଲାଙ୍କ ଜ୍ଞାନର ବିକାଶ, ଉତ୍ତମ ଚରିତ୍ର ଗଠନ ଏବଂ ସେମାନଙ୍କର ଉନ୍ନତ ଭବିଷ୍ୟତ ବିଷୟରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ମୋ ସ୍କୁଲ ଅଭିଯାନର ବରିଷ୍ଠ ପଦାଧିକାରୀ ଅମରଜିତ ଜେନା ଓ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବାଲକ୍ରିଷ୍ଣନ ମଧ ଜିଲାର ମଙ୍ଗଳପୁରସ୍ଥିତ ମହତାବ ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଛନ୍ତି। ସମ୍ପୃକ୍ତ ସ୍କୁଲର ସାମଗ୍ରୀକ ବିକାଶ ପାଇଁ ମଧ ସେ ଜିଲାପାଳ ରାଠୋର ଓ ଜିଲା ଶିକ୍ଷାଧିକାରୀ ନାୟକଙ୍କ ସହିତ ଆଲୋଚନା କରିଥିଲେ।

# ଜମି ବିବାଦରୁ ଗଣ୍ଡଗୋଳ: ୩ ଗୁରୁତର, ୨ ଗିରଫ

**ଚଣ୍ଡିଖୋଲ,୩୦।୩(ଡି.ଏନ.ଏ.)**

ବଡ଼ଚଣା ଥାନା ଅଧୀନ ବାଙ୍ଗରୁଗୁଣ୍ଡା ଗ୍ରାମରେ ସୋମବାର ଜମିବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଉଭୟ ପକ୍ଷର ମାରପିଟ୍ ଯୋଗୁ ଦୁଇ ମହିଳାଙ୍କ ସମେତ ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂଚନା ମୁତାବକ, ବାଙ୍ଗରୁଗୁଣ୍ଡା ଗ୍ରାମର ଜ୍ଞାନେନ୍ଦ୍ର ପରିଡ଼ା ଏବଂ ବିଜୟ ପ୍ରଧାନଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଦୀର୍ଘଦିନ ହେଲା ବିବାଦ ରହିଥିଲା। ସୋମବାର ଏହି ବିବାଦରୁ ଗଣ୍ଡଗୋଳ ଘଟିଥିଲା। ହଠାତ୍ ଜ୍ଞାନେନ୍ଦ୍ର ଧରିଥିବା ଏକ ଫାଉଡ଼ାରେ ଆକ୍ରମଣ କରିବାରୁ ବିଜୟଙ୍କ ପରିବାରର ଚିରପ୍ରଭା ପ୍ରଧାନ ଏବଂ ପୁଷ୍ପାଞ୍ଜଳି ପ୍ରଧାନଙ୍କ ମୁଣ୍ଡ ଫାଟିବା ସହିତ ଏମାନେ ଗୁରୁତର ହୋଇପଡ଼ିଥିଲେ। ଏହି ସମୟରେ ସେଠାରେ ଥିବା ଆଶିଷ ନାୟକଙ୍କ ମୁଣ୍ଡକୁ ମଧ କେହି ଶକ୍ତଭାବେ ଆକ୍ରମଣ କରିଥିଲେ। ଫଳରେ ସେ ମଧ ତଳେ ପଡ଼ି ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ଥିବା କେତେଜଣ ପଡ଼ୋଶୀ ସେମାନଙ୍କୁ ଉଦ୍ଧାର କରି ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଜ୍ଞାନେନ୍ଦ୍ରଙ୍କ ସ୍ତ୍ରୀ ଲୋପାମୁଦ୍ରା ନାୟକ ଏବଂ ବିଜୟଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନଙ୍କ ପକ୍ଷରୁ ଥାନାରେ ଦୁଇଟି ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ଥାନାଧିକାରୀ ପ୍ରିୟବ୍ରତ ରାଉତ ୧୧୬।୨୧ ଓ ୧୧୭।୨୧ରେ ଦୁଇଟି ମାମଲା ରୁଜୁ କରି ଜ୍ଞାନେନ୍ଦ୍ର ଏବଂ ବିଜୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଗିରଫ ପରେ ଜ୍ଞାନେନ୍ଦ୍ର ଦୁଇ ମହିଳାଙ୍କୁ ପିଟି ମୁଣ୍ଡ ଫଟାଇ ଦେଇଥିବା ନେଇ ପୋଲିସ ନିକଟରେ ସ୍ୱୀକାର କରିଥିଲେ। ତେବେ ଏହି ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ପୁନରୁଦ୍ଧାର ହୋଇପାରୁନି

## ଇମାମନଗର ଆଡ଼ିବନ୍ଧକୁ ୨୪ ବର୍ଷ ବିତିଲା

**ଧର୍ମଶାଳା,୩୦।୩(ଡି.ଏନ.ଏ.)**

ଚାଷ ଜମିକୁ ଜଳସେଚିତ କରିବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ପ୍ରକଳ୍ପ କରାଯାଉଛି। ହେଲେ ଏସବୁ ଚାଷୀଙ୍କ ହିତରେ ଲାଗୁନାହିଁ। ଜଳସେଚନ, କ୍ଷୁଦ୍ର ଜଳସେଚନ ଓ ଉଠା ଜଳସେଚନ ଆଦି ୩ଟି ବିଭାଗ ଉପରେ ଚାଷ ଜମିରେ ପାଣି ପହଞ୍ଚାଇବାର ବ୍ୟବସ୍ଥା ରହିଛି। ରାଜ୍ୟରେ କୃଷି ଶିଳ୍ପ ନିଗମ ଜରିଆରେ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। କିନ୍ତୁ କ୍ଷୁଦ୍ର ଉଠା ଜଳସେଚନ ବିଭାଗର ଉଦାସୀନତା ଯୋଗୁ ୨୪ ବର୍ଷ ହେଲା ପୁନରୁଦ୍ଧାର ହୋଇ ପାରୁନାହିଁ ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ନିକଟରେ ଥିବା ଆଡ଼ିବନ୍ଧ। ଯଦ୍ୱାରା ଖରାଦିନେ ଜଳସେଚନ ଅଭାବରୁ ଶୁଖିଲା ପଡ଼ିଛି ଏକରଏକର ଚାଷଜମି। ୧୯୯୭ରେ ଜିଲାପରିଷଦ ଅର୍ଥରେ ବ୍ଲକ ପକ୍ଷରୁ ଏହି ଆଡ଼ିବନ୍ଧ ନିର୍ମାଣ କରାଯାଇଥିଲା। ଯଦ୍ୱାରା ଇମାମନଗର, କଣିପାଟିଆ, ଦେଉଳିପାଳ, ଗଙ୍ଗାଧରପୁର ଗ୍ରାମର ଶତାଧିକ ଚାଷୀଙ୍କ ୭ଶହ ଏକରରୁ ଊର୍ଦ୍ଧ୍ୱ ଜମି ଜଳସେଚିତ ହେଉଥିଲା। ଦୁଇ ବର୍ଷ ଧରି ଜଳସେଚନ ଯୋଗୁ ବିରି, ମୁଗ, ଧାନ ଓ ଅନ୍ୟ ଅର୍ଥକରୀ ଫସଲ କରି ସ୍ଥାନୀୟ ଚାଷୀ ଉପକୃତ ହେଉଥିଲେ। କିନ୍ତୁ ୧୯୯୯ ମହାବାତ୍ୟା ପରେ ଆଡ଼ିବନ୍ଧଟି ଭାଙ୍ଗିରୁଜି ଗଲା। ଏହାର ଆଉ କୌଣସି ରକ୍ଷଣାବେକ୍ଷଣ କରାଗଲା ନାହିଁ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତାରୁ ଏହା ପୁନରୁଦ୍ଧାର ହୋଇପାରିଲା ନାହିଁ। ଆଡ଼ିବନ୍ଧ ଜଳ ସଂରକ୍ଷଣ ଅଞ୍ଚଳ ଶୁଖିଲା ପଡ଼ିଲା। ବାରମ୍ବାର ଚାଷୀଙ୍କ ଦାବି ପରେ ମଧ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଲେନାହିଁ। ଧୀରେଧୀରେ ଚାଷୀ ହତାଶ ହୋଇ ପଡ଼ିଲେ। ଖରା ଦିନିଆ ଫସଲ ଉପରୁ ମୁହଁ ଫେରାଇ ନେଲେ। ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଲା। ତେଣୁ ଭାଙ୍ଗିଯାଇଥିବା ଆଡ଼ିବନ୍ଧର ପୁନରୁଦ୍ଧାର କରି ଜଳସେଚନ ବ୍ୟବସ୍ଥା କରିବା ନିମନ୍ତେ ସ୍ଥାନୀୟ ଅଞ୍ଚଳର ଚାଷୀ କେଶବ ପାଳ, ଶକ୍ତିକାନ୍ତ ପାଳ, ପ୍ରତାପ ପାଳ, ପୁରୁଷୋତ୍ତମ ଜେନା, ସୁଧୀର ରାଉତ, ବିଦ୍ୟାଧାର ପରିଡା ଓ ନିତ୍ୟାନନ୍ଦ ଦାସ ପ୍ରମୁଖ ଦାବି କରିଛନ୍ତି।



ମରାମତି ଅଭାବରୁ ଆଡ଼ିବନ୍ଧର ଦୂରବସ୍ଥା।

# ଗ୍ରୀନ ମାର୍କେଟରେ ଅଗ୍ନିକାଣ୍ଡ

## ଜଳିଗଲା ୩ ଗାଡ଼ି

**ଯାଜପୁର ରୋଡ, ୩୦।୩ (ଡି.ଏନ.ଏ.)**

ଯାଜପୁର ରୋଡ଼ର ଗ୍ରୀନ ମାର୍କେଟରେ ସୋମବାର ଅପରାହ୍ନ ପ୍ରାୟ ୩ଟାରେ ଅଗ୍ନିକାଣ୍ଡ ଘଟି ୩ ପରିବା ଗୋଦାମ ଜଳି ଭସ୍ମିଭୂତ ହୋଇଯାଇଛି। ଏହାସହ ଟ୍ରକ, ଟ୍ରାକ୍ଟର ଓ ପିକଅପ୍ ଭ୍ୟାନ ପୋଡ଼ି ଯାଇଛି। ଏଥିରେ ପ୍ରାୟ ୧୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଆକଳନ କରାଯାଇଛି। ଯାଜପୁରରୋଡ ଅଗ୍ନିସେବା କେନ୍ଦ୍ରର କର୍ମଚାରୀ ଓ ୩ ଦମକଳ ଗାଡି ନିଆଁକୁ ଆୟତ୍ତ କରିଥିଲେ। ଗ୍ରୀନ ମାର୍କେଟର ପୂର୍ବ ଦିଗରେ ଥିବା ଶୁଖିଲା ଆବର୍ଜନାରେ କୌଣସି କାରଣରୁ ନିଆଁଲାଗି ଏହି ଦୁଃଖଦ ଘଟଣା ଘଟିଥିବା ଅନୁମାନ କରାଯାଉଛି । ରମେଶ ରାଉତଙ୍କ ୨ ପରିବା ଗୋଦାମର କମ୍ପ୍ୟୁଟର, ଖାତାପତ୍ର, ପ୍ରାୟ ୧୫ ହଜାର ଟ୍ରେ ପୋଡ଼ି ଯାଇଛି ।



ପରିବା ଗୋଦାମ ଜଳିଯାଇଛି।


## OFFICE OF THE DFO-CUM-DMU CHIEF SUBARNAPUR FOREST DIVISION

At: Patabhadi, P.O.- Sonepur, Dist.- Subarnapur, PIN - 767017, Odisha
Email: dmuchiefsubarnapur@gmail.com

**CONTRACTUAL ENGAGEMENT OF SMS (M&E, GIS/MIS. REDD+) FOR DMU, SUBARNAPUR UNDER OFSDP-II**

Divisional Forest Officer-cum-DMU Chief, Subarnapur invites application from suitable candidates for the following position at Divisional Management Unit, Subarnapur under Odisha Forestry Sector Development Project, Phase - II.

| Division | Name of the Post | Vacancy | Essential Qualification and Experience |
|---|---|---|---|
| Subarnapur Forest Division | Subject Matter Specialist (SMS)-M&E, MIS & GIS, REDD+ | 01 | B.E./B.Tech in Computer Science/IT or B.E./B.Tech/Bachelor's Degree in Science/Social Science/Statistics/Economics with MCA (3 year work experience with at least 2 years as technical expert in GIS/Remote Sensing (RS) in respect of Monitoring & Evaluation in relevant sector) |

Interested candidates may obtain detail terms of reference, Job description, eligibility criteria and application form from O/o. the Divisional Forest Officer-cum-DMU Chief, Subarnapur Forest Division during office horus in any working day between **10.30 A.M. to 05.00 P.M. from 01.04.2021 to 15.04.2021** or may download from the website **(www.ofsdp.in/www.subarnapur.nic.in)**. Filled in application complete in all respect along with self attested Xerox copy of relevant documents in respect of qualifications and experience and Bank Draft for Rs.500/- (Non-refundable) drawn in favour of DFO-cum-DMU Chief, Subarnapur Forest Division, payable at Sonepur should reach the O/o. the Divisional Forest Officer-cum-DMU Chief, Subarnapur Forest Division, Sonepur through **Speed Post/Courier Service on or before 04.00 P.M. on 15.04.2021**.

**Sd./- DFO-cum-DMU Chief**
**Subarnapur Forest Division**



## NCC DIRECTORATE, ODISHA
## BHUBANESWAR
## TENDER NOTICE

NCC Directorate, Odisha, Bhubaneswar invites separate sealed tender for following service as per under mentioned details:

| | |
|---|---|
| Name of Service | Hiring of Civil Hired Transport for the period 01 June 2021 to 31 May 2022 on as required basis for Light and heavy Vehicle. |
| Estimated Cost of Service | Rs.16,00,000/- |
| Amount of Earnest Money Deposit | Rs.32,000/- |
| Cost of Tender | Rs.100/- |
| Eligibility Criteria | a) Registered and unregistered CHT contractors<br>b) The firm should have a shop/ establishment located in the city and should be dealing with all such transport business.<br>c) Have a min. annual turnover of Rs.10 lakhs.<br>d) Should have a valid licence/ permit for running commercial vehicles.<br>e) Valid Service Tax/VAT/TIN/ GSTIN No.<br>f) Income/Service Tax Clearance Certificate<br>g) Balance Sheet/Bank Statement to establish financial capacity. |
| Last date of issue of Tender | 22 April 2021 |
| Last date of receipt of filed tender application | 23 April 2021 at 11.30 hrs. |
| Place, time and date for opening of tender | Place: NCC Directorate, Odisha, Bhubaneswar, Time: 12.00 hrs. |

**Important Guidelines:**

1. Tenderer must fulfill the conditions given above and submit documentary evidence/proof of the same at the time of collection of tender documents between 09 A.M. to 01 P.M. on working days.
2. **Earnest Money:** Earnest money Rs.32,000/- is required to be deposited in form of Bank Demand Draft payable to NCC Directorate, Odisha, Bhubanewar along with complete tender documents in sealed envelope.
3. **Documents:** Tender documents and other particulars can be obtained from ADM Branch, NCC Directorate, Odisha, Bhubaneswar on application addressed to Dy. DG, NCC Dte(O) on Cash payment of Rs.100/- (Rupess One hundred only) (additional Rs.150/- by DD in case required by Post) (Non refundable) payable to the CDA Patna.
4. **Contact:** In case of any query/to seek any clarification vendor may contact Officer-in-Charge, ADM Section, NCC Dte(O) on Telephone No. **0674-2432109** during office hours (09 A.M. to 01 P.M.).

# ଓଡ଼ିଆ ଠିକାଦାରଙ୍କୁ ମିଳୁନି କାମ

ଭୁବନେଶ୍ୱର,୩୦ା୩(ବ୍ୟୁରୋ)

**ମେଗା ପାନୀୟ ଜଳ ପ୍ରକଳ୍ପ**

- ବିରୋଧୀଙ୍କ ହଟ୍ଟଗୋଳ, ଗୃହ ମୁଲତବୀ
- ୨୦୭୫ ଛୋଟ ପ୍ରକଳ୍ପରେ କାମ କରୁଛନ୍ତି ଓଡ଼ିଆ ଠିକାଦାର: ମନ୍ତ୍ରୀ
- ୨୦୨୪-୨୫ ସୁଦ୍ଧା ସବୁ ଘରକୁ ପାନୀୟ ଜଳ ସଂଯୋଗ

ରାଜ୍ୟର ଗ୍ରାମାଞ୍ଚଳରେ ଲୋକମାନଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ବଦ୍ଧପରିକର। ଆସନ୍ତା ୨୦୨୪-୨୫ ସୁଦ୍ଧା ରାଜ୍ୟର ସବୁ ଘରକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ଲକ୍ଷ୍ୟରେ ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଚାଲିଛି। ୫୦କୋଟି ଟଙ୍କା ଉପରେ ଥିବା ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ କାମ ଏଲ୍ ଆଣ୍ଡ ଟି ଭଳି ବଡ଼ ବଡ଼ ସଂସ୍ଥା ପାଉଛନ୍ତି। ଛୋଟ ପ୍ରକଳ୍ପ କାର୍ଯ୍ୟ ଓଡ଼ିଶା ଠିକାଦାରଙ୍କୁ ମିଳୁଛି। ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ(ସିଭିସି) ଗାଇଡ୍‌ଲାଇନ ଅନୁଯାୟୀ ଟେଣ୍ଡର କରାଯାଉଛି। ସେଥିରେ ବଡ଼ ବଡ଼ କମ୍ପାନୀ ଭାଗ ନେଉଛନ୍ତି। ପ୍ରକଳ୍ପ ପାଇଁ ଆବଶ୍ୟକ ପାଇପ୍‌କୁ ଓଡ଼ିଶାରେ ପ୍ରସ୍ତୁତ ହେଉଥିବା କମ୍ପାନୀରୁ କିଣିବାକୁ ସର୍ତ୍ତ ରଖାଯାଇଛି। ତେବେ ରାଜ୍ୟରେ ଚାଲିଥିବା ୨୦୭୫ ସିଙ୍ଗଲ୍ ପାନୀୟ ଜଳ ପ୍ରକଳ୍ପରେ ଓଡ଼ିଶାର ଠିକାଦାରମାନେ କାମ କରୁଛନ୍ତି। ରାଜ୍ୟରେ ଠିକା ସଂସ୍ଥାକୁ ଅଯୋଗ୍ୟ ବିବେଚିତ କରି ବାହାର ରାଜ୍ୟର ଠିକା ସଂସ୍ଥାକୁ କାମ ଦେବା ଲାଗି ଜାଣିଶୁଣି ଜଟିଳ ସର୍ତ୍ତ ରଖାଯାଉଥିବା ନେଇ ଆରୋପ ସତ୍ୟ ନୁହେଁ। ବିଜେଡି ସଦସ୍ୟ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ମୂଳ ପ୍ରଶ୍ନ ନଂ. ୬୬୧ର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି।

ମୂଳ ପ୍ରଶ୍ନକର୍ତ୍ତା ପଚାରିଥିଲେ, ରାଜ୍ୟରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ପାଇଁ ଧାର୍ଯ୍ୟ ଟେଣ୍ଡର ସର୍ତ୍ତାବଳୀ କ'ଣ ଥିଲା। ରାଜ୍ୟରେ ହେଉଥିବା ମେଗା ପାଇପ ଜଳ ପ୍ରକଳ୍ପରେ ରାଜ୍ୟର ଠିକା ସଂସ୍ଥାଙ୍କୁ ଅଯୋଗ୍ୟ ବିବେଚିତ କରି ରାଜ୍ୟ ବାହାର ଠିକା ସଂସ୍ଥାଙ୍କୁ କାମ ଦେବା ଲାଗି ଜାଣିଶୁଣି ସେଥିରେ ଜଟିଳ ସର୍ତ୍ତାବଳୀ ଆରୋପ କରାଯାଇଥିବା ସତ୍ୟ କି। ମୂଳ ପ୍ରଶ୍ନକର୍ତ୍ତା ଅତିରିକ୍ତ ପ୍ରଶ୍ନରେ କହିଥିଲେ, ଓଡ଼ିଶାର ପାଣିପାଇପ ମିସ୍ତ୍ରି ବିଦେଶ ତଥା ଦେଶର ସମସ୍ତ ରାଜ୍ୟରେ କାମ କରୁଥିବାବେଳେ ଓଡ଼ିଶାରେ ସେମାନଙ୍କୁ କାମ ମିଳୁନାହିଁ। ଛୋଟଛୋଟ ପ୍ରକଳ୍ପଗୁଡ଼ିକୁ ମିଶାଇ ବଡ଼ ପ୍ରକଳ୍ପ କରାଯାଉଛି। ଏ ମେଗା ପ୍ରକଳ୍ପ ପ୍ରୀତି କାହିଁକି ବୋଲି ପଟ୍ଟନାୟକ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଏଭଳି ଅଭିଯୋଗକୁ ଖଣ୍ଡନ କରି କହିଥିଲେ, ବିଭିନ୍ନ ପଞ୍ଚାୟତକୁ ଆଧାର କରି ପ୍ରକଳ୍ପ କରାଯାଉଛି।



ଗୃହର ମଧ୍ୟ ଭାଗରେ କଂଗ୍ରେସ ଓ ଭାଜପା ସଦସ୍ୟଙ୍କ ହଟ୍ଟଗୋଳ।

ବୋର୍‌ୱେଲ କରି ମାଟି ତଳୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଏପରି କି କେତେକ ପଞ୍ଚାୟତରେ ଜଳକୁ ବିଶୋଧନ କରି ଭୂପୃଷ୍ଠ ଜଳକୁ ଯୋଗାଇ ଦିଆଯାଇଛି। ଏଥିପାଇଁ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ଭଳି ମେଗା ପ୍ରକଳ୍ପର ଆବଶ୍ୟକତା ପଡୁଛି। ପ୍ରକଳ୍ପକୁ ସିଭିସି ଗାଇଡ୍‌ଲାଇନ ଅନୁଯାୟୀ ଟେଣ୍ଡର କରି ଦିଆଯାଉଛି। ତେବେ ଓଡ଼ିଶାର ଠିକା ସଂସ୍ଥାଗୁଡ଼ିକୁ ମଧ୍ୟ କାମ ଦିଆଯାଉଛି ବୋଲି ଜେନା କହିଥିଲେ। ବିଜେଡି ସଭ୍ୟ ଅମର ଶତପଥୀ କହିଲେ, ବଡ଼ଚଣାରେ ଜଳ ବିଶୋଧନ କାମ ଦୀର୍ଘଦିନ ଧରି ପଡ଼ିରହିଛି। ମନ୍ତ୍ରୀ କହିଲେ, ପ୍ରତ୍ୟେକ ପଞ୍ଚାୟତ ପାଇଁ ଓଭରହେଡ୍ ଟ୍ୟାଙ୍କ କରାଯାଉଛି। ସେଥିରେ ୨ରୁ ୩ ଲକ୍ଷ ଲିଟର ପାଣି ରହୁଛି। ବାତ୍ୟା ହେଲେ କିମ୍ବା ବିଦ୍ୟୁତ୍ ନ ରହିଲେ ଟାଙ୍କିରୁ ପାଣି ୪ରୁ ୫ ଦିନ ଯାଏ ଯୋଗାଇ ଦେଇହେବ। ମନ୍ତ୍ରୀ କହିଲେ, ଜମି ଅଭାବରୁ ଏହି କାମ ଆରମ୍ଭ ହୋଇପାରୁ ନାହିଁ। ବଡ଼ଚଣା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ୪୩ ପଞ୍ଚାୟତର ୨୪୫ଗାଁକୁ ପାନୀୟ ଜଳ ଯୋଗାଇ ଦିଆଯିବ। ଭାଜପା ସଭ୍ୟ ମୋହନ ମାଝି ଅତିରିକ୍ତ ପ୍ରଶ୍ନରେ କହିଲେ ମେଗା ପାଇପ ଜଳ ଯୋଗାଣ ଭାରତ ସରକାରଙ୍କ କାର୍ଯ୍ୟକ୍ରମ। ଓଏମ୍‌ବିଏଡିସି ଏବଂ ଡିଏମ୍‌ଏଫ ପାଣ୍ଠିରୁ ପାନୀୟ ଜଳ ପାଇଁ ଅର୍ଥ ଖର୍ଚ୍ଚ କରାଯାଉଛି। ଓଡ଼ିଶାର ଠିକା ସଂସ୍ଥାକୁ କାମ ଦିଆଯାଉ ନାହିଁ। ୨୦୧୫-୧୬ରୁ ଏହି ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ରାଜ୍ୟ ସରକାର କେତେ ଟଙ୍କା ଦେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତର ଦେଇ ମନ୍ତ୍ରୀ କହିଲେ, ୨୦୧୫-୧୬ରୁ ଏ ପର୍ଯ୍ୟନ୍ତ ୯୦ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୯୩.୫୨ କୋଟି ଟଙ୍କା ଦେଇଥିବାବେଳେ ରାଜ୍ୟ ସରକାର ୬୯୧ କୋଟି ଟଙ୍କା ଦେଇଛନ୍ତି। ୨୦୨୫-୨୬ ସୁଦ୍ଧା ରାଜ୍ୟର ସବୁ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଏହି ପ୍ରଶ୍ନକୁ ଆଉ ଆଗକୁ ନ ନେଇ ମୂଳ ପ୍ରଶ୍ନକର୍ତ୍ତାଙ୍କୁ ଅତିରିକ୍ତ ପ୍ରଶ୍ନ ପଚାରିବାକୁ ଡାକିଥିଲେ। ବାଚସ୍ପତି କହିଲେ ଆହୁରି ୯୦ ଜଣ ପ୍ରଶ୍ନକର୍ତ୍ତା ଅଛନ୍ତି। ଆଲୋଚନା କଲେ ୩ ଦିନ ଲାଗିବ। ତେଣୁ ବିଧାନସଭା ପରେ ବିଧାୟକମାନଙ୍କୁ ଡାକି ସେମାନଙ୍କ ଅଞ୍ଚଳରେ ଥିବା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କରି ସମସ୍ୟା ଦୂର କରିବାକୁ ମନ୍ତ୍ରୀଙ୍କୁ ବାଚସ୍ପତି ନିର୍ଦ୍ଦେଶ ଦେଇଥିଲେ। ଏହା ଶୁଣି ଭାଜପା ଓ କଂଗ୍ରେସ ସଦସ୍ୟମାନେ ରାଗିଯାଇ ହୋହଲ୍ଲା କରିଥିଲେ। କଂଗ୍ରେସ ସଭ୍ୟ ମହମ୍ମଦ ମୋକିମ, ସୁରେଶ କୁମାର ରାଉତରାୟ, ସନ୍ତୋଷ ସିଂ ସାଲୁଜା, ଅଧିରାଜ ପାଣିଗ୍ରାହୀ, ଭାଜପା ସଦସ୍ୟ ମୋହନ ଚରଣ ମାଝି, ସୁକାନ୍ତ ନାୟକ, ସୁବାସ ପାଣିଗ୍ରାହୀ, କୁସୁମ ଟେଟେ ପ୍ରମୁଖ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ପ୍ରବଳ ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ୧୧ଟା ୧୪ରୁ ୧୧ଟା ୩୦ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

## ରାସ୍ତା ପାଇଁ ଦେଢ଼କୋଟି ଗଛ ବଳି

ଭୁବନେଶ୍ୱର,୩୦ା୩(ବ୍ୟୁରୋ)

ରାଜ୍ୟରେ ଗତ ୧୦ ବର୍ଷ (୨୦୧୦-୧୧ରୁ ୨୦୨୦-୨୧) ମଧ୍ୟରେ ବିଭିନ୍ନ ରାସ୍ତାର ପ୍ରଶସ୍ତୀକରଣ ପାଇଁ ୧ କୋଟି ୮୫ ଲକ୍ଷ ୭୪୮ଗଛ କଟାଯାଇଛି। ଭାଜପା ସଦସ୍ୟ ମୋହନ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ୨୦୧୦-୧୧ରେ ରାସ୍ତା ସମ୍ପ୍ରସାରଣ ପାଇଁ ୧୧୮୯୭୧ଟି ଗଛ କଟାଯାଇଥିବା ବେଳେ ୨୦୧୧-୧୨ରେ ୬୩୪୮୨୩, ୨୦୧୨-୧୩ରେ ୧୭୭୮୭୩୪, ୨୦୧୩-୧୪ରେ ୧୬୯୯୦, ୨୦୧୪-୧୫ରେ ୧୭୩୩୩୮୫,୨୦୧୫-୧୬ରେ ୬୨୦୩୯୩୬, ୨୦୧୬-୧୭ରେ ୧୮୦୭୯୦୯, ୨୦୧୭-୧୮ରେ ୧୩୧୦୩୧୪, ୨୦୧୮-୧୯ରେ ୨୦୪୪୭୮୨, ୨୦୧୯-୨୦ରେ ୨୬୭୭୬୮୬ ଏବଂ ୨୦୨୦-୨୧ରେ ୧୭୩୨୧୮ ଗଛ କଟାଯାଇଛି। ଏହାକୁ ଭରଣା କରିବା ପାଇଁ ସରକାର ୬୬୧୭୦୨୩୧୩ ଟଙ୍କା ବ୍ୟୟରେ ୨୯୮୩୫୭୩ ଗଛ ଲଗାଇଥିବା ମନ୍ତ୍ରୀ କହିଛନ୍ତି। ଏହି ଅବଧି ମଧ୍ୟରେ ସମ୍ବଲପୁର-ବରଗଡ଼, ଭୁବନେଶ୍ୱର-ପୁରୀ, ପାଣିକୋଇଲି-ରେମୁଳି ଓ ରେମୁଳି-ରାଜମୁଣ୍ଡା ଜାତୀୟ ରାଜପଥର ସମ୍ପ୍ରସାରଣ ଯୋଗୁ କଟାଯାଇଥିବା ଗଛ ବଦଳରେ ୪,୨୮,୦୭୧ ଗଛ ଲଗାଯାଇଛି। ସେହିପରି ସିଙ୍ଗଡା-ବିଞ୍ଜାବାହାଲ, ବିଞ୍ଜାବାହାଲ-ତିଲେଇବଣି, ବାହାଡ଼ାଗୋଡା-ସିଙ୍ଗଡା, କଟକ-ଅନୁଗୋଳ, ଅନୁଗୋଳ-ସମ୍ବଲପୁର, ବୀରମିତ୍ରପୁର-ବାରକୋଟ ରାସ୍ତା ପାଇଁ କଟାଯାଇଥିବା ଗଛ ପ୍ରତିବଦଳରେ ୧୨,୭୩,୪୬୫ ବୃକ୍ଷ ରୋପଣ କରାଯାଇଛି।

## ଜଙ୍ଗଲ ନିଆଁ ମନୁଷ୍ୟକୃତ: ମନ୍ତ୍ରୀ

**ଭୁବନେଶ୍ୱର,୩୦ା୩(ବ୍ୟୁରୋ):** ରାଜ୍ୟରେ ଜଙ୍ଗଲରେ ନିଆଁ ଲାଗିବା ମୁଖ୍ୟତଃ ମନୁଷ୍ୟକୃତ। ମହୁଲ ଗଛରୁ ମହୁଲଫୁଲ ସଂଗ୍ରହ ପାଇଁ ଗଛମୂଳ ସଫା କରିବା ଉଦ୍ଦେଶ୍ୟରେ ନିଆଁ ଲଗାଇବା ମଧ୍ୟ ବନାଗ୍ନିର ଅନ୍ୟତମ କାରଣ । କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଅସାଧୁ କର୍ମଚାରୀ ଗଛ ଲଗାଇବା କେଳେଙ୍କାରୀରୁ ମୁକ୍ତି ପାଇବା ପାଇଁ ଜଙ୍ଗଲରେ ନିଆଁ ଲଗାଇ ପ୍ରମାଣ ନଷ୍ଟ କରିବା ଭଳି କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇନାହିଁ। ଗତ ୫ ବର୍ଷରେ କୌଣସି ଜଙ୍ଗଲରେ ଅଗ୍ନିକାଣ୍ଡ ଯୋଗୁ ପଶୁପକ୍ଷୀ ଜଳିପୋଡ଼ି ମରିଥିବାର ସୂଚନା ନାହିଁ । ଉକ୍ତ ବନାଗ୍ନି ଶିଖର ବନାଗ୍ନି ନୁହେଁ, ଏହା ଭୂପୃଷ୍ଠୀୟ ହୋଇଥିବାରୁ ଶୁଖିଲା ପତ୍ର, ଗୁଳ୍ମ , ବୁଦାମାନ କେତେକାଂଶରେ ନଷ୍ଟ ହୋଇଛି।

## ଗିଲୋଟିନ୍‌ରେ ପାରିତ ହେଲା ୩୩ ବିଭାଗର ଖର୍ଚ୍ଚଦାବି

ଭୁବନେଶ୍ୱର,୩୦ା୩(ବ୍ୟୁରୋ)

ଚଳିତ ବିଧାନସଭା ବଜେଟ୍ ଅଧିବେଶନ କାଳରେ ଆଲୋଚନା ହୋଇପାରି ନ ଥିବା ୩୩ ବିଭାଗର ଖର୍ଚ୍ଚ ଦାବ ମଙ୍ଗଳବାର ଅପରାହ୍ନରେ ଗିଲୋଟିନ୍‌ରେ ପାରିତ ଗୃହୀତ ହୋଇଛି। ଗିଲୋଟିନ୍‌ରେ ପାରିତ ହୋଇଥିବା ବିଭାଗ ଗୁଡ଼ିକ ହେଲା ଗୃହ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ଆଇନ୍, ଅର୍ଥ, ବାଣିଜ୍ୟ, ନିର୍ମାଣ, ବିଦ୍ୟାଳୟ ଓ ଗଣଶିକ୍ଷା, ଏସ୍‌ସି/ଏସ୍‌ଟି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ, ଗୃହ ନିର୍ମାଣ ଓ ପୌର ଉନ୍ନୟନ, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା, କ୍ରୀଡ଼ା ଓ ଯୁବସେବା, ସାଧାରଣ ଅଭିଯୋଗ ଓ ପେନ୍‌ସନ୍, ଶିଳ୍ପ, ଜଳସମ୍ପଦ, ପରିବହନ, ଇସ୍ପାତ ଓ ଖଣି, ସୂଚନା ଓ ଲୋକସମ୍ପର୍କ, ବିଜ୍ଞାନ ଓ ବୈଷୟିକ ବିଭାଗ, ଗ୍ରାମ୍ୟଉନ୍ନୟନ, ସଂସଦୀୟ ବ୍ୟାପାର, ଶକ୍ତି, ହସ୍ତତନ୍ତ ଓ ବୟନଶିଳ୍ପ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ, ସରକାରୀ ଉଦ୍ୟୋଗ, ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା, ଉଚ୍ଚଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଏମ୍‌ଏସ୍‌ଏମ୍‌ଇ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ବିପର୍ଯ୍ୟୟ ପରିଚାଳନା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ବିଧାନସଭା ସମ୍ପର୍କିତ ଖର୍ଚ୍ଚ ରହିଛି।

## ରାଜ୍ୟରେ ୧.୭୫ କୋଟି ଶ୍ରମିକ

ଭୁବନେଶ୍ୱର,୩୦ା୩(ବ୍ୟୁରୋ)

୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସଂଖ୍ୟା ୧,୭୫,୪୧,୫୮୯ । ସେମାନଙ୍କ ମଧ୍ୟରୁ କୃଷକ ୪୧,୦୩,୯୮୯ ଥିବା ବେଳେ କୃଷି ଶ୍ରମିକ ୬୭,୩୯,୯୯୩, ଘରୋଇ ଶିଳ୍ପ ଶ୍ରମିକ ୭,୮୩,୦୮୦ ଏବଂ ଅନ୍ୟାନ୍ୟ ଶ୍ରମିକ ୫୯,୧୪,୫୨୭ ଅଛନ୍ତି। ବିଧାୟକ ନବ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ସୁଶାନ୍ତ ସିଂ ମଙ୍ଗଳବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରୀ ଦେବା ସହିତ ପ୍ରତି ୬ ମାସରେ ଥରେ ପରିବର୍ତ୍ତନ ଶୀଳ ମହଙ୍ଗାଭତ୍ତା ନାମକ ଏକ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରିବା ପାଇଁ ଘୋଷଣା କରାଯାଇଛି।

## ୨୦୪୧ ମଧ୍ୟରେ ଭୁବନେଶ୍ୱର- କଟକ ମେଟ୍ରୋ ରେଳ ପରିକଳ୍ପନା ନାହିଁ

ଭୁବନେଶ୍ୱର,୩୦ା୩(ବ୍ୟୁରୋ)

ଆସନ୍ତା ୨୦ ବର୍ଷ ଅର୍ଥାତ୍ ୨୦୪୧ ଯାଏ କଟକ ଓ ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ଟ୍ରେନ୍‌ର ପରିକଳ୍ପନା ନାହିଁ। ଆବଶ୍ୟକ ଜନସଂଖ୍ୟା ନ ଥିବାରୁ ବର୍ତ୍ତମାନ ପରିସ୍ଥିତିରେ ମେଟ୍ରୋ ରେଳସେବା ଆରମ୍ଭ ହୋଇପାରିବ ନାହିଁ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମଙ୍ଗଳବାର ବିଧାନସଭା ପ୍ରଶ୍ନକାଳରେ ଏହି ସୂଚନା ଦେଇଛନ୍ତି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ ମୂଳ ପ୍ରଶ୍ନ ନଂ. ୫୮୪ରେ ପଚାରିଥିଲେ ଯେ, ଭୁବନେଶ୍ୱର ଓ କଟକ ମଧ୍ୟରେ ମେଟ୍ରୋ ଟ୍ରେନ୍ ଚାଲିବା ପ୍ରସ୍ତାବ ସରକାରଙ୍କ ଧୂଆଁବାଣ କି। ଏହି ପ୍ରକଳ୍ପ ପାଇଁ କେଉଁ କମ୍ପାନୀକୁ କେତେ ଅର୍ଥ ଦିଆଯାଇଛି। ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ଶୀତଳଭଣ୍ଡାରରେ ପଡ଼ିବାର କାରଣ କ'ଣ। ମନ୍ତ୍ରୀ କହିଲେ, ମେଟ୍ରୋ ଟ୍ରେନ୍ କାର୍ଯ୍ୟକାରୀ କରାଯାଇ ନ ଥିବାରୁ କୌଣସି କମ୍ପାନୀକୁ ଅର୍ଥ ପ୍ରଦାନ କରାଯାଇ ନାହିଁ। ପୁଣି ମୂଳ ପ୍ରଶ୍ନକର୍ତ୍ତା ପଚାରିଲେ, ମନ୍ତ୍ରୀ ମହାଶୟ ସତକଥା କହିବେ। ୨୦୧୩-୧୪ରେ ମେଟ୍ରୋ ଟ୍ରେନ୍ ଚଳାଇବାକୁ ହାଇଦ୍ରାବାଦର ଏକ କମ୍ପାନୀକୁ



ବିଧାୟକ ସୁରେଶ କୁମାର ରାଉତରାୟ



ମନ୍ତ୍ରୀ ପ୍ରତାପ ଜେନା

**ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା, ଜଟଣୀ, ଚଣ୍ଡିଖୋଲକୁ ନେଇ ଦ୍ୱିତୀୟ ପ୍ରସ୍ତାବ ଦିଆଯିବ: ମନ୍ତ୍ରୀ**

୨ କୋଟି ୩୫ ଲକ୍ଷ ଟଙ୍କା ଦିଆଯାଇଥିଲା। ସେ କମ୍ପାନୀକୁ କାହିଁକି ପଇସା ଦିଆଗଲା। କେବେ ସୁଦ୍ଧା ମେଟ୍ରୋ ଟ୍ରେନ୍ ସୁବିଧା ହେବ। କେନ୍ଦ୍ର ସରକାରଙ୍କୁ ଏନେଇ କାହିଁକି ପ୍ରସ୍ତାବ ଦିଆଗଲା ନାହିଁ। ମନ୍ତ୍ରୀ କହିଲେ, ୨୦୧୩ରେ କଟକ ଓ ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ରେଳ ସେବା ପ୍ରକଳ୍ପ କରିବାକୁ ସରକାର ଉଦ୍ୟମ କରିଥିଲେ। ସର୍ଭେ କରିବାକୁ ଟେଣ୍ଡର ଡକାଯାଇଥିଲା। ଏଥିରେ ୫ଟି କମ୍ପାନୀ ଭାଗ ନେଇଥିଲେ। ହାଇଦ୍ରାବାଦର ଏକ କମ୍ପାନୀ ବାଲାଜୀ ରେଲ ରୋଡ୍ ସିଷ୍ଟମ ଲିମିଟେଡ ଦକ୍ଷିଣ କୋରିଆର ଏକ କମ୍ପାନୀ ସହ ମିଶି କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଫିଜିବିଲିଟି ସର୍ଭେ କରିଥିଲେ। ସେଥିପାଇଁ ୧୨ଲକ୍ଷ ଟଙ୍କା ଦିଆଯାଇଥିଲା। ସର୍ଭେ ପରେ ସେହି କମ୍ପାନୀ ରିପୋର୍ଟ ଦେଇଥିଲା। ୨୦୪୧ ପର୍ଯ୍ୟନ୍ତ ଦ୍ୱୈତ ନଗରୀର ଜନସଂଖ୍ୟା ଦୃଷ୍ଟିରୁ ମେଟ୍ରୋ ଟ୍ରେନ୍ ଚାଲିବା ସମ୍ଭବ ହେବ ନାହିଁ ବୋଲି ରିପୋର୍ଟରେ ଉଲ୍ଲେଖ ରହିଥିଲା। ସେଥିଯୋଗୁ ସରକାର ଏହି ପ୍ରକଳ୍ପରୁ ଓହରି ଯାଇଛନ୍ତି। କେନ୍ଦ୍ର ସରକାରଙ୍କୁ ଏ ନେଇ କୌଣସି ପ୍ରସ୍ତାବ ଦିଆଯାଇ ନାହିଁ। ଆଗାମୀ ଦିନରେ କଟକ-ଭୁବନେଶ୍ୱର ସମେତ ପୁରୀ, ଖୋର୍ଦ୍ଧା ଓ ଚଣ୍ଡିଖୋଲ ଯାଏ ମେଟ୍ରୋ ଟ୍ରେନ ଚଳାଇବାକୁ ଦ୍ୱିତୀୟ ପର୍ଯ୍ୟାୟ ପ୍ରସ୍ତାବ ଦିଆଯିବ। ବିଜେଡି ସଭ୍ୟ ଅମର ଶତପଥୀ ପଚାରିଲେ, ଅନେକ ଛୋଟ ସହରରେ ମେଟ୍ରୋ ଟ୍ରେନ୍ ସେବା ଯୋଗାଇ ଦିଆଯାଉଛି। କେଉଁ ଜନସଂଖ୍ୟା ଆଧାରରେ ସର୍ଭେ କରାଯାଇଥିଲା। ଇତିମଧ୍ୟରେ ଜନସଂଖ୍ୟା ବହୁ ମାତ୍ରାରେ ବଢ଼ିଯାଇଛି। ଆଉଥରେ ସର୍ଭେ କରିବେ କି। ମନ୍ତ୍ରୀ କହିଲେ, ଜନସଂଖ୍ୟା ହେଉ ନ ଥିବାରୁ କଟକ, ଭୁବନେଶ୍ୱର ସହିତ ପୁରୀ, ଖୋର୍ଦ୍ଧା, ଜଟଣୀ ଓ ଚଣ୍ଡିଖୋଲ ଯାଏ ଏହାକୁ ସମ୍ପ୍ରସାରଣ କରିବାକୁ ଯୋଜନା କରାଯିବ।

**ରାଜ୍ୟ ଖବର**

## ପରୀକ୍ଷା ବାତିଲ ଦାବିରେ ବୋସ୍ ଛାତ୍ରୀଛାତ୍ରଙ୍କ ଧାରଣା



ରାସ୍ତାରେ ଟାୟାର ଜାଳି ଛାତ୍ରୀଛାତ୍ର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

- ଅନ୍‌ଲାଇନ୍‌ରେ ପରୀକ୍ଷା ହେଉ
- ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ

**କଟକ ଅଫିସ, ୩୦ା୩:** ପରୀକ୍ଷା ବାତିଲ ଦାବିରେ କଟକ ଜିଲା ଯୋବ୍ରାସ୍ଥିତ ଭୁବନାନନ୍ଦ ଓଡ଼ିଶା ଯାନ୍ତ୍ରିକ ବିଦ୍ୟାଳୟ(ବୋସ୍) ଫାଟକ ସମ୍ମୁଖ ରାସ୍ତାରେ ମଙ୍ଗଳବାର ଛାତ୍ରୀଛାତ୍ର ଧାରଣାରେ ବସିବା ସହ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଏଥିରେ କଲେଜର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ କହିଛନ୍ତି, ବୋସ୍‌ର ୩ ଜଣ ଛାତ୍ର କରୋନାରେ ଆକ୍ରାନ୍ତ ହୋଇଛନ୍ତି। ତେଣୁ ସେମାନଙ୍କ ପରୀକ୍ଷା ଅନ୍‌ଲାଇନରେ କରାଯାଉ। ଅନ୍‌ଲାଇନରେ ପାଠପଢା ହୋଇଥିବାରୁ ଛାତ୍ରୀଛାତ୍ରମାନେ ଠିକ୍ ଭାବେ ବୁଝିପାରିନାହାନ୍ତି। ଏଣୁ ତାଙ୍କ ପରୀକ୍ଷା ଅନଲାଇନ୍‌ରେ କରାଯାଉ ନଚେତ୍ ମାସେ ବିଳମ୍ବରେ ହେଉ। ଏଥିସହ ବୋସ୍ ଓ ହଷ୍ଟେଲର ସମସ୍ତ ଗୃହକୁ ସମ୍ପୂର୍ଣ୍ଣ ଭାବେ ସାନିଟାଇଜ୍ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଏ ନେଇ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ରାୟ କହିଛନ୍ତି, କଲେଜରେ ମୋଟ ୩ ଜଣ ଛାତ୍ର କରୋନାରେ ଆକ୍ରାନ୍ତ ହୋଇଛନ୍ତି ଓ ୪୦୦ ଜଣ ଛାତ୍ରୀଛାତ୍ରଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଚଳିତବର୍ଷ ୬୫୦ ଜଣ ତୃତୀୟ ବର୍ଷର ଛାତ୍ରୀଛାତ୍ର ପରୀକ୍ଷା ଦେବେ। ସେମାନେ ପ୍ରାକ୍ଟିକାଲ ପରୀକ୍ଷା ଦେଇସାରିଛନ୍ତି। ବୁଧବାର ଥିଓରି ପରୀକ୍ଷା ରହିଛି। ମଙ୍ଗଳବାର ସେମାନେ ପରୀକ୍ଷା ଅନ୍‌ଲାଇନରେ କରିବା ନଚେତ୍ ମାସେ ବିଳମ୍ବରେ କରିବାକୁ ଦାବି କରୁଛନ୍ତି। ଏହା ଆମ ପକ୍ଷରେ ସମ୍ଭବ ନୁହେଁ। ତେବେ ଛାତ୍ରୀଛାତ୍ରଙ୍କ ଦାବିକୁ ମୁଁ କାଉନ୍‌ସିଲ କର୍ତ୍ତୃପକ୍ଷଙ୍କୁ ଜଣାଇଛି। ଖବର ଲେଖା ଯିବା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଧାରଣାରେ ବସିଥିବା ଜଣାପଡିଛି।

## ୩ମାସରେ ଅତିକ୍ରମ କଲେ ୨୫୪୪ କି.ମି.

**ସୁସ୍ଥ ସମାଜ ଗଠନ ବାର୍ତ୍ତା ନେଇ ଅଭିରାମଙ୍କ ପଦଯାତ୍ରା**

ଝାରସୁଗୁଡ଼ା ଅଫିସ,୩୦ା୩

ନିଶା ସେବନ ବର୍ଜନ କରି ନିୟମିତ ଶାରୀରିକ ବ୍ୟାୟାମ କରନ୍ତୁ ଓ ସୁସ୍ଥ ରୁହନ୍ତୁ। ଏହି ବାର୍ତ୍ତା ନେଇ ଝାରସୁଗୁଡ଼ା ଜିଲା ଦୁଲଗା ଗ୍ରାମର ଅଭିରାମ ଶତପଥୀ ଜାନୁୟାରୀ ୬ରୁ ପଦଯାତ୍ରାରେ ବାହାରି ମାର୍ଚ୍ଚ ୨୬ରେ ଦିଲ୍ଲୀରେ ପହଞ୍ଚିଥିଲେ। ଦୀର୍ଘ ୩ମାସ ପଦଯାତ୍ରା ସାରି ଅଭିରାମ ସୋମବାର ଦିଲ୍ଲୀରୁ ବିମାନରେ ଆସି ଝାରସୁଗୁଡ଼ା ଭିଏସ୍‌ଏସ୍ ବିମାନ ବନ୍ଦରରେ ଓହ୍ଲାଇଥିଲେ। ତାଙ୍କୁ ବିମାନ ବନ୍ଦରରେ ବିଭିନ୍ନ ସଙ୍ଗଠନ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

ଅଭିରାମ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସେ କିଛିବର୍ଷ ତଳେ ଶ୍ୱାସ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇପଡିଥିଲେ। ଡକ୍ତରୀ ଚିକିତ୍ସା ପରେ ସୁସ୍ଥ ହୋଇପାରି ନ ଥିଲେ। ଏଭଳି ସ୍ଥିତିରେ ଜଣେ ସମ୍ପର୍କୀୟଙ୍କ ପରାମର୍ଶକ୍ରମେ ସେ ପ୍ରତିଦିନ ପଦଯାତ୍ରା ସହ ଶାରୀରିକ ବ୍ୟାୟାମ କରୁଥିଲେ। ଫଳରେ ଧୀରେ ଧୀରେ ସୁସ୍ଥ ହୋଇଥିଲେ। ପରେ ସେ




ଝାରସୁଗୁଡା ବିମାନ ବନ୍ଦରରେ ଅଭିରାମଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

ବିଭିନ୍ନ ମାରାଥନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୬୪ବର୍ଷ ବୟସରେ ସୁସ୍ଥ ସମାଜ ଗଠନ ସନ୍ଦେଶ ନେଇ ସେ ପଦଯାତ୍ରାରେ ବାହାରିଥିଲେ। ଗାଁରୁ ଜାନୁୟାରୀ ୬ରୁ ବାହାରି ୨୨ରେ ପୁରୀରେ ପହଞ୍ଚିଥିଲେ। ଏହି ଯାତ୍ରା ସମୟରେ ସେ ମୁଖ୍ୟମନ୍ତ୍ରୀ ନାବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପୁରୀରେ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନକରି ୨୪ରେ ଦିଲ୍ଲୀ ଅଭିମୁଖେ ବାହାରି ମାର୍ଚ୍ଚ ୨୬ରେ ପହଞ୍ଚିଥିଲେ। ସେଠାରେ ସେ ରାଷ୍ଟ୍ରପତି ଭବନ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପାର୍ଲାମେଣ୍ଟରେ ପହଞ୍ଚି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ପଦଯାତ୍ରା ସମୟରେ ସେ ଓଡିଶା, ଛତିଶଗଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ହରିୟାନା ଆଦି ରାଜ୍ୟ ଅତିକ୍ରମ କରିଥିଲେ। ସେ ୨୫୪୪ କିଲୋମିଟର ରାସ୍ତା ଅତିକ୍ରମ କରିଛନ୍ତି। ଏହି ସମୟରେ ଲୋକେ ତାଙ୍କୁ ରାସ୍ତାରେ ବିପୁଳ ସମ୍ବର୍ଦ୍ଧନା ଜଣାଇ ଅଧିକ ଉତ୍ସାହିତ କରିଥିଲେ। ଫଳରେ ସେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିଥିବା କହିଥିଲେ।





# ପୋଷକ ସୁରକ୍ଷାରେ ପୁଷ୍ଟି ଶସ୍ୟର ଭୂମିକା

''ପୁଷ୍ଟିଶସ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ଜାତିସଂଘରେ ୭୦ଟି ଦେଶ ସମ୍ମିଳିତ ଭାବେ ଏକ ଅଧିବେଶନରେ ୨୦୨୨ ବର୍ଷକୁ 'ଅନ୍ତଃରାଷ୍ଟ୍ରୀୟ ମିଲେଟ୍ ବର୍ଷ' ରୂପେ ପାଳନ କରିବାକୁ ସଂକଳ୍ପ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଓଡ଼ିଶା ମିଲେଟ୍ ମିଶନ କାର୍ଯ୍ୟକ୍ରମ ନିଶ୍ଚିତ ରୂପେ କ୍ଷୁଦ୍ର ଓ ନାମକୁମାତ୍ର କୃଷକମାନଙ୍କର ବୃଦ୍ଧି ତଥା ଖାଦ୍ୟ ଓ ପୌଷ୍ଟିକ ନିରାପତ୍ତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ସହ ବୃଷ୍ଟିପୁଷ୍ଟ ଉଚ୍ଚ ଜମି ଓ ଉଚ୍ଚ ତାପମାତ୍ରା ଯୁକ୍ତ ପରିବେଶରେ ସଫଳ ହୋଇପାରୁଛି।''



ଡ. ପରେଶ କୁମାର ପଣ୍ଡା

ସାମ୍ପ୍ରତିକ କାଳରେ ଓ ପରିବର୍ତ୍ତିତ ଜଳବାୟୁ ପରିପ୍ରେକ୍ଷୀରେ ପୁଷ୍ଟି ଶସ୍ୟର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ଏହାର ଗୁରୁତ୍ୱ ବିଶେଷକରି ପୋଷକ ସୁରକ୍ଷା ଦିଗରେ ଭରସାଯୋଗ୍ୟ କାରଣରୁ ୨୦୧୮ ବର୍ଷକୁ 'ଜାତୀୟ ମିଲେଟ୍ ବର୍ଷ' ରୂପେ ପାଳନ କରାଯାଇଛି। ଏହି ପୁଷ୍ଟି ଶସ୍ୟ ବର୍ଷରେ ଯେଉଁସବୁ ଶସ୍ୟ କ୍ଷୁଦ୍ର ଶସ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି, ତନ୍ମଧ୍ୟରେ ଜୋଆର, ବାଜରା, ମାଣ୍ଡିଆ, କୁଟ୍‌କି, କୋଦୋ, ସୁଆଁ, ଖିରା, ଚିନା, କାଙ୍ଗୁ ଅନ୍ୟତମ। ଆଜିର ମାନବ ସ୍ୱାସ୍ଥ୍ୟ ପ୍ରତି ବିପଦ ଅଧିକ ଆଶଙ୍କା କରି ପୁଷ୍ଟିଶସ୍ୟ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଅପରିହାର୍ଯ୍ୟ ହୋଇପଡ଼ିଛି। ଅନ୍ୟ ପ୍ରମୁଖ ଶସ୍ୟ ତୁଳନାରେ ଏଥିରେ ପ୍ରଚୁର ପରିମାଣର ଆହାରଯୋଗ୍ୟ ଜୀବସାର, ଖଣିଜସାର ସହ ପୁଷ୍ଟିସାର (୭.୩-୧୨.୫%), ସ୍ନେହସାର ଓ ତନ୍ତୁ (୪-୧୨.୫%) ସନ୍ତୁଳିତ ଓ ଅଧିକ ରହିଛି। ଅଧିକ କ୍ୟାଲ୍‌ସିୟମ୍ (୧୪-୩୪୪ ମି.ଗ୍ରା.) ଓ ଲୌହ (୦.୫-୧୬.୯ ମି.ଗ୍ରା) ୧୦୦ ଗ୍ରାମ୍ ପ୍ରତି ରହୁଥିବାରୁ ଶରୀର ପାଇଁ ଅଧିକ ଉପାଦେୟ।

କ୍ଷୁଦ୍ର ଶସ୍ୟ (ପୁଷ୍ଟିଶସ୍ୟ)ଗୁଡ଼ିକ ମଧ୍ୟ ଅତ୍ୟାବଶ୍ୟକ ଫାଟିଏସିଡ୍, ଫାଇଟୋ-କେମିକାଲ୍‌ସ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଯୋଗାଇବା ସହ ପୁଷ୍ଟି ଅଭାବଜନିତ ରୋଗ ସମୂହରୁ ନିରାକରଣ ଦିଗରେ ବିଶେଷ ସହାୟକ ହୋଇଥାଏ। ଏଥିରେ ପଲିଫିନେଲ୍ସ ଏବଂ ଅନ୍ୟ ଜୈବିକ ସକ୍ରିୟ ଉପାଦାନରେ ଭରପୂର ଥିବାରୁ ସେଗୁଡ଼ିକ ସ୍ନେହସାର ଶୋଷଣରେ ହ୍ରାସ, ବୃକକ୍ ଓ ଯକୃତର କାର୍ଯ୍ୟଦକ୍ଷତାରେ ବୃଦ୍ଧି, କୋଲେଷ୍ଟରଲକୁ କମ୍, ଶର୍କରା ନିର୍ଗମନରେ କ୍ଷୀଣ ଘଟାଇବା ସହ ହୃଦ୍ ରୋଗ, ବହୁମୂତ୍ର ଏବଂ ଉଚ୍ଚ ରକ୍ତଚାପ ହ୍ରାସ କରାଇବାରେ ବିଶେଷ ସହାୟକ ହୋଇଥାଏ। ଏତଦ୍‌ବ୍ୟତୀତ ଏହା ସ୍ୱଳ୍ପ ଗ୍ଲାଇସେମିକ୍ ଇଣ୍ଡେକ୍ସଯୁକ୍ତ, ଅଧିକ ତନ୍ତୁଯୁକ୍ତ ଓ ଗ୍ଲୁଟିନ୍‌ମୁକ୍ତ। ବିସ୍କୁଟ୍ ପ୍ରସ୍ତୁତକାରୀ କମ୍ପାନୀଗୁଡ଼ିକ ପୁଷ୍ଟିଶସ୍ୟରୁ ବିସ୍କୁଟ୍ ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି ଓ ସେଗୁଡ଼ିକ ସ୍ୱାଦିଷ୍ଟ ଥାଇ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ମାଣ୍ଡିଆ, କାଙ୍ଗୁ, ସୁଆଁ ଆଦିର ଚୂନାକୁ ଅଟା, ବିରି ବା ବେସନ ପରି ଉପାଦାନ ସହ ମିଶାଇ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ ହୋଇପାରୁଛି। ବିଶେଷକରି ମାଣ୍ଡିଆରୁ ଇଡ୍‌ଲି, ପକୁଡ଼ି, ଉପମା, ଲଡ୍ଡୁ, ହାଲୁଆ, ରୋଟି, କେକ୍, ବରା, ପାଉଁରୁଟି, ମୁଡ଼କି, ଚକ୍ଳା, ପାସ୍ତା, ସିମେଇ, ବିସ୍କୁଟ, ବେକେରି ଉତ୍ପାଦ, ସୁପ୍, ରାଗିଭିଟା, ଆରିସା ପିଠା, ମଣ୍ଡା ପିଠା, ମିକ୍ସଚର, ନଡ଼ିଆ ଭାତ; ଗୁରୁଜି/ସମାଇରୁ-ଏଣ୍ଡୁରି ପିଠା, ଇଡ୍‌ଲି, ଖେଚୁଡ଼ି, ଉପମା; କୋଦରୁପଲାଉ, ଚକୁଳି; ଚିନାରୁ- ଦହିଭାତ; କାଙ୍ଗୁରୁ- ଖିରି, ପକୁଡି, ଦୋସା, ବରା, ମୁଡକି, ଖେଚୁଡି, ଉପମା, ଚକୋଲେଟ୍; ସୁଆଁରୁ ଖିରି, ଇଡ୍‌ଲି, କଟ୍‌ଲେଟ୍, ବିଲସୁଆଁରୁ ଖିରା; ବାଜରାରୁ-ଭାତ, ପୁରୀ, ଛତୁଆ; ଜୋଆର୍‌ରୁ-ରୋଟି, ଲଡ୍ଡୁ, ବର୍‌ଫି, ସାଲାଡ୍ ଓ ଦୋଷା ଇତ୍ୟାଦି ପ୍ରସ୍ତୁତ ହୋଇଥାଏ।



ଆମ ରାଜ୍ୟରେ ପୁଷ୍ଟିଶସ୍ୟ ଉତ୍ପାଦନ ଓ ବ୍ୟବହାର ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ପୁଷ୍ଟିଶସ୍ୟର ଚାଷ ଉପରେ ଗୁରୁତ୍ୱ ଦେବାର ପ୍ରମୁଖ ଆବଶ୍ୟକତା ହେଲା-

-ଏହା ପରିବର୍ତ୍ତିତ ଜଳବାୟୁ ଓ ବିଭିନ୍ନ ଫସଲ ଯୋଜନାରେ ଉତ୍ତମ ରୂପେ ଖାପ୍ ଖାଇଥାଏ।

-ସ୍ଥାନୀୟ ଅଞ୍ଚଳର ଖାଦ୍ୟ ଓ ପୋଷକ ନିରାପତ୍ତା ଦିଗରେ ବିଶେଷ ସହାୟକ ହୋଇଥାଏ।

-ଏ ସବୁ ଆଭ୍ୟନ୍ତରୀଣ ଜିଲାର ଲୋକମାନେ ପ୍ରମୁଖ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି।

-କ୍ଷୁଦ୍ର ଓ ନାମକୁମାତ୍ର ଚାଷୀମାନଙ୍କର ଏହା ପ୍ରମୁଖ ଫସଲ ରୂପେ ପରିଗଣିତ ହୋଇଥାଏ।

-ମରୁଡି ପ୍ରବଣ, ଶୁଷ୍କାଞ୍ଚଳ, ବୃଷ୍ଟିପୁଷ୍ଟ, ଅଧିକ ଉତ୍ତାପ ଅବସ୍ଥା, ନାମକୁମାତ୍ର ଉର୍ବରତା ଥିବା /ସାଧାରଣ ଜମିରେ। ଏହାର ଚାଷ ସହଜରେ ଓ ଖୁବ୍ ଅଳ୍ପ ଦିନରେ ହୋଇଥାଏ।

-ଏହାର ବଜାର ଉନ୍ନତ, ଘାସ ନିୟନ୍ତ୍ରଣ ଠିକ୍ ସମୟରେ ନ ହୋଇ ଏହାର ମୂଲ୍ୟଯୋଗ ଉତ୍ପାଦର ଗୁରୁତ୍ୱ ଅନୁଭବ ନ କରିବା।

ତେଣୁ, ପୁଷ୍ଟି ଶସ୍ୟଗୁଡିକୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ କରି ୨୦୧୩ର ଜାତୀୟ ଖାଦ୍ୟ ନିରାପତ୍ତା ମିଶନରେ ଅନ୍ତର୍ଭୁକ୍ତ କରାଯାଇଛି। ଓଡ଼ିଶା ସରକାର ଓଡ଼ିଶା ମିଲେଟ୍ ମିଶନ-୨୦୧୭ ଅନ୍ତର୍ଗତ ମିଲେଟ୍ ପୁଷ୍ଟିଶସ୍ୟର ବିକାଶ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି। ଏଥିରେ ଉଦ୍ଦେଶ୍ୟ ରଖାଯାଇଛି- ଉତ୍ପାଦନ ଖାଦ୍ୟ ରୂପେ ବ୍ୟବହାର, ପ୍ରକ୍ରିୟାକରଣ, ସର୍ବନିମ୍ନ ସହାୟକ ମୂଲ୍ୟରେ ବିପଣନ ମାଧ୍ୟମରେ କୃଷକମାନଙ୍କର ଆୟକର ବୃଦ୍ଧି ଘଟାଇବା। ଏହାଛଡା ପୁଷ୍ଟି ଶସ୍ୟର ପାରିବାରିକ ବ୍ୟବହାରକୁ ପ୍ରୋତ୍ସାହନ, ବିକେନ୍ଦ୍ରିତ ପ୍ରକ୍ରିୟାକରଣ ଉଦ୍ୟୋଗ ସ୍ଥାପନ, ଉତ୍ପାଦନ ବୃଦ୍ଧି ନିମନ୍ତେ ଉନ୍ନତ ଜ୍ଞାନକୌଶଳର ପ୍ରବର୍ତ୍ତନ, ସାମୂହିକ ଚାଷ ଓ ଉତ୍ପାଦିତ ଶସ୍ୟର ବଜାର ବ୍ୟବସ୍ଥାରେ ଅନ୍ତର୍ଭୁକ୍ତକରଣ କରାଇ ଆଦିବାସୀ ବହୁଳ ଅଞ୍ଚଳରେ କୃଷି ବିକାଶକୁ ତ୍ୱରାନ୍ୱିତ କରାଯାଉଛି।

'ଓଡ଼ିଶା ମିଲେଟ୍ ମିଶନ' ଜରିଆରେ ଗୋଷ୍ଠୀ ଆଧାରିତ ସଙ୍ଗଠନ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ରାଜ୍ୟର ୧୫ ଜିଲାରେ ୮୧ଟି ବ୍ଲକରେ କାର୍ଯ୍ୟକ୍ରମ ନିଆଯାଇଛି। ମିଶନ ଶକ୍ତି, ଡିଏମ୍‌ଏଫ୍ , ଓଏଲ୍‌ଏମ୍, ଓପିଇଏଲ୍‌ଆଇପି ସହ ବନ୍ଧନରେ ଆଗାମୀ ଯୋଜନାର ସଫଳ ରୂପାୟନ ନିମନ୍ତେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ପୁଷ୍ଟିଶସ୍ୟର ଗୁରୁତ୍ୱକୁ ଉପଲବ୍ଧି କରି ଜାତିସଂଘରେ ୭୦ଟି ଦେଶ ସମ୍ମିଳିତ ଭାବେ ଏକ ଅଧିବେଶନରେ, ୨୦୨୨ ବର୍ଷକୁ 'ଅନ୍ତଃରାଷ୍ଟ୍ରୀୟ ମିଲେଟ୍ ବର୍ଷ' ରୂପେ ପାଳନ କରିବାକୁ ସଂକଳ୍ପ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଓଡ଼ିଶା ମିଲେଟ୍ ମିଶନ କାର୍ଯ୍ୟକ୍ରମ ନିଶ୍ଚିତ ରୂପେ କ୍ଷୁଦ୍ର ଓ ନାମକୁମାତ୍ର କୃଷକମାନଙ୍କର ବୃଦ୍ଧି ତଥା ଖାଦ୍ୟ ଓ ପୌଷ୍ଟିକ ନିରାପତ୍ତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ ସହ ବୃଷ୍ଟିପୁଷ୍ଟ ଉଚ୍ଚ ଜମି ଓ ଉଚ୍ଚ ତାପମାତ୍ରା ଯୁକ୍ତ ପରିବେଶରେ ସଫଳ ହୋଇପାରୁଛି।

*-ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର*
*ମୋ : ୭୨୦୫୦୯୭୦୮୦*



## ଖରାଟିଆ ଗେଣ୍ଡୁଫୁଲରେ ସାର ପ୍ରୟୋଗ

ଖରାଟିଆ ଗେଣ୍ଡୁଫୁଲ ଚାଷ ପାଇଁ ଏକରକୁ ୩୫୦ରୁ ୪୦୦ ଗ୍ରାମ ମଞ୍ଜି ଆବଶ୍ୟକ ହୋଇଥାଏ। ଜମିକୁ ଭଲଭାବରେ ଗୁଣ୍ଡ କରି ଏକର ପ୍ରତି ୧୦ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ, ୮୦କି.ଗ୍ରା. ଫସଫରସ ଓ ୮୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ ଏବଂ ୧୬କି.ଗ୍ରା ଯବକ୍ଷାରଜାନ ପ୍ରୟୋଗର ଏକମାସ ପରେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ। ଧାଡିକୁ ଧାଡି ୩୦ ଓ ଗଛକୁ ଗଛ ୨୦-୩୦ ସେ.ମି. ବ୍ୟବଧାନରେ ରୁଅନ୍ତୁ। ତେବେ ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ତଳି ରୋଇବାର ୪୦ଦିନପରେ ଅଗ ତଳିଗୁଡିକୁ ଭାଙ୍ଗି ଦିଅନ୍ତୁ। ଅନ୍ୟପକ୍ଷରେ ଯଦି ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ତଳି ପକାନ୍ତୁ। ଏଥିଲାଗି ଅଧିକ ଅମଳକ୍ଷମ କମଳା ରଙ୍ଗର ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡିକୁ ଧାଡି ୫ ସେ.ମି. ବ୍ୟବଧାନରେ ବିହନକୁ ୧ ସେ.ମି. ଗଭୀରରେ ବୁଣନ୍ତୁ। ଅଧିକ ତାପମାତ୍ରାରୁ ରକ୍ଷାପାଇବା ଲାଗି ତଳିଘରାରେ ନଡା ଘୋଡାଇ ଦିଅନ୍ତୁ।



## ରାଶି ଚାଷରେ ଜଳସେଚନ



ରାଶି ଚାଷ କରୁଥିଲେ ଜମିକୁ ପଟାଳିରେ ବିଭକ୍ତ କରିଦିଅନ୍ତୁ। ଏହାଦ୍ୱାରା ଖରାଦିନିଆ ରାଶି ଚାଷ ପାଇଁ ପାଣି ମଡ଼ାଇବା ସୁବିଧାଜନକ ହୋଇଥାଏ। ଏକର ପ୍ରତି ୨ରୁ ୨.୫କେଜି ବିହନ ଆବଶ୍ୟକ ହୋଇଥାଏ। ପ୍ରାରମ୍ଭିକ ଅବସ୍ଥାରେ ତଳିମରା ବା ମୂଳଶଢ଼ା ରୋଗର ଦମନ ଲାଗି ବିହନ ବୁଣିବାର ଦୁଇଦିନ ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୩ଗ୍ରାମ୍ ଥିରାମ୍ ସହ ବିଶୋଧନ କରନ୍ତୁ। ଏକର ପ୍ରତି ୮ଗାଡି ଗୋବର ଖତ ଶେଷ ଓଡ଼ ଚାଷ ସମୟରେ ଜମିରେ ପ୍ରୟୋଗ କରନ୍ତୁ। ଏକର ପ୍ରତି ଅନୁମୋଦିତ ଖାଦ୍ୟସାରକୁ (୧୨:୮:୮) ଓ ୧୦କେଜି ସଲଫର୍ ମଧ୍ୟରୁ ଅଧା ଯବକ୍ଷାରଜାନ (୬କି.ଗ୍ରା.), ସବୁତକ ଫସଫରସ(୮କି.ଗ୍ରା.), ପଟାସ(୮କି.ଗ୍ରା.) ଓ ସଲଫର (୧୦କି.ଗ୍ରା.) ବୁଣିଲାବେଳେ ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୨୫ରୁ ୩୦ସେ.ମି. ଓ ଗଛକୁ ଗଛ ୫ରୁ ୧୦ସେ.ମି. ଦୂରତାରେ ବିହନ ବୁଣନ୍ତୁ। ରାଶି ମଞ୍ଜି ଅତି ଛୋଟ ହୋଇଥିବାରୁ ବିହନ ବୁଣିବା ସମୟରେ ଏହାକୁ ଶୁଖିଲା ବାଲି,ମାଟି କିମ୍ବା କରତ ଗୁଣ୍ଡରେ ଭଲଭାବରେ ମିଶାଇ ବୁଣିଲେ, କମ୍ ବିହନ ଦରକାର ହେବା ସଙ୍ଗେ ସଙ୍ଗେ ସମାନ ଭାବରେ ଧାଡ଼ିରେ ପଡ଼େ।

## ଡାଲିଜାତୀୟ ଫସଲ ଅମଳ କରୁଥିଲେ...

ଛୁଇଁ ୮୦-୮୫ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ଲକ୍ଷ୍ୟ ରଖିବେ ଯେପରି ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଅଂଶ ରହିଥିବ। ଏହି ସମୟରେ ବିହନ କିଗ୍ରା ପ୍ରତି ୨ଗ୍ରାମ୍ ହିସାବରେ ସୋରିଷତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।



## ରଜନୀଗନ୍ଧା ଲଗାଇବା ପୂର୍ବରୁ...

ରଜନୀଗନ୍ଧା ନ ଲଗାଇ ଥିଲେ ଏବେଠାରୁ ମେ' ମାସ ପର୍ଯ୍ୟନ୍ତ ଲଗାଇପାରିବେ। ଆଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର ସିଙ୍ଗଲ୍ ଓ ସୁହାସିନି(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା ଯବକ୍ଷାରଜାନ,୮୦କିଗ୍ରା ଫସଫରସ ଓ ୮୦କିଗ୍ରା ପଟାସ ସାର)ର ସବୁତକ ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦ କନ୍ଦା ଆବଶ୍ୟକ। କନ୍ଦାଗୁଡିକ ୨.୫ସେ.ମି ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ।





## କୁକୁଡ଼ାକୁ ଘୁମା ରୋଗ ହୋଇଥିଲେ...

କୁକୁଡ଼ାର ଘୁମା ରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇ.ବି.ଡି. ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। କୁକୁଡ଼ାଙ୍କର ନାଳି ଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଏହାବ୍ୟତୀତ ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ। ଗୋରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗରୁ ରକ୍ଷା ଲାଗି ଏଫ୍.ଏମ୍.ଡି ଭେକ୍ସିନ୍ ଓ ଛେଳିମାନଙ୍କୁ ପିପିଆର ରୋଗରୁ ସୁରକ୍ଷା ଲାଗି ପିପିଆର ପ୍ରତିଷେଧକ ଟିକା ବ୍ୟବସ୍ଥା ଯଥାଶୀଘ୍ର ଗ୍ରହଣ କରନ୍ତୁ।

## 'ଡ୍ୟାନ୍ସ ଦିୱାନେ ୩'ର ଶୁଟିଂ ବାତିଲ

ଟେଲିଭିଜନ ରିଆଲିଟି ଶୋ' 'ଡ୍ୟାନ୍ସ ଦିୱାନେ-୩' ସେଟ୍‌ର ୧୮ ସଦସ୍ୟ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାପରେ ଶୋ' ସହ ଜଡ଼ିତ ଅନ୍ୟମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। 'ଡ୍ୟାନ୍ସ ଦିୱାନେ-୩'ର ବିଚାରପତି ଆସନରେ ଅଛନ୍ତି ଏଭରଗ୍ରୀନ ମାଧୁରୀ ଦିକ୍ଷିତ, ତୁଷାର କାଲିଆ ଏବଂ ଧର୍ମେଶ। ଏହାକୁ ରାଘବ ଜୁୟଲ ହୋଷ୍ଟ କରୁଛନ୍ତି। ଶୋ' ବନ୍ଦ ହୋଇଯିବା ଆଶଙ୍କାରେ ନିର୍ମାତାମାନେ ଏବେ ଶୁଟିଂ ବାତିଲ କରିବା ସହ ତୁରନ୍ତ ବିକଳ୍ପ ଚୟନରେ ବ୍ୟସ୍ତ ଥିବା କୁହାଯାଉଛି। ପୂର୍ବରୁ 'ତାରକ ମେହତା କା ଉଲଟା ଚଷମା, ଅନୁପମା, ଭାବିଜୀ ଘର ପର ହୈ, ଗୁମ ହେ କିସି କେ ପ୍ୟାର ମେଁ' ସେଟ୍‌ରେ କରୋନା ସଂକ୍ରମିତ ଚିହ୍ନଟ ହୋଇସାରିଛନ୍ତି।



# ଭାଇରସ୍ ଲାଇବ୍ରେରି

ଲାଇବ୍ରେରି ଏହି ଶବ୍ଦ ଉଚ୍ଚାରଣା ହେବା ମାତ୍ରକେ ମନରେ ଆପଣାଛାଏଁ ପ୍ରତିବିମ୍ବିତ ହୁଏ ଗଦା ଗଦା ବହିର ପ୍ରତିଛବି। ଏକ ବିରାଟ ହଲ୍ ଆଉ ନିଃଶବ୍ଦରେ ପୁସ୍ତକ ଭିତରେ ମଜ୍ଜିଯାଇଥିବା ଅନେକ ମୁହାଁ ହେଲେ ବ୍ରିଟେନରେ ଥିବା ୧୦୫ ବର୍ଷ ପୁରୁଣା ଏକ ଲାଇବ୍ରେରି ଅନ୍ୟ ଗ୍ରନ୍ଥାଗାରଠାରୁ ଭିନ୍ନ। କାରଣ ଏହି ଲାଇବ୍ରେରି ବହି ପାଇଁ ନୁହେଁ, ବରଂ ଭାଇରସ୍ ପାଇଁ ପରିଚିତ। ପୃଥିବୀର ସବୁଠାରୁ ବିପଜ୍ଜନକ ଭାଇରସ୍, ଜୀବାଣୁ, ବ୍ୟାକ୍ଟେରିଆ ସଂଗ୍ରହାଳୟ ଭାବେ ପରିଚିତ ଏହି ଲାଇବ୍ରେରି ହେଉଛି 'ନ୍ୟାଶନାଲ କଲେକ୍ସନ ଫର୍ ଟାଇପ୍ କଲଚର'।



**ଲଣ୍ଡନ:** ୧୯୧୫ ମସିହାରେ ଫ୍ରାନ୍ସରେ ଅନୁଭୂତ ହେଉଥାଏ ପ୍ରଚଣ୍ଡ ଶୀତ। ଏହି ସମୟରେ ସେଠାକାର ଏକ ହସ୍ପିଟାଲରୁ ଏକ ଟେଲିଗ୍ରାମ ଆସିଲା। ଏଥିରେ ଉଲ୍ଲେଖ ଥିଲା, କୌଣସି କାରଣରୁ ବ୍ରିଟିଶ ସୈନିକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ସେତେବେଳକୁ ଆରମ୍ଭ ହୋଇସାରିଥିଲା ପ୍ରଥମ ବିଶ୍ୱଯୁଦ୍ଧ। ବିକଳ୍ପ ନ ଥିବାରୁ ସୈନିକମାନେ ରୋଗଣା ଅବସ୍ଥାରେ ଲଢ଼ିବାକୁ ବାଧ୍ୟ ହେଉଥାନ୍ତି। ତେବେ ବିଶେଷଜ୍ଞ ଦଳର ଯାଞ୍ଚରୁ ଏଭଳି ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ପଛରେ ଏକ ପ୍ରକାର ମାରାତ୍ମକ ବ୍ୟାକ୍ଟେରିଆ ରହିଥିବା ସ୍ପଷ୍ଟ ହୋଇଥିଲା। ଉକ୍ତ ବ୍ୟାକ୍ଟେରିଆର ନାମ ଦିଆଯାଇଥିବା ସିଗେଲା ଫ୍ଲେକ୍ସେନାରି। ସେନାର ଅଫିସର ଏବଂ ବ୍ୟାକ୍ଟେରିଆ ବିଶେଷଜ୍ଞ ଲ୍ୟୁନ୍‌ନାର୍ଡ ୱିଲିୟମ ବ୍ରଗ୍‌ଟନ୍ ଆଲ୍‌କକ୍ ଏହି ବ୍ୟାକ୍ଟେରିଆକୁ ଚିହ୍ନଟ କରିଥିଲେ। ଏହାକୁ ସ୍ୱତନ୍ତ୍ର ପଦ୍ଧତିରେ ଏକ କାଚ ଜାରରେ ସଂରକ୍ଷିତ କରି ସିଲ୍ କରି ଦିଆଯାଇଥିଲା। 'ନ୍ୟାଶନାଲ କଲେକ୍ସନ ଫର୍ ଟାଇପ୍ କଲଚର'ର ଏହା ଥିଲା ପ୍ରଥମ ନମୁନା। ପୃଥିବୀର ବିଭିନ୍ନ ସ୍ଥାନରୁ ଠାବ କରାଯାଇଥିବା ୬୦୦୦ରୁ ଊର୍ଦ୍ଧ୍ୱ ବ୍ୟାକ୍ଟେରିଆ ସାମ୍ପଲକୁ ଏଠାରେ ସଂରକ୍ଷିତ କରି ରଖାଯାଇଛି।

'ନ୍ୟାଶନାଲ କଲେକ୍ସନ୍ ଫର୍ ଟାଇପ୍ କଲଚର'ରେ ସଂରକ୍ଷିତ ବ୍ୟାକ୍ଟେରିଆ ଏତେ ଘାତକ ଯେ, ଏମାନଙ୍କ ସଂସ୍ପର୍ଶରେ ଆସିଲେ ଜଣେ ସୁସ୍ଥସବଳ ମଣିଷ ମାତ୍ର କେଇ ସେକେଣ୍ଡ ଭିତରେ ମୃତ୍ୟୁ ମୁଖକୁ ଟାଣିହୋଇଯାଏ। ଲାଇବ୍ରେରିରେ ୬୦୦୦ରୁ ଊର୍ଦ୍ଧ୍ୱ ପ୍ରଜାତିର ବ୍ୟାକ୍ଟେରିଆ ରହିଥିବାବେଳେ ସେମାନଙ୍କ ଏକାଧିକ ଜେନେଟିକ୍ କଲଚର କରାଯାଇଛି। ଯଦିଓ ଏଠାରେ ଜୀବାଣୁ, ଭୂତାଣୁ, କବକ ପ୍ରଜାତିର ଅନେକ ସାମ୍ପଲ ରଖାଯାଇଛି, ତଥାପି ବ୍ୟାକ୍ଟେରିଆ ଉପରେ ଅଧିକ ଗବେଷଣା କରାଯାଉଛି। ପୃଥିବୀର ପ୍ରତିବର୍ଷ ଯେତେ ଲୋକଙ୍କ ଜୀବନ ଭୂତାଣୁ ସଂକ୍ରମଣରେ ଯାଉଛି, ତା'ଠାରୁ ଅଧିକ ମରୁଛନ୍ତି ବ୍ୟାକ୍ଟେରିଆ କାରଣରୁ। ବ୍ୟାକ୍ଟେରିଆ ସଂକ୍ରମଣ ରୋକିବାକୁ ଅନେକ ପ୍ରତିଷେଧକ ଦିଆଯାଏ। ତେବେ ଧୀରେ ଧୀରେ ବ୍ୟାକ୍ଟେରିଆ ଏହାର ସହନଶକ୍ତି ହାସଲ କରିଥାଏ। ଫଳରେ ପ୍ରତିଷେଧକ ନିଷ୍କ୍ରିୟ ହୋଇଯାଏ। ତେଣୁ ବ୍ୟାକ୍ଟେରିଆଙ୍କୁ ଚିହ୍ନଟ କରିବା, ସେମାନଙ୍କ ବିଷୟରେ ଜ୍ଞାନ ଆହରଣ କରିବା, ନୂତନ ପ୍ରତିଷେଧକ ଲାଗି ଗବେଷଣା କରିବାକୁ ଏହି ଲାଇବ୍ରେରି ସ୍ଥାପନ କରାଯାଇଛି।

## ଅକ୍ଷୟଙ୍କ ଖୁସି କହିଲେ ନ ସରେ



**ମୁମ୍ବାଇ:** ବଲିଉଡ ଅଭିନେତା ଅକ୍ଷୟ କୁମାର ନିଜ ଆଗାମୀ ଚଳଚ୍ଚିତ୍ର 'ରାମ ସେତୁ'ର ଶୁଟିଂ ଆରମ୍ଭ କରିଛନ୍ତି। ନିକଟରେ ଅକ୍ଷୟ ଫିଲ୍ମର ମୁଖ୍ୟ ଅଭିନେତ୍ରୀ ଜାକଲିନ ଫର୍ନାଣ୍ଡିଜ ଏବଂ ନୁଶରତ ଭରୁଚାଙ୍କ ସହ ପହଞ୍ଚିଥିଲେ। ରାମଲାଲାଙ୍କ ଆଶୀର୍ବାଦ ନେବା ପରେ ଏହି ଫିଲ୍ମ ଶୁଟିଂ ଆରମ୍ଭ ହୋଇଛି। ଏନେଇ ବେଶ ଖୁସି ନଜର ଆସିଛନ୍ତି ଅକ୍ଷୟ। ସେ ତାଙ୍କ ଲୁକ୍‌ର ଏକ ଫଟୋ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଫଟୋ ଅକ୍ଷୟ ଲମ୍ବା କେଶ ସହିତ ଏକ ଭିନ୍ନ ଅବତାରରେ ନଜର ଆସୁଛନ୍ତି। ଫଟୋ ଶେୟାର କରି ଅକ୍ଷୟ କହିଛନ୍ତି, ମୋ ପାଇଁ ଏକ ସ୍ୱତନ୍ତ୍ର ଫିଲ୍ମ ନିର୍ମାଣ କରିବାର ଯାତ୍ରା ଆଜିଠାରୁ ଆରମ୍ଭ ହେଉଛି। ରାମ ସେତୁ ଶୁଟିଂ ଆରମ୍ଭ ହୋଇଛି। ମୁଁ ଏହି ଚଳଚ୍ଚିତ୍ରରେ ଜଣେ ପ୍ରତ୍ନତତ୍ତ୍ୱବିତ୍ ଭୂମିକାରେ ଅଭିନୟ କରୁଛି। ଲୁକ ଉପରେ ଆପଣଙ୍କର ରାୟ ଶୁଣିବାକୁ ପସନ୍ଦ କରିବି। ଅକ୍ଷୟ କୁମାରଙ୍କ ଏହି ଲୁକକୁ ତାଙ୍କ ପ୍ରଶଂସକମାନେ ବହୁତ ପସନ୍ଦ କରୁଛନ୍ତି।

# ମଣିଷ ଦେହରେ ସାପ ବିଷ



**ନୂଆଦିଲ୍ଲୀ:** ମଣିଷ ଶରୀରରେ ବି ରହିଛି ସାପ ବିଷ। ତେଣୁ ମଣିଷ ବି ସାପ ବିଷ ସୃଷ୍ଟି କରିପାରିବ। ମଣିଷ ଦେହରେ ଏଭଳି ଏକ ଟୁଲ କିଟ୍ ରହିଛି ଯାହାର ସାହାଯ୍ୟରେ ସେ ସାପ ବିଷ ସୃଷ୍ଟି କରିପାରିବ ବୋଲି କହିଛନ୍ତି ଜାପାନର ବୈଜ୍ଞାନିକମାନେ। ଏହି ବୈଜ୍ଞାନିକଙ୍କ ତଥ୍ୟ ଅନୁସାରେ କେବଳ ମଣିଷ ନୁହେଁ ଆହୁରୀ ଅନେକ ସ୍ତନ୍ୟପାୟୀ ପ୍ରାଣୀ ମଧ୍ୟ ବିଷ ସୃଷ୍ଟି କରିପାରିବେ। ଜାପାନର ଓକିନାବା ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିରେ ହୋଇଥିବା ଏକ ରିସର୍ଚ୍ଚ ଅନୁସାରେ ଜିନ୍ ଅନୁସାରେ ଥିବା ମଣିଷର ବିଷ ଗ୍ରନ୍ଥିକୁ ବିକଶିତ କରିଦେଲେ ସେ ମଧ୍ୟ ବିଷ ସୃଷ୍ଟି କରିପାରିବ। ଏହି ରିସର୍ଚ୍ଚ ଅନୁସାରେ ସ୍ଲୋ ଲୋରିସ୍ ପ୍ରାଇମେଟ୍‌ସ ଅର୍ଥାତ ମାଙ୍କଡ ହେଉଛନ୍ତି ଏକମାତ୍ର ଶ୍ରେଣୀର ଜୀବ ଯେଉଁମାନଙ୍କର ମୁହଁରେ ବିଷ ଗ୍ରନ୍ଥି ରହିଛି। ଅଷ୍ଟ୍ରେଲିୟାର କ୍ୱିସଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ବାୟୋକେମିଷ୍ଟ ଏବଂ ବିଷ ବିଶେଷଜ୍ଞଙ୍କ କହିବା ଅନୁସାରେ ଏହି ରିସର୍ଚ୍ଚ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ। ତେବେ କିଛି ବିଶେଷଜ୍ଞଙ୍କ କହିବା ଅନୁସାରେ ବିଭିନ୍ନ ପ୍ରକାରର ଜୀବଙ୍କ ଠାରୁ ମିଳୁଥିବା ବିଷରେ ବିଷାକ୍ତ ପଦାର୍ଥ ପ୍ରାୟତଃ ଏକପ୍ରକାରର ହୋଇଥାଏ। ଏହି ପ୍ରକାରର ରିସର୍ଚ୍ଚ କରୁଥିବା ଅନ୍ୟ କେତେକ ବୈଜ୍ଞାନିକଙ୍କ ଅନୁସାରେ ମଣିଷ ଭଳି ବିଭିନ୍ନ ଜୀବଙ୍କ ଠାରେ ହାଉସକିପିଂ ଜିନ୍ସ ରହିଥାଏ, ଯାହା ଶରୀର ମଧ୍ୟରେ ବିଷାକ୍ତ ପଦାର୍ଥ ସୃଷ୍ଟି କରିଥାଏ, କିନ୍ତୁ ତାହା ବିଷ ହୋଇ ନ ଥାଏ। ବୈଜ୍ଞାନିକମାନଙ୍କ ଟିମ୍ ପରୀକ୍ଷା କରି ପାଇଛନ୍ତି କି ଏଭଳି ଅନେକ ଜୀବ ଅଛନ୍ତି ଯେଉଁମାନଙ୍କ ଶରୀରରେ ରହିଥିବା ଅନେକଗୁଡିଏ ଟିସୁ ମାଧ୍ୟମରେ ବିଷ ସୃଷ୍ଟି ହୋଇଥାଏ। ଏଥିମଧ୍ୟରେ କିଛି ଏପରି ଜିନ୍ ରହିଛି ଯାହା ଫୋଲଣ୍ଡିଂ ପ୍ରୋଟିନ ତିଆରି କରିପାରନ୍ତି। ଫୋଲଣ୍ଡିଂ ପ୍ରୋଟିନ ମାଧ୍ୟମରେ ହିଁ ପ୍ରଚୁର ପରିମାଣରେ ବିଷାକ୍ତ ରସାୟନ ସୃଷ୍ଟି ହୋଇଥାଏ।

# ୩୦ ବର୍ଷ ପରେ ଖୋଲିଲା ପାଟି

**ନୂଆଦିଲ୍ଲୀ:** ଦୁଇ ଓଠ ସିନା ଖୋଲୁଥିଲା କିନ୍ତୁ ପାଟି ଖୋଲି ଆଁ କରି ପାରୁ ନ ଥିଲେ। ୩୦ ବର୍ଷ ପରେ ଏବେ ସେ ପାଟି ଖୋଲିବାର ସୁଯୋଗ ପାଇଛନ୍ତି। ଚିକିତ୍ସା ବିଜ୍ଞାନର ବିରଳ ଅସ୍ତ୍ରୋପଚାର ଫଳରେ ଏବେ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି ଦିଲ୍ଲୀର ଆସ୍ଥା ମୋଙ୍ଗିୟା। ଦିଲ୍ଲୀର ଗଙ୍ଗାରାମ ହସପିଟାଲରେ ଡାକ୍ତରମାନେ ଏକ ବିରଳ ଅପରେସନ କରି ଜଣେ ମହିଳାଙ୍କର ବନ୍ଦ ପାଟିକୁ ଖୋଲି ପାରିଛନ୍ତି। ୩୦ ବର୍ଷୀୟା ଆସ୍ଥା ମୋଙ୍ଗିୟା ଦିଲ୍ଲୀର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ସିନିୟର ମ୍ୟାନେଜରଭାବେ କାମ କରନ୍ତି। ଜନ୍ମରୁ ତାଙ୍କର ପାଟିର ହାଡ ମୁଣ୍ଡ ସହିତ ଏଭଳି ଯୋଡି ହୋଇ ରହିଥିଲା ଯେ ସେ ଆଦୌ ପାଟି ଖୋଲି ପାରୁ ନ ଥିଲେ। ଏମିତିକି ଗୋଟିଏ ଆଙ୍ଗୁଳିରେ ନିଜ ଜିଭକୁ ବି ଛୁଇଁ ପାରୁ ନ ଥିଲେ। ଏହି କାରଣରୁ ସେ ଜନ୍ମରୁ କେବଳ ତରଳ ପଦାର୍ଥ ଖାଇ ବଞ୍ଚିଥିଲେ। ଅନ୍ୟ କିଛି ଖାଇବା ତ ଦୂରର କଥା ଭଲଭାବେ କଥା ବି କହି ପାରୁ ନ ଥିଲେ। ଏତେ ବର୍ଷ ଧରି ମୁହଁ ଖୋଲୁ ନ ଥିବାରୁ ଦାନ୍ତରେ ଇନ୍‌ଫେକସନ୍ ହୋଇ ଅନେକ ଦାନ୍ତ ନଷ୍ଟ ବି ହୋଇ ଯାଇଥିଲା। କିନ୍ତୁ ଏବେ ଡାକ୍ତରମାନେ ତାଙ୍କର ଅପରେଶନ କରିବା ପରେ ସେ ପାଟି ଖୋଲିବା ପାଇଁ ସକ୍ଷମ ହୋଇଛନ୍ତି। ଆସ୍ଥାଙ୍କର ପାଟି ବନ୍ଦ ଥିବାରୁ ତାଙ୍କ ମୁହଁ ଟ୍ୟୁମର ଭଳି ରକ୍ତ ଜମାଟ ବାନ୍ଧି ହୋଇ ଯାଇଥିଲା। ଏଥିପାଇଁ କୌଣସି ହସପିଟାଲ ତାଙ୍କର ଅପରେସନ କରିବାକୁ ରାଜି ହେଉ ନ ଥିଲେ। ଏମିତିକି ତାଙ୍କ ପରିବାର ଲୋକେ ୟୁକେ, ଦୁବାଇ ଆଦି ବିଭିନ୍ନ ସ୍ଥାନରେ ଡାକ୍ତରଙ୍କୁ ଦେଖାଇ ନିରାଶ ହୋଇଥିଲେ। ଶେଷରେ ଗଙ୍ଗା ରାମ ହସ୍‌ପିଟାଲରେ ଡାକ୍ତର ରାଜୀବ ଆହୁଜା ଏହି ଅପରେସନ ନିମନ୍ତେ ରାଜି ହୋଇଥିଲେ। କିନ୍ତୁ ଅପରେସନ ଅତ୍ୟନ୍ତ ବିପଦସଙ୍କୁଳ ଥିଲା ବୋଲି ଚେତାବନୀ ଦେଇଥିଲେ। ଅସ୍ତ୍ରୋପଚାର ପରେ ତାଙ୍କ ପାଟି ୩ ସେଣ୍ଟିମିଟର ପର୍ଯ୍ୟନ୍ତ ଖୋଲିପାରୁଛି।

# ସ୍କୁଟିରେ ମିନି ସ୍କୁଲ




**ସାଗର:** କରୋନା ସଂକ୍ରମଣ ଯୋଗୁ ଦେଶର ବହୁ ଅଞ୍ଚଳରେ ସ୍କୁଲ କଲେଜ ବନ୍ଦ ରହିଛି। ଏପରିସ୍ଥଳେ ମଧ୍ୟପ୍ରଦେଶ ସାଗର ଜିଲାରେ ସ୍କୁଲ ଶିକ୍ଷୟତ୍ରୀ ଚନ୍ଦ୍ରା ଶ୍ରୀବାସ୍ତବ ନିଜ ସ୍କୁଟିକୁ ମୋବାଇଲ୍ ଲାଇବ୍ରେରି ସହିତ ମିନି ସ୍କୁଲରେ ପରିଣତ କରିଛନ୍ତି। ଜିଲାର ଗ୍ରାମୀଣ ଅଞ୍ଚଳରେ ଗାଁ ଗାଁ ବୁଲି ସେ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ସହିତ ଆବଶ୍ୟକ ବହି ମଧ୍ୟ ଯୋଗାଇ ଦେଉଛନ୍ତି। ଗ୍ରାମୀଣ ଅଞ୍ଚଳରେ ଗରିବ ପିଲାଙ୍କ ପାଖରେ ଅନଲାଇନରେ ପାଠ ପଢ଼ିବା ପାଇଁ ମୋବାଇଲ ନାହିଁ। ତେଣୁ ଚନ୍ଦ୍ରା ଏଭଳି ଅଭିଯାନ ଆରମ୍ଭ କରିଛନ୍ତି। ଚନ୍ଦ୍ରାଙ୍କ ଏହି ପ୍ରୟାସ ଏବେ ସୋସିଆଲ୍ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।


## ମନେ ପଡ଼ନ୍ତି

11th day: 31stMarch 2021



√Mr. Amarendra Patnaik
DOB: 22. 01.1945
Day of Demise: 21 March 2021

With a strong and charismatic personality and having served our nation from the India Airforce, it's hard to believe that you left us behind with your blessing and thoughts. We remember how you could easily light up everyone's soul so beautifully. May your soul rest in peace forever.

Today we have nothing but the memories with us.

will miss you Papa forever. Love you
Dr. Shelly Patnaik, Sonali Pattnaik

ଧ-୨୦୩୭୦


# ଘୋଡ଼ା-କୁକୁରଙ୍କୁ ମିଳିବ ପେନ୍‌ସନ

**ୱାର୍‌ସ:** ଚାକିରିରୁ ଅବସର ଗ୍ରହଣ ପରେ ମଣିଷଙ୍କୁ ପେନ୍‌ସନ ମିଳିବା ଶୁଣାଯାଇଥାଏ। ତେବେ ଏବେ ସରକାରୀ ଚାକିରି କରିଥିବା ଘୋଡ଼ା ଏବଂ କୁକୁରଙ୍କୁ ଅବସର ପରେ ପେନ୍‌ସନ୍ ମିଳିବ। ପୋଲାଣ୍ଡ ସରକାରଙ୍କ ପକ୍ଷରୁ ଏଭଳି ଘୋଷଣା କରାଯାଇଛି। ଏହାଦ୍ୱାରା ସରକାରୀ କାର୍ଯ୍ୟରେ ନିୟୋଜିତ ଥିବା ଘୋଡ଼ା ଏବଂ କୁକୁରଙ୍କ ଅବସର ପରବର୍ତ୍ତୀ ଜୀବନରେ ସମସ୍ୟା ଦେଖା ଯିବନି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ପୂର୍ବରୁ ଚାକିରିକୁ ଅବସର ନେବା ପରେ ଏସବୁ ପ୍ରାଣୀଙ୍କୁ ସରକାରୀ ସୁବିଧା ସୁଯୋଗ ମିଳିବା ବନ୍ଦ ହୋଇ ଯାଉଥିଲା। ସେମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁଥିବା ଲୋକଙ୍କୁ ଘୋଡ଼ା ଏବଂ କୁକୁର ପ୍ରଦାନ କରାଯାଉଥିଲା। ତେବେ ସୈନ୍ୟ ବାହିନୀ ଏବଂ ପୋଲିସ ବିଭାଗରେ ସରକାରୀ ଚାକିରିରେ ନିଜ ଜୀବନର ଗୁରୁତ୍ୱପୂର୍ଣ୍ଣ ସମୟ ବିତାଇଥିବା ଏଭଳି ପ୍ରାଣୀଙ୍କ ପାଇଁ ପେନସନ୍ ବ୍ୟବସ୍ଥା ଲାଗି ଏକ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଏବେ ଏହାକୁ ସରକାରୀ ମଞ୍ଜୁରୀ ମିଳିଛି।

# କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ, ଝାରସୁଗୁଡା, ବରଗଡ଼, ସମ୍ବଲପୁର,ଦେଓଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ସୋନପୁର, ବୌଦ୍ଧ, ନୟାଗଡ଼, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, ବାଲେଶ୍ୱର ଆଦି ଜିଲାର କେତେକ ସ୍ଥାନରେ ଅଧିକ ଗରମ ଅନୁଭୂତ ହୋଇପାରେ। ପ୍ରାୟ ସମସ୍ତ ସ୍ଥାନରେ ପାଗ ଶୁଖିଲା ରହିବ। ଦିନର ସର୍ବାଧିକ ତାପମାତ୍ରା ୨ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇପାରେ ବୋଲି ପୂର୍ବାନୁମାନ କରାଯାଇଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ନିର୍ମଳ ରହିବ। ବୁଧବାର ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୪୧.୪ | ୨୫.୧ |
| ଚାନ୍ଦବାଲି | ୩୯.୨ | ୨୪.୨ |
| କଟକ | ୪୦.୫ | ୨୪.୫ |
| ପାରାଦୀପ | ୩୧.୬ | ୨୭.୭ |
| ଭୁବନେଶ୍ୱର | ୩୯.୮ | ୨୫.୫ |
| ଗୋପାଳପୁର | ୩୨.୦ | ୨୫.୩ |
| ପୁରୀ | ୩୩.୦ | ୨୭.୬ |
| ଅନୁଗୋଳ | ୪୧.୯ | ୨୨.୦ |
| ବାରିପଦା | ୪୪.୬ | ୨୪.୦ |
| ଝାରସୁଗୁଡ଼ା | ୪୨.୨ | ୨୦.୮ |
| କେନ୍ଦୁଝର | ୩୯.୦ | ୨୨.୨ |
| ସମ୍ବଲପୁର | ୪୧.୩ | ୨୨.୦ |
| ସୁନ୍ଦରଗଡ଼ | ୪୧.୦ | ୨୦.୫ |
| ହୀରାକୁଦ | ୪୧.୪ | ୨୦.୯ |
| ତାଳଚେର | ୪୨.୭ | ୨୩.୧ |
| ଭବାନୀପାଟଣା | ୪୧.୦ | ୨୩.୦ |
| ବଲାଙ୍ଗୀର | ୪୨.୨ | ୨୨.୭ |
| କୋରାପୁଟ | ୩୬.୦ | ୨୦.୦ |
| ଫୁଲବାଣୀ | --- | ୧୭.୦ |
| ଟିଟିଲାଗଡ଼ | ୪୨.୦ | ୨୫.୮ |
| ମାଲକାନଗିରି | ୪୧.୦ | ୨୪.୫ |
| ସୋନପୁର | ୪୧.୮ | ୨୧.୪ |
| ଦାରିଙ୍ଗିବାଡ଼ି | ୩୬.୦ | ୨୧.୦ |
| ନୟାଗଡ଼ | ୪୧.୭ | ୨୪.୦ |
| ବୌଦ୍ଧ | ୪୨.୫ | ୨୦.୦ |
| ଛତ୍ରପୁର | ୩୫.୦ | ୨୪.୦ |
| ପାରଳାଖେମୁଣ୍ଡି | ୩୪.୫ | ୨୨.୫ |
| ରାୟଗଡ଼ା | ୩୭.୪ | ୨୦.୨ |

ଡିଗ୍ରୀ ସେଲ୍‌ସିୟସ୍

## ବିବାହ ପରେ କାର ଚଳାଇ ଶାଶୁ ଘରେ ପହଞ୍ଚିଲେ କନ୍ୟା



ବିବାହ ପରେ ବିଦାୟ ସମୟର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି। ବିଦାୟ ସମୟରେ କନ୍ୟା କାରର ଡ୍ରାଇଭିଂ ସିଟରେ ବସିଥିବାର ଦେଖିବାକୁ ମିଳୁଛି। ବିବାହ ପରେ ବିଦାୟ ସମୟ ଆସୁଛି। ବର ଏବଂ କନ୍ୟା ବାହାରକୁ ଆସି କାରରେ ବସୁଛନ୍ତି। ଏହି ସମୟରେ କନ୍ୟା ଡ୍ରାଇଭିଂ ସିଟ୍‌ରେ ସିପଡୁଛନ୍ତି। ସେ ନିଜେ କାର ଚଲାଇ ଶାଶୁଘରକୁ ଯିବାକୁ ସ୍ଥିର କରୁଛନ୍ତି। ଏହି ସମୟରେ ଲୋକମାନେ କନ୍ୟାକୁ ଡ୍ରାଇଭିଂ ସିଟ୍‌ରେ ବସାଇବାକୁ ସାହାଯ୍ୟ କରୁଛନ୍ତି। କାରଣ ସେ ବହୁତ ଓଜନର ଲେହେଙ୍ଗା ପିନ୍ଧିଥିଲେ। ଏହି ସମୟରେ ପଛରୁ ଶୁଣିବାକୁ ମିଳୁଛି, ସିଟ୍ ଉପରକୁ କରିଦିଅ। ଏହାଶୁଣି ବର କହୁଛନ୍ତି, ବାପା ସେ ଭଲରେ କାର ଚଲାଇପାରିବେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

SMS JOB
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ଛତୁ ବହି
"ମୋ ଛତୁ ଚାଷ"
ପାଳଛତୁ ଏବଂ ଧିଙ୍ଗିରି ଛତୁ ଚାଷର ସମ୍ପୂର୍ଣ୍ଣ ପ୍ରଣାଳୀ, ରୋଗ ଲକ୍ଷଣ ଓ ତାର ସମାଧାନ, ପ୍ରଶ୍ନୋତ୍ତର ଏବଂ ମଞ୍ଜି ତିଆରିର ସମ୍ପୂର୍ଣ୍ଣ ତଥ୍ୟ ଏହି ବହିରେ ଦିଆଯାଇଅଛି।
Book Cost only Rs 300/-
7477040026
Contact / WhatsApp : 8249069673
Author : Mr. Sisir Kumar Singh
For FOGGER SYSTEM & HUMIDIFIER please contact with above number
Also available at AMAZON, type Mo Chhatu Chasa

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସୈଁପଉଁ, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

SRIRAM FINANCE
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍ ପ୍ରପର୍ଟି, ପର୍ସନାଲ,ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 2% ସୁଧ ଓ 20% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
8428798965

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶାର୍ଦ୍ଦୁଳ, ସୁନ୍ଦର, ସୂର୍ଯ୍ୟକୁମାର, କିଷନ ନୂଆ ଆବିଷ୍କାର

ନୂଆଦିଲ୍ଲୀ,୩୦।୩(ପି.ଟି.)

ଭାରତୀୟ କ୍ରିକେଟ ଏବେ ଭଲ ସ୍ଥିତି ଦେଇ ଗତିକରୁଛି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଭଳି କ୍ୱାଲିଟି ଦଳ ବିପକ୍ଷରେ ଭାରତ ଗତ କେତେମାସ ମଧ୍ୟରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରିଛି। ବିଶ୍ୱ ଚାମ୍ପିୟନ ଇଂଲଣ୍ଡକୁ ଭାରତ ଘରୋଇ ପରିବେଶରେ ଟେଷ୍ଟ, ଟି୨୦ ଓ ଦିନିକିଆ ସିରିଜରେ ପରାସ୍ତ କରି ଏକ ବିରଳ ସଫଳତା ହାସଲ କରିଛି। ଅବଶ୍ୟ ପୂର୍ବରୁ ମଧ୍ୟ ଭାରତ ଇଂଲଣ୍ଡକୁ ହରାଇବାର ଏକାଧିକ ଉଦାହରଣ ରହିଛି। କିନ୍ତୁ ଅଧିନାୟକ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତୀୟ ଦଳରେ ଏକାଧିକ ଆକ୍ରମଣାତ୍ମକ ଖେଳାଳିଙ୍କ ଆବିର୍ଭାବ ହୋଇଛି। ଏହା ଭାରତୀୟ କ୍ରିକେଟର ଉଜ୍ଜ୍ୱଳ ଭବିଷ୍ୟତକୁ ସୂଚାଉଛି।

ଏମାନଙ୍କ ମଧ୍ୟରେ ସବୁଠାରୁ ଆଗରେ ରହିଛନ୍ତି ମୁମ୍ବାଇର ଶାର୍ଦ୍ଦୁଳ ଠାକୁର। ଆଗାମୀ ଦିନରେ ସେ ଜଣେ କ୍ୱାଲିଟି ଅଲରାଉଣ୍ଡର ଭାବେ ଭାରତର ଆବଶ୍ୟକତା ପୂରଣ କରିବେ। ବିଦେଶରେ ତାଙ୍କ ଭଳି ଜଣେ ଅଲରାଉଣ୍ଡର ଭାରତ ପାଇଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି। ଜଣେ କ୍ୱାଲିଟି ପେସ୍ ବୋଲର ଭାବେ ସେ ନିଜର ପ୍ରତିଭା ପ୍ରମାଣ କରିଛନ୍ତି। ତାଙ୍କ ପାଖରେ ବ୍ୟାଟିଂର ଉତ୍କୃଷ୍ଟ ଟେକ୍ନିକ ମଧ୍ୟ ରହିଛି। ସିମ୍ ବୋଲିଂ ଅଲରାଉଣ୍ଡର ଭାବେ ଶାର୍ଦ୍ଦୁଳ ଇଶାନ୍ତ ଶର୍ମା, ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମି ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହିତ ଭାରତ ପାଇଁ ବିକଳ୍ପ ସୃଷ୍ଟି କରିଛନ୍ତି।

ସବୁ ଫର୍ମାଟ୍‌ରେ ଶାର୍ଦ୍ଦୁଳ ସିମ୍ ବୋଲିଂ ଅଲରାଉଣ୍ଡର ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ୱାଶିଂଟନ ସୁନ୍ଦର ମଧ୍ୟ ଜଣେ ସ୍ପେଶାଲିଷ୍ଟ ବ୍ୟାଟ୍ସମ୍ୟାନ ଭାବେ ଭଲ ଅଫ୍‌ସ୍ପିନ ବୋଲିଂ କରିବାର କ୍ଷମତା ରଖୁଛନ୍ତି। ଦିନିକିଆରେ ମୁମ୍ବାଇର ସୂର୍ଯ୍ୟକୁମାର ଯାଦବ କେବେ ଡେବ୍ୟୁ କରିବେ ସେ ନେଇ କ୍ରିକେଟପ୍ରେମୀ ଅପେକ୍ଷା କରିଛନ୍ତି।

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ପରାଜୟରୁ ଅଭିଯାନ ଆରମ୍ଭ କରିଥିଲେ ମଧ୍ୟ ଭାରତ ୩-୧ରେ ସିରିଜ ବିଜୟୀ ହୋଇ ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ସ୍ଥାନ ହାସଲ କରିଥିଲା। ଦୁଇ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ଅକ୍ଷର ପଟେଲ ଟେଷ୍ଟ ସିରିଜ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆଗାମୀ ଇଂଲଣ୍ଡ ଗସ୍ତରେ ଭାରତ ୱାର୍ଲ୍ଡ ଟେଷ୍ଟ ସିରିଜ ଫାଇନାଲ ସହିତ ମୋଟ ୬ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଇଂଲଣ୍ଡ ବିପକ୍ଷରେ ଭାରତ କେବଳ ୫ଟି ଟେଷ୍ଟ ଖେଳିବ। ତେଣୁ ଇଂଲଣ୍ଡ ଗସ୍ତ ପାଇଁ ଏକ କୋର ଗ୍ରୁପ୍ ଖେଳାଳି ସୃଷ୍ଟି କରିବା ମଧ୍ୟ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟର ଲକ୍ଷ୍ୟ ଥିଲା। ପୁଣି ଅକ୍ଟୋବରରେ ଭାରତରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ ପାଇଁ ଭାରତ ପ୍ରସ୍ତୁତି କରିବାର ଆବଶ୍ୟକତା ରହିଛି। ଗତ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜରେ ମଧ୍ୟ ଭାରତ ଏ ଦୃଷ୍ଟିକୋଣରୁ ସଫଳ ରହିଛି। ସେହିପରି ଦିନିକିଆ ସିରିଜରେ ବିକଳ୍ପ ଖେଳାଳି ସୃଷ୍ଟି କରିବା ଉପରେ ମଧ୍ୟ ଲକ୍ଷ୍ୟ ରଖାଯାଇଥିଲା।

ଏବେକାର ଭାରତୀୟ ଦଳକୁ ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର ଇଆନ ଚାପେଲ ୭୦ ଦଶକର ୱେଷ୍ଟଇଣ୍ଡିଜ ଓ ୯୦ ଦଶକର ଅଷ୍ଟ୍ରେଲିଆ ଦଳ ସହିତ ତୁଳନା କରିଛନ୍ତି। ଭାରତର ବେଞ୍ଚ୍ ଷ୍ଟ୍ରେନ୍ଥ ଜବରଦସ୍ତ ରହିଛି ବୋଲି ଗତ କେତୋଟି ସିରିଜରୁ ପ୍ରମାଣିତ ହୋଇଛି। ଅଭିଜ୍ଞ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଅନୁପସ୍ଥିତିରେ ଅକ୍ଷର ପଟେଲ ନିଜ ପ୍ରତିଭା ପ୍ରମାଣ କରିବାର ସୁଯୋଗ ପାଇଛନ୍ତି। ୩ଟି ଟେଷ୍ଟରୁ ସେ ୨୭ଟି ଉଇକେଟ ହାସଲ କରିଥିଲେ। ଜୁନ୍ ୧୮ ତାରିଖରେ ଭାରତ ୱାର୍ଲ୍ଡ ଟେଷ୍ଟ ସିରିଜ ଫାଇନାଲ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ। ଜାଡେଜା ଫିଟ୍ ହେଲେ ଅକ୍ଷର ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ନ ଖେଳିବା ସମ୍ଭାବନା ରହିଛି।

ବ୍ୟାଟିଂରେ ଶୁବମନ ଗିଲ ଅଷ୍ଟ୍ରେଲିଆରେ ଭଲ ପ୍ରଦାର୍ଶନ କରିଥିଲେ ମଧ୍ୟ ଇଂଲଣ୍ଡ ବିପକ୍ଷରେ ସେତେଟା ପ୍ରଭାବୀ ସାବ୍ୟସ୍ତ ହୋଇ ନ ଥିଲେ। ତେବେ କୋହଲି ଏ ନେଇ ଚିନ୍ତିତ ନ ଥିବେ। ଶୁବମନ ଜଣେ ମ୍ୟାଚ୍ ୱିନର ବୋଲି କୋହଲି ହୃଦୟଙ୍ଗମ କରିଛନ୍ତି। ସେହିପରି ପୃଥ୍ୱୀ ଶ, ଲୋକେଶ ରାହୁଲ ଓ ରୋହିତ ଶର୍ମା ଓପନିଂ ପାଇଁ ବିକଳ୍ପ ସୃଷ୍ଟି କରିଛନ୍ତି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷରେ ରିଷଭ ପନ୍ତ ଉଭୟ ବ୍ୟାଟିଂ ଓ ବୋଲିଂରେ ଦମ୍ ଦେଖାଇଛନ୍ତି। ଜଣେ ମ୍ୟାଚ୍ ୱିନର ଭାବେ ସେ ନିଜକୁ ପ୍ରମାଣିତ କରିଛନ୍ତି। ପ୍ରଥମେ ମହେନ୍ଦ୍ର ସିଂ ଧୋନୀ ଓ ପରେ ପନ୍ତଙ୍କ କାରଣରୁ ଋଦ୍ଧିମାନ ଶାହାଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଏବେ ବିପଦରେ ପଡିଛି। ତେବେ ଏହି ରିଜର୍ଭ ଉଇକେଟକିପର ଭାବେ ଋଦ୍ଧିମାନ ବିଶ୍ୱର ଶ୍ରେଷ୍ଠ ଉଇକେଟକିପର ବିବେଚିତ ହେଉଛନ୍ତି। ଟି୨୦ରେ ପନ୍ତଙ୍କ ବିକଳ୍ପ ଭାବେ ଇଶାନ କିଷନ ବିକଳ୍ପ ସୃଷ୍ଟି କରିଛନ୍ତି। ଭାରତୀୟ ଟି୨୦ ଦଳରେ ସବୁ ବିଭାଗରେ ଏକାଧିକ ବିକଳ୍ପ ରହିଛି। ବୋଲିଂରେ ଯଶପ୍ରୀତ ବୁମ୍‌ରା, ଭୁବନେଶ୍ୱର କୁମାର ଓ ଶାର୍ଦ୍ଦୁଳ ନିଜର ସ୍ଥାନ ପକ୍କା କରିଛନ୍ତି। ସେହିପରି ଦୀପକ ଚହର, ୟର୍କର ସ୍ପେଶାଲିଷ୍ଟ ଟି. ନଟରାଜନ, ନୂଆ ପେସ୍ ସେନସେସନ ପ୍ରସିଦ୍ଧ କ୍ରିଷ୍ଣା ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ଗତ ୪ ମାସ ହେବ ଭାରତ ଉଚ୍ଚକୋଟୀର ପ୍ରଦର୍ଶନ କରିଛି। ତେବେ ଶ୍ରେଷ୍ଠ ପ୍ରଦର୍ଶନ କରିବା ଏବେ ବି ବାକି ରହିଛି ବୋଲି ମନେହୁଏ।


ଶାର୍ଦ୍ଦୁଳ ଠାକୁର


ୱାଶିଂଟନ୍ ସୁନ୍ଦର


ଇଶାନ କିଷନ



ସୂର୍ଯ୍ୟକୁମାର ଯାଦବ

## ୩-୧, ୩-୨, ୨-୧

**ପୁଣେ, ୩୦।୩:** ବିଶ୍ୱର ଦୁଇ ଶ୍ରେଷ୍ଠ ଦଳ ଭାରତ ଓ ଇଂଲଣ୍ଡ ମଧ୍ୟରେ କ୍ରିକେଟ ସିରିଜ ଅତି ରୋମାଞ୍ଚକଭାବେ ଶେଷ ହୋଇଛି। ତେବେ କଡ଼ା ସଂଘର୍ଷ ପରେ ତିନୋଟି ଯାକ ସିରିଜ ଭାରତ ଜିତିଛି। ଟେଷ୍ଟ ସିରିଜକୁ ୩-୧ରେ ଜିତିଥିବା ଭାରତ ଟି୨୦କୁ ୩-୨ ଓ ଶେଷରେ ଏକଦିବସୀୟ ସିରିଜକୁ ୨-୧ରେ ଜିତିଛି। ଶେଷ ଦିନିକିଆଟି ଅତ୍ୟନ୍ତ ରୋମାଞ୍ଚକ ଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୮.୨ ଓଭରରେ ୩୨୯ ରନ କରି ସମସ୍ତ ଉଇକେଟ ହରାଇଥିଲା। ରିଷଭ ପନ୍ତ ୭୮, ଶିଖର ଧାୱନ ୬୭, ହାର୍ଦ୍ଦିକ ପାଣ୍ଡ୍ୟା ୬୪ ରନ କରିଥିଲେ। ବିପକ୍ଷ ଦଳର ମାର୍କ ଉଡ୍ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଜବାବରେ ଇଂଲଣ୍ଡ ୨୫୭ ରନରେ ୮ମ ଉଇକେଟ ହରାଇଥିଲେ ହେଁ ସାମ୍ କୁରାନଙ୍କ ଲଢୁଆ ପ୍ରଦର୍ଶନ ବଳରେ ବିଜୟର ନିକଟତର ହୋଇ ୫୦ ଓଭରରେ ୩୨୨/୯ରେ ରହି ଯାଇଥିଲା। କୁରାନ ସର୍ବାଧିକ ୯୫ ରନ କରି ଅପରାଜିତ ରହିଥିଲେ। ଭାରତର ଶାର୍ଦ୍ଦୁଳ ଠାକୁର ୪ ଓ ଭୁବନେଶ୍ୱର କୁମାର ୩ଟି ଉଇକେଟ ନେଇଥିଲେ।

## ସଂକ୍ଷେପରେ

### ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ



**ନୂଆଦିଲ୍ଲୀ,୩୦।୩(ପି.ଟି.):** ଆସନ୍ତା ୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୪ତମ ସଂସ୍କରଣ ପାଇଁ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱରେ ପରିବର୍ତ୍ତନ କରାଯାଇଛି। ନିୟମିତ ଅଧିନାୟକ ଶ୍ରେୟାସ ଆୟାର ଇଞ୍ଜୁରି କାରଣରୁ ଦଳରୁ ବାଦ୍ ପଡିବା ପରେ ମଙ୍ଗଳବାର ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଅଧିନାୟକ ନିଯୁକ୍ତ କରାଯାଇଛି। ଗତ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ଆୟାର ଫିଲ୍ଡିଂ କରୁଥିବା ବେଳେ କାନ୍ଧରେ ଆଘାତ ପାଇଥିଲେ। ଫଳରେ ସିରିଜ ସମେତ ସେ ଆଇପିଏଲ୍‌ରୁ ମଧ୍ୟ ବାଦ୍ ପଡିଥିଲେ। ଆୟାରଙ୍କ ନେତୃତ୍ୱରେ ଦିଲ୍ଲୀ ଗତ ସଂସ୍କରଣରେ ଫାଇନାଲରେ ପ୍ରବେଶ କରିଥିଲା ଓ ଫାଇନାଲରେ ମୁମ୍ବାଇ ଇଣ୍ଡିଆନ୍ସଠାରୁ ପରାସ୍ତ ହୋଇ ରନର୍ସଅପ ହୋଇଥିଲା। ଏବେ ତାଙ୍କ ଅନୁପସ୍ଥିତିରେ ପନ୍ତଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି ବୋଲି ଦିଲ୍ଲୀ କ୍ୟାପିଟାଲ୍ସ ଅଧ୍ୟକ୍ଷ ତଥା ଅନ୍ୟତମ ମାଲିକ କିରଣ କୁମାର ଗାନ୍ଧୀ କହିଛନ୍ତି। ଆଇପିଏଲରେ ୨୩ ବର୍ଷୀୟ ପନ୍ତ ପ୍ରଥମଥର ପାଇଁ ନେତୃତ୍ୱ ନେବାର ସୁଯୋଗ ପାଇବେ। ତେବେ ପୂର୍ବରୁ ସେ ଦିଲ୍ଲୀ ରାଜ୍ୟ ଦଳର ନେତୃତ୍ୱ ନେଇଛନ୍ତି। ଦିଲ୍ଲୀରେ ମୋ ପିଲାବେଳ କଟିଛି ଓ ଗତ ୬ ବର୍ଷ ହେବ ଦିଲ୍ଲୀ ପାଇଁ ଆଇପିଏଲ୍ ଖେଳି ଆସୁଛି। ତେଣୁ ଏହି ଦଳରେ ନେତୃତ୍ୱ ନେବାର ସୁଯୋଗ ପାଇ ନିଜକୁ ଧନ୍ୟ ମନେକରୁଛି ବୋଲି ପନ୍ତ କହିଛନ୍ତି। ଦିଲ୍ଲୀର ନେତୃତ୍ୱ ନେବାକୁ ପନ୍ତ ଉପଯୁକ୍ତ ଖେଳାଳି ବୋଲି ଆୟାର କହିଛନ୍ତି।

### ଅମ୍ଳାନ, ଦିଲୀପଙ୍କ ଶ୍ରେଷ୍ଠ ଟାଇମିଂ



**ଭୁବନେଶ୍ୱର, ୩୦।୩(କ୍ରୀଡ଼ା ପ୍ରତିନିଧି):** ଚଳିତ ମାସ ପ୍ରାରମ୍ଭରେ ପଟିଆଲାରେ ଅନୁଷ୍ଠିତ ଜାତୀୟ ଫେଡେରେଶନ କପ୍‌ରେ ଭାଗନେଇ ରିଲାଏନ୍ସ ଫାଉଣ୍ଡେଶନ ଓଡ଼ିଶା ଆଥଲେଟିକ୍ସ ହାଇ ପରଫରମାନ୍ସ ସେଣ୍ଟର (ଏଚ୍‌ପିସି)ର ୨ ଆଥଲେଟ୍ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛନ୍ତି। ଅମ୍ଳାନ ବୋର୍ଗୋହେନ ୧୦୦ ମିଟର ଏବଂ ଦିଲୀପ ନାଏକ ୮୦୦ ଓ ୧୫୦୦ ମିଟର ରେସ୍‌ରେ ଭାଗ ନେଇଥିଲେ। ୨୨ ବର୍ଷୀୟ ଅମ୍ଳାନ ହିଟ୍ସରେ ୧୦.୫୯ ଓ ସେମିଫାଇନାଲରେ ୧୦.୪୪ ସେକେଣ୍ଡ ସମୟ ନେଇଥିଲେ। ପୂର୍ବରୁ ତାଙ୍କର ଶ୍ରେଷ୍ଠ ଟାଇମିଂ ଥିଲା ୧୦.୬୮ ସେକେଣ୍ଡ। ଆସନ୍ତା ଅଗଷ୍ଟରେ ସେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାଗନେବା ସମ୍ଭାବନା ରହିଛି। ନୟାଗଡ଼ ଜିଲାର ୧୯ ବର୍ଷୀୟ ଦିଲୀପ ୮୦୦ ମିଟର ହିଟ୍‌ରେ ୧:୫୪.୬୫ ସେକେଣ୍ଡ ଏବଂ ୧୫୦୦ ମିଟର ହିଟ୍‌ରେ ୪:୦୯.୨୩ ସେକେଣ୍ଡ ସମୟ ନେଇଥିଲେ। ଆଗକୁ ଏହି ଦୁଇ ଆଥଲେଟ୍ ଆହୁରି ଭଲ ପ୍ରଦର୍ଶନ କରିବେ ବୋଲି ମୁଖ୍ୟ କୋଚ୍ ଜେମ୍ସ ହିଲିଏର ପ୍ରକାଶ କରିଛନ୍ତି।

### ଓମ୍‌ଫେଡ୍ କଲୋନୀ ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ଫୁଲନଖରା, ୩୦।୩(ଡି.ଏନ.ଏ.):** ଓମ୍‌ଫେଡ କଲୋନୀ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଦୁଇଦିନିଆ ରାତ୍ରିକାଳୀନ ଓପିଏଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ୪ଟି ଦଳ ଅଲଟିମେଟ ୱାରିୟର, ଡିଭାଇନ ଇଲେଭେନ, ପାୱାର ହିଟର ଏବଂ ରୟାଲ ଫାଇଟର୍ସ ଭାଗ ନେଇଥିଲେ। ଫାଇନାଲରେ ଅଲ୍ଟିମେଟ ୱାରିୟର୍ସ ପ୍ରଥମେ ବ୍ୟାଟିଂ କରି ୭୦ ରନ କରିଥିଲା। ଜବାବରେ ରୟାଲ ଫାଇଟର୍ସ ୫୦ ରନରେ ସୀମିତ ରହିଥିଲା। ଫଳରେ ଅଲ୍ଟିମେଟ ୱାରିୟର୍ସ ଚଳିତ ବର୍ଷର ଓମ୍‌ଫେଡ କଲୋନୀ ପ୍ରିମିୟର ଲିଗ (ଓପିଏଲ) ଟାଇଟଲ ବିଜୟୀ ହୋଇଥିଲା। ଦେବୀ ପ୍ରସାଦ ପାଢୀ ମ୍ୟାନ ଅଫ ଦି ମ୍ୟାଚ, ସିରିଜ ଏବଂ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ।

## ୯ ସ୍ୱର୍ଣ୍ଣ ସହ ଓଡ଼ିଶାର ଶ୍ରେଷ୍ଠ ପ୍ରଦର୍ଶନ

ଭୁବନେଶ୍ୱର, ୩୦।୩(କ୍ରୀଡ଼ା ପ୍ରତିନିଧି)

ହରିୟାଣାର କର୍ନାଲଠାରେ ଅନୁଷ୍ଠିତ ଜାତୀୟ ହୁଇଲ ଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ୯ ସ୍ୱର୍ଣ୍ଣ, ୮ ରୌପ୍ୟ, ୭ ବ୍ରୋଞ୍ଜ ସହ ମୋଟ ୨୪ ପଦକ ହାସଲ କରିଛି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ୧୪ ଜଣିଆ ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ଏହାଥିଲା ସର୍ବଶ୍ରେଷ୍ଠ ପ୍ରଦର୍ଶନ। ପୂଜାସ୍ୱିନୀ ନାୟକ 'ବି' ମହିଳା ବର୍ଗରେ ବ୍ୟକ୍ତିଗତ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ଦଳଗତ ବିଭାଗରେ ୨ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ ପଦକ ପାଇଛନ୍ତି। ମାଳତୀ ପାନୌରେ 'ଏ' ମହିଳା ବର୍ଗରେ ବ୍ୟକ୍ତିଗତ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ଦଳଗତରେ ୨ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରାଖାଲ କୁମାର ସେଠୀ 'ଏ' ପୁରୁଷ ବର୍ଗରେ ବ୍ୟକ୍ତିଗତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଏବଂ ଦଳଗତରେ ୧ ସ୍ୱର୍ଣ୍ଣ ଓ ୨ ରୌପ୍ୟ, ପ୍ରଫୁଲ୍ଲ ଖଣ୍ଡାୟତରାୟ 'ବି' ପୁରୁଷ ବର୍ଗରେ ବ୍ୟକ୍ତିଗତ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ଦଳଗତରେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ଭି. ରମେଶ ରାଓ 'ଏ' ପୁରୁଷ ବର୍ଗର ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି। ସେହିପରି ସିଲା ମନ୍ତ୍ରୀ 'ଏ' ମହିଳା ବର୍ଗରେ ବ୍ୟକ୍ତିଗତ ୧ ରୌପ୍ୟ, ୧ ବ୍ରୋଞ୍ଜ ଏବଂ ଦଳଗତରେ ୨ ସ୍ୱର୍ଣ୍ଣ, ୧ ବ୍ରୋଞ୍ଜ, ପବିତ୍ର ସାହୁ 'ଏ' ପୁରୁଷ ବର୍ଗରେ ବ୍ୟକ୍ତିଗତରେ ୧ ବ୍ରୋଞ୍ଜ ଏବଂ ଦଳଗତରେ ୧ ସ୍ୱର୍ଣ୍ଣ ପଦକ, ନିକୁ ପ୍ରଧାନ 'ବି' ପୁରୁଷ ବର୍ଗରେ ବ୍ୟକ୍ତିଗତ ୨ ବ୍ରୋଞ୍ଜ ଏବଂ ଦଳଗତରେ ୧ ରୌପ୍ୟ ଏବଂ କରିମୁନ ନିଶା 'ଏ' ମହିଳା ବର୍ଗରେ ବ୍ୟକ୍ତିଗତ ଓ ଦଳଗତରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅବଶିଷ୍ଟ ଦଳଗତ ପୁରୁଷରେ ଦେବାମୃତ ସାହୁ ସ୍ୱର୍ଣ୍ଣ, ପ୍ରଭାକର ବେହେରା ରୌପ୍ୟ, ଅମିୟ ରଞ୍ଜନ ତ୍ରିପାଠୀ ରୌପ୍ୟ ଏବଂ ଅବଶିଷ୍ଟ ଦଳଗତ ମହିଳାରେ ଜୁଲି ସାହୁ ସ୍ୱର୍ଣ୍ଣ ଓ ସୁପ୍ରିୟା ବିଶ୍ୱାସ ସ୍ୱର୍ଣ୍ଣ ପଦକ ପାଇଛନ୍ତି।



ପଦକ ବିଜୟୀ ଓଡ଼ିଶା ପ୍ରତିଯୋଗୀମାନେ।

## ସିରିଜ ଜିତିଲା ନ୍ୟୁଜିଲାଣ୍ଡ

**ନାପିଏର,୩୦।୩:** ବର୍ଷା ବାଧାପ୍ରାପ୍ତ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଡକ୍‌ୱର୍ଥ/ଲୁଇସ୍ ନିୟମରେ ୨୮ ରନରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ବର୍ଷା ଯୋଗୁ ମ୍ୟାଚ୍‌ର ଓଭର ସଂଖ୍ୟାକୁ କମାଇ ଦିଆଯାଇଥିଲା। ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୧୭.୫ ଓଭରରେ ୫ ଉଇକେଟ ହରାଇ ୧୭୩ ରନ ସଂଗ୍ରହ କରିଥିଲା। ତେବେ ଏହା ପରେ ବର୍ଷା ହୋଇଥିଲା ଓ ଏହି ସ୍କୋରରେ ନ୍ୟୁଜିଲାଣ୍ଡ ଇନିଂସ ସୀମିତ ରହିଥିଲା। ଫଳରେ ବାଂଲାଦେଶ ସମ୍ମୁଖରେ ଡକ୍‌ୱର୍ଥ/ଲୁଇସ୍ ନିୟମରେ ୧୬ ଓଭରରେ ୧୭୧ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଜବାବରେ ବାଂଲାଦେଶ ୭ ଉଇକେଟରେ ୧୪୨ ରନରେ ସୀମିତ ରହି ପରାସ୍ତ ହୋଇଥିଲେ। ଗ୍ଲେନ ଫିଲିପ୍ସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

## ଗୋପୀନାଥ ଦେବ ଏକାଦଶ ଚାମ୍ପିୟନ

ଭୁବନେଶ୍ୱର, ୩୦।୩(କ୍ରୀଡ଼ା ପ୍ରତିନିଧି)

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ରସୁଲଗଡ଼ ପ୍ରିମିୟର ଲିଗ୍‌ର ୬ଷ୍ଠ ସଂସ୍କରଣ ଜିଜିପି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ଜୟ ମା' ଦୁର୍ଗା ଏକାଦଶକୁ ୮ ଉଇକେଟରେ ହରାଇ ଗୋପୀନାଥ ଦେବ ଏକାଦଶ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ଜୟ ମା' ଦୁର୍ଗା ଏକାଦଶ ୧୦.୪ ଓଭରରେ ୬୬ ରନ କରି ଅଲଆଉଟ ହୋଇଥିଲା। ବିପକ୍ଷ ଦଳର ସମୀର ରାଉତରାୟ ୪ ଉଇକେଟ ପାଇଥିଲେ। ଜବାବରେ ଗୋପୀନାଥ ଦେବ ଏକାଦଶ ୫.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। କ୍ରାନିଲ ଖୁଣ୍ଟିଆ ୨୧ ବଲ୍‌ରୁ ସର୍ବାଧିକ ୪୯ ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ସମୀର ରାଉତରାୟ ମ୍ୟାନ୍ ଅଫ୍ ଦି ଫାଇନାଲ ହୋଇଥିବାବେଳେମୋଟ ୧୦୯ ରନ ଏବଂ ୫ ଉଇକେଟ ନେଇଥିବା ଅଲରାଉଣ୍ଡର ଅମିତାଭ ରାଉତ ମ୍ୟାନ ଅଫ୍ ଦି ସିରିଜ ପୁରସ୍କାର ପାଇଥିଲେ। ୪ ମ୍ୟାଚରେ ୧୦ ଉଇକେଟ ନେଇଥିବା ବାଦଲ କୁମାର ପରିଡ଼ା ଶ୍ରେଷ୍ଠ ବୋଲର, ୧୩୩ ରନ କରିଥିବା ରଜତ ଜଗଦେବ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ପୁରସ୍କାର ପାଇଥିଲେ। ଅମ୍ପାୟର ପ୍ରଦୀପ୍ତ ରଞ୍ଜନ ପାଣି ଓ ସ୍ମୃତି ରଞ୍ଜନ ସାହୁ ମ୍ୟାଚ ପରିଚାଳନା କରିଥିଲେ। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ସ୍ନେହାଶିଷ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


ଚାମ୍ପିୟନ ଗୋପୀନାଥ ଦେବ ଏକାଦଶ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ପଞ୍ଜାବ କିଙ୍ଗ୍ସ ଜର୍ସି ଉନ୍ମୋଚିତ

ନୂଆଦିଲ୍ଲୀ,୩୦।୩

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଆଗାମୀ ୧୪ତମ ସଂସ୍କରଣ ପାଇଁ ପଞ୍ଜାବ କିଙ୍ଗ୍ସ ନୂଆ ଜର୍ସି ଉନ୍ମୋଚନ କରିଛି। ନୂଆ କଳେବର ସହ ଉନ୍ମୋଚିତ ହୋଇଥିବା ଏହି ଜର୍ସିରେ ୩ଟି ପରିବର୍ତ୍ତନ କରାଯାଇଛି। ଏହି ଲାଲ ରଙ୍ଗର ଜର୍ସିରେ ସୁନା ରଙ୍ଗର ଷ୍ଟ୍ରିପ୍ ବା ପଟି ପଡ଼ିଛି। ସମ୍ପୂର୍ଣ୍ଣ ଭାବେ ଭିନ୍ନ ରୂପରେ ଏହି ଜର୍ସିର ଡିଜାଇନ କରିବାକୁ ପ୍ରୟାସ କରାଯାଇଛି। ମୋହାଲି ସହର ପର୍ଯ୍ୟବସିତ କିଙ୍ଗ୍ସ ଏକାଦଶ ପଞ୍ଜାବର ନାମ ପରିବର୍ତ୍ତନ କରାଯାଇ ଏଥର ପଞ୍ଜାବ କିଙ୍ଗ୍ସ ରଖାଯାଇଛି। ଏପ୍ରିଲ ୧୨ ତାରିଖରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସ ବିପକ୍ଷରୁ ଲୋକେଶ ରାହୁଲଙ୍କ ନେତୃତ୍ୱରେ ପଞ୍ଜାବ ଅଭିଯାନ ଆରମ୍ଭ କରିବ। ତେବେ ଦଳର ପ୍ରାଥମିକ ରଙ୍ଗ ଲାଲକୁ ବଜାୟ ରଖାଯାଇଛି। ଜର୍ସିର ସାମ୍ନା ପଟରେ ମୁଖ୍ୟ ସ୍ପୋନ୍ସରର ଲୋଗୋ ତଳକୁ ସିଂହର ଏକ ପ୍ରତୀକ ଚିହ୍ନ ରହିଛି। କୋଲକାତା ନାଇଟ ରାଇଡର୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପରେ ପଞ୍ଜାବ ଖେଳାଳିମାନେ ଏଥର ସୁନା ରଙ୍ଗର ହେଲମେଟ୍ ପିନ୍ଧିବେ। ଏବିକ୍ସ କ୍ୟାଶ ଦଳର ମୁଖ୍ୟ ପ୍ରାୟୋଜକ ରହିଛନ୍ତି। ସେହିପରି ବିକେଟି, ଅଲ ସିଜନ୍ସ, ଲୋଟୋସ ହର୍ବାଲ୍ସ, ଡ୍ରିମ୍ ୧୧ ଓ ଜିଓ ଅନ୍ୟ ପ୍ରାୟୋଜକ ଭାବେ ପଞ୍ଜାବ ଫ୍ରାଞ୍ଚାଇଜ ସହ ଅନୁବନ୍ଧିତ ରହିଛନ୍ତି। ଗତ ସଂସ୍କରଣରେ ପଞ୍ଜାବ ପ୍ଲେ- ଅଫ୍ ପାଇଁ କ୍ୱାଲିଫାଏ କରିପାରି ନ ଥିଲା। ୨୦୧୪ ସଂସ୍କରଣରେ ଦଳ ଅବଶ୍ୟ ଫାଇନାଲରେ ପ୍ରବେଶ କରିଥିଲା।




### ଖେଳାଳି ପିନ୍ଧିବେ ସୁନେଲି ହେଲ୍‌ମେଟ

## ଦୁବାଇ ପାରା ବ୍ୟାଡ୍‌ମିଣ୍ଟନରେ ୩ ଓଡ଼ିଆ

ଭୁବନେଶ୍ୱର, ୩୦।୩(କ୍ରୀଡ଼ା ପ୍ରତିନିଧି)

ଦୁବାଇ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ମଙ୍ଗଳବାରଠାରୁ ଦୁବାଇ ଇନ୍‌ଡୋର ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏପ୍ରିଲ ୪ ପର୍ଯ୍ୟନ୍ତ ହେବାକୁଥିବା ଏହି ପ୍ରତିଯୋଗିତାରେ ୩ ଓଡ଼ିଆ ଖେଳାଳି ପ୍ରମୋଦ ଭଗତ, ଦିଲେଶ୍ୱର ରାଓ ଓ ଦୀପ ରଞ୍ଜନ ବିଶୋଇ ଭାଗ ନେଉଛନ୍ତି। ପ୍ରତିଯୋଗିତାରେ ୨୯ଟି ଦେଶରୁ ୧୨୭ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଭାରତରୁ ୨୫ ଜଣ ଏହା ମଧ୍ୟରେ ସାମିଲ।

## ବାସ୍ତବିକ ଅସାଧାରଣ

ଭିଭିଏସ୍ ଲକ୍ଷ୍ମଣ

ଭାରତର ସବୁଠାରୁ ସ୍ମରଣୀୟ ସିଜନ ଆଗେଇ ଚାଲିଛି। ଅଷ୍ଟ୍ରେଲିଆରେ ନଭେମ୍ବରରୁ ପୁଣେରେ ମାର୍ଚ୍ଚ ପର୍ଯ୍ୟନ୍ତ ସବୁ ଠିକ୍‌ଠାକ୍ ଚାଲିଛି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରୁ ୮ ମାସ ଧରି ଗୋଟିଏ ବାୟୋବବଲରୁ ଅନ୍ୟ ଏକ ବାୟୋବବଲକୁ ଯାଇ ଖେଳିବାକୁ ହୋଇଛି। ଏହି ସମୟ ମଧ୍ୟରେ ଖେଳାଳିମାନଙ୍କୁ କେଉଁ ମାନସିକତା ଦେଇ ଗତି କରିବାକୁ ପଡ଼ିଥିବ ତାହା ମୁଁ କଳ୍ପନା କରିପାରୁ ନାହିଁ। ସିଜନର ମୁଖ୍ୟାଂଶ ହେଉଛି ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ବିଜୟ। ମୋ ବିଚାରରେ ଭାରତର ଏହା ଏକ ବଡ଼ ଟେଷ୍ଟ ସିରିଜ ସଫଳତା। ଅଧିନାୟକଙ୍କ ଅନୁପସ୍ଥିତିରେ ଯୁବ ଓ ନବାଗତ ଖେଳାଳିଙ୍କୁ ନେଇ ଅଷ୍ଟ୍ରେଲିଆକୁ ତା' ମାଟିରେ ପରାସ୍ତ କରିବା ସହଜ କଥା ନୁହେଁ। ଆଡିଲେଡ୍‌ରେ ଲଜ୍ଜାଜନକ ପରାଜୟ ପରେ ପ୍ରତ୍ୟାବର୍ତ୍ତନ ସହ ସିରିଜ ବିଜୟ ଲାଭ କରିବା ବାସ୍ତବିକ ଅସାଧାରଣ। ଭାରତୀୟ କ୍ରିକେଟର ଭବିଷ୍ୟତ ପାଇଁ ଏହା ଏକ ଭଲ ଲକ୍ଷଣ ବୋଲି ମୁଁ କହିବି। ସମସ୍ତ ଫର୍ମାଟରେ ଭଲ ପ୍ରଦର୍ଶନ କରିଥିବା ଖେଳାଳି ହେଲେ ରିଷଭ ପନ୍ତ। ସେ ପରିପକ୍ୱ ହେବାରେ ଲାଗିଛନ୍ତି। କେଉଁ ପରିସ୍ଥିତିରେ କିଭଳି ବ୍ୟାଟିଂ କରିବାକୁ ହେବ ସେ ନେଇ ପନ୍ତ ସଚେତନ। ପୁନଶ୍ଚ ଜଣେ ଉଇକେଟକିପର ହିସାବରେ ସେ ତାଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। ବିଶେଷ କରି ଇଂଲଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜ ବେଳେ ଟର୍ନିଂ ଓ ଅପ୍ରତ୍ୟାଶିତ ବାଉନ୍ସ ପିଚ୍‌ରେ ସେ ଭଲ କିପିଂ କରିପାରିଛନ୍ତି। ଇଂଲଣ୍ଡ ବିପକ୍ଷ ଉଭୟ ହ୍ୱାଇଟ୍ ବଲ୍ ଫର୍ମାଟରେ ବିଜୟ ହାସଲ କରିବା ଭାରତ ପାଇଁ ଗର୍ବର ବିଷୟ। ୮ଟି ଟସ୍‌ରୁ ୭ଟିରେ ହାରି ମଧ୍ୟ ଫ୍ଲାଟ୍ ପିଚ୍‌ରେ ବିଶ୍ୱର ଟପ୍ ର୍ୟାଙ୍କିଙ୍ଗ ଦଳକୁ ପରାସ୍ତ କରିବା ଛୋଟିଆ କଥା ନୁହେଁ। ଏହି ସଫଳତା ପଛରେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କର ମଧ୍ୟ କିଛି ଭୂମିକା ରହିଛି। ବ୍ୟାଟିଂ ଅର୍ଡର ପରିବର୍ତ୍ତନରେ ନମନୀୟତା ଏବଂ ନିଜ ସ୍ଥାନ ଛାଡ଼ି ଅନ୍ୟ ସ୍ଥାନରେ ବ୍ୟାଟିଂ କରିବାକୁ ବିରାଟ କୋହଲି ରାଜି ହେବା ସ୍ୱାଗତଯୋଗ୍ୟ। ଏ ସବୁ ସତ୍ତ୍ୱେ ସୀମିତ ଓଭର କ୍ରିକେଟରେ ଆମକୁ କେତେକ କ୍ଷେତ୍ରରେ ସଜାଡ଼ିବାକୁ ପଡ଼ିବ। ଆସନ୍ତା ଅଢେଇବର୍ଷ ମଧ୍ୟରେ ୩ ବିଶ୍ୱକପ୍ ଖେଳାଯିବ। ସବୁବେଳେ ୬ଷ୍ଠ ବୋଲିଂ ବିକଳ୍ପ କଥା ଚିନ୍ତା କରିବା ଉଚିତ। ୫୦ ଓଭର ଫର୍ମାଟରେ କ୍ୱାଲିଟି ସ୍ପିନ୍ ବୋଲିଂ କ୍ରମେ ନିମ୍ନଗାମୀ ହେଉଛି। ଯୁଜବେନ୍ଦ୍ର ଚହଲ ଟିମ୍ ମ୍ୟାନେଜମେଣ୍ଟ ଉପରୁ ଆସ୍ଥା ହରାଇ ବସିଥିବା ମନେହେଉଛି। କୁଲଦୀପ ଯାଦବ ଫର୍ମରେ ନ ଥିବା ସ୍ପଷ୍ଟ ବାରି ହୋଇ ପଡୁଛି। ୫୦ ଓଭର ବିଶ୍ୱକପ୍ ଦୁଇବର୍ଷର ଅଧିକ ଦିନ ଦୂରରେ ରହିଛି। ଏହି ମେଗା ଇଭେଣ୍ଟ ପୂର୍ବରୁ ମିଡ୍‌ଲ ଓଭରଗୁଡ଼ିକରେ କିପରି ଉଇକେଟ ପତନ ଘଟାଇ ହେବ ତାହାର ଯୋଜନା ଏବେଠାରୁ ପ୍ରସ୍ତୁତି କରିବା ଜରୁରୀ। ନୀତିନ ମେନନଙ୍କୁ ପ୍ରଶଂସା ନ କରି ରହି ହେଉନାହିଁ। ଅନ୍ତର୍ଜାତୀୟ ଅମ୍ପାୟରିଂରେ ସେ ଅଳ୍ପ କିଛିଦିନ ହେଲା ପାଦ ଦେଇଛନ୍ତି। ସେ ଉଚ୍ଚକୋଟୀର ମ୍ୟାଚ ପରିଚାଳନା କରୁଛନ୍ତି। ଉଚ୍ଚସ୍ତରରେ ମୁଁ ତାଙ୍କ ଲମ୍ବା ଓ ଉଜ୍ଜ୍ୱଳ କ୍ୟାରିୟରର ସମ୍ଭାବନା ଦେଖିପାରୁଛି।

-(ଗେମ୍‌ପ୍ଲାନ)

SEAGRAM'S
ROYAL STAG
PACKAGED DRINKING WATER

# ବୀରେନ୍ଦ୍ର, ଅମିତ, ଶୀଳାନନ୍ଦ ସାମିଲ



ବୀରେନ୍ଦ୍ର ଲାକ୍ରା ଅମିତ ରୋହିଦାସ ଓ ଶୀଳାନନ୍ଦ ଲାକ୍ରା।

### ଏଫ୍‌ଆଇଏଚ୍ ପ୍ରୋ ଲିଗ୍

■ ଅଧିନାୟକ ମନପ୍ରୀତଙ୍କ ପ୍ରତ୍ୟାବର୍ତ୍ତନ

**ନୂଆଦିଲ୍ଲୀ, ୩୦।୩(ପି.ଟି.)**

ଆସନ୍ତା ମାସରେ ଖେଳାଯିବାକୁ ଥିବା ଆର୍ଜେଣ୍ଟିନା ବିପକ୍ଷ ଅନ୍ତର୍ଜାତୀୟ ହକି ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ୍‌ଗୁଡିକ ପାଇଁ ଏକ ୨୨ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ହକି ଇଣ୍ଡିଆ ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରିଛି। ବ୍ୟକ୍ତିଗତ କାରଣରୁ ଗତ କେତୋଟି ସିରିଜରୁ ଓହରିଯାଇଥିବା ଅଧିନାୟକ ମନପ୍ରୀତ ସିଂ ଏହି ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଭାରତ ଏପ୍ରିଲ ୧୧ ଓ ୧୨ ତାରିଖରେ ବୁଏନସ ଆରିଜ୍‌ରେ ଘରୋଇ ଆର୍ଜେଣ୍ଟିନା ବିପକ୍ଷରେ ମ୍ୟାଚ୍ ଖେଳିବ। ଏକ ୧୬ ଦିନିକିଆ ଗସ୍ତ ପାଇଁ ବୁଧବାର ବୁଏନସ ଆରିଜ୍ ଅଭିମୁଖେ ଭାରତୀୟ ଦଳ ବେଙ୍ଗାଲୁରୁ ଯାତ୍ରା କରିବ। ଦେଶ ଛାଡିବାର ୭୨ ଘଣ୍ଟା ପୂର୍ବରୁ ଖେଳାଳିମାନେ ବାଧ୍ୟତାମୂଳକ ଭାବେ ଆରଟିପିସିଆର ଟେଷ୍ଟର ସମ୍ମୁଖୀନ ହେବେ। ଦଳରେ ୩ ଜଣ ଓଡ଼ିଶା ଖେଳାଳି ଅମିତ ରୋହିଦାସ, ବୀରେନ୍ଦ୍ର ଲାକ୍ରା ଓ ଶୀଳାନନ୍ଦ ଲାକ୍ରା ସାମିଲ ହୋଇଛନ୍ତି।

ଏପ୍ରିଲ ୬ ଓ ୭ ତାରିଖରେ ଭାରତ ଆର୍ଜେଣ୍ଟିନା ବିପକ୍ଷରେ ଦୁଇ ଅଭ୍ୟାସ ମ୍ୟାଚ୍ ଖେଳିବ। ଏହାପରେ ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଭାରତ ୧୩ ଓ ୧୪ ତାରିଖରେ ମଧ୍ୟ ଆଉ ଦୁଇଟି ଅଭ୍ୟାସ ମ୍ୟାଚ୍ ଖେଳିବ। ଜୁଲାଇରେ ଟୋକିଓ ଅଲିମ୍ପିକ୍ସ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ ଦଳରେ ପି.ଆର. ଶ୍ରୀଜେସ, କ୍ରିଷନ ବାହାଦୁର ପାଠକ, ଅମିତ ରୋହିଦାସ, ଗୁରିନ୍ଦର ସିଂ, ସୁରେନ୍ଦର କୁମାର, ବୀରେନ୍ଦ୍ର ଲାକ୍ରା, ହାର୍ଦ୍ଦିକ ସିଂ, ବିବେକ ସାଗର ପ୍ରସାଦ, ରାଜ କୁମାର ପଲ, ନୀଳକାନ୍ତ ଶର୍ମା, ସମଶେର ସିଂ, ଗୁରଜନ୍ତ ସିଂ, ଦିଲପ୍ରୀତ ସିଂ, ମନଦୀପ ସିଂ ଓ ଲଳିତ କୁମାର ଉପାଧ୍ୟାୟ। ଦଳରେ ସ୍ଥାନ ପାଇଥିବା ଜସକରନ ସିଂ, ସୁମିତ ଓ ଶିଳାନନ୍ଦ ଲାକ୍ରା ଦୀର୍ଘ ଗୋଟିଏ ବର୍ଷ ପରେ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାର ସୁଯୋଗ ହାସଲ କରିବେ। ୟୁରୋପ ଗସ୍ତରେ ଯାଇଥିବା ଅଭିଜ୍ଞ ଆକାଶଦୀପ ସିଂ, ରମନଦୀପ ସିଂ ଓ ସିମରନଜିତ ସିଂଙ୍କୁ ବିଶ୍ରାମ ଦିଆଯାଇଛି। ଦଳରେ ସନ୍ତୁଳନ ରକ୍ଷା କରିବାକୁ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ସାମିଲ କରାଯାଇଛି ବୋଲି ଭାରତୀୟ ହେଡ୍ କୋଚ୍ ଗ୍ରାହମ ରିଡ୍ କହିଛନ୍ତି।

# ପାରାମାଉଣ୍ଟ ସେମିଫାଇନାଲରେ

**ଭୁବନେଶ୍ୱର, ୩୦।୩(କ୍ରୀଡ଼ା ପ୍ରତିନିଧି)**

ନହରକଣ୍ଟାର ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଜେଏସ୍‌ଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପ୍ରାଚୀ ଭୂଷଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ଦଳ ୬ ଉଇକେଟରେ ସୋଲାର କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସୋଲାର ୨୪.୧ ଓଭରରେ ମାତ୍ର ୬୩ ରନକରି ଅଲଆଉଟ ହୋଇ ଯାଇଥିଲା। ପାରାମାଉଣ୍ଟ ବୋଲର ପ୍ରୀତେଶ ପ୍ରିୟରଞ୍ଜନ (୬-୩-୧୪-୪) ଓ ସୌମ୍ୟରଞ୍ଜନ ରାଉତରାୟ (୬-୧-୧୮-୪)ଙ୍କ ଚମତ୍କାର ସ୍ପେଲ୍ ସୋଲାରର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲା। ୬୪ ରନର ବିଜୟ ଲକ୍ଷ୍ୟକୁ ପାରାମାଉଣ୍ଟ ୧୨.୧ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଏମ. ଜ୍ଞାନେନ୍ଦ୍ର କୁମାର ସର୍ବାଧିକ ୨୪ ରନ କରିଥିଲେ।



ରିତେଶ ପ୍ରିୟରଞ୍ଜନ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

ପରାଜିତ ଦଳର ସମ୍ବିତ ବେଜ୍ ୬ ଓଭରରେ ୧୯ ରନ ଦେଇ ୩ଟି ଉଇକେଟ ନେଇଥିଲେ। ରିତେଶ ପ୍ରିୟରଞ୍ଜନ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମ୍ପାୟର ସୁଶାନ୍ତ ଦାଶ ଓ ତପନ ବେହେରା ମ୍ୟାଚ ପରିଚାଳନା କରିଥିଲେ। ରଣଜୀ ଟ୍ରଫି ଖେଳାଳି ଦେବାଶିଷ ସାମନ୍ତରାୟ, ପୂର୍ବତନ କ୍ରିକେଟର ନରେନ୍ଦ୍ର ଦାଶ ଓ କ୍ରିକେଟ ପ୍ରେମୀ ଅକ୍ଷୟ କୁମାର ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଜାଗୃତି କ୍ରିକେଟ ଏକାଡେମୀକୁ ୬ ରନରେ ହରାଇ ନିମପୁର କ୍ରିକେଟ କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଆଜି ସରିବ ଧାନ କିଣା

- ବହୁ ଚାଷୀ ଧାନ ବିକି ପାରିନାହାନ୍ତି
- ୩ ସମିତିର ଦୁର୍ନୀତିକୁ ଚାପି ଦିଆଗଲା
- ୭ ଜଣଙ୍କୁ ନିଲମ୍ବନ ପରେ କାର୍ଯ୍ୟାନୁଷ୍ଠାନ ଶୂନ୍
- ଅଭାବୀ ବିକ୍ରି ରୋକିବାରେ ପ୍ରଶାସନ ଅସମର୍ଥ
- ନକଲି ଚାଷୀ, ମିଲର ପ୍ରୀତି ପଦାରେ ପଡ଼ିଲା

**ନୟାଗଡ଼ ଅଫିସ,୩୦।୩**

ମାର୍ଚ୍ଚ ୩୧ ଅର୍ଥାତ୍ ବୁଧବାରଠାରୁ ଧାନ କିଣା ଶେଷ ହେବ । ତଥାପି ନୟାଗଡ଼ ଜିଲାର ସବୁ ଚାଷୀ ଧାନ ବିକି ପାରି ନାହାନ୍ତି । ଏବେବି ଅନେକ ଚାଷୀଙ୍କ ପାଖକୁ ଟୋକନ ଆସିନାହିଁ। କେତେଜଣ ଚାଷୀ ଟୋକନ ପାଇ ଥିଲେ ବି ଧାନବିକ୍ରି କରିବାର ସୁଯୋଗ ପାଇନାହାନ୍ତି । ଜିଲାର ବିଭିନ୍ନ ମଣ୍ଡିରେ ନକଲି ଚାଷୀଙ୍କଠାରୁ ଧାନ କିଣା ଯାଇଛି। ହେଲେ ପ୍ରକୃତ ଚାଷୀ ସେହି ସୁଯୋଗରୁ ବଞ୍ଚିତ ହୋଇଛନ୍ତି । ଏପରି ଅଭିଯୋଗ ପରେ ବି ପ୍ରଶାସନିକ ଅଧିକାରୀମାନେ କେବଳ ଲୋକ ଦେଖାଣିଆ ତଦନ୍ତ କରିଛନ୍ତି। ଫଳରେ ପ୍ରକୃତ ଦୋଷୀ ଖସିଯାଇଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ପ୍ରଶାସନିକ ତଦନ୍ତ ପରେ ଦୋଷୀ ସାବ୍ୟସ୍ତ ୭ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି । ଅନିୟମିତତାର ଅଭିଯୋଗ ସତ୍ତ୍ୱେ ଏକାଧିକ ସମିତିକୁ ସୁରକ୍ଷା ଦିଆଯାଇଛି। ବିଶେଷ କରି ମାନ୍ଧତାପୁର, ନୋଉର, ରଙ୍କଦେଉଳି ପ୍ରାଥମିକ କୃଷି ସମବାୟ ସମିତି ବିରୋଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ଆଲୋଚନା ହେଉଛି। ଏହି ୩ ସମିତିରେ ନକଲି ଚାଷୀମାନେ ଧାନ ବିକ୍ରି କରିଛନ୍ତି । ତଦନ୍ତର ଆଳ ଦେଖାଇ ଏହି ୩ ସମିତିରେ ଧାନ କିଣା ଦୁର୍ନୀତିକୁ ଚାପି ଦିଆଯାଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଅଭାବୀ ଧାନ ବିକ୍ରିକୁ ରୋକିବାରେ ପ୍ରଶାସନ ବ୍ୟର୍ଥ ହୋଇଛି । ବିଗତ ୩ ବର୍ଷ ହେଲା ନକଲି ଚାଷୀ ଧାନ ବିକ୍ରି କରୁଛନ୍ତି। ମିଲରମାନେ ମନମାନି କରୁଛନ୍ତି। ତଥାପି ପ୍ରଶାସନିକସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ଅନ୍ୟପକ୍ଷେ ନକଲି ଚାଷୀଙ୍କ ବିରୋଧରେ ଜିଲାପାଳଙ୍କ କାର୍ଯ୍ୟାନୁଷ୍ଠାନ ଚେତାବନୀ ଫାଇଲ ତଳେ ଚାପି ହୋଇ ରହିଯାଇଛି ବୋଲି ଚାଷୀମାନେ କହିଛନ୍ତି।

ଧାନକିଣାର ଅବ୍ୟବସ୍ଥା ସମ୍ପର୍କରେ ବାଲୁଗାଁର ଚାଷୀ ରଣଜିତ୍ ଦଳବେହେରା କୁହନ୍ତି, ଧାନ ବିକିବାକୁ ଚାଷୀମାନେ ପ୍ରତିବର୍ଷ ହଟହଟା ହେଉଛନ୍ତି। ଦୁର୍ନୀତିର ପ୍ରତିବାଦ କରିବା ସହ ଚାଷୀମାନେ ଆନ୍ଦୋଳନ କରି ନ୍ୟାୟ ମାଗୁଛନ୍ତି । ତଥାପି ନ୍ୟାୟ ମିଳୁନାହିଁ । ଆଜି ସୁଦ୍ଧା ସବୁ ଚାଷୀ ଧାନ ବିକ୍ରି କରି ପାରିନାହାନ୍ତି । ସେଥିପାଇଁ ଚାଷୀ ଅଭାବୀ ବିକ୍ରିର ଶିକାର ହୋଇଛି। ନକଲି ଚାଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନର ସାହସ ନାହିଁ । ହାତଗଣତି ସମିତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଦୁର୍ନୀତିକୁ ଚାପି ଦେବାକୁ ଚେଷ୍ଟା କରାଯାଇଛି । କଟନୀଛଟନି ବନ୍ଦ ହୋଇନାହିଁ । ବରଂ ମିଲରଙ୍କୁ ସହଯୋଗ କରୁଛି ପ୍ରଶାସନ। ଧାନକିଣା ଏବେ କିଛି ଲୋକଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି । ଏଥିପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଚାଷୀ ଘେରାଉ କରିଥିଲେ ବୋଲି କହିଛନ୍ତି। ଗଣିଆର ସୁଦାମ ପ୍ରଧାନ, ରଣପୁରର ରାମଚନ୍ଦ୍ର ସାହୁ, ଭାପୁରର ସୁଦାମ ସାହୁ, ନୟାଗଡ଼ର ନିରଞ୍ଜନ ସ୍ୱାଇଁ କୁହନ୍ତି, ସରକାର ଯେତେ ନୀତିରେ ପରିବର୍ତ୍ତନ କରୁଛନ୍ତି ଚାଷୀ ଧାନବିକ୍ରି କରିବାରେ ସେତେ ଅସୁବିଧାରେ ପଡୁଛି । ଚାଷୀ ସୁବିଧାରେ କେବେ ହେଲେ ଧାନବିକ୍ରି କରି ପାରୁନାହିଁ । ଚାଷୀ ଆନ୍ଦୋଳନ କଲେ କିଛି ସମସ୍ୟା ହଟୁଛି । ଏଥିପାଇଁ ସ୍ଥାୟୀ ପ୍ରତିକାର କରାଯାଉ ବୋଲି ସେ କହିଛନ୍ତି।

ଏଆରସିଏସ୍ ଭାସ୍କର ପାଣିଗ୍ରାହୀ କୁହନ୍ତି, ଧାନକିଣାରେ ଅନିୟମିତତା ଆସିଲେ ଆମେ ତୁରନ୍ତ ତଦନ୍ତ କରାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛୁ । ଚଳିତ ବର୍ଷ ୭ଜଣ ନିଲମ୍ବିତ ହୋଇଛନ୍ତି । ମାନ୍ଧତାପୁର, ନୋଉର, ରଙ୍କଦେଉଳି ପ୍ରାଥମିକ କୃଷି ସମବାୟ ସମିତିର ଧାନ କିଣା ଦୁର୍ନୀତିର ତଦନ୍ତ ଶେଷ ହୋଇନାହିଁ। ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ । କାହାରିକୁ ଛାଡିବାର ପ୍ରଶ୍ନ ଉଠୁନି । ଜିଲା ଯୋଗାଣ ଅଧିକାରୀ ବ୍ରଜବନ୍ଧୁ ନାୟକ କୁହନ୍ତି, ଜିଲାରେ ୧୬୨ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ୧୮ମିଲରଙ୍କ ଦ୍ୱାରା ଧାନ କିଣା ଯାଇଛି। ମାର୍ଚ୍ଚ ୩୦ ତାରିଖ ସୁଦ୍ଧା ୧୪ଲକ୍ଷ ୭୩୯ କୁଇଣ୍ଟାଲ ଧାନ କିଣାହୋଇଛି । ୨୧ହଜାର କୁଇଣ୍ଟାଲ ଧାନ କିଣା ହେବାକୁ ଟାର୍ଗେଟ ଅଛି । ଆଉ ଚାଷୀ ମଣ୍ଡିକୁ ଧାନ ଆଣୁ ନାହାନ୍ତି । ମାର୍ଚ୍ଚ ୩୧ରେ ଆମ ଜିଲାରେ ଧାନ କିଣା ଶେଷ ହେବ । ଯଦି ସରକାର ସମୟ ବୃଦ୍ଧି କରିବେ ପୁଣି ଧାନ କିଣା ହେବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ବସ୍‌ରୁ ଓହ୍ଲାଇବା ବେଳେ ମୃତ୍ୟୁ ଆସିଲା

**ନୟାଗଡ଼ ଅଫିସ,୩୦।୩:** ଭୁବନେଶ୍ୱରରୁ ଗଞ୍ଜାମ ଯାଉଥିବା ଜଣେ ବସଯାତ୍ରୀ ନୟାଗଡ଼ ଜିଲାର ରଣପୁରରେ ଅସୁସ୍ଥ ହୋଇ ପଡିଥିଲେ । ଦର୍ପନାରାୟଣପୁରରେ ତାଙ୍କର ମୃତ୍ୟୁ ଘଟିଛି । ସୂଚନା ଅନୁସାରେ ଘରୋଇ ବସ୍ ଆଲ୍‌ଫାରେ ଗଞ୍ଜାମର ଏକ ଦମ୍ପତି ଭୁବନେଶ୍ୱରରୁ ଫେରୁଥିଲେ । ରଣପୁରରେ ଯୁବକଙ୍କ ହଠାତ୍ ଛାତିରେ ଯନ୍ତ୍ରଣା ହୋଇଥିଲା। ଯନ୍ତ୍ରଣା ଉପଶମ ନ ହେବାରୁ ବସ୍‌ଟି ଦର୍ପନାରାୟଣପୁରରେ ଅଟକି ଥିଲା । ତୁରନ୍ତ ଅସୁସ୍ଥ ଯାତ୍ରୀଙ୍କୁ ଡାକ୍ତରଖାନା ନେବାକୁ ବ୍ୟବସ୍ଥା କରାଯାଇଥିଲା । ହେଲେ ତାଙ୍କୁ ବସ୍‌ରୁ ଓହ୍ଲାଇବା ବେଳେ ସେ ଗୁରୁତର ହୋଇପଡିଥିଲେ । ତାଙ୍କୁ ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ମଦନମୋହନ ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ଖଣ୍ଡପଡ଼ା,୩୦।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକର ମର୍ଦ୍ଦରାଜପୁର ପଞ୍ଚାୟତ ଅଧୀନ ଚାଉପଲ୍ଲୀ ଗ୍ରାମରେ ଶ୍ରୀ ମଦନମୋହନଙ୍କ ବିଗ୍ରହ ସ୍ଥାପନ ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ କର୍ତ୍ତା ଭାବେ ବିରଞ୍ଚି ନାରାୟଣ ରଥ ଓ ମୁଖ୍ୟ ପୁରୋଧା ଭାବେ ବିଜୟ କୁମାର ଦାଶ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚାଉପଲ୍ଲୀ ଗ୍ରାମବାସୀଙ୍କ ସହଯୋଗରେ ଏହି ମନ୍ଦିର ନିର୍ମାଣ କରାଯାଇଥିଲା । ୪ ଦିନ ଧରି ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ପରିବେଷଣ କରାଯାଇଥିଲା । ରବିବାର ପୂର୍ଣ୍ଣାହୁତି ଦର୍ଶନ ପାଇଁ ୨ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

### ଜିଲାପାଳଙ୍କୁ ଫେରାଦ ହେଲେ ଅଭିଭାବକ

**ନୟାଗଡ଼ ଅଫିସ,୩୦।୩:** ନୂଆଗାଁ ବ୍ଲକ ସିଙ୍ଗାରପଲ୍ଲୀ ପଞ୍ଚାୟତ ଯୋଡାସାହି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୋଷାକ ଓ ମଧ୍ୟାହ୍ନଭୋଜନର ଖାଦ୍ୟ ଉପକରଣ ବାବଦକୁ ଅର୍ଥ ମିଳୁ ନ ଥିବା ଅଭିଯୋଗ ହୋଇଛି । ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀର ୨୪ ଛାତ୍ରୀଛାତ୍ରପାଠ ପଢୁଛନ୍ତି । କରୋନ କଟକଣା ଯୋଗୁ ସ୍କୁଲ ବନ୍ଦ ରହିଛି । ଏ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ଅଭିଭାବକମାନେ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି ।

### ଚୈତ୍ର ମଙ୍ଗଳବାର ଓଷା ଆରମ୍ଭ

**ଖଣ୍ଡପଡ଼ା,୩୦।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ଅଞ୍ଚଳରେ ଚୈତ୍ର ମଙ୍ଗଳବାର ଓଷା ଆରମ୍ଭ ହୋଇଛି । ମଙ୍ଗଳବାର ସକାଳୁ ରାସ୍ତା କଡରେ ମହିଳାମାନେ ମା'ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରି ଧୂପଦୀପ ଅର୍ପଣ କରିଥିଲେ । ପଣାଲାଗି ପରେ ନିଜ ସନ୍ତାନମାନଙ୍କ ମଙ୍ଗଳ କାମନା କରିଥିଲେ ।

### ନିରାଡ଼ମ୍ବର ହୋଲି

**ଦଶପଲ୍ଲା,୩୦।୩(ଡି.ଏନ.ଏ.):** ଦଶପଲ୍ଲା ଏନ୍‌ଏସି ଏବଂ ଆଖପାଖ ଅଞ୍ଚଳରେ ଚଳିତ ବର୍ଷ ନିରାଡମ୍ବର ଭାବେ ପାଳିତ ହେଲା ଦୋଳପୂର୍ଣ୍ଣିମା ଓ ହୋଲି । ସରକାରଙ୍କ କୋଭିଡ କଟକଣା ଯୋଗୁ ଲୋକମାନେ ବାହାରକୁ ନ ଆସି ନିଜ ଘରେ ଖୁସି ମନାଇ ଥିଲେ । ରଙ୍ଗ ଦୋକାନୀଙ୍କ ବ୍ୟବସାୟ ବାଧାପ୍ରାପ୍ତ ହୋଇଥିଲା।

## ମୃଗବିହାରରେ ଅଗ୍ନିକାଣ୍ଡ

**ନୟାଗଡ଼ ଅଫିସ/ଦଶପଲ୍ଲା, ୩୦।୩(ଡି.ଏନ୍.ଏ.)**

ଦଶପଲ୍ଲା ବ୍ଲକ କୁଆଁରିଆଁସ୍ଥିତ ମୃଗବିହାରରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି । ଏଥିରେ ୫ରୁ ଊର୍ଦ୍ଧ୍ୱ ଶାଳଗଛ ପୋଡି ଯାଇଛି । ତେବେ ମୃଗମାନଙ୍କ କିଛି କ୍ଷତି ହୋଇନାହିଁ । ନୂଆଗାଁ ଦମକଳ କେନ୍ଦ୍ର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ମୃଗବିହାର ନିକଟବର୍ତ୍ତୀ ଜଙ୍ଗଲରେ ଲାଗିଥିବା ନିଆଁ ଉଡ଼ି ଆସି ଏହି ଅଗ୍ନିକାଣ୍ଡ ଘଟିଥିଲା । ସେହିପରି ମକରପ୍ରସାଦରେ ଅଗ୍ନିକାଣ୍ଡ ଘଟି ଗୋଟିଏ ବଖରା, ଦୁଆର ଗାଁରେ ୨ ବଖରା, ଢ଼ିପସାହିରେ ୨ ବଖରା ପୋଡ଼ି ଯାଇଛି।

## ଟ୍ରକ୍ ସହ ୪ କୁଇଣ୍ଟାଲ ଗଞ୍ଜେଇ ଜବତ

**ନୟାଗଡ଼ ଅଫିସ,୩୦।୩**

ରଣପୁର ଥାନା ପୋଲିସ କୋଟଗଡ଼ ଘାଟି ନିକଟରୁ ୪କୁଇଣ୍ଟାଲ ଗଞ୍ଜେଇ ସହ ଏକ ଟ୍ରକ ଜବତ କରିଛି । ଏହି ଘଟଣାରେ ୬ଜଣଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି । ତେବେ ଗଞ୍ଜେଇ କେଉଁଠାରୁ ଆସୁଥିଲା ଜଣାପଡିନାହିଁ।

# ଗୋପାଳ ସମାଜ ପକ୍ଷରୁ ବନ୍ଦାଣ ଉତ୍ସବ



ଗୋପାଳମାନେ ପାରମ୍ପରିକ ବେଶରେ ବାହୁଙ୍ଗି ଧରି ଗ୍ରାମ ପରିକ୍ରମା କରୁଛନ୍ତି।

**ଖଣ୍ଡପଡା,୩୦।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍ କଣ୍ଟିଲୋ ନିକଟସ୍ଥ ପଥରଚକଡା, ଭୋଗଡା, ରାଣିଛେଲି ଓ ଗୋହିରିଆପଡାରେ ଗୋପାଳ ସମାଜ ପକ୍ଷରୁ ଦୋଳ ଉତ୍ସବ ପାଳିତ ହୋଇଯାଇଛି । ଗାଇମାନଙ୍କୁ ସ୍ନାନ କରାଯିବା ସହିତ ଫୁଲ,ସିନ୍ଦୁର ଦିଆଯାଇ ପୂଜାର୍ଚ୍ଚନା କରାଯାଇଥିଲା । ସମାଜର ବେହେରା କସ୍ତୁରୀ ଚରଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନାରାୟଣୀ ପୀଠରେ କୋଠ ଭୋଗ ପ୍ରସ୍ତୁତ କରାଯାଇଥିଲା । ଏହି ଭୋଗକୁ ଗ୍ରାମବାସୀ ସେବନ କରିଥିଲେ । ଅପରାହ୍ନ ଗୋପାଳ ଭାଇମାନେ ନୂତନ କଳସରେ ରଖିଥିବା କ୍ଷୀରକୁ ବାହୁଙ୍ଗିରେ ଧରି ନୀଳମାଧବ ଜୀଉଙ୍କ ପାଖକୁ ଯାଇ ପୂଜାର୍ଚ୍ଚନା କରିଥିଲେ । ପରେ ଲଉଡି ଖେଳ ଗ୍ରାମ ପରିକ୍ରମା କରିଥିଲା । ରାତିରେ କୃଷ୍ଣଲୀଳା ପରିବେଷଣ କରାଯାଇଥିଲା ବୋଲି ସମାଜର ଗୁରୁ ପୂର୍ଣ୍ଣ ଚନ୍ଦ୍ର ଡାଲୁଆ ଓ ବୀର ବେହେରା ପ୍ରକାଶ କରିଛନ୍ତି । ଚଳିତ ବର୍ଷ କୋଭିଡ୍ କଟକଣା ଯୋଗୁ ହୋଲି ଖେଳ ଫିକା ପଡ଼ିଥିଲା।

## ଖମାରସାହି ଗଣ୍ଡଗୋଳ ଘଟଣା, ୩ ଗିରଫ

**ନୟାଗଡ଼ ଅଫିସ,୩୦।୩**

ନୟାଗଡ଼ ଟାଉନଥାନା ଖମାରସାହି ଗଣ୍ଡଗୋଳ ଘଟଣାରେ ପୋଲିସ ବାପି ସ୍ୱାଇଁ, ନାରଣ ସ୍ୱାଇଁ ଓ ଶିବ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୋମବାର ସେମାନଙ୍କ ମିଳିତ ଆକ୍ରମଣରେ ଖମାରସାହିର ଟୁନା ନାୟକ(୨୫) ଆହତ ହୋଇଥିଲେ । ଟୁନାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଜାତିଆଣ ଆକ୍ଷେପ ଅଭିଯୋଗ ହୋଇଛି।

## ଯୁବକଙ୍କ ମୃତଦେହ ଜବତ

**ଛତ୍ରପୁର,୩୦।୩ (ଡି.ଏନ୍.ଏ.)**

ଛତ୍ରପୁର ରେଳଷ୍ଟେଶନ ନିକଟ ପାଣିଟାଙ୍କି ନିକଟରୁ ଜିଆର୍‌ପି ପକ୍ଷରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ବ୍ରହ୍ମପୁରର ଗୋଷାଣି ନୂଆଗାଁ ଅଞ୍ଚଳର ଏମ୍ ପଦ୍ମଲୋଚନ (୩୫)। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଭାଜପା-ବିଜେଡି ସମର୍ଥକ ମାରପିଟ, ୫ ଆହତ

**ନୟାଗଡ଼ ଅଫିସ,୩୦।୩**

ନୟାଗଡ଼ ନିର୍ବାଚନମଣ୍ଡଳୀ ଭାଟସାହିରେ ଭାଜପା ନେତ୍ରୀ ଇରାନୀ ରାୟଙ୍କୁ ରବିବାର ରାତିରେ ଗାଳିଗୁଲଜ ପରେ ବିବାଦ ବଢ଼ିଥିଲା । ଏହି ଘଟଣାକୁ ନେଇ ନୟାଗଡ଼ ସହରରେ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଘଟି ଉଭୟ ପକ୍ଷର ୫ଜଣ ଆହତ ହୋଇଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବାକୁ ପୋଲିସକୁ ମୃଦୁ ଲାଠି ଚାଳନା କରିବାକୁ ପଡିଥିଲା । ଏ ନେଇ ନୟାଗଡ଼ ଟାଉନଥାନାରେ ୨ଟି ପୃଥକ୍ ଅଭିଯୋଗ ହୋଇଥିଲା । ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ହେଲେ ଉଭୟ ଗୋଷ୍ଠୀ ମଧ୍ୟରେ ଆପୋସ ସମାଧାନ ହୋଇଥିବା ଖବର ମିଳିଛି।

ରବିବାର ଭାଟସାହିରେ ଯଜ୍ଞର ଉଦ୍‌ଯାପନ ଦିବସ ଥିଲା । ସନ୍ଧ୍ୟାରେ ଇରାନୀ ଉତ୍ସବ ସ୍ଥଳରେ ପହଞ୍ଚିବା କ୍ଷଣି ବିଜେଡିର ଜଣେ ସମର୍ଥକଙ୍କ ସମେତ ୩ଜଣ ତାଙ୍କୁ ଗାଳିଗୁଲଜ କରିଥିଲେ। ଇରାନୀ ସେଠାରୁ ଫେରି ଆସିଥିଲେ। ହେଲେ ବାଟରେ ୭ଜଣ ଯୁବକ ପୁଣି ଇରାନୀଙ୍କ ଗାଡିକୁ ଅଟକାଇ ଥିଲେ। ଭାଜପା ସମର୍ଥକମାନେ ସେଠାରେ ପହଞ୍ଚିବା ୩ଜଣଙ୍କୁ ଧରି ପୋଲିସ ଜିମା ଦେଇଥିଲେ । ଏହି ସମୟରେ ଇରାନୀ ନୟାଗଡ଼ ଟାଉନ ଥାନା ଆଇଆଇସିଙ୍କ ପ୍ରକୋଷ୍ଠରେ ଥିବାବେଳେ ଜଣେ ସରପଞ୍ଚ ତାଙ୍କୁ ଗାଳି ଗୁଲଜ କରିଥିଲେ। ପରେ ଥାନାର କିଛି ଦୂରରେ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ମାରପିଟ୍ ଆରମ୍ଭ ହୋଇଯାଇଥିଲା । ଏନେଇ ଇରାନୀଙ୍କୁ ପଚାରିବାରୁ ଏହି ବିବାଦ ସମାଧାନ ହୋଇଯାଇଛି ବୋଲି ସେ କହିଛନ୍ତି ।

**ଇରାନୀ ରାୟଙ୍କୁ ଗାଳିଗୁଲଜ ଘଟଣା**

# ଗୋବିନ୍ଦପୁର ହତ୍ୟା ଘଟଣା, ବାପା ପୁଅ ଜେଲ ଗଲେ

**ନୟାଗଡ଼ ଅଫିସ,୩୦।୩**

ଗୋବିନ୍ଦପୁରରେ ଶୁକ୍ରବାର ରାତିରେ ଘଟିଥିବା ରମେଶ ମୁଦୁଲି(୪୫) ହତ୍ୟା ଘଟଣାରେ ଇଟାମାଟି ଥାନା ପୋଲିସ ହତ୍ୟାକାରୀ ଗୋଲଖ ରାଉତ (୪୮) ଓ ପୁଅ ମଣ୍ଟୁ ଓରଫ ଲକ୍ଷ୍ମୀଧର ରାଉତ(୨୧)ଙ୍କୁ ଲାଠିପଡାରୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି ।

ପୋଲିସ ସୂଚନା ଅନୁସାରେ, ଭଉଣୀ ବାହାଘର ପାଇଁ ଗୋବିନ୍ଦପୁର ଗାଁର ଗୋଲଖ ରାଉତ ସେହି ଗାଁର ରମେଶ ମୁଦୁଲିଙ୍କଠାରୁ ୧୫ ହଜାର ଟଙ୍କା କରଜ ନେଇଥିଲେ । ରମେଶ ଗାଁର ଏକ ସୋସାଇଟିରୁ ଟଙ୍କା ସୁଧକୁ ଆଣି ଗୋଲଖକୁ ଦେଇଥିଲେ । ହେଲେ ଗୋଲଖ ସୁଧ କି ମୂଳ ଟଙ୍କା ରମେଶଙ୍କୁ ଫେରାଇ ନ ଥିଲେ । ମୂଳ ଓ ସୁଧ ମିଶି ୨୧ ହଜାର ଟଙ୍କା ହେବା ପରେ ସେହି ଟଙ୍କା ପରିଶୋଧାକୁ ନେଇ ଦୁଇ ଜଣଙ୍କ ମଧ୍ୟରେ ଏକାଧିକ ଥର ପାଟିତୁଣ୍ଡ ହୋଇଥିଲା। ଶୁକ୍ରବାର ସନ୍ଧ୍ୟାରେ ରମେଶ ଟଙ୍କା ମାଗିବାକୁ ଗୋଲଖଙ୍କ ଘରକୁ ଯାଇଥିଲେ। ହେଲେ ସେଦିନ ବିଳମ୍ବିତ ରାତିରେ ଗୋଲଖ, ସ୍ତ୍ରୀ ଶାନ୍ତିଲତା ଓ ପୁଅ ମଣ୍ଟୁ ମିଳିତ ହୋଇ ରମେଶଙ୍କୁ ଛୁରି ଭୁସି ହତ୍ୟା କରିଥିଲେ । ଏନେଇ ଅଭିଯୋଗପରେ ପୋଲିସ ଏକ ମାମଲା(ନଂ.୪୪/୨୧) ମାମଲା ରୁଜୁ କରି ତଦନ୍ତ କରିଥିଲା । ପ୍ରଥମେ ଶାନ୍ତିଲତାଙ୍କୁ ପୋଲିସ ଗିରଫ କରିଥିଲା । ସେ ଏବେ ଜେଲ୍‌ରେ ଅଛନ୍ତି।

# ଚନ୍ଦନ ଲାଗି ବେଶରେ ଦର୍ଶନ ଦେଲେ ଶ୍ରୀନୀଳମାଧବ

**ଖଣ୍ଡପଡ଼ା,୩୦।୩(ସ୍ୱ.ପ୍ର.)**

ଶ୍ରୀନୀଳମାଧବ ଜୀଉଙ୍କ ସର୍ବାଙ୍ଗ ଚନ୍ଦନ ଲାଗି ରବିବାର ଦୋଳ ପୂର୍ଣ୍ଣମୀ ତିଥିରୁ ଆରମ୍ଭ ହୋଇଛି । ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବାରୁ ଶ୍ରୀଜୀଉମାନଙ୍କୁ ଗରମରୁ ରକ୍ଷା ପାଇବା ପାଇଁ ସର୍ବାଙ୍ଗ ଚନ୍ଦନ ଲାଗି କରାଯାଇଥାଏ । ମନ୍ଦିର ପ୍ରଶାସନ ପକ୍ଷରୁ ଦୋଳପୂର୍ଣ୍ଣମୀ ସନ୍ଧ୍ୟାରେ ଠାକୁରଙ୍କୁ ଚନ୍ଦନ ଲାଗି ତଥା ସର୍ବାଙ୍ଗ ବେଶ କରାଯାଇଥିଲା। ଏହି ବେଶ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ। ଶ୍ରୀଜୀଉ ମାର୍ଗଶୀର ମାସ ଷଷ୍ଠୀ ତିଥିରୁ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଓଢଣ ଲାଗି ବେଶ ଓ ଶ୍ରୀପଞ୍ଚମୀରୁ ଦୋଳ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଜାମାଲାଗି ବେଶ ହୋଇଥାନ୍ତି ।



ଚନ୍ଦନଲାଗି ବେଶରେ ଶ୍ରୀନୀଳମାଧବ।

### ନୂତନ ପଞ୍ଜିକା ପୂଜା ହେଲା

ଏହି ଅବସରରେ ଶ୍ରୀଜୀଉଙ୍କ ପାଖରେ ନୂତନ ପଞ୍ଜିକା ପୂଜା କରାଯାଇଛି । ଜ୍ୟୋତିଷ ସନ୍ତୋଷ କୁମାର ଶିରୋମଣି ପଞ୍ଜିକା ପଠନ କରି ୩୬୫ ଦିନର ଶୁଭାଶୁଭ ଫଳ ଏବଂ ପର୍ବ ପର୍ବାଣି ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଚଳିତ ପଠାଣି ସାମନ୍ତଙ୍କ ପଞ୍ଜିକାନୁସାରେ ଚଳିତ ବର୍ଷ ମା' ଲକ୍ଷ୍ମୀ ଭଣ୍ଡାର ରକ୍ଷକ ରହିଥିବା ବେଳେ ରାଜା ଶନି ଓ ମଙ୍ଗଳ ମନ୍ତ୍ରୀ ରହିଛନ୍ତି। ଏହାଦ୍ୱାରା ଦେଶରେ ଭୂମିକମ୍ପ, କଳହ, ଦୈବୀ ଦୁର୍ବିପାକ ଘଟିବ । ପଞ୍ଚଗ୍ରହକୁଟ ଥିବାରୁ ଦେଶପାଇଁ କ୍ଷତିକାରକ ହେବ । ଚଳିତ ବର୍ଷ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ଆଂଶିକ ଥିବାରୁ ଦୃଶ୍ୟ ହେବ ନାହିଁ ବୋଲି ଶିରୋମଣି ସୂଚନା ଦେଇଥିଲେ।

## ଜଙ୍ଗଲ ନିଆଁକୁ ରୋକିବା ପାଇଁ ସଚେତନତା

**ଓଡ଼ଗାଁ,୩୦।୩(ସ୍ୱ.ପ୍ର.)**

ଚଳିତ ବର୍ଷ ରାଜ୍ୟର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଛି । ଏହାକୁ ନେଇ ବହୁ ପରିବେଶବିତ୍ ଚିନ୍ତା ପ୍ରକଟ କରୁଥିବା ବେଳେ ବନ ବିଭାଗକୁ ସାହାର୍ଯ୍ୟ କରିବାକୁ ବହୁ ସଙ୍ଗଠନ ଆଗେଇ ଆସିଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଜାପିତା ବ୍ରହ୍ମାକୁମାରୀ ରୋହିବାଙ୍କ ଶାଖା ଆନୁକୂଲ୍ୟରେ ଏକ ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରାରେ ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ ଡି, ରେଞ୍ଜର ଅମ୍ରିତ କୁମାର ସାହୁ, ବନପାଳ ଜ୍ୟୋତିରଞ୍ଜନ ମାନସିଂ, ପରିବେଶ ସାଥି ସୁକାନ୍ତ ଚୌଧୁରୀ ଓ ଶାନ୍ତନୁ କୁମାର ବିଶୋୟୀଙ୍କ ସହିତ ନୃସିଂହନାଥ ଯୁବକ ସଂଘ, ପରିବେଶ ସାଥି କୁରାଳ ଓ ମା'ପାଣି ଷଣ୍ଢ ଯୁଥ କ୍ଲବର ସଦସ୍ୟମାନେ ଅଂଶ ଗ୍ରହଣ କରିଥିଲେ । ଶୋଭାଯାତ୍ରା ନୃସିଂହ ପ୍ରସାଦ ନୃସିଂହନାଥ ମନ୍ଦିରରୁ ବାହାରି ଧର୍ନୁଜୟପୁର, ହଳନ୍ଦାପଲ୍ଲୀ, ଡୁଲୁବି, ବାଘୁଆ ଛକ, ଜୟମଙ୍ଗଳ ପ୍ରସାଦ, କୋମଣ୍ଡ, ରୋହିବାଙ୍କ, ଭଗବତୀ ପ୍ରସାଦ,ଉଦୟପୁର ଓ ମହେଶ୍ୱରପୁର ଆଦି ଗ୍ରାମରେ ପଥପ୍ରାନ୍ତ ସଭା କରିବା ସହିତ ବିଭିନ୍ନ ସ୍ଲୋଗାନ ମାଧ୍ୟମରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବାକୁ ଆହ୍ୱାନ ଦେଇଥିଲେ । ବ୍ରହ୍ମାକୁମାରୀ ଶାନ୍ତି, ସୀତା ଓ ଗୀତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବନଖଣ୍ଡ ଅଧିକାରୀ ଧନରାଜ ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ।



ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି ।

# ପରୀକ୍ଷାମୂଳକ ଭାବେ ଗଡ଼ିଲା ବିଦ୍ୟୁତ୍ ଟ୍ରେନ

- ଜଟଣୀରୁ ନୟାଗଡ଼ ବିଦ୍ୟୁତ୍‌କରଣ କାମ ଶେଷ
- କୋଭିଡ୍ କଟକଣା ହଟିଲେ ୧୩ରୁ ଟ୍ରେନ ଚାଲିବ
- ଅଧିକ ଟ୍ରେନ ଚଳାଚଳ କରିବାକୁ ସ୍ମାରକପତ୍ର

**ନୟାଗଡ଼ ଅଫିସ,୩୦।୩**

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ପରୀକ୍ଷାମୂଳକ ଭାବେ ବିଦ୍ୟୁତ୍ ଟ୍ରେନ ଚଳାଚଳ କରିଛି । ମଙ୍ଗଳବାର ପୂର୍ବାହ୍ନ ୯ଟାରେ ଖୋର୍ଦ୍ଧା ରୋଡ଼(ଜଟଣୀ)ରୁ ବାହାରିଥିବା ଏହି ଟ୍ରେନ ନୟାଗଡ଼ରେ ମଧ୍ୟାହ୍ନ ୧୨ଟା ୧୫ରେ ପହଞ୍ଚିଥିଲା । ପରେ ସେହି ଟ୍ରେନ ୧୨.୪୫ଟାରେ ନୟାଗଡ଼ ଟାଉନ ଷ୍ଟେଶନ ଛାଡିଥିଲା । ଖୋର୍ଦ୍ଧା ରୋଡ଼ରୁ ନୟାଗଡ଼ ଷ୍ଟେଶନର ଦୂରତା ୬୫ କିମି । ଇତିମଧ୍ୟରେ ସେହି ରେଳପଥରେ ବିଦ୍ୟୁତ୍‌କରଣ କାର୍ଯ୍ୟଶେଷ ହୋଇଛି। ସୋମବାର ପରୀକ୍ଷାମୂଳକଭାବେ ରେଳଇଞ୍ଜିନ ଚାଲିଥିଲା।

ବିଦ୍ୟୁତ୍‌କରଣ କାର୍ଯ୍ୟର ତଦାରଖ ପାଇଁ ମଙ୍ଗଳବାର ପୂର୍ବତଟ ରେଳପଥ ମୁଖ୍ୟ ନିରାପତ୍ତା କମିଶନ ଏ.ଏମ୍ ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ୍ ଆସିଥିଲା । କମିଶନଙ୍କ ଚୂଡ଼ାନ୍ତ ରିପୋର୍ଟ ଆଧାରରେ ଆସନ୍ତା ୧୩ରୁ ବିଦ୍ୟୁତ୍ ଚାଳିତ ଏକ ସ୍ୱତନ୍ତ୍ର ଟ୍ରେନ(ସେବା ଏକ୍ସପ୍ରେସ) ଭୁବନେଶ୍ୱର-ନୟାଗଡ଼ ମଧ୍ୟରେ ଚଳାଚଳ କରିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି । କୋଭିଡ୍ କଟକଣା ଯୋଗୁ ନୟାଗଡ଼କୁ ରେଳ ଚଳାଚଳ କରୁ ନାହିଁ। ଯଦି ବିଦ୍ୟୁତ୍ ଚାଳିତ ରେଳ ଚଳାଚଳରେ କିଛି ଅସୁବିଧା ହୁଏ ୧୩ରୁ ଡିଜେଲ ଟ୍ରେନ ଚାଲିବ ବୋଲି ସୂଚନା ଦିଆଯାଇଛି ।




ପରୀକ୍ଷାମୂଳକ ଭାବେ ଚାଲିଥିବା ବିଦ୍ୟୁତ୍ ଟ୍ରେନ୍।

ନୟାଗଡ଼ ରେଳ ଷ୍ଟେଶନରେ ବିଦ୍ୟୁତକରଣ କାମ ଶେଷ ହୋଇଥିବାରୁ ନୟାଗଡ଼ରୁ ଅଧିକ ସଂଖ୍ୟକ ଟ୍ରେନ ଚଳାଚଳର ଆବଶ୍ୟକତା ରହିଛି । କାରଣ ନୟାଗଡ଼ ଜିଲାରୁ ଅଧିକାଂଶ ଲୋକ ବିଭିନ୍ନ କାର୍ଯ୍ୟରେ ଦୈନିକ ଜିଲା ବାହାରକୁ ଯା'ଆସ କରିଥାନ୍ତି । ଏଥିପାଇଁ ସେମାନେ ନାନା ଅସୁବିଧାର ଅସୁବିଧାର ସମ୍ମୁଖୀନ ହେବା ସହ ଅଯଥା ଖର୍ଚ୍ଚାନ୍ତ ହୋଇଥାନ୍ତି । ଏପରି ସମସ୍ୟାକୁ ନେଇ ଭାରତ ବିକାଶ ପରିଷଦ,ନୟାଗଡ଼ ଶାଖା ପକ୍ଷରୁ ଏକ ଦାବିପତ୍ର ପୂର୍ବତଟ ରେଳପଥର ଆଞ୍ଚଳିକ ମହାପ୍ରବନ୍ଧକଙ୍କ ଉଦ୍ଦେଶ୍ୟରେ ଖୋର୍ଦ୍ଧାରୋଡ଼ ଡିଭିଜନ ମ୍ୟାନେଜର ଏସ୍.କେ. ସିଂଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ନୟାଗଡ଼ ଭୁବନେଶ୍ୱର ମଧ୍ୟରେ ଚଳାଚଳ କରୁଥିବା ସେବା ଏକ୍ସପ୍ରେସ ଟ୍ରେନକୁ ନୟାଗଡ଼ରୁ ପାରାଦୀପ ପର୍ଯ୍ୟନ୍ତ ବର୍ଦ୍ଧିତ କରିବାର ଦାବି ରହିଛି । ସେହିଭଳି ନୟାଗଡ଼ରୁ ଦଶପଲ୍ଲା ପର୍ଯ୍ୟନ୍ତ ରେଳଲାଇନ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବା, ନୟାଗଡ଼ରୁ ଓଡ଼ିଶା ବାହାରକୁ ଟ୍ରେନ ଚଳାଚଳ କରିବା ଏବଂ ନୟାଗଡରୁ ଭୁବନେଶ୍ୱର,କଟକ ଓ ପୁରୀ ମଧ୍ୟରେ ଅଧିକ ପାସେଞ୍ଜର ଟ୍ରେନ ଚଳାଚଳ କରାଇବାକୁ ଦାବି କରାଯାଇଛି । ଭାରତ ବିକାଶ ପରିଷଦ ପକ୍ଷରୁ ସଚିବ ପ୍ରଦୀପ କୁମାର ସାହୁଙ୍କ ସମେତ ଲକ୍ଷ୍ମୀଧର ସାହୁ,ଶେଖ ଅବଦୁଲ ଖାଲିକ,ଅଶୋକ କୁମାର ମଲ୍ଲ, ପ୍ରଫୁଲ କୁମାର ବେହେରା, ପ୍ରଫୁଲ କୁମାର ନାୟକ,ଶରତ ମହାପାତ୍ର,ଲକ୍ଷ୍ମୀଧର ଦାସ ପ୍ରମୁଖ ଖୋର୍ଦ୍ଧାରୋଡ଼ ଡିଭିଜନ ମ୍ୟାନେଜର ସିଂଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଗଞ୍ଜାମ ଓକିଲ ସଂଘର ୪ ଦିନିଆ କୋର୍ଟ ବର୍ଜନ

ବ୍ରହ୍ମପୁର ଅଫିସ,୩୦।୩

ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗଞ୍ଜାମ ଓକିଲ ସଂଘର ୪ ଦିନିଆ କୋର୍ଟ ବର୍ଜନ ମଙ୍ଗଳବାର ଆରମ୍ଭ ହୋଇଛି। ଫଳରେ ସମସ୍ତ ଅଦାଲତର ବିଚାର ବ୍ୟବସ୍ଥାରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ପୂର୍ବାହ୍ନରେ ଶତାଧିକ ଆଇନଜୀବୀ ସଂଘ କାର୍ଯ୍ୟାଳୟ ପରିସରରେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ ସହ ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ ସ୍ଲୋଗାନ ଦେଇଥିଲେ। ସଂଘ ସଭାପତି କପିଳେଶ୍ୱର ପଟ୍ଟନାୟକ, ସମ୍ପାଦକ ରାମକୃଷ୍ଣ ମହାରଣା, ଉପସଭାପତି ବସନ୍ତ କୁମାର ରାଉତ, ଯୁଗ୍ମ ସମ୍ପାଦକ ଶ୍ରୀଧର ସାହୁ, ଚଳିତ ବର୍ଷ ଓକିଲ ସଂଘ ନିର୍ବାଚନରେ ନିର୍ବାଚିତ ହୋଇଥିବା ସଭାପତି ପ୍ରାର୍ଥୀ ଜନାର୍ଦ୍ଦନ ସୁବୁଦ୍ଧି, ସମ୍ପାଦକ ପ୍ରଦୀପ କୁମାର ବେହେରା, ଉପ ସଭାପତି ବି.ଭାଗୀରଥି ରାଓ, ଯୁଗ୍ମ ସମ୍ପାଦକ ସୁଧୀର କୁମାର ପାତ୍ର, ବରିଷ୍ଠ ଆଇନଜୀବୀ ମୋହନ ସିଙ୍ଗାରି, ମନୋଜ ପଟ୍ଟନାୟକ, ପ୍ରତାପ ଦାଶ, ଅଭୟ ପଣ୍ଡା, ରଘୁନାଥ ପ୍ରସାଦ ପାଣିଗ୍ରାହୀ, ସୁଧାଂଶୁ ପଣ୍ଡା, ଅଶୋକ ଶୁକ୍ଳା, ସଞ୍ଜୟ ମିଶ୍ର, ଅକ୍ଷୟ ପଟ୍ଟନାୟକ, ବରୁଣ ଗୌଡ଼ଙ୍କ ସମେତ ବହୁ ଆଇନଜୀବୀ ଆନ୍ଦୋଳନରେ ସାମିଲ ଥିଲେ।

# ଗୋଡ଼ିପଡ଼ା ମେଳଣରେ ସାମିଲ ହେଲେ ୯ ବିମାନ

ନୟାଗଡ଼ ଅଫିସ,୩୦।୩



ମେଳଣ ପଡ଼ିଆକୁ ଆସିଥିବା ଠାକୁରଙ୍କ ବିମାନ।

ଗୋଡିପଡା ଲଡୁକେଶ ମହେଶଙ୍କ ପୀଠରେ ଦୋଳଯାତ୍ରାର ନବକଳେବର ଚଳିତ ବର୍ଷ ହୋଇଛି । ଏଠାରେ ଦୋଳପର୍ବ ଧୁମ୍‌ଧାମରେ ପାଳନ ହୋଇ ନ ଥିଲେ ମଧ୍ୟ ବିମାନଙ୍କ ସଂଖ୍ୟା ବଢ଼ିଛି । ପ୍ରାୟ ୩୦ ବର୍ଷ ହେଲା ଯାତ୍ରା ଆଉ ଆଗପରି ହେଉ ନ ଥିଲା । ଧିରେ ଧରେ ବିମାନ ସଂଖ୍ୟା କମି ୨ରେ ପହଞ୍ଚିଥିଲା । ଦୋଳପର୍ବ କେବଳ ପର୍ବରେ ସୀମିତି ରହି ଯାଇଥିଲା । ଚଳିତ ବର୍ଷ ୯ଟି ବିମାନ ମେଳଣ ପଡିଆକୁ ଆସିଥିଲା । ଏକ ଆଟୋପ ପଟୁଆର ଗାଁ ପରିକ୍ରମା କରିଥିଲା । ଏଥିରେ ଗୋଡିପଡାର ଲଡୁକେଶ ମହେଶଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ଓ ଗୋପୀନାଥ, ଡିମିଶରର ଜଗନ୍ନାଥ, କେଶପାନିଆ ଓ ପାଟୁଲିସାହିର ଆଖଣ୍ଡଳମଣି, ସାନଗୋରଡା ଗାଁର ଲଡୁକେଶ୍ୱର, କେଶପାନିଆର ସପନେଶ୍ୱର, ତଲାରିବନ୍ଧର ବିଶେଶ୍ୱରନାଥ, ଡମସାହିର ଶିବ ଠାକୁର ଅଂଶ ଗ୍ରହଣ କରିଥିଲେ । ଠାକୁର ଗୋଡିପଡ଼ା ଗାଁକୁ ଯାଇ ଭୋଗ ଖାଇଥିଲେ । ସେହିପରି ନୟାଗଡ଼ ଜିଲା ସଦର ମହକୁମାରେ ଦୋଳଯାତ୍ରା ମହାସମାରୋହରେ ପାଳିତ ହୋଇ ଯାଇଛି । ଦୋଳପୂର୍ଣ୍ଣିମା ଅବସରରେ ନୟାଗଡ଼ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶମ୍ଭୁ ମେଳଣ ହୋଇ ନ ଥିଲେ ବି ପରମ୍ପରା ରକ୍ଷା କରାଯାଇଥିଲା । ସେହିଭଳି ଶରଣକୁଳ ଲଡୁବାବାଙ୍କ ପୀଠରେ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କ ସହିତ ଗୋପୀନାଥ ଓ ହରିହରପୁର ଗ୍ରାମର ଦଧିବାମନ ଜୀଉ ଦୋଳମଣ୍ଡପକୁ ବିଜେ କରିଥିଲେ । ଏଠାରେ ନୂତନ ପାଞ୍ଜି ପାଠ କରି ୨୦୨୧-୨୨ ମସିହାର ପର୍ବପର୍ବାଣୀ, ପାଣିପାଗ, କ୍ଷେତ ଅମଳ ଓ ଆୟବ୍ୟୟ ସମ୍ପର୍କରେ ସୂଚନା ଦେଇଥିଲେ । ପରେ ସମସ୍ତ ଠାକୁରମାନଙ୍କୁ ବଡ଼ପଣ୍ଡାମାନେ ସୁ-ସଜ୍ଜିତ ବିମାନରେ ଉପବେଶନ କରି ଭୋଗଲାଗି ପାଇଁ ସୁଆର ସାହି, ଭିକାରୀପଡ଼ା ବ୍ରାହ୍ମଣ ଶାସନ ଯାଇ ମନ୍ଦିରକୁ ଫେରିଥିଲେ। ମନ୍ଦିର ସୁପର ଭାଇଜର ସୁବାସ ଚନ୍ଦ୍ର ବରାଡ, ସମସ୍ତ ସେବାୟତ ଏହି ଉତ୍ସବରେ ସହଯୋଗ କରିଥିଲେ।

# ଜମାନବନ୍ଦୀ ଲିପିବଦ୍ଧ ପାଇଁ ସ୍ୱତନ୍ତ୍ର ପିଟିଶନ

ନୟାଗଡ଼ ଅଫିସ,୩୦।୩

## ପରୀ ହତ୍ୟା ମାମଲା

ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଫୌଜଦାରୀ କାର୍ଯ୍ୟବିଧି ସଂହିତାର ୧୬୪ ଧାରାରେ ଜମାନବନ୍ଦୀ ଲିପିବଦ୍ଧ କରିବାକୁ ନୟାଗଡ଼ ଚିଲ୍‌ଡ୍ରେନ କୋର୍ଟରେ ପରୀର ମା' ସୌଦାମିନୀ ଓ ବାପା ଅଶୋକ ସାହୁ ସ୍ୱତନ୍ତ୍ର ପିଟିଶନ ମଙ୍ଗଳବାର ଦାଖଲ କରିଛନ୍ତି । ଓକିଲ ରଣଜିତ୍ ଦାଶଙ୍କ ମାଧ୍ୟମରେ ପରୀର ମା'ବାପା ପିଟିଶନ ଦାଖଲ କରିବା ପରେ ବହୁଚର୍ଚ୍ଚିତ ପରୀ ହତ୍ୟା ମାମଲା ନୂଆ ମୋଡ ଆସିଛି । ପିଟିଶନର ନକଲ ମୁଦାଲା କଲେଜ ଛାତ୍ରଙ୍କ ଓକିଲ ଓ ସରକାରୀ ଓକିଲଙ୍କୁ ପ୍ରଦାନ କରାଯିବା ପରେ ଅତିରିକ୍ତ ଜିଲା ଦୌରାଜଜ ତଥା ଚିଲଡ୍ରେନ କୋର୍ଟ ବିଚାରପତି ତାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି । ସରକାରୀ ଓକିଲ ପିଟିଶନ ଉପରେ ପ୍ରତିବାଦ କରିଥିଲେ ମଧ୍ୟ ଏହାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୧୯ରେ ହେବ ବୋଲି ଧାର୍ଯ୍ୟ ହୋଇଛି । ଏତଲାକାରୀଙ୍କ ଜମାନବନ୍ଦୀ କୋର୍ଟରେ ଲିପିବଦ୍ଧ କରା ନ ଯାଇ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚର ଏସ୍‌ଆଇଟି ମୁଦାଲା କଲେଜ ଛାତ୍ରଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ତରବରିଆ ଭାବେ ଦାଖଲ କରିଥିବା କୋର୍ଟଙ୍କୁ ଓକିଲ ଦାଶ ଅବଗତ କରାଇଛନ୍ତି ।


## ସର୍ବସାଧାରଣ ଘୋଷଣା

(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍‌ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୩୨ ଓ ୩୩ ଅଧୀନରେ)

| ସମ୍ପର୍କିତ ବିବରଣୀ | | |
|---|---|---|
| ୧ | କର୍ପୋରେଟ୍ ଋଣୀଙ୍କ ନାମ | **ମା' ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍** |
| ୨ | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩ | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – କଟକ |
| ୪ | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍୨୦୦୮ପିଏଲ୍‌ସି୦୧୦୫୦୧ |
| ୫ | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଡି ସେଣ୍ଟର ବିଲ୍‌ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା – ୭୫୩୦୧୦ **କାରଖାନା ଅବସ୍ଥିତି:** ବଇଁତୁଆ, ଟାଙ୍ଗୀ, କଟକ– ୭୫୪୦୨୨, ଓଡ଼ିଶା |
| ୬ | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୭ | ପରିସମାପକଙ୍କ ନାମ, ଠିକଣା, ଇମେଲ୍ ଠିକଣା, ଟେଲିଫୋନ ନମ୍ବର ଏବଂ ପଞ୍ଜୀକରଣ ନମ୍ବର | **ନାମ: ପଙ୍କଜ ଧାନୁକା** ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬ ପଞ୍ଜୀକୃତ ଇମେଲ୍ ଠିକଣା: **pankajdhanuka@gmail.com** ଟେଲିଫୋନ୍: +୯୧ ୯୮୩୦୦ ୧୮୧୨୮ **ପଞ୍ଜୀକରଣ ନଂ.:** ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧ **ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍‌ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ ଯୋଗାଯୋଗ ଇମେଲ୍ ଠିକଣା: **inmtpclip@deloitte.com** |
| ୮ | ଇ-ନିଲାମର ତାରିଖ | **ନିଲାମ ଆରମ୍ଭ ତାରିଖ ଓ ସମୟ: ଏପ୍ରିଲ ୨୨, ୨୦୨୧ @ ପୂ. ୧୧.୦୦ ଘ. ନିଲାମ ସମାପ୍ତିର ତାରିଖ ଓ ସମୟ: ଏପ୍ରିଲ ୨୨, ୨୦୨୧ @ ଅ. ୦୪.୩୦ ଘ.** |
| ୯ | ପ୍ରକ୍ରିୟା ଦସ୍ତାବିଜ୍ ହାସଲର ପଦ୍ଧତି | ନିଲାମ ପ୍ରକ୍ରିୟାର ସବିଶେଷ ନିୟମ ଓ ସର୍ତ୍ତାବଳୀ ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ଅଟେ, ଯାହାକୁ ବିଡରମାନେ **inmtpclip@deloitte.com**କୁ ଇମେଲ୍ ଅନୁରୋଧ ପଠାଇ ହାସଲ କରିପାରିବେ। |
| ୧୦ | ପ୍ରକ୍ରିୟା ଦସ୍ତାବିଜ ହାସଲର ଶେଷ ତାରିଖ | ଏପ୍ରିଲ ୨୦, ୨୦୨୧ |
| ୧୧ | ନିଲାମ ପ୍ରକ୍ରିୟାର ବିଷୟବସ୍ତୁ | କର୍ପୋରେଟ୍ ଋଣୀଙ୍କୁ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା |
| ୧୨ | ବିଡ୍ ଦାଖଲର ପଦ୍ଧତି | ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ, ଯାହା କର୍ପୋରେଟ୍ ଋଣୀଙ୍କ ପରିସମାପକଙ୍କ ଦ୍ୱାରା ଜାରି ହେବ। |
| ୧୩ | ବିକ୍ରୟ ମାଧ୍ୟମ | ବିକ୍ରୟ ମାଧ୍ୟମ ହେଉଛି ଖୋଲା ଇ-ନିଲାମ, ଯେଉଁଠାରେ ବିଡରମାନେ ଖୋଲା ସମୟ ଅବଧି ମଧ୍ୟରେ ଅନ୍ୟାନ୍ୟ ବିଡରମାନଙ୍କର ପ୍ରତିଯୋଗିତାମୂଳକ ବିଡ୍ ଦେଖିପାରିବେ। କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା 'ଯେପରି ଅଛି ଯେଉଁଠାରେ ଅଛି' ଭିତ୍ତିରେ କରାଯିବ ଏବଂ କର୍ପୋରେଟ୍ ଋଣୀଙ୍କ ଅଥବା ପରିସମାପକଙ୍କ ଦ୍ୱାରା କୌଣସି ପ୍ରତିନିଧିତ୍ୱ, ୱାରେଣ୍ଟି ଅଥବା କ୍ଷତିପୂରଣ ଦିଆଯିବ ନାହିଁ । |
| ୧୪ | ସଂରକ୍ଷିତ ମୂଲ୍ୟ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ଏହି ଇ-ନିଲାମ ସଞ୍ଚାଳନ ଉଦ୍ଦେଶ୍ୟରେ ସଂରକ୍ଷିତ ମୂଲ୍ୟକୁ **ଆଇଏନ୍‌ଆର୍ ୪୫ କୋଟି** ଭାବେ ନିର୍ଦ୍ଧାରଣ କରାଯାଇଛି। |
| ୧୫ | ଅମାନତ ରାଶି ଜମାର ଆବଶ୍ୟକତା | କମ୍ପାନୀ ଏବଂ ଏକ ଚାଲୁ ବ୍ୟବସାୟ ଭାବେ ଏହାର ବ୍ୟବସାୟକୁ ଅଧିଗ୍ରହଣ କରିବା ନିମନ୍ତେ ବିଡ୍ କରିବା ପାଇଁ ବିଡର(ମାନ)ଙ୍କୁ **ଆଇଏନ୍‌ଆର୍ ୫୦ ଲକ୍ଷର** ଅମାନତ ରାଶି ଜମା (''ଇଏମ୍‌ଡି'') ଦାଖଲ କରିବାକୁ ହେବ । |

**ଦ୍ରଷ୍ଟବ୍ୟ:** ଏଠାରେ ସମ୍ବଳିତ କୌଣସି ଲେଖା କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ କିମ୍ବା ଏହାର ପରିସମ୍ପତ୍ତିକୁ ବିକ୍ରି କରିବାର ଏକ ବାଧ୍ୟତାମୂଳକ ଯାଚନା କିମ୍ବା ପ୍ରତିବଦ୍ଧତା ନୁହେଁ ।
ବିଡରମାନେ ଏହା ଧ୍ୟାନରେ ରଖିବା ଜରୁରୀ ଯେ ଉପରଦର୍ଶିତ ନିଲାମ ପ୍ରକ୍ରିୟା ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍‌ରପ୍ସି ସଂହିତା, ୨୦୧୬ (''ସଂହିତା'') ଏବଂ ତାହା ଅଧୀନ ସମ୍ପର୍କିତ ବ୍ୟବସ୍ଥାପନ ଅନୁଯାୟୀ ସଞ୍ଚାଳିତ ହେଉଛି । ସଂହିତାର ଧାରା ୫୨ ସହିତ ପଠନପୂର୍ବକ ପ୍ରଯୁଜ୍ୟ ନିୟମାବଳୀର ନିୟମ ଅନୁଯାୟୀ ବିଦ୍ୟମାନ ପ୍ରଭାରୀଙ୍କ ଦ୍ୱାରା କର୍ପୋରେଟ ଋଣୀଙ୍କ କୌଣସି ପରିସମ୍ପତ୍ତି ଆଦାୟକରଣ କ୍ଷେତ୍ରରେ, ସମ୍ପୃକ୍ତ ପ୍ରଭାରୀଙ୍କ ଦ୍ୱାରା ଏପରି ବିକଳ୍ପର ପ୍ରୟୋଗ ଯେପରି ଓ ଯେବେ କରାଯିବ, ସେହି ପରିସମ୍ପତ୍ତିଟି ପରିସମାପକଙ୍କ ଦ୍ୱାରା ସଞ୍ଚାଳନ କରାଯାଉଥିବା ନିଲାମ ପ୍ରକ୍ରିୟାର ପରିସରରୁ ବହିର୍ଭୂତ ହୋଇଯିବ।
ଏହି ଆମନ୍ତ୍ରଣ ସମେତ ସମୟରେଖା କିମ୍ବା ସେଥିରେ ଅନ୍ତର୍ଭୁକ୍ତ ପ୍ରକ୍ରିୟାଗୁଡ଼ିକୁ ବିନା କୌଣସି କାରଣ ଦର୍ଶାଇ, ଯେକୌଣସି ସମୟରେ ଓ ଯେକୌଣସି ଉପାୟରେ ସଂଶୋଧନ ଏବଂ/କିମ୍ବା ରଦ୍ଦ କରିବାର ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ। ଆମନ୍ତ୍ରଣ ସମେତ ଉପରଦର୍ଶିତ ସମୟରେଖାରେ ଏପରି କୌଣସି ସଂଶୋଧନ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ **www.mtpcl.in**ରେ ଅଧିସୂଚିତ ହେବ।

ମା' ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ ପାଇଁ
ସ୍ୱା./- ପଙ୍କଜ ଧାନୁକା
ମୀମାଂସା ବୃତ୍ତିଧାରୀ - ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
ଯୋଗାଯୋଗ ଠିକଣା:
ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍‌ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ ଯୋଗାଯୋଗ ଇମେଲ୍: inmtpclip@deloitte.com
ତାରିଖ: ମାର୍ଚ୍ଚ ୩୧, ୨୦୨୧
ସ୍ଥାନ: କୋଲକାତା


# ଅଫ୍‌ଲାଇନ ଡିପ୍ଲୋମା ପରୀକ୍ଷା ନେଇ ଅସନ୍ତୋଷ

ବ୍ରହ୍ମପୁର ଅଫିସ୍,୩୦।୩

## ୟୁସିପି ଛାତ୍ରଙ୍କ ଆନ୍ଦୋଳନ



ଫାଟକ ସମ୍ମୁଖରେ ଆନ୍ଦୋଳନରତ ଛାତ୍ର।

ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଡିପ୍ଲୋମା ତୃତୀୟ ଓ ପଞ୍ଚମ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ଅନ୍‌ଲାଇନ୍ ପରୀକ୍ଷା ଦାବି କରି ମଙ୍ଗଳବାର ଛାତ୍ରମାନେ ମୁଖ୍ୟ ଫାଟକ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଡିପ୍ଲୋମା ତୃତୀୟ ଓ ପଞ୍ଚମ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ପରୀକ୍ଷା ବୁଧବାର ହେବା ନେଇ ସ୍ଥିର ହୋଇଥିଲା। ଯାହାକୁ ବିରୋଧ କରି ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଛାତ୍ରମାନେ ଅଫ୍‌ଲାଇନ୍ ବଦଳରେ ଅନ୍‌ଲାଇନ୍ ପରୀକ୍ଷା ପାଇଁ ଦାବି କରି ଫାଟକ ସମ୍ମୁଖରେ ବସି ଟାୟାର ଜାଳି ବିରୋଧ କରିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଘଟଣାସ୍ଥଳରେ ବୈଦ୍ୟନାଥପୁର ପୋଲିସ ପହଞ୍ଚି ଛାତ୍ରଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ ଛାତ୍ରମାନେ ନିଜ ଜିଦ୍‌ରେ ଅଟଳ ରହିବା ସହ ଅନ୍‌ଲାଇନ୍ ପରୀକ୍ଷା ପାଇଁ ଅଡ଼ି ବସିଥିଲେ। ଏଥିସହ ପରୀକ୍ଷା ପୂର୍ବରୁ କୌଣସି କୋଭିଡ୍ ପରୀକ୍ଷା କରାଯାଇ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ପରୀକ୍ଷା ସମୟରେ ଯଦି କୌଣସି ଛାତ୍ର କୋଭିଡ୍ ସଂକ୍ରମିତ ହୁଏ ତେବେ କିଏ ଦାୟୀ ରହିବେ ବୋଲି ଛାତ୍ରୀଛାତ୍ରମାନେ ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ଆନ୍ଦୋଳନରତ ଛାତ୍ରଙ୍କ ପକ୍ଷରୁ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ଧରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ ସମସ୍ୟା ସମାଧାନ ନ ହେବାରୁ ଛାତ୍ରମାନେ ଆନ୍ଦୋଳନ ଜାରି ରଖିଥିଲେ। ଏ ନେଇ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ କରିବାରୁ କହିଛନ୍ତି, ୨୨ ତାରିଖରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇଛି। ବୁଧବାରଠାରୁ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ।

# ମହେନ୍ଦ୍ରଗିରିରେ ଆମିଷ ଭୋଜନ ଘଟଣା କ୍ଷମା ମାଗିଲେ ଅଧିକାରୀ

**ପାରଳାଖେମୁଣ୍ଡି,୩୦।୩(ଡି.ଏନ୍.ଏ.):** ରାୟଗଡ଼ ବ୍ଲକ ପ୍ରସିଦ୍ଧ ମହେନ୍ଦ୍ରଗିରରେ ତିବ୍ବତୀୟମାନେ ଆମିଷ ଭୋଜନ କରିଥିବା ନେଇ ପାରଳା ଯୁବ ସଂଘ ପକ୍ଷରୁ ଜିଲାପାଳ ଅନୁପମ ସାହାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଘଟଣାଟ ପ୍ରକାଶ ପରେ ମଙ୍ଗଳବାର ତିବ୍ବତ ସେଟେଲମେଣ୍ଟ ଅଧିକାରୀଙ୍କ ପକ୍ଷରୁ କ୍ଷମା ପ୍ରର୍ଥନା କରାଯାଇଛି। ତିବ୍ବତ ସେଟେଲମେଣ୍ଟ ଅଧିକାରୀ ମିଷ୍ଟର ଥୁପଟେନ ଏକ ଚିଠି ମାଧ୍ୟମରେ 'ଫୁନ୍ସୋକିଙ୍ଗ ତିବ୍ବେତନ ସେଟେଲମେଣ୍ଟ' ଅଧୀନରେ ଥିବା ବିଭିନ୍ନ କ୍ୟାମ୍ପ ଲିଡର ମାନଙ୍କୁ କହିଛନ୍ତି ଯେ, କୌଣସି ଧାର୍ମିକ ସ୍ଥାନକୁ ଗଲେ ସେଠାକାର ଧାର୍ମିକ ଭାବନାକୁ ମର୍ଯ୍ୟାଦା ଦିଅ। ଏଥିସହ ଭୀମମନ୍ଦିରରେ ଯେଉଁ ପତାକା ଲଗାଯାଇଛି ତାହା ତିବ୍ବତ ପତାକା ନୁହଁ ବଂର ଲୁଙ୍ଗଟା ପତାକା। ଯାହାକି ଶାନ୍ତି ଓ ସଦ୍ଭାବନା ବଜାୟ ରଖିବା ପାଇଁ ଲଗାଯାଇଥାଏ। ଏଥି ଲାଗି କାହାକୁ ଆଘାତ ଲାଗିଥିଲେ କ୍ଷମା କରିବା ପାଇଁ ସେ ନିବେଦନ କରିଛନ୍ତି।

# ଫୁଲଚାଷରେ ଇଞ୍ଜିନିୟରିଂ ଛାତ୍ରୀ ସୁନୀତା

ଖୋର୍ଦ୍ଧା ଅଫିସ,୩୦।୩



ଫୁଲ ବଗିଚାରେ ସୁନୀତା।

ଦୃଢ଼ ଇଚ୍ଛାଶକ୍ତି ଏବଂ ନିରନ୍ତର ସାଧନା ସଫଳତା ଆଣିଥାଏ। ନିଜ ପ୍ରଚେଷ୍ଟାରେ ଆତ୍ମନିର୍ଭର ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରତନପୁର ଗ୍ରାମର ଗୋଲା ବେହେରା ଓ ଚଞ୍ଚଳାଙ୍କ ଝିଅ ସୁନୀତା। ନିଜ ପ୍ରଚେଷ୍ଟାରେ ସୁନୀତା ୭୨ରୁ ଉର୍ଦ୍ଧ୍ୱ ଔଷଧୀୟ ଗୁଳ୍ମ ଲଗାଇବା ସହ ତା'ର ଯତ୍ନ ନେଉଛନ୍ତି। ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ଖବରକାଗଜ ସଂଗ୍ରହ କରି ଘରେ ଟିକିକା ଖବରକାଗଜ ସଂଗ୍ରହାଳୟ କରିଛନ୍ତି। ଏଥିସହ ଓଡ଼ିଶାର ପ୍ରଥମ ବାଳିକା କଳିଙ୍ଗ କନ୍ୟା ପାଇକ ଆଖଡ଼ା ପ୍ରତିଷ୍ଠା କରିଛନ୍ତି। ପରିବେଶ ସୁରକ୍ଷା, ଚାରାରୋପଣ ଦିଗରେ ଅବଦାନ ଲାଗି ସେ ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ପ୍ରକୃତିବନ୍ଧୁ ସମ୍ମାନରେ ସମ୍ମାନିତ ହେବା ସହ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନିତ ହୋଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ତାଙ୍କୁ ସରସ୍ୱତୀ ରାୟ ଗୋଲ୍ଡ ମେଡାଲ ତଥା ରାଜ୍ୟସ୍ତରୀୟ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସମ୍ମାନିତ କରିଛି। ଏବେ ନିଜ ଘର ବାରିରେ ଗେଣ୍ଡୁ ଫୁଲ ଚାଷ କରି ସମସ୍ତଙ୍କର ପ୍ରଶଂସାର ପାତ୍ର ହେବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି। ତାଙ୍କର ଏହି ସଫଳତା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଛି।

## ନିଷ୍ଠା ଓ ପରିଶ୍ରମ ଦେଇଛି ପରିଚୟ

ସୁନୀତା ବିଟେକ୍ ପଢୁଥିବା ବେଳେ କରୋନା ମହାମାରୀ ଯୋଗୁ ଲକ୍‌ଡାଉନ ହୋଇଗଲା। କଲେଜରେ ପାଠପଢ଼ା ବନ୍ଦ ହେବାରୁ ସେ ଘରକୁ ଚାଲି ଆସିଥିଲେ। ସମୟ ଅପଚୟ କରିବା ପରବର୍ତ୍ତେ ବାରିରେ ଫୁଲ ଚାଷ କରିବାକୁ ମନସ୍ଥ କରିଥିଲେ। ଏନେଇ ସୁନୀତା ଖୋର୍ଦ୍ଧା ଉଦ୍ୟାନ ବିଭାଗ ସହ ଆଲୋଚନା କରିଥିଲେ। ହର୍ଟିକଲଚରିଷ୍ଟ ପ୍ରମୋଦ ସାମନ୍ତସିଂହାରଙ୍କ ପ୍ରେରଣା ଓ ଦୁଇ ଭାଇଙ୍କ ସହଯୋଗରେ ଫୁଲ ଚାଷ ଆରମ୍ଭ କରିଥିଲେ। ଏବେ ପ୍ରତି ଗେଣ୍ଡୁ ଗଛରେ ୨୦ରୁ ୨୫ଟି ଫୁଲ ଫୁଟୁଛି। ସ୍ଥାନୀୟ ଲୋକେ ଏଠାକୁ ଦେଖିବାକୁ ଆସୁଥିବା ବେଳେ ଫୁଲବଗିଚା ଏବେ ସେଲ୍ଫି ପଏଣ୍ଟ ପାଲଟିଛି। ସ୍ଥାନୀୟ ଅଞ୍ଚଳରେ ସୁନୀତା ଫୁଲର ରାଣୀ ଭାବେ ପରିଚୟ ପାଇଛନ୍ତି। ବାରିରେ କୂଅ ନ ଥିବାରୁ ପଡ଼ିଶା ଘର, ଏପରିକି ଗାଁ ମନ୍ଦିରରୁ ପାଣି ବୋହିବାକୁ ପଡ଼ିଛି। କେବଳ ସଉକ ଲାଗି ଫୁଲଚାରା ଲଗାଇଥିଲି। ଏବେ ଏହା ମୋର ରୋଜଗାରର ମାଧ୍ୟମ ପାଲଟିଛି। ବହୁ ଫୁଲ ବ୍ୟବସାୟୀ, ଫୁଲ ଡେକୋରେଟର ଆସି ଫୁଲ କିଣି ନେଉଛନ୍ତି। ପରିଶ୍ରମ ଅନୁସାରେ ଫୁଲର ଦାମ ମିଳୁନି। ତଥାପି ଆତ୍ମସନ୍ତୋଷ ମିଳିଛି। ଆଗାମୀ ଦିନରେ ପାଣି ସମସ୍ୟା ଦୂର ଲାଗି ବଗିଚାରେ ଏକ କୂଅ ଖନନ ସହ ସମ୍ମନ୍ୱିତ ଚାଷ ପାଇଁ ଯୋଜନା ରଖିଛନ୍ତି। ନିଷ୍ଠା ଓ ଏକାଗ୍ରତା ସଫଳତା ଆଣିଥାଏ। ଛାତ୍ରୀଛାତ୍ରମାନେ ପାଠପଢ଼ା ସହିତ ଫୁଲଚାଷ ପ୍ରତି ଆଗ୍ରହ ପ୍ରକାଶ କଲେ ସ୍ୱାବଲମ୍ବୀ ହେବା ସହ ନିଜର ପରିଚୟ ସୃଷ୍ଟି କରିପାରିବେ ବୋଲି ସୁନୀତା କହିଛନ୍ତି।


# NCC DIRECTORATE, ODISHA
## BHUBANESWAR
## TENDER NOTICE

NCC Directorate, Odisha, Bhubaneswar invites separate sealed tender for following service as per under mentioned details:

| | |
|---|---|
| Name of Service | Hiring of Civil Hired Transport for the period 01 June 2021 to 31 May 2022 on as required basis for Light and heavy Vehicle. |
| Estimated Cost of Service | Rs.16,00,000/- |
| Amount of Earnest Money Deposit | Rs.32,000/- |
| Cost of Tender | Rs.100/- |
| Eligibility Criteria | a) Registered and unregistered CHT contractors b) The firm should have a shop/ establishment located in the city and should be dealing with all such transport business. c) Have a min. annual turnover of Rs.10 lakhs. d) Should have a valid licence/ permit for running commercial vehicles. e) Valid Service Tax/VAT/TIN/ GSTIN No. f) Income/Service Tax Clearance Certificate g) Balance Sheet/Bank Statement to establish financial capacity. |
| Last date of issue of Tender | 22 April 2021 |
| Last date of receipt of filed tender application | 23 April 2021 at 11.30 hrs. |
| Place, time and date for opening of tender | Place: NCC Directorate, Odisha, Bhubaneswar, Time: 12.00 hrs. |

**Important Guidelines:**
1. Tenderer must fulfill the conditions given above and submit documentary evidence/proof of the same at the time of collection of tender documents between 09 A.M. to 01 P.M. on working days.
2. **Earnest Money:** Earnest money Rs.32,000/- is required to be deposited in form of Bank Demand Draft payable to NCC Directorate, Odisha, Bhubanewar along with complete tender documents in sealed envelope.
3. **Documents:** Tender documents and other particulars can be obtained from ADM Branch, NCC Directorate, Odisha, Bhubaneswar on application addressed to Dy. DG, NCC Dte(O) on Cash payment of Rs.100/- (Rupess One hundred only) (additional Rs.150/- by DD in case required by Post) (Non refundable) payable to the CDA Patna.
4. **Contact:** In case of any query/to seek any clarification vendor may contact Officer-in-Charge, ADM Section, NCC Dte(O) on Telephone No. **0674-2432109** during office hours (09 A.M. to 01 P.M.).


# ୨ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

ନୟାଗଡ଼ ଅଫିସ,୩୦।୩

## ନାକରେ ଲୁହା ରଡ୍ ପୂରାଇ ହତ୍ୟା ଘଟଣା

ନାକରେ ଲୁହା ରଡ ପୁରାଇ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯିବା ଘଟଣାର ମୁଖ୍ୟ ଅଭିଯୁକ୍ତ ପ୍ରଭାତ ସୁନ୍ଦରାୟଙ୍କୁ ନୟାଗଡ଼ ସଦର ଥାନା ପୋଲିସ ଘଟଣାର ୨ ବର୍ଷ ପରେ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ପ୍ରଭାତଙ୍କୁ ସୋମବାର ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି ।

ସୂଚନାଅ ଅନୁଯାୟୀ, ବୋଦାପଡ଼ା ଗ୍ରାମର ପ୍ରମୋଦ ପରିଡ଼ା (୫୨) ୨୦୧୯ ଏପ୍ରିଲ ୨୫ ମଧ୍ୟାହ୍ନରେ ବାରବାଟୀ ଛକରେ ଠିଆ ହୋଇଥିଲେ। ଏହି ସମୟରେ ମଜୁରିଆପଲ୍ଲୀ ଗ୍ରାମର ପ୍ରଭାତ ସୁନ୍ଦରାୟ ତାଙ୍କୁ ନିଶାସେବନ କରିବାକୁ ଡାକିଥିଲେ। ଉଭୟ ବାଲୁଗାଁ ବଜାରରେ ଥିବା ଏକ ଦେଶୀ ବେଆଇନ ନିଶା ସେବନ ଦୋକାନକୁ ଯାଇଥିଲେ। ସେଠାରେ ଅଫିମରୁ ତିଆରି ହୋଇଥିବା ନିଶା ଗୁଳି ଖାଇଥିଲେ। କିଛି ସମୟ ପରେ ନିଶାସେବନ କରୁଥିବା ଅନ୍ୟ ଲୋକଙ୍କ ସହିତ ପ୍ରମୋଦଙ୍କ ବଚସା ହୋଇଥିଲା । ତାହା ଉଗ୍ର ରୂପ ଧାରଣ କରିଥିଲା । କେତେଜଣ ବ୍ୟକ୍ତି ସେଠାରେ ପଡ଼ିଥିବା ଏକ ଲୁହା ରଡ଼ ପ୍ରମୋଦଙ୍କ ନାକରେ ପୁରାଇ ହତ୍ୟା କରିଥିଲେ । ଏ ନେଇ ପ୍ରମୋଦଙ୍କ ପୁଅ ବିଶ୍ୱଜିତ ପରିଡ଼ା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୫୧/୧୯) ରୁଜୁ କରି ପ୍ରଭାତ, କାର୍ତ୍ତିକଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।


# OFFICE OF THE DFO-CUM-DMU CHIEF SUBARNAPUR FOREST DIVISION

At: Patabhadi, P.O.- Sonepur, Dist.- Subarnapur, PIN - 767017, Odisha
Email: dmuchiefsubarnapur@gmail.com

## CONTRACTUAL ENGAGEMENT OF SMS (M&E, GIS/MIS. REDD+) FOR DMU, SUBARNAPUR UNDER OFSDP-II

Divisional Forest Officer-cum-DMU Chief, Subarnapur invites application from suitable candidates for the following position at Divisional Management Unit, Subarnapur under Odisha Forestry Sector Development Project, Phase - II.

| Division | Name of the Post | Vacancy | Essential Qualification and Experience |
|---|---|---|---|
| Subarnapur Forest Division | Subject Matter Specialist (SMS)- M&E, MIS & GIS, REDD+ | 01 | B.E./B.Tech in Computer Science/IT or B.E./B. Tech/Bachelor's Degree in Science/Social Science/Statistics/Economics with MCA (3 year work experience with at least 2 years as technical expert in GIS/Remote Sensing (RS) in respect of Monitoring & Evaluation in relevant sector) |

Interested candidates may obtain detail terms of reference, Job description, eligibility criteria and application form from O/o. the Divisional Forest Officer-cum-DMU Chief, Subarnapur Forest Division during office horus in any working day between **10.30 A.M. to 05.00 P.M. from 01.04.2021 to 15.04.2021** or may download from the website **(www.ofsdp.in/www.subarnapur.nic.in)**. Filled in application complete in all respect along with self attested Xerox copy of relevant documents in respect of qualifications and experience and Bank Draft for Rs.500/- (Non-refundable) drawn in favour of DFO-cum-DMU Chief, Subarnapur Forest Division, payable at Sonepur should reach the O/o. the Divisional Forest Officer-cum-DMU Chief, Subarnapur Forest Division, Sonepur through **Speed Post/Courier Service on or before 04.00 P.M. on 15.04.2021**.

**Sd./- DFO-cum-DMU Chief**
**Subarnapur Forest Division**